# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୪/୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, April 4/2019 | ★★★★★★

୪୫ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**କିସ୍ ପାଇଁ ଦ୍ୱନ୍ଦ୍ୱରେ କିଆରା**
ଅଫର ମିଳିଥିବା ଏକ ଫିଲ୍ମରେ ୨-୩ଟି କିସ୍ ଶଟ୍ ଦେବାକୁ ହେବ ଜାଣି ଚିନ୍ତାରେ ପଡ଼ିଯାଇଛନ୍ତି ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ। ଫଳରେ ସେ ଫିଲ୍ମଟିକୁ ଗ୍ରହଣ କରିବା ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ।

୧୨

୧୪

**ଡାଙ୍ଗମେଇ ଗ୍ରେସ୍‌ଙ୍କ ଡବଲରେ ଭାରତ ବିଜୟୀ**
ଡାଙ୍ଗ୍‌ମେଇ ଗ୍ରେସ୍‌ଙ୍କ ଡବଲ ଗୋଲ ବଳରେ ଭାରତ ବୁଧବାର ଅନୁଷ୍ଠିତ ମହିଳା ଫୁଟବଲ ମ୍ୟାଚରେ ଇଣ୍ଡୋନେସିଆକୁ ୨-୦ ଗୋଲରେ ପରାସ୍ତ କରିଛି ।




୫ ବର୍ଷ ପୁରିଗଲା, କୋଷ୍ଟାଲ ହାଇୱେ ପ୍ରକଳ୍ପର ଦେଖା ଦର୍ଶନ ନାହିଁ।
ସେମିତି ଚାହିଁ ବସିଛନ୍ତି ଓଡ଼ିଶାବାସୀ।

ଓଡ଼ିଶା ପ୍ରତି କେନ୍ଦ୍ରର ଦରଦ ସବୁଥିରେ ଏମିତି

ଓଡ଼ିଶାର ହକ୍ ପାଇଁ ଲଢିବା
୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା।

ବିଜୁ ଜନତା ଦଳ


**ଆଜିର ସମ୍ପାଦକୀୟ**

ନିରାମିଷ ଜେଲାଟିନ୍

**ଆଜିର ମନ୍ତବ୍ୟ**

"ଦେଶ ବିରୋଧୀଙ୍କ ସହ ଛିଡ଼ାହୋଇଛି କଂଗ୍ରେସ।
—ରବିଶଙ୍କର ପ୍ରସାଦ, ବରିଷ୍ଠ ଭାଜପା ନେତା

**କିଛି ତଥ୍ୟ**

୨୦୧୮-୧୯ ବର୍ଷର ଏପ୍ରିଲ-ଫେବୃୟାରୀ ସମୟରେ ଦେଶର ରପ୍ତାନି ୮.୮୫% ବୃଦ୍ଧି ଘଟି ୨୮୯.୪୭ ବିଲିୟନ ଡଲାର ଛୁଇଁଛି।
— ବାଣିଜ୍ୟ ମନ୍ତ୍ରଣାଳୟ

■ ପ୍ରାର୍ଥୀତାଲିକା ଘୋଷଣା ପରେ ଅଡୁଆରେ କଂଗ୍ରେସ

# ପ୍ରାର୍ଥୀ ହେବାକୁ ମନା କଲେ ଯୁଧିଷ୍ଠିର, ପୃଥ୍ୱୀବଲ୍ଲଭ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ମଙ୍ଗଳବାର ବିଳମ୍ବିତ ରାତିରେ କଂଗ୍ରେସ ୨ ଲୋକ ସଭା ଓ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ବୁଧବାର ପୁନଃ ବେଗୁନିଆ ସମେତ ୯ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଦୁଇଦିନରେ ଦଳ ୧୭ ବିଧାନସଭା ଓ ୩ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଦଳ ପୂର୍ବରୁ ଘୋଷଣା କରିଥିବା ଦୁଇଜଣ ପ୍ରାର୍ଥୀଙ୍କୁ ମଧ୍ୟ ବଦଳାଇଛି। କଂଗ୍ରେସ ସେଣ୍ଟ୍ରାଲ ଇଲେକ୍ସନ କମିଟି ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହେଲେ ପ୍ରାର୍ଥୀଙ୍କ ନାମ ଘୋଷଣାରେ ବିଳମ୍ବ ଓ ଟିକେଟ ବଣ୍ଟନରେ ସ୍ୱଚ୍ଛତା



**ଦଳ ଛାଡ଼ିଲେ ତିର୍ତ୍ତୋଲ ପ୍ରାର୍ଥୀ ବିଭୁ ତରାଇ**

ନ ଥିବା ଅଭିଯୋଗ କରି ଦଳରୁ ଅନେକ ପୁରୁଣା ନେତା ସିଧା ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ପିପିଲିର ବରିଷ୍ଠ ନେତା ଯୁଧିଷ୍ଠିର ସାମନ୍ତରାୟ ଓ ପୂର୍ବତନ ଏମପି ବିଭୁ ପ୍ରସାଦ ତରାଇ। ପ୍ରାର୍ଥୀ ହେବାକୁ ଯୁଧିଷ୍ଠିର ସିଧା ମନାକରି ଦେଇଥିବାବେଳେ ଏଥର ଜଗତସିଂହପୁର ଜିଲାର ତିର୍ତ୍ତୋଲ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ତରାଇ ବୁଧବାର ସନ୍ଧ୍ୟାରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସ-ବିଜେଡି ମଧ୍ୟରେ ଗୁପ୍ତ ବୁଝାମଣା ହୋଇ ଦୁର୍ବଳ ପ୍ରାର୍ଥୀ ଦିଆଯାଇଥିବା ତରାଇ ଅଭିଯୋଗ କରିଛନ୍ତି। ସେହିପରି ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ କଂଗ୍ରେସ ଟିକେଟ୍ ଦେଇଥିବା ତରାଇ କହିବା ସହ ଉଦାହରଣ ଭାବେ ବାପି ସର୍ଖେଲଙ୍କ ନାମ ନେଇଛନ୍ତି।

ଗତ ଦୁଇଦିନରେ ଦୁଇଟି ପର୍ଯ୍ୟାୟରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ନିକଟରେ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିବା ବେଳେ ☞ ପୃଷ୍ଠା-୪

■ ଭାଜପାର ୪ ବିଧାୟକ ପ୍ରାର୍ଥୀ ଘୋଷଣା

# ନିଆଳିରୁ ଛବି, ବସ୍ତାରୁ ରଘୁ

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

| |
|---|
| ଚମ୍ପୁଆ: ମୁରଲୀ ଶର୍ମା |
| ଭୋଗରାଇ: ମାନସ ମହାନ୍ତି |
| ବସ୍ତା: ରଘୁନାଥ ମହାନ୍ତି |
| ନିଆଳି: ଛବି ମଲ୍ଲିକ |

■ ଜଗତ୍‌ସିଂହପୁର ଲୋକ ସଭା ଆସନକୁ ନେଇ ଚର୍ଚ୍ଚା

ଭାଜପା ପକ୍ଷରୁ ବୁଧବାର ରାତିରେ ୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ନିକଟରେ ବିଜେଡି ଛାଡି ପଦ୍ମ ଧରିଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ଦଳ ବସ୍ତାରୁ ପ୍ରାର୍ଥୀ କରିଛି। ସେହିପରି ନିଆଳିରୁ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଏବଂ ପରେ ଭାଜପାରେ ଯୋଗ ଦେଇଥିବା ଛବି ମଲ୍ଲିକଙ୍କୁ ଦଳ ସେହି ଆସନରୁ ପ୍ରାର୍ଥୀ କରିଛି।

ବର୍ତ୍ତମାନ ସୁଦ୍ଧା ଭାଜପା ପକ୍ଷରୁ ୧୪୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦିଆସରିଛି। କେବଳ କେନ୍ଦ୍ରାପଡା ଓ କାକଟପୁର ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ପୂର୍ବରୁ କାକଟପୁର ପାଇଁ ତୁଷାରକାନ୍ତି ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ହେଲେ ତୁଷାର ମଙ୍ଗଳବାର ☞ ପୃଷ୍ଠା-୪









"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଟକାଇବା ପାଇଁ ମହାମେଣ୍ଟ ହିଁ ବିକଳ୍ପ। ଏଥର ଜାତୀୟ ସ୍ୱାର୍ଥ ପାଇଁ ନିର୍ବାଚନ ଲଢୁଛି।
-ଏଚ୍. ଡି. ଦେବେଗୌଡ଼ା,
ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଅଧ୍ୟକ୍ଷ



## ସଂକ୍ଷେପରେ

### ନମୋ ଟିଭି : କେନ୍ଦ୍ରକୁ ଇସିଙ୍କ ରିପୋର୍ଟ ତଲବ

**ନୂଆଦିଲ୍ଲୀ,୩।୪(ପି.ଟି.):** ସାଧାରଣ ନିର୍ବାଚନର କିଛିଦିନ ପୂର୍ବରୁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁଣଗାନ କରୁଥିବା ୨୪ ଘଣ୍ଟିଆ ଚ୍ୟାନେଲ୍ ନମୋ ଟିଭି ଆରମ୍ଭ କରାଯାଇଛି। ଏଥିଯୋଗୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ ଆଣି ବିରୋଧୀ କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାର ପ୍ରସାରଣ ଉପରେ ରୋକ୍ ଲଗାଇବା ପାଇଁ ଦାବି କରିଛନ୍ତି। ଫଳରେ ନିର୍ବାଚନ କମିଶନ (ଇସି) କେନ୍ଦ୍ର ସରକାରଙ୍କୁ ଏନେଇ ରିପୋର୍ଟ ତଲବ କରିଛନ୍ତି। ମାର୍ଚ୍ଚ ୩୧ରେ ନମୋ ଟିଭି ଚ୍ୟାନେଲରେ ପ୍ରଧାନମନ୍ତ୍ରୀଙ୍କ ବଛା ବଛା ଭାଷଣ ଓ ଭାଜପା ନେତାମାନଙ୍କ ସାକ୍ଷାତ୍‌କାର ପ୍ରସାରଣ କରାଯାଉଛି। ଡିଟିଏଚ୍ ଏବଂ କେବୁଲ ଟିଭି ପ୍ଲାଟ୍‌ଫର୍ମଗୁଡ଼ିକରେ ଏହା ଉପଲବ୍ଧ। ଭାଜପା ଗଣମାଧମର ଅପବ୍ୟବହାର କରି ଜନମତକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି। ତେଣୁ ଉକ୍ତ ଚ୍ୟାନେଲକୁ ବନ୍ଦ କରାଯାଉ ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଏହାକୁ ନେଇ ନିର୍ବାଚନ କମିଶନ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବଙ୍କୁ ମଙ୍ଗଳବାର ରାତିରେ ଏକ ନୋଟିସ ଜାରି କରିଛନ୍ତି। ନମୋ ଟିଭି ଚ୍ୟାନେଲ୍ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବିସ୍ତୃତ ବିବରଣୀ ସହ ରିପୋର୍ଟ ଦାଖଲ କରିବା ପାଇଁ ଏଥିରେ ନିର୍ଦ୍ଦେଶ ରହିଛି। ରିପୋର୍ଟ ଦାଖଲ ପରେ ଏହା ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଛି କି ନାହିଁ ତାହା ଇସି ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜଣାପଡ଼ିଛି।

### ଭିନ୍ନକ୍ଷମ ଛାତ୍ରୀ ପାଇଲେ ଗୋଲ୍ଡ ମେଡଲ

**ନୂଆଦିଲ୍ଲୀ,୩।୪(ପି.ଟି):** ଜଣେ ଭିନ୍ନକ୍ଷମ ଛାତ୍ରୀ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ବୁଧବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନେହା ଶର୍ମା ନାମ୍ନୀ ଏହି ୨୬ ବର୍ଷର ଛାତ୍ରୀଙ୍କର ସଫଳ କୃତିତ୍ୱ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି। ନେହାଙ୍କୁ ମାତ୍ର ୨ବର୍ଷ ହୋଇଥିବା ବେଳେ ଏକ ଟ୍ରାକ୍ଟର ଚଢ଼ିଯିବାରୁ ସେ ବାମଗୋଡ ହରାଇଥିଲେ। ଗତ କିଛି ବର୍ଷ ହେବ ସେ କୃତ୍ରିମ ଗୋଡରେ ଚଲାବୁଲା କରୁଛନ୍ତି। ମାତାପିତାଙ୍କ ସହାୟତା ଓ ସମର୍ଥନରେ ସେ ପାଠ ପଢ଼ିଲେ। ସେ କମର୍ସ ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

### ଭାରତକୁ ଆମେରିକା ଦେବ ୨୪ ସିହକ୍ ହେଲିକପ୍ଟର



ନୂଆଦିଲ୍ଲୀ/ୱାଶିଂଟନ,୩।୪: ଆମେରିକା ଖୁବ୍‌ଶୀଘ୍ର ଭାରତକୁ ୨୪ଟି ସିହକ୍ ହେଲକପ୍ଟର ଯୋଗାଇବ। ଏହି ଏମ୍‌ଏଚ୍-୬୦-ଆର୍ ହେଲିକପ୍ଟରରୁ ଶତ୍ରୁ ଉପରକୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇପାରିବ। ଏଥିପାଇଁ ୨୬୦ କୋଟି ଆମେରିକୀୟ ଡଲାର ବ୍ୟୟ ହେବ। ଏନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ମଞ୍ଜୁରୀ ମିଳିଛି। ଗତବର୍ଷ ଏଥିପାଇଁ ଲକ୍‌ହିଡ୍ ମାର୍ଟିନ୍ କମ୍ପାନୀ ସହିତ ଭାରତର ଚୁକ୍ତି ହୋଇଥିଲା। ଏହି ଆଣ୍ଟି-ସବ୍‌ମେରାଇନ୍ ହେଲିକପ୍ଟର ଦ୍ୱାରା ଭାରତୀୟ ପ୍ରତିରକ୍ଷା କ୍ଷମତା ବୃଦ୍ଧିପାଇବ ବୋଲି କୁହାଯାଉଛି।

ଇତିହାସର ଆଇନାରେ

### ଏପ୍ରିଲ ୪ର ପ୍ରମୁଖ ଘଟଣା

୨୦୦୯ ଏପ୍ରିଲ ୪ରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ସଦସ୍ୟ ହୋଇଥିଲା ଫ୍ରାନ୍ସ। 'ନାଟୋ'କୁ ନର୍ଥ ଆଟଲାଣ୍ଟିକ୍ ଆଲିଆନ୍ସ କୁହାଯାଏ। ୨୯ଟି ଉତ୍ତର-ଆମେରିକୀୟ ଏବଂ ୟୁରୋପୀୟ ଦେଶକୁ ନେଇ ଏହି ଆନ୍ତଃସରକାରୀ ସାମରିକ ମେଣ୍ଟ ଗଠିତ। ୧୯୪୯ ଏପ୍ରିଲ ୪ରେ ନାଟୋ ଅନ୍ତର୍ଭୁକ୍ତ ଦେଶଗୁଡ଼ିକ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

୨୦୧୩ ଏପ୍ରିଲ ୪ରେ ଠାଣେରେ କୋଠା ଭୁଶୁଡ଼ିବା ଯୋଗୁ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଠାଣେ ହେଉଛି ଭାରତର ଏକ ମେଟ୍ରୋପଲିଟାନ୍ ସହର। ଏହା ନମେସେକ୍ ଜିଲାର ମୁଖ୍ୟ କାର୍ଯ୍ୟାଳୟ। ଏହା ଭାରତର ୧୬ଶ ଜନବହୁଳ ନଗରୀ। ୨୦୧୧ ଜନଗଣନା ଅନୁଯାୟୀ ଉକ୍ତ ସହରର ଲୋକସଂଖ୍ୟା ୧୮ଲକ୍ଷ ୯୦ ହଜାର। ସହର ଚାରିପାଖରେ ୩୫ଟି ହ୍ରଦ ଥିବାରୁ ଏହାକୁ 'ସିଟି ଅଫ୍ ଲେକ୍ସ' ମଧ୍ୟ କୁହାଯାଏ।



କୋଲକାତାର ଜରାଶଙ୍କରେ ସିପିଆଇଏମ୍ ଲୋକ ସଭା ପ୍ରାର୍ଥୀ କନିକା ବୋଷ ନିର୍ବାଚନ ପ୍ରଚାର ବେଳେ ଜଣେ ରିକ୍ସାବାଲାଙ୍କ ସହ କଥା ହେଉଛନ୍ତି।



ମହାରାଷ୍ଟ୍ରର ନାଗପୁରରେ ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପ୍ରଚାର କରୁଛନ୍ତି।

# ମୋଦି, ଦିଦି ମୁହାଁମୁହିଁ

**କୋଲକାତା,୩।୪(ଆଇଏଏନ୍‌ଏସ୍)**

### ମମତା ସ୍ପିଡ୍ ବ୍ରେକର୍



### ମୋଦି ଏକ୍ସପାଏରି ବାବୁ



ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ସରଗରମ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଗଡ଼ ପଶ୍ଚିମବଙ୍ଗରେ ଦଳର ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୁଖ୍ୟମନ୍ତ୍ରୀ ମମତା ନିଜ ରାଜନୈତିକ ବ୍ରାଣ୍ଡକୁ ବଜାୟ ରଖିବା ପାଇଁ ରାଜ୍ୟରୁ ଦାରିଦ୍ର୍ୟ ହଟାଇବାକୁ ଚାହୁଁନାହାନ୍ତି। ପଶ୍ଚିମବଙ୍ଗର ବିକାଶ ପଥରେ ସେ ଜଣେ ସ୍ପିଡ୍-ବ୍ରେକର୍ (ଅବରୋଧକାରୀ) ବୋଲି ମୋଦି ଅଭିହିତ କରିଛନ୍ତି।

ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର କରି ମୋଦି ଏକ ସଭାକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଅନ୍ୟ ରାଜ୍ୟଗୁଡ଼ିକରେ ଯେଭଳି ଦ୍ରୁତଗତିରେ ବିକାଶ ପାଇଁ ଆମେ କାର୍ଯ୍ୟ କରିଛୁ ପଶ୍ଚିମବଙ୍ଗରେ ସେପରି ହୋଇପାରି ନ ଥିବାରୁ ଦୁଃଖିତ। ପଶ୍ଚିମବଙ୍ଗରେ ଜନସାଧାରଣଙ୍କ ବିକାଶ ପଥରେ ଏକ ସ୍ପିଡ୍-ବ୍ରେକର ଅଛନ୍ତି। ଲୋକେ ଏଠି ତାଙ୍କୁ ଦିଦି ନାମରେ ଜାଣନ୍ତି। ସେ ରାଜ୍ୟରେ ଆୟୁଷ୍ମାନ୍ ଭାରତ, ପିଏମ୍-କିଷାନ ଏବଂ ରିୟଲ ଇଷ୍ଟେଟ୍ (ରେଗୁଲେଶନ୍ ଆଣ୍ଡ ଡେଭଲପ୍‌ମେଣ୍ଟ) ଆକ୍ଟ, ୨୦୧୬ ଭଳି କେନ୍ଦ୍ରର ଅନେକ ଜନମଙ୍ଗଳକାରୀ ଯୋଜନାକୁ ଅଟକାଇଦେଇଛନ୍ତି। ଗରିବଙ୍କ ପ୍ରତି ମମତାଙ୍କ ଦରଦ ନାହିଁ। ଗରିବଙ୍କୁ ନେଇ ରାଜନୀତି କରିବାରେ ସେ ସିଦ୍ଧହସ୍ତ। ରାଜ୍ୟରୁ ଦାରିଦ୍ର୍ୟ ହଟିଗଲେ ଦିଦିଙ୍କ ରାଜନୀତି ଶେଷ ହୋଇଯିବ। ଏଥିଲାଗି ଟିଏମ୍‌ସିର ଚିଟଫଣ୍ଡ ଲୁଟେରା ଏମ୍‌ପି ଏବଂ ମନ୍ତ୍ରୀମାନଙ୍କ ସହ ମମତା ଅଛନ୍ତି ବୋଲି ମୋଦି ସମାଲୋଚନା କରିଛନ୍ତି। ସେହିପରି ବିରୋଧୀ କଂଗ୍ରେସ ଓ ବାମପନ୍ଥୀଙ୍କୁ ଟାର୍ଗେଟ କରି ମୋଦି କହିଛନ୍ତି, ଏମାନେ ମଧ୍ୟ ସମାନ କାମ କରନ୍ତି। ଏମାନେ ଦାରିଦ୍ର୍ୟ ଓ ଦରିଦ୍ରଙ୍କୁ ଚାହାନ୍ତି। ଲୋକେ ଗରିବ ହୋଇ ରହିଲେ ସେମାନେ ରାଜନୈତିକ ଫାଇଦା ଉଠାଇହେବ ବୋଲି ବିକାଶରେ ବାଧାସୃଷ୍ଟି କରନ୍ତି। ଟିଏମ୍‌ସି, ସିପିଆଇଏମ୍ ଏବଂ କଂଗ୍ରେସ ବିକାଶର ସୁବିଧାରୁ ଗରିବଙ୍କୁ ବଞ୍ଚିତ କରିବା ପାଇଁ ଷଡ଼ଯନ୍ତ୍ର ଚରୁଛନ୍ତି। ଏହି ଦଳଗୁଡ଼ିକ ଗୋଟିଏ ମୁଦ୍ରାର ଅନେକ ପାର୍ଶ୍ୱ। ସଚ୍ଚୋଟ ଚୌକିଦାର ବିରୋଧରେ ଲଢ଼େଇ କରିବା ହିଁ ସେମାନଙ୍କ ଲକ୍ଷ୍ୟ ବୋଲି ମୋଦି କହିଛନ୍ତି। ପରେ ପ୍ରଧାନମନ୍ତ୍ରୀ କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଦଳୀୟ ପ୍ରଚାର କରି ଜାତୀୟ ନିରାପତ୍ତା ଓ ଆତଙ୍କବାଦ ପ୍ରସଙ୍ଗରେ କଂଗ୍ରେସକୁ ଘେରିଛନ୍ତି।

ଅନ୍ୟପକ୍ଷରେ ମମତା ଏହାର ଜବାବରେ ମୋଦିଙ୍କୁ 'ଏକ୍ସପାଏରି ବାବୁ' ବୋଲି ଅଭିହିତ କରିଛନ୍ତି। କୁଚ୍‌ବିହାର ଜିଲାର ଏକ ସଭାରେ ମମତା କହିଛନ୍ତି, ମୁଁ ତାଙ୍କୁ ପ୍ରଧାନମନ୍ତ୍ରୀ ବୋଲି କହିବି ନାହିଁ। ତାଙ୍କ ସରକାରର ଅବଧି ଶେଷ ହୋଇଆସୁଥିବାରୁ ତାଙ୍କୁ ଏକ୍ସପାଏରି ବାବୁ ଡ଼ାକିବା ଉଚିତ ହେବ। ବିଗତ ୫ ବର୍ଷରେ ସେ କ'ଣ କରିଛନ୍ତି ପ୍ରଥମେ ତା'ର ହିସାବ ଦିଅନ୍ତୁ। ମୁଁ ମୋଦି ନୁହେଁ କି ତାଙ୍କ ଭଳି ମିଛ କୁହେ ନାହିଁ ବୋଲି ମମତା ବର୍ଷିଛନ୍ତି।

### ଅରୁଣାଚଳ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିରୁ ୧.୮ କୋଟି ଜବତ



**ଇଟାନଗର,୩।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅରୁଣାଚଳ ପ୍ରଦେଶ ଗସ୍ତର ଅବ୍ୟବହିତ ପୂର୍ବରୁ ସେଠାକାର ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ସୁରକ୍ଷା ଗାଡ଼ିରୁ ୧.୮ କୋଟି ଟଙ୍କା ଜବତ ହୋଇଛି। ନିର୍ବାଚନ କମିଶନ (ଇସି) ପେମାଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବୁଧବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ହେଲେ ପେମା ଅଭିଯୋଗକୁ ଖଣ୍ଡନ କରିବା ସହ ଜଣେ ଭାଜପା ପ୍ରାର୍ଥୀଙ୍କ କାର୍‌ରୁ ଟଙ୍କା ଜବତ ହୋଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବୁଧବାର ପୂର୍ବାହ୍ନ ୧୦ଟାରେ ଅରୁଣାଚଳର ପାସିଘାଟକୁ ଭାଜପାର ନିର୍ବାଚନୀ ପ୍ରଚାରରେ ଯାଇଥିଲେ। ମଙ୍ଗଳବାର ରାତିରେ ପେମା, ଉପମୁଖ୍ୟମନ୍ତ୍ରୀ ଚୋୱା ମେନ୍ ଓ ରାଜ୍ୟ ଭାଜପା ସଭାପତି ତପିର ଗାଓଙ୍କୁ ସୁରକ୍ଷା ଦେଉଥିବା ଦୁଇଟି କାର୍‌ରୁ ନଗଦ ୧.୮ କୋଟି ଟଙ୍କା ଜବତ ହୋଇଛି। ତପିର ୱେଷ୍ଟ ଅରୁଣାଚଳରୁ ଭାଜପା ପ୍ରାର୍ଥୀ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟଙ୍କା କାରବାର ହୋଇଛି। ଏହା ଆଦର୍ଶ ଆଚରଣବିଧି ଉଲ୍ଲଂଘନ। ମୁଖ୍ୟମନ୍ତ୍ରୀ ପେମା ଇସ୍ତଫା ଦିଅନ୍ତୁ। ଇସି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

■ ସ୍ୱଚ୍ଛ ଗଙ୍ଗା ଅଭିଯାନ ବିଫଳ

# ଖର୍ଚ୍ଚ ହୋଇନି ୮୨% ପାଣ୍ଠି

**ନୂଆଦିଲ୍ଲୀ,୩।୪**

### ୪ ବର୍ଷରେ ମାତ୍ର ୨ ଥର ବସିଛି ଟ୍ରଷ୍ଟ ବୈଠକ



ନରେନ୍ଦ୍ର ମୋଦି ସରକାରଙ୍କ ସ୍ୱଚ୍ଛ ଗଙ୍ଗା ଅଭିଯାନ ବିଫଳ ହୋଇଛି। ସ୍ୱଚ୍ଛ ଗଙ୍ଗା ପାଣ୍ଠି (ସିଜିଏଫ୍)ର ୮୦%ରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

୨୦୧୪ ସେପ୍ଟେମ୍ବରରେ କେନ୍ଦ୍ର କ୍ୟାବିନେଟ ଗଙ୍ଗାନଦୀକୁ ସ୍ୱଚ୍ଛ କରିବା ପାଇଁ ସିଜିଏଫ୍ ଗଠନ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଉଦ୍ଦେଶ୍ୟ ଥିଲା ସାଧାରଣ ଜନତା, ପ୍ରବାସୀ ଭାରତୀୟ, ଭାରତୀୟ ବଂଶୋଦ୍ଭବ, ଘରୋଇ କମ୍ପାନୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକଠାରୁ ଅର୍ଥ ସଂଗ୍ରହ କରି ଗଙ୍ଗାକୁ ସ୍ୱଚ୍ଛ କରାଯିବ। ୨୦୧୫ରେ ଏହା ପ୍ରତିଷ୍ଠା ହେବା ଦିନଠାରୁ ୨୦୧୮ ଡିସେମ୍ବର ମଧ୍ୟରେ ୨୪୩.୨୭ କୋଟି ଟଙ୍କା ସିଜିଏଫ୍‌କୁ ବିଭିନ୍ନ ସୂତ୍ରରୁ ମିଳିଛି। ମାତ୍ର ଅଦ୍ୟାବଧି ୪୫.୨୬ କୋଟି ଟଙ୍କା ଅର୍ଥାତ୍ ମୋଟ ଅର୍ଥର ୧୮% ଗଙ୍ଗାକୁ ସ୍ୱଚ୍ଛ କରିବାରେ ଖର୍ଚ୍ଚ ହୋଇଛି। ସ୍ୱଚ୍ଛ ଗଙ୍ଗା ପାଇଁ ଜାତୀୟ ମିଶନ (ଏନ୍‌ଏମ୍‌ସିଜି) ଉପରେ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ଦେଇଥିବା ରିପୋର୍ଟରେ ମଧ୍ୟ ଏହା ସ୍ପଷ୍ଟ କରିଥିଲେ। ସିଜିଏଫ୍‌ର ଏକ ସ୍ୱଳ୍ପ ଭାଗ ଖର୍ଚ୍ଚ ହୋଇଛି ବୋଲି ସିଏଜି କହିବା ସହ ଗଙ୍ଗାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ କେନ୍ଦ୍ର ସରକାରଙ୍କୁ ତାଗିଦ କରିଥିଲେ। ଏହାସତ୍ତ୍ୱେ ମାତ୍ର ୧୮% ଖର୍ଚ୍ଚ ହେବାର କାରଣ ହେଉଛି ସିଜିଏଫ୍ ପରିଚାଳନା ପାଇଁ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଗଠିତ ଟ୍ରଷ୍ଟର ବୈଠକ ୪ ବର୍ଷରେ କେବଳ ୨ ଥର ବସିଛି। ପ୍ରଥମ ବୈଠକ ୨୦୧୫ ମେ ୨୯ରେ ବସିଥିବାବେଳେ ୨୦୧୮ ମେ ୪ରେ ଦ୍ୱିତୀୟ ବୈଠକ ଆୟୋଜିତ ହୋଇଥିଲା। ବୋର୍ଡ ଟ୍ରଷ୍ଟିମାନଙ୍କ ବୈଠକ ନିୟମିତ ବସୁ ନ ଥିବାରୁ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିବାରେ ବିଳମ୍ବ ହେବା ସହ ପାଣ୍ଠି ଖର୍ଚ୍ଚ ହୋଇପାରୁନାହିଁ ବୋଲି ଜାତୀୟ ସ୍ତରର ଏକ ନ୍ୟୁଜ୍ ୱେବ୍‌ସାଇଟ୍ ଆର୍‌ଟିଆଇରେ ମିଳିଥିବା ସୂଚନାରୁ ସ୍ପଷ୍ଟ କରିଛି।

## ଚୁମ୍ବକରେ



ରାହୁଲ ଗାନ୍ଧୀ

- କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ କେରଳର ୱାୟନାଡ୍ ଲୋକ ସଭା ଆସନରୁ ନାମାଙ୍କନପତ୍ର ଦାଖଲ କରିବେ। ଏଥିପାଇଁ ତାଙ୍କ ସହ ଏଆଇସିସି ସାଧାରଣ ସମ୍ପାଦକ (ପୂର୍ବ ଉତ୍ତରପ୍ରଦେଶ ପ୍ରଭାରୀ) ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ରାତିରେ କେରଳରେ ପହଞ୍ଚିଛନ୍ତି।
- କଂଗ୍ରେସ କ୍ଷମତାକୁ ଆସିଲେ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନର ସମୀକ୍ଷା କରିବା ପାଇଁ ଏହାର ଇସ୍ତାହାରରେ ପ୍ରକାଶ ପାଇବା ପରେ ବିବାଦ ଉଠିଛି। ଜମ୍ମୁ-କଶ୍ମୀରର ଉଧମପୁରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏହାକୁ ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି। ଏଏଫ୍‌ଏସ୍‌ଏକୁ ଦୁର୍ବଳ କରିପାରିବେ ନାହିଁ। ଭାଜପା ସୁରକ୍ଷା ବଳ ସହିତ ଚଟାଣ ଭଳି ଛିଡ଼ାହୋଇ ରହିଥିବ ବୋଲି ସେ କହିଛନ୍ତି।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍‌କୁ ନିର୍ବାଚନ କମିଶନଙ୍କ ସବୁଜ ସଙ୍କେତ ମିଳିଛି। ବିବେକ ଓବରୟଙ୍କ ଅଭିନୀତ ଏହି ଫିଲ୍ମ ଆସନ୍ତା ୫ ତାରିଖରେ ମୁକ୍ତିଲାଭ କରିବ।
- ଗାଜିଆବାଦର ଏକ ସଭାରେ ସଶସ୍ତ୍ର ବଳକୁ 'ମୋଦିଜୀ କୀ ସେନା' ବୋଲି କହିଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନିର୍ବାଚନ କମିଶନ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।
- କେନ୍ଦ୍ରମନ୍ତ୍ରୀତଥାସୁଲତାନପୁରଆସନରଭାଜପାପ୍ରାର୍ଥୀମାନେକାଗାନ୍ଧୀବୁଧବାର ବିଏସ୍‌ପି ମୁଖ୍ୟ ମାୟାବତୀଙ୍କୁ 'ଟିକେଟ ସୌଦାଗର' ବୋଲି ସମାଲୋଚନା କରିଛନ୍ତି।
- ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ବୁଧବାର ଅନନ୍ତନାଗ ଲୋକ ସଭା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ବିରୋଧରେ ଜେକେପିସିସି ସଭାପତି ଜି.ଏ. ମୀର ଏବଂ ନ୍ୟାଶନାଲ କନ୍‌ଫରେନ୍ସ ଟିକେଟରେ ଅବସରପ୍ରାପ୍ତ ବିଚାରପତି ହସ୍‌ନୈନ୍ ମାସୁଦୀ ପ୍ରାର୍ଥୀ ହୋଇଛନ୍ତି।



ମେହବୁବା ମୁଫ୍‌ତି

# ବୁଟେଫ୍ଲିକା ଶାସନର ଅନ୍ତ

**ଆଲ୍‌ଜିୟର୍ସ,୩।୪**

### ଇସ୍ତଫା ଦେଲେ ଅଲ୍‌ଜେରିଆ ରାଷ୍ଟ୍ରପତି



ଅବ୍‌ଦେଲାଜିଜ୍ ବୁଟେଫ୍ଲିକା

ଚାରିଆଡୁ ଚାପ ପଡ଼ିବା ପରେ ଶେଷରେ ଇସ୍ତଫା ଦେଇଛନ୍ତି ଅଲ୍‌ଜେରିଆ ରାଷ୍ଟ୍ରପତି ଅବ୍‌ଦେଲାଜିଜ୍ ବୁଟେଫ୍ଲିକା। ୨୦ ବର୍ଷ ଧରି କ୍ଷମତାରେ ଥିବା ୮୨ ବର୍ଷୀୟ ବୁଟେଫ୍ଲିକା କନ୍‌ଷ୍ଟିଚ୍ୟୁଶନାଲ କାଉନ୍‌ସିଲ୍ ଅଧ୍ୟକ୍ଷ ତୟେବ୍ ବେଲାଇଜ୍‌ଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ରୋଗଗ୍ରସ୍ତ ବୁଟେଫ୍ଲିକା ଏକ ହ୍ୱିଲ୍‌ଚେୟାରରେ ବସି ଦେଶ ଚଳାଉଥିଲେ। ୨୦୧୩ରେ ତାଙ୍କୁ ଶେଷଥର ପାଇଁ ଏକ ସାଧାରଣ ସଭାରେ ଦେଖିବାକୁ ମିଳିଥିଲା। ସେ ପଞ୍ଚମଥର ପାଇଁ ରାଷ୍ଟ୍ରପତି ହେବାକୁ ଆଗ୍ରହୀ ବୋଲି ଗତ ଫେବୃୟାରୀରେ ଘୋଷଣା କରିବା ପରେ ତାଙ୍କ ବିରୋଧରେ ଅଲ୍‌ଜେରିଆବାସୀ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ବୁଟେଫ୍ଲିକା ବିରୋଧୀ ଆନ୍ଦୋଳନ ୬ ସପ୍ତାହରେ ପହଞ୍ଚିଥିବା ବେଳେ ମଙ୍ଗଳବାର ସେ ରାଷ୍ଟ୍ରପତି ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି।

### ସୋନିଆଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ଦୀନେଶ

**ନୂଆଦିଲ୍ଲୀ,୩।୪:** ଉତ୍ତରପ୍ରଦେଶର ରାଏବରେଲି ଆସନରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ଭାଜପା ଦୀନେଶ ପ୍ରତାପ ସିଂଙ୍କୁ ପ୍ରାର୍ଥୀ କରିଛି। ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ବିରୋଧରେ ଆଜମ୍‌ଗଡ଼ରେ ଭୋଜପୁରୀ ଗାୟକ ଦୀନେଶ ଲାଲ ଯାଦବଙ୍କୁ ଭାଜପା ଟିକେଟ ଦେଇଥିବାବେଳେ ମୈନ୍‌ପୁରୀରେ ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ବିରୋଧରେ ପ୍ରେମ ସିଂ ଶାକ୍ୟଙ୍କୁ ଛିଡ଼ା କରାଇଛି।

# ସମଲିଙ୍ଗୀ ସମ୍ପର୍କ, ବ୍ୟଭିଚାର ପାଇଁ ମୃତ୍ୟୁଦଣ୍ଡ

**ବନ୍ଦର ସେରି ବଗୱାନ,୩।୪**

### ବ୍ରୁନେଇରେ କଠୋର ଶାରିଆ ଆଇନ



ସୁଲତାନ ହାସନାଲ୍ ବୋଲ୍‌କିଆ

ବ୍ରୁନେଇରେ ବୁଧବାରଠାରୁ ନୂଆ ଶାରିଆ ଆଇନ ଲାଗୁ ହୋଇଛି। ସୁଲତାନ ହାସନାଲ୍ ବୋଲ୍‌କିଆ ରାଜଧାନୀ ବନ୍ଦର ସେରି ବେଗାୱନରେ ଏନେଇ ଘୋଷଣା କରିଛନ୍ତି। ଏହି ଅବସରରେ ସେ ଦେଶ ପାଇଁ କଠୋର ଇସ୍‌ଲାମିକ୍ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନୂଆ ଆଇନ ଅନୁସାରେ ପୁରୁଷ ସମଲିଙ୍ଗୀ ସମ୍ପର୍କ ରଖିଲେ କିମ୍ବା ପରକୀୟା ପ୍ରୀତି କଲେ ମୃତ୍ୟୁ ଦଣ୍ଡାଦେଶ ଦିଆଯିବ। ସେହିପରି ବଳାତ୍କାରୀ ଓ ଲୁଟେରାଙ୍କ ପାଇଁ ମଧ୍ୟ ଅନୁରୂପ ଦଣ୍ଡବିଧାନ କରାଯାଇଛି। ଏଭଳି ଅପରାଧକୁ ମହମ୍ମଦଙ୍କ ପ୍ରତି ଅପମାନ ବୋଲି ଆଇନରେ ଉଲ୍ଲେଖ କରାଯାଇଛି। ଏହି ଦଣ୍ଡବିଧାନ ଉଭୟ ମୁସଲିମ୍ ଓ ଅଣମୁସଲିମ୍‌ଙ୍କ ପାଇଁ ପ୍ରଯୁଜ୍ୟ ବୋଲି ସୁଲତାନ ସ୍ପଷ୍ଟ କରିଛନ୍ତି। ଏହାକୁ ବିଶ୍ୱର ବିଭିନ୍ନ ଦେଶର ରାଜନେତା, ସେଲିବ୍ରିଟି ଓ ଦକ୍ଷିଣପନ୍ଥୀ ସଙ୍ଗଠନ ସମାଲୋଚନା କରିଛନ୍ତି।



ତାମିଲନାଡୁର ଥୁଠୁକୁଡ଼ିରେ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ଷ୍ଟାଲିନ୍ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି।

# ୮୦% ଚାକିରି ଆଶାୟୀ ରାଜନୀତି ପ୍ରତି ଆଗ୍ରହୀ

**ବେଙ୍ଗାଲୁରୁ, ୩।୪**

ଭାରତରେ ଚାକିରି ଆଶାୟୀଙ୍କ ମଧ୍ୟରୁ ୮୦% ରାଜନୀତି ପ୍ରତି ଆଗ୍ରହ ପ୍ରକାଶ କରିବା ସହିତ ରାଜନୈତିକ ବିଶ୍ଳେଷକ, ସମାଜସେବୀ ଏବଂ ରାଜନୈତିକ ଖବରଦାତା ଭାବେ କ୍ୟାରିୟର ଗଢ଼ିବାକୁ ଚାହାନ୍ତି ବୋଲି ଏକ ସର୍ବେକ୍ଷଣରୁ ଜାଣିବାକୁ ମିଳିଛି। ଏକ ପ୍ରମୁଖ ଜବ୍ ସାଇଟ୍ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାଯାଏ, ପୁରୁଷ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୨୧% ରାଜନୀତିରେ କ୍ୟାରିୟର ଗଢ଼ିବାକୁ ଆଗ୍ରହୀ ଥିବା ବେଳେ ମହିଳାଙ୍କ ମଧ୍ୟରୁ ୧୨% ଏଥିପାଇଁ ଆଗ୍ରହୀ ଥିବା ପ୍ଲେସମେଣ୍ଟ କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଦେଶରେ ୨୦୧୯ ସାଧାରଣ ନିର୍ବାଚନ ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ୭ ପର୍ଯ୍ୟାୟରେ ହେଉଥିବାବେଳେ ଏହା ପୂର୍ବରୁ ଚାକିରି ଆଶାୟୀଙ୍କ ରାଜନୀତି ପ୍ରବଣତା ଉପରେ ଏକ ସର୍ବେକ୍ଷଣ କରାଯାଇଥିଲା। ଏଥିରେ ୫୯% ଅଂଶଗ୍ରହଣକାରୀ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବା ଏବଂ ମତ ଉପସ୍ଥାପନ କରିବାର ଶୈଳୀ ଉପରେ ଗୁରୁତ୍ୱ ଦେଇଥିଲେ ଯାହା କି ଜଣେ ରାଜନେତା ପକ୍ଷରେ ନିହାତି ଆବଶ୍ୟକ। ଅପରପକ୍ଷରେ ୫୩% ଅଂଶଗ୍ରହଣକାରୀ ନେତୃତ୍ୱ ଏବଂ ସମସ୍ୟା ପରିଚାଳନା ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଜଣେ ଦକ୍ଷ ରାଜନେତା ପାଇଁ ଖୁବ୍ ଆବଶ୍ୟକ ବୋଲି ସେମାନେ ମନେକରିଥିଲେ। ୨୪% ଅଂଶଗ୍ରହଣକାରୀ ରାଜନୀତିର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗ୍ରହୀ ଥିବା ବେଳେ ୨୧% ବ୍ୟକ୍ତି ରାଜନୈତିକ ବିଶ୍ଳେଷକ, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କୌଣସି ସଂଗଠନରେ କାର୍ଯ୍ୟ କରିବା ଏବଂ ରାଜନୈତିକ ସାମ୍ବାଦିକତା ଦିଗ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଉକ୍ତ ଜବ୍ ସାଇଟ୍ 'ଇଣ୍ଡିଡ୍ ଇଣ୍ଡିଆ ମ୍ୟାନେଜିଂ'ର ନିର୍ଦ୍ଦେଶକ ଶଶୀ କୁମାରଙ୍କ କହିବାନୁଯାୟୀ, ପୂର୍ବବର୍ତ୍ତୀ ପିଢ଼ି ଅପେକ୍ଷା ବର୍ତ୍ତମାନ ପିଢ଼ିର ତରୁଣୀ ତରୁଣ ସମାଜ ସେବା ପାଇଁ ସରକାରୀ କଳକୁ ଏକ ଉପଯୁକ୍ତ ସ୍ଥଳ ବୋଲି ବିବେଚନା କରନ୍ତି। ସ୍ୱେଚ୍ଛାସେବକ ଭାବେ କାର୍ଯ୍ୟକରିବା, ଦାତବ୍ୟ ସଂଗଠନକୁ ଦାନକରିବା, ସ୍ଥାନୀୟ ସଂସ୍ଥାକୁ ସହାୟତା ଓ ସମର୍ଥନ ଏବଂ ଗୋଷ୍ଠୀଗତ ପ୍ରଚେଷ୍ଟା ମାଧ୍ୟମରେ ଜନକଲ୍ୟାଣ କାର୍ଯ୍ୟ କରିବା ପ୍ରତି ବର୍ତ୍ତମାନର ଯୁବପିଢ଼ି ଆଗ୍ରହୀ ବୋଲି କୁମାର ଉକ୍ତ ଅଧ୍ୟୟନ ଆଧାରରେ ପ୍ରକାଶ କରିଛନ୍ତି।

ବର୍ତ୍ତମାନର ଯୁବପିଢ଼ି ସମାଜ ସେବା ଓ ଜନକଲ୍ୟାଣ କାର୍ଯ୍ୟ ମାଧ୍ୟମରେ ଜନସାଧାରଣଙ୍କୁ ପ୍ରଭାବିତ କରିବା ଉପରେ ବିଶ୍ୱାସ କରନ୍ତି। ଫେବୃୟାରୀ ୨୨ରୁ ୨୫ ମଧ୍ୟରେ ଉକ୍ତ ସର୍ବେକ୍ଷଣ କରାଯାଇଥିଲା। ଏଥିରେ ଦେଶର ୨୨ରୁ ୩୬ ବର୍ଷ ବୟସ ଗୋଷ୍ଠୀର ୧୨୦୧ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।




## ସଂକ୍ଷେପରେ

### କଲରାପତରିଆ ବାଘ ମୃତଦେହ ଉଦ୍ଧାର

**ବାରିପଦା ଅଫିସ, ୩।୪:** ମୟୂରଭଞ୍ଜ ଜିଲା ଶିମିଳିପାଳ କୋର୍ ଏରିଆରୁ ବୁଧବାର ରାତିରେ ଏକ କଲରାପତରିଆ ବାଘର ମୃତଦେହ ଉଦ୍ଧାର କରାଯାଇଛି। ଜେନାବିଲ ରେଞ୍ଜ ଅଧୀନ ଟିକାତାଲି ସେକ୍ସନର ପାଖ ସାରୁଆ ବିଟ୍‌ହାଉସ ଦେଇ ଯାଇଥିବା ଏକ ନାଳରୁ ବାଘ ମୃତଦେହ ଉଦ୍ଧାର ହୋଇଛି। ମୃତ ବାଘର ବୟସ ୭/୮ ମାସ ହୋଇଥିବା ଅନୁମାନ କରାଯାଉଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ କ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏକ ଡାକ୍ତରୀ ଦଳ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ଆସିବା ପରେ ବାଘ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଉପ କ୍ଷେତ୍ର ନିର୍ଦ୍ଦେଶକ ପତି କହିଛନ୍ତି।

NECC NATIONAL EGG CO-ORDINATION COMMITTEE 03.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 92 | 148 | 158 |
| BLS | 94 | 150 | 160 |
| ANG | 88 | 142 | 152 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers




# ୩ କାର୍‌ରୁ ୫ ଲକ୍ଷ ଟଙ୍କା ଜବତ

**ବାଲେଶ୍ୱର ଅଫିସ, ୩।୪**

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ବାମପଦା ଛକରେ ନିର୍ବାଚନ ପାଇଁ ଗଠିତ ହୋଇଥିବା ଫ୍ଲାଇଂ ସ୍କ୍ୱାଡ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ ଜାରି ରହିଛି। ବୁଧବାର ସନ୍ଧ୍ୟା ୮ଟା ସମୟ ପରେ ଆରମ୍ଭ ହୋଇଥିବା ଏହି ଚଢ଼ାଉରେ ୧୬ ନଂ ଜାତୀୟରାଜପଥ ବାମପଦା ଛକଠାରେ ୩ଟି ଗାଡ଼ି ଅଟକ ରଖି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିବାସହ ୩ଜଣଙ୍କୁ ଅଟକ ରଖାଯାଇଛି। ପ୍ରଥମ କାରରୁ ୧ଲକ୍ଷ ୭୫ହଜାର ଜବତ ହୋଇଥିବାବେଳେ ଦ୍ୱିତୀୟ କାରରୁ ୮୨ ହଜାର ଏବଂ ତୃତୀୟ କାରରୁ ୨ଲକ୍ଷ ୮୨ ହଜାର ଟଙ୍କା ଜବତ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାର ଡିଏସପି ଉମେଶ ପଣ୍ଡା ପ୍ରକାଶ କରିଛନ୍ତି। ଡିଏସପି କହିଛନ୍ତି ଟଙ୍କା ଆସିବାର ସଠିକ ପ୍ରମାଣ ଦିଆଗଲେ ଅଟକ ବ୍ୟକ୍ତିଙ୍କୁ ଛାଡ଼ି ଦିଆଯିବ।

ସ୍କାଏମେଟ୍‌ର ପୂର୍ବାନୁମାନ: ବୃଷ୍ଟିପାତକୁ ପ୍ରଭାବିତ କରିବ ଏଲ୍ ନିନ୍ୟୋ

# ଏବର୍ଷ ସାଧାରଣଠାରୁ କମ୍ ମୌସୁମୀ

**ନୂଆଦିଲ୍ଲୀ,୩।୪(ଆଇଏଏନ୍ଏସ୍)**

ଚଳିତବର୍ଷ ମୌସୁମୀ ବାୟୁ ସାଧାରଣଠାରୁ କମ୍ ଅର୍ଥାତ୍ ଦୀର୍ଘ ଅବଧି ଅନୁପାତ (ଏଲ୍‌ପିଏ)ର ୯୩% ବହିବ। ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥିବା ଏଲ୍ ନିନ୍ୟୋ ଯୋଗୁ ଦେଶର ପୂର୍ବାଞ୍ଚଳ ଓ କେନ୍ଦ୍ରୀୟ ଅଞ୍ଚଳର ଅନେକ ଭାଗରେ ବୃଷ୍ଟିପାତ ହାର କମିବ ବୋଲି ବୁଧବାର ପାଣିପାଗ ପୂର୍ବାନୁମାନକାରୀ ଘରୋଇ ସଂସ୍ଥା ସ୍କାଏମେଟ୍ ପକ୍ଷରୁ କୁହାଯାଇଛି।

ଭାରତରେ ୯୬%ରୁ ୧୦୪% ବର୍ଷା ହେଲେ ତାକୁ ହାରାହାରି ବା ସାଧାରଣ ବୃଷ୍ଟିପାତ କୁହାଯାଏ। ୫୦ ବର୍ଷର ରେକର୍ଡ ଅନୁଯାୟୀ ୪ ମାସର ମୌସୁମୀ ଋତୁରେ ୮୮୭ ମିଲିମିଟର ବର୍ଷାକୁ ସାଧାରଣ ବୋଲି ବିବେଚନା କରାଯାଏ। ସ୍କାଏମେଟ୍ ଅନୁସାରେ ଏବର୍ଷ ମୌସୁମୀ ଧିମେଇ ଆସିବ ଓ ଜୁଲାଇରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଋତୁର ଦ୍ୱିତୀୟାର୍ଦ୍ଧରେ ଭଲ ବୃଷ୍ଟିପାତ ହେବ। ଅଗଷ୍ଟ ଓ ସେପ୍ଟେମ୍ବରରେ ସାଧାରଣ ବର୍ଷା ହେବ ବୋଲି ନୂଆଦିଲ୍ଲୀରେ ସ୍କାଏମେଟ୍ ପରିଚାଳନା ନିର୍ଦ୍ଦେଶକ ଜତିନ ସିଂ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଜତିନ କହିଛନ୍ତି, ଏଲ୍ ନିନ୍ୟୋ ଯୋଗୁ ପ୍ରଶାନ୍ତ ମହାସାଗର ହାରାହାରିଠାରୁ ଅଧିକ ଉଷ୍ମ ହୋଇଛି। ଏହା ମୌସୁମୀକୁ ପ୍ରଭାବିତ କରିବ। ସ୍କାଏମେଟ୍ (ପାଣିପାଗ ବିଜ୍ଞାନ ଓ ଜଳବାୟୁ ପରିବର୍ତ୍ତନ) ଉପାଧ୍ୟକ୍ଷ ମହେଶ ପାଲାୱତ କହିଛନ୍ତି, ଏଲ୍ ନିନ୍ୟୋ ଦୁର୍ବଳ ହେଲେ ସ୍ଥିତିରେ ଉନ୍ନତି ଆସିବା ସହ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧରେ ବୃଷ୍ଟିପାତ ହାର ବୃଦ୍ଧିପାଇବ।



ବୃଷ୍ଟିପାତ ହ୍ରାସ ଯୋଗୁ କର୍ନାଟକ, ମହାରାଷ୍ଟ୍ରର ବିଦର୍ଭ ଓ ମରାଠୱାଡ଼ା, ଦକ୍ଷିଣପଶ୍ଚିମର ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ପ୍ରଭାବିତ ହେବ। ଅନ୍ୟପକ୍ଷରେ ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ଅଧିକ ବର୍ଷା ହେବ ବୋଲି ସ୍କାଏମେଟ୍ (ପାଣିପାଗ ବିଜ୍ଞାନ ଓ ଜଳବାୟୁ ପରିବର୍ତ୍ତନ) ଅଧ୍ୟକ୍ଷ ଜି.ପି. ଶର୍ମା ସୂଚନା ଦେଇଛନ୍ତି। ତେବେ ମୌସୁମୀ ପ୍ରବାହ କେବେ ଆରମ୍ଭ ହେବ ତାହା ବର୍ତ୍ତମାନ କହିହେବ ନାହିଁ। ମୋଟାମୋଟି ଭାବେ ସାରାଦେଶର ବୃଷ୍ଟିପାତ ସହ ଏହାର କିଛି ସମ୍ପର୍କ ନାହିଁ। ଜୁନ୍‌ରେ ବୃଷ୍ଟିପାତ ଏଲ୍‌ପିଏର ୭୭% (୧୨୬ ମି.ମି.) ରହିବ। ଜୁଲାଇରେ ଏହା ୯୧% (୨୬୩ ମି.ମି.)କୁ ଛୁଇଁବ। ଅଗଷ୍ଟରେ ସ୍ଥିତିରେ ଉନ୍ନତି ଆସିବା ସହ ୧୦୨% (୨୬୬ ମି.ମି.) ବର୍ଷା ହେବାକୁ ଥିବାବେଳେ ସେପ୍ଟେମ୍ବରରେ ୯୯%(୧୭୧ ମି.ମି.) ବର୍ଷା ହେବ। ସେହିପରି ଦିଲ୍ଲୀରେ ଚଳିତ ଗ୍ରୀଷ୍ମରେ ତାପମାତ୍ରା ନିୟନ୍ତ୍ରଣରେ ରହିବ ବୋଲି ସ୍କାଏମେଟ ପକ୍ଷରୁ କୁହାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରୋହନ୍
ପରିବାରବର୍ଗ


ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଏମ୍‌ଏମ୍ ପକ୍ଷରୁ ପ୍ରାର୍ଥୀ ଘୋଷଣା

**ବାରିପଦା ଅଫିସ,୩୧୪**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ପକ୍ଷରୁ ବୁଧବାର ରାଜ୍ୟର ଗୋଟିଏ ଲୋକସଭା ଓ ୫ ବିଧାନସଭା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳର କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଏକ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି। ଦଳ ପକ୍ଷରୁ ମୟୂରଭଞ୍ଜ ଲୋକସଭା ଆସନରେ ଅଞ୍ଜନୀ ସୋରେନ ଏବଂ ଏହି ଲୋକସଭା କ୍ଷେତ୍ର ଅଧୀନ ସାରସକଣା ବିଧାନସଭା ଆସନରେ ମହେଶଚନ୍ଦ୍ର ହେମ୍ବ୍ରମ, ବାଙ୍ଗିରିପୋଷି ବିଧାନସଭା ଆସନରେ ସୁନ୍ଦର ମୋହନ ସିଂ, ମୋରଡା ବିଧାନସଭା ଆସନରେ କଳିଙ୍ଗ କେଶରୀ ଜେନା ଏବଂ ରାଇରଙ୍ଗପୁର ବିଧାନସଭା ଆସନରେ ସୁନାରାମ ଟୁଡୁଙ୍କ ପ୍ରାର୍ଥୀ କରାଯାଇଛି। ସେହିପରି ସୁନ୍ଦରଗଡ ଜିଲା ବୀରମିତ୍ରପୁର ବିଧାନସଭା ଆସନରେ ସେବିୟନ ଆଇନ୍ଦଙ୍କୁ ଦଳ ପ୍ରାର୍ଥୀ କରିଛି। ମୟୂରଭଞ୍ଜ ଲୋକସଭା ଆସନ ପ୍ରାର୍ଥୀ ଅଞ୍ଜନୀ ସୋରେନ ହେଉଛନ୍ତି ଜେଏମଏମ କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନଙ୍କ ଝିଅ। ସେହିପରି ସାରସକଣା ବିଧାୟକ ପ୍ରାର୍ଥୀ ଜେଏମଏମ ରାଜ୍ୟ ସଭାପତି ରହିଛନ୍ତି। ମୋରଡା ବିଧାୟକ ପ୍ରାର୍ଥୀ କଳିଙ୍ଗ କେଶରୀ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ କଂଗ୍ରେସ ଓ ଜେଏମଏମ ମିଳିତ ଭାବେ ନିର୍ବାଚନ ଲଢ଼ିବା ନେଇ ପୂର୍ବରୁ ଆଲୋଚନା କରାଯାଇଥିଲା। ହେଲେ ଏଯାଏ ଚୁଡାନ୍ତ ନିଷ୍ପତ୍ତି ହୋଇ ନାହିଁ।

### ପ୍ରାର୍ଥୀ ତାଲିକା

| ଲୋକସଭା | |
|---|---|
| ମୟୂରଭଞ୍ଜ | ଅଞ୍ଜନୀ ସୋରେନ |
| **ବିଧାନସଭା** | |
| ସାରସକଣା | ମହେଶଚନ୍ଦ୍ର ହେମ୍ବ୍ରମ |
| ମୋରଡା | କଳିଙ୍ଗ କେଶରୀ ଜେନା |
| ରାଇରଙ୍ଗପୁର | ସୁନାରାମ ଟୁଡୁ |
| ବାଙ୍ଗିରିପୋଷ | ସୁନ୍ଦରମୋହନ ସିଂ |
| ବୀରମିତ୍ରପୁର (ସୁନ୍ଦରଗଡ ଜିଲା) | ସେବିୟନ ଆଇନ୍ଦ |

କଂଗ୍ରେସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଲୋକସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ । ଏହି ଦଳ ଉକ୍ତ ଲୋକସଭା କ୍ଷେତ୍ରର କେବଳ ବାରିପଦା, ଯଶିପୁର ଓ ଉଦଳା ବିଧାନସଭା ଆସନରେ ପ୍ରାର୍ଥୀ ଦେଇଛି।

## ପ୍ରଥମ ପୃଷ୍ଠାରୁ...

# ପ୍ରାର୍ଥୀ ହେବାକୁ ମନା କଲେ ...

ଯାଜପୁର ଲୋକ ସଭା ଆସନରୁ ମାନସ ଜେନା ଏବଂ ସମ୍ବଲପୁର ଲୋକ ସଭା ଆସନରୁ ପୂର୍ବତନ ମନ୍ତ୍ରୀ ଶରତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଉଭୟ ତାଲିକାରୁ ଦୁଇଟି ଆସନର ପ୍ରାର୍ଥୀ ମୁହଁ ମୋଡ଼ିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ବେଗୁନିଆରୁ ଦଳ ପ୍ରାର୍ଥୀ କରିଥିଲା। ସେ ତାଙ୍କର ପ୍ରଥମ ରାଜନୈତିକ ଭାଗ୍ୟ ପରୀକ୍ଷା କରିଥାଆନ୍ତେ। ପ୍ରାର୍ଥୀ ଘୋଷଣା ହେବା ପରେ ସେ ଚଳିତ ନିର୍ବାଚନ ଲଢ଼ିବେ ନାହିଁ ବୋଲି ବୁଧବାର ପୂର୍ବାହ୍ନରେ ଘୋଷଣା କରିବା ପରେ ଦଳ ଅଡୁଆରେ ପଡ଼ିଯାଇଥିଲା। ତାଙ୍କ ବଦଳରେ ଦଳ ବେଗୁନିଆରୁ ପ୍ରଦୀପ ସାହୁଙ୍କୁ ପ୍ରାର୍ଥୀ କରିଛି। ସେହିପରି ସମ୍ବଲପୁର ବିଧାନସଭା ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଅଶ୍ୱିନୀ ଗୁରୁ ନିର୍ବାଚନ ଲଢ଼ିବାକୁ ମନାକରିବା ପରେ ଭିମ୍ସାରର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ପ୍ରାର୍ଥୀ କରିଛି। ଗତ କିଛି ମାସ ହେବ ପୂଜାହାରୀ ଚର୍ଚ୍ଚାରେ ଥିଲେ। ତାଙ୍କ କାର୍ଯ୍ୟଶୈଳୀକୁ ବିରୋଧ କରି ଭିମ୍ସାରରେ କନିଷ୍ଠ ଡାକ୍ତରମାନେ ପୂଜାହାରୀଙ୍କୁ ହଟାଇବାକୁ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଯୋଗୁ ରୋଗୀସେବା ପ୍ରଭାବିତ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୂଜାହାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ପରେ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୯ ଫେବୃଆରୀ ୯ରେ ସେ ଚାକିରିରୁ ଇସ୍ତଫା ଦେଇଥିଲେ। ସେହିପରି ଘଷିପୁରାରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବା ବେଳେ କଟକ-ଚୌଦ୍ୱାରରୁ ରାଜସ୍ଥାନର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଗଦୀଶ ମହାନ୍ତି, କଟକ ସଦର ଆସନରେ ରତ୍ନାକର ବେହେରାଙ୍କୁ ବଦଳାଯାଇ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱର୍ଗତା ଅସୀମା ମହାନନ୍ଦଙ୍କ ପୁଅ ଅଭିଷେକ ମହାନନ୍ଦଙ୍କୁ ଟିକେଟ ଦିଆଯାଇଛି। ସେହିପରି ଜୟଦେବ ବିଧାନସଭା ଆସନ ପାଇଁ ସୁକାନ୍ତ ତିଆଡି ଭୋଇ, ଭୁବନେଶ୍ୱର-ମଧ୍ୟ ପାଇଁ ରାଜୀବ ପଟ୍ଟନାୟକ, ଭୁବନେଶ୍ୱର-ଉତ୍ତର ପାଇଁ ଛାତ୍ର କଂଗ୍ରେସ ସଭାପତି ଇତୀଶ ପ୍ରଧାନ ଏବଂ ଚିଲିକା ବିଧାନସଭା ଆସନରେ ପ୍ରଦୀପ ସ୍ୱାଇଁଙ୍କୁ ପ୍ରାର୍ଥୀ କରାଯାଇଛି।

କଂଗ୍ରେସର ବିଳମ୍ବିତ ଟିକେଟ ବଣ୍ଟନକୁ ନେଇ ଦଳୀୟ ନେତାମାନେ କ୍ଷୁବ୍ଧ ହେଉଛନ୍ତି। ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଅନେକ ଦଳୀୟ ପ୍ରାର୍ଥୀ ମଙ୍ଗୁନାହାନ୍ତି, ଯାହାକି ରାଜ୍ୟ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଇତିମଧ୍ୟରେ ବିଭିନ୍ନ କାରଣ ପାଇଁ ୫ଟି ବିଧାନସଭା ଆସନରେ ପ୍ରାର୍ଥୀ ବଦଳାଇବାକୁ କଂଗ୍ରେସ ବାଧ୍ୟ ହୋଇଛି। କଟକ ସଦର ପାଇଁ ପୂର୍ବରୁ ରତ୍ନାକର ବେହେରାଙ୍କୁ ବଦଳାଇ ଅଭିଷେକ ମହାନନ୍ଦଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ସମ୍ବଲପୁରରୁ ଅଶ୍ୱିନୀ ଗୁରୁଙ୍କୁ ବଦଳାଇ ଅଶ୍ୱିନୀ ପୂଜାହାରୀ, ରାଉରକେଲାରୁ ମୁକ୍ତକାନ୍ତ ମଣ୍ଡଳଙ୍କୁ ବଦଳାଇ ବୀରେନ ସେନାପତି, ବେଗୁନିଆରୁ ପୃଥ୍ୱୀବଲ୍ଲଭଙ୍କୁ ବଦଳାଇ ପ୍ରଦୀପ ସାହୁ ଏବଂ ହିଞ୍ଜିଳିରୁ ରାମକୃଷ୍ଣ ପଣ୍ଡାଙ୍କୁ ପରିବର୍ତ୍ତନ କରି ଶମ୍ଭୁନାଥ ପାଣିଗ୍ରାହୀଙ୍କୁ ଦଳ ଟିକେଟ ଦେଇଛି। ଅନ୍ୟପକ୍ଷରେ ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କୁ ଦଳ ସେହି ଆସନରୁ ଟିକେଟ ଦେଇଥିଲେ ମଧ୍ୟ ସେ ନିର୍ବାଚନ ଲଢ଼ିବାକୁ ମନାକରି ଦେଇଛନ୍ତି। ଟିକେଟ ବଣ୍ଟନରେ ବିଳମ୍ବକୁ ନେଇ ସେ ସିଧା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆଡକୁ ଅଙ୍ଗୁଳି ଉଠାଇଛନ୍ତି। ଅନ୍ୟଠାରୁ ଟଙ୍କା ନେଇ ତାଙ୍କ ପ୍ରାର୍ଥିତ୍ୱକୁ ଝୁଲାଇ ରଖାଗଲା। ପିସିସି ସଭାପତି ଏଭଳି କାର୍ଯ୍ୟ କରିଛନ୍ତି। ଏତେ କମ୍ ସମୟରେ ନିର୍ବାଚନ ଲଢ଼ିବାକୁ ସେ ପ୍ରସ୍ତୁତ ନୁହଁନ୍ତି। ତାଙ୍କ କର୍ମୀଙ୍କ ସହ କଥାବାର୍ତ୍ତା କରି ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଯୁଧିଷ୍ଠିର ନିର୍ବାଚନ ନ ଲଢ଼ିବା କଂଗ୍ରେସ ପାଇଁ ଏକ ଶକ୍ତ ଧକ୍କା। ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ସିଧା ମୁକାବିଲା ବିଜେଡିର ପ୍ରଦୀପ ମହାରଥୀଙ୍କ ସହିତ ହୋଇ ଆସୁଥିଲା। ଯୁଧିଷ୍ଠିର ମହାରଥୀଙ୍କୁ କଡ଼ା ଟକ୍କର ଦେଉଥିଲେ। ଯୁଧିଷ୍ଠିର ନିର୍ବାଚନ ନ ଲଢ଼ିଲେ ବିଜେଡି ପ୍ରାର୍ଥୀଙ୍କୁ ସୁହାଇବ ବୋଲି ଚର୍ଚ୍ଚା ହେଉଛି। ବିଜେଡି ଓ ଭାଜପାଠାରୁ ଆଗୁଆ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ପିସିସି ସଭାପତି ୨୦୧୮ ଅଗଷ୍ଟରେ କହିଥିଲେ। ମାତ୍ର ଏ ପର୍ଯ୍ୟନ୍ତ କଂଗ୍ରେସ ରାଜ୍ୟର ସବୁ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରିନାହିଁ। ଯୁଧିଷ୍ଠିର ମନା କରିବା ପରେ ପିପିଲି ଆସନ ପାଇଁ ପ୍ରାର୍ଥୀ ଖୋଜିବା କଂଗ୍ରେସ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଛି।

### କଂଗ୍ରେସର ପ୍ରାର୍ଥୀ ତାଲିକା

**ଲୋକ ସଭା**

**ସମ୍ବଲପୁର: ଶରତ ପଟ୍ଟନାୟକ**

**ବିଧାନସଭା**

| | |
|---|---|
| ସମ୍ବଲପୁର | ଅଶ୍ୱିନୀ ପୂଜାହାରୀ |
| ଘଷିପୁରା | ନିରଞ୍ଜନ ପଟ୍ଟନାୟକ |
| କଟକ-ଚୌଦ୍ୱାର | ଜଗଦୀଶ ମହାନ୍ତି |
| କଟକ ସଦର | ଅଭିଷେକ ମହାନନ୍ଦ |
| ଜୟଦେବ | ସୁକାନ୍ତ ତିଆଡି ଭୋଇ |
| ଭୁବନେଶ୍ୱର ମଧ୍ୟ | ରାଜୀବ ପଟ୍ଟନାୟକ |
| ଭୁବନେଶ୍ୱର ଉତ୍ତର | ଇତୀଶ ପ୍ରଧାନ |
| ବେଗୁନିଆ | ପ୍ରଦୀପ ସାହୁ |
| ଚିଲିକା | ପ୍ରଦୀପ ସ୍ୱାଇଁ |

# ନିଆଳିରୁ ଛବି, ...

ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ତେଣୁ ସେଠାରେ ଭାଜପା ଏକ ନୂଆ ପ୍ରାର୍ଥୀ ଦେବ। ସେହିପରି ଭାଜପା ୨୦ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଥିବାବେଳେ ଜଗତସିଂହପୁର ଆସନ ପାଇଁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଚୂଡାନ୍ତ ହୋଇପାରି ନାହିଁ। ଏହି ଲୋକ ସଭା ଆସନ ପାଇଁ ପୂର୍ବତନ ଏମ୍‌ପି ତଥା କଂଗ୍ରେସର ତିର୍ତ୍ତୋଲ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। କାରଣ ବିଭୁ ବୁଧବାର ସନ୍ଧ୍ୟାରେ କଂଗ୍ରେସରୁ ଇସ୍ତଫା ଦେବା ସହ ବିଜେଡି ଓ କଂଗ୍ରେସକୁ କଡା ସମାଲୋଚନା କରିଛନ୍ତି। ଉଭୟ ଦଳ ବିରୋଧରେ ବିଷୋଦ୍‌ଗାର କରିଥିବାରୁ ବିଭୁ ଭାଜପାରେ ସାମିଲ ହୋଇ ଟିକେଟ୍ ପାଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଚମ୍ପୁଆ ଆସନ ପାଇଁ ଭାଜପା ମୁରଲୀ ଶର୍ମାଙ୍କୁ ଟିକେଟ ଦେଇଛି। ଏହି ଆସନରେ ବିଜେଡି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଭୋଗରାଇ ଆସନରେ ମାନସ ମହାନ୍ତି ଭାଜପାର ପ୍ରାର୍ଥୀ ହୋଇଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ପଲଟା ଆକ୍ରମଣ**

# ହେଲିକପ୍ଟର ଅବତରଣ ପାଇଁ ଅନୁମତି ଦେଇ ନ ଥିଲେ ସରକାର

**ଭୁବନେଶ୍ୱର,୩୧୪ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦଳୀୟ ପ୍ରଚାର କରିବା ଅବସରରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟାର ଜବାବ୍ ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି, ତିତ୍‌ଲି ସମୟରେ ଗଜପତି ଜିଲାକୁ ଯିବା ପାଇଁ ରାଜ୍ୟ ସରକାର ହେଲିକପ୍ଟର ଅବତରଣ ଅବତରଣ ପାଇଁ ତାଙ୍କୁ ଅନୁମତି ଦେଇ ନ ଥିଲେ। ଏହାସତ୍ତ୍ୱେ ସେ ଦଳୀୟ ସଦସ୍ୟଙ୍କ ସହ ଗଜପତି ଜିଲା ତିତ୍‌ଲି ଦୁର୍ଦ୍ଦଶା ଲୋକଙ୍କ ନିକଟରେ ପହଞ୍ଚିଥିଲେ। ଗଜପତିର ଭାଇମାନଙ୍କ ପାଇଁ ଆମର ଚିନ୍ତା ଥିଲା। ଭାଜପା ପ୍ରଥମେ ସେଠାର ଲୋକଙ୍କ ନିକଟରେ ପହଞ୍ଚିଥିଲା। ହେଲେ ସେତେବେଳେ ମୁଖ୍ୟମନ୍ତ୍ରୀ ଟିଭି ଆଗରେ ବସିଥିଲେ। ତାଙ୍କ ଚେଲା, ଚାମୁଣ୍ଡାମାନେ ଗୋପାଳପୁର ଓ ବ୍ରହ୍ମପୁରରେ ଥିଲେ। ତିତ୍‌ଲି ବାତ୍ୟାରେ ଗଜପତି ଜିଲା ଅଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ସରକାର, ପ୍ରଶାସନ ଓ ଶାସକ ଦଳର ଜନପ୍ରତିନିଧିଙ୍କ ଦେଖା ନ ଥିଲା।

# ଚମ୍ପୁଆକୁ ନେଇ ସସ୍‌ପେନ୍ସ

**ଭୁବନେଶ୍ୱର,୩୧୪(ବ୍ୟୁରୋ)**

କେନ୍ଦୁଝର ଜିଲାର ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଦଳୀୟ ରାଜନୀତି ଅପେକ୍ଷା ପ୍ରାର୍ଥୀଙ୍କ ପତିଆରା ଏଠି ଚର୍ଚ୍ଚାର କାରଣ ହୋଇଥାଏ। ଗତଥର ଏଠାରୁ ନିର୍ବାଚନ ଜିତିଥିବା ସନାତନ ମହାକୁଡ଼ ଚଳିତଥର ପ୍ରାର୍ଥୀ ହେଉନାହାନ୍ତି। ସନା ପ୍ରାର୍ଥୀ ନ ହୋଇ ଭିତିରିଆ ଭାବେ ବିଜେଡି ପାଇଁ କାର୍ଯ୍ୟ କରୁଥିବା ସୂତ୍ରରୁ ପ୍ରକାଶ। ତେଣୁ ବିଜେଡି ସନାଙ୍କ ସହମତି ଏବଂ ସମର୍ଥନରେ ପ୍ରାର୍ଥୀ ଦେବାକୁ ଚାହୁଁଛି। ବିଜେଡି ପକ୍ଷରୁ ଟିକେଟ ହାତେଇବା ପାଇଁ କୁଶ ଆପଟ ଚେଷ୍ଟାକରି ମଧ୍ୟ ବିଫଳ ହୋଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ କୁଶଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ନାହାନ୍ତି। ଶେଷ ସୂଚନାନୁଯାୟୀ, ବିଜେଡି ପକ୍ଷରୁ ମୀନାକ୍ଷୀ ମହନ୍ତ କିମ୍ବା ରମଣୀ ନାଏକଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରାଯାଇପାରେ। ଏହି ବିଧାନସଭା ଆସନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ, ତେଣୁ ବିଜେଡି ପୂର୍ବାହ୍ନରେ ପ୍ରାର୍ଥୀଙ୍କ ନାମ ଆନୁଷ୍ଠାନିକ ଘୋଷଣା କରିବ ବୋଲି ଜଣାପଡ଼ିଛି।

# ଭାଜପାରେ ମିଶିଲେ ବହୁ ବିଜେଡି, କଂଗ୍ରେସ କର୍ମୀ

**ଭୁବନେଶ୍ୱର,୩୧୪ (ବ୍ୟୁରୋ)**

ପାଲଲହଡା ନିର୍ବାଚନମଣ୍ଡଳୀର ବିଜେଡି ନେତା ଜଗମୋହନ ପ୍ରଧାନ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ପାଲଲହଡା ନିର୍ବାଚନମଣ୍ଡଳୀର ଅବସରପ୍ରାପ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ପ୍ରଧାନ, ବିନୟ କୁମାର ପ୍ରଧାନ, ସମାଜିକ କର୍ମୀ କଷ୍ଟଚନ୍ଦ୍ର ପ୍ରଧାନ, ବିଜେଡି ନେତା ଭଗବାନ ସାହୁ, ଶିବରାମ ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି । ବିଜେଡିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ପଟ୍ଟନାୟକ, କଂଗ୍ରେସ ନେତା ନାରାୟଣ ମହାପାତ୍ର, ଆଇନଜୀବୀ ସତ୍ୟ ଶିବ ସୁନ୍ଦର ମହାନ୍ତି, ସିନେ ଅଭିନେତା ଶୁଭ୍ରାଂଶୁ ନାୟକ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି । ପୁରୀ କଂଗ୍ରେସ ଜିଲା ହରିଜନ ସେଲର ପୂର୍ବତନ ସଭାପତି ନରେନ୍ଦ୍ର ବେହେରା, ତପନ ବେହେରା, ପବିତ୍ର ମୋହନ ରାଉତ, ରତ୍ନାକର ଡାଲୁଆ ପ୍ରମୁଖ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି ।

# ବୈଜୟନ୍ତଙ୍କ ବିରୋଧରେ ଅଭିଯୋଗ ଆଣିଲା ବିଜେଡି

ଭୁବନେଶ୍ୱର,୩୧୪(ବ୍ୟୁରୋ)-ଖଣି କମ୍ପାନୀର ହେଲିକପ୍ଟର ଚଢ଼ି ପ୍ରାର୍ଥୀ ନିର୍ବାଚନ ପ୍ରଚାରରେ ଯାଉଛନ୍ତି। ଅଥଚ ବ୍ୟବସାୟିକ ଭଡ଼ାରେ ବ୍ୟବହାର ପାଇଁ ଉକ୍ତ ହେଲିକପ୍ଟରର ଅନୁମତି ନାହିଁ। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନରେ ଏହା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ସେଥିପ୍ରତି ଖାତିର ନାହିଁ। ଭାଜପା ନେତା ତଥା କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ବୁଧବାର ଏଭଳି ଅଭିଯୋଗ ଆଣିଛି ବିଜେଡି। ଏହାର ଅନୁଧ୍ୟାନ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରବି ରେବତୀ ନକ୍ଷତ୍ରରେ ରହି ଦ୍ୱାଦଶସ୍ଥ ହେତୁ ଭ୍ରମଣର ସୁଯୋଗ ଲାଭ କରିବେ। ଘରର ଅଟକି ରହିଥିବା କେତେକ କାମକୁ ସମ୍ପନ୍ନ କରିବା ସକାଶେ ପଛେଇଯିବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ, ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ**
ଏକାଦଶସ୍ଥ ଚନ୍ଦ୍ର ହେତୁ ବନ୍ଧୁମାନଙ୍କ ପରାମର୍ଶ ଅନୁଯାୟୀ ହଠାତ୍ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଗୁଡ଼ିଏ କାମ ହାତକୁ ନେବା ଦ୍ୱାରା ଟେନଶନ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ମିଥୁନ**
ମଙ୍ଗଳ ଲାଭାଧିପ ହୋଇ ଦ୍ୱାଦଶସ୍ଥ ଯୋଗୁ କୌଣସି ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପ୍ରଶାସନିକ, ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଆଜିର ଯାତ୍ରା, ପରିବହନ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ମାନ୍ଦା ହେବ ନାହିଁ।

**କର୍କଟ**
ବୁଧ ଅଷ୍ଟମସ୍ଥ ରହି ବନ୍ଧୁମାନଙ୍କ ଦ୍ୱାରା ବିବାଦୀୟ କ୍ଷେତ୍ରରୁ ଆପଣଙ୍କ ପ୍ରାପ୍ୟ ଆଣିବାରେ ସମର୍ଥ ହେବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇପାରନ୍ତି। କର୍ମକ୍ଷେତ୍ରର କିମ୍ବା ଆନୁଷ୍ଠାନିକ କାମରେ ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବ୍ୟବସାୟ ଓ ନିର୍ମାଣ, ପରିବହନରେ ସଫଳତା ହାସଲ କରିବେ।

**ସିଂହ**
ବୃହସ୍ପତି ଶୁଭଭାବେ ଗୁରୁସୌରୀ ଯୋଗ ସୃଷ୍ଟିକରି ଆପଣଙ୍କୁ ଅର୍ଥ, ସମ୍ମାନ, ପ୍ରତିଷ୍ଠାଦି ଗୌରବ ବିମଣ୍ଡିତ କରିପାରନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଆପଣ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
ଚତୁର୍ଥସ୍ଥ ଶନି ଆପଣଙ୍କ କର୍ମକ୍ଷେତ୍ର ପାଇଁ କିଛିଟା ପ୍ରତିବନ୍ଧକ ସୃଷ୍ଟିକଲେ ମଧ୍ୟ ପାରିବାରିକ ଜୀବନ ପାଇଁ କୌଣସି ଅସୁବିଧା ରହିବ ନାହିଁ। ସ୍ୱକୀୟ କାର୍ଯ୍ୟଦକ୍ଷତା ହେତୁକ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ଅନୁକମ୍ପା ଲାଭ କରିପାରନ୍ତି। ବିଶେଷ କାରଣରୁ ଖର୍ଚ୍ଚାନ୍ତ ସାଙ୍ଗକୁ ମନସ୍ତାପ କରିବାକୁ ପଡିପାରେ। ସାମାଜିକ ସ୍ତରରେ ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ।

**ତୁଳା**
ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛି । ନିଜ ଲୋକଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ଚିନ୍ତାରେ ରହିବାକୁ ପଡିବାର ସୂଚନା ରହିଛି। ପ୍ରଶାସନିକ କାର୍ଯ୍ୟ, ଆଇନ, ସଭାସମିତି ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା**
ଦୈହିକ ସୁସ୍ଥତା ସାଙ୍ଗକୁ ନୂତନ କର୍ମରେ ଅନୁପ୍ରବେଶ ମନର ସ୍ଥିତିକୁ ସଂଯମିତ ରଖିବ । ସାଙ୍ଗ ପ୍ରଭାବରେ ପ୍ରଭାବିତ ହୋଇ କିଛି ମନ୍ତବ୍ୟକୁ କେନ୍ଦ୍ରକରି ଜଣେ ବୟସ୍କ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିପାରନ୍ତି । ଯାତ୍ରାରେ କିମ୍ବା କିଣାବିକାରେ ସତର୍କ ନ ହେଲେ ଠକେଇର ଶିକାର ହୋଇପାରନ୍ତି। ବନ୍ଧୁ, ପରିଜନଙ୍କ ସାହାଯ୍ୟ ଦ୍ୱାରା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ ।

**ଧନୁ**
ଆଜିର ଶୁଭଯୋଗ ପ୍ରଭାବରେ ଆପଣଙ୍କର କୌଣସି କାମ ଅଟକି ରହିବନାହିଁ। କିନ୍ତୁ ମୂଳା ନକ୍ଷତ୍ର ସକାଶେ ପାରିବାରିକ ଦୁଶ୍ଚିନ୍ତା ବଢିଯିବା ଦ୍ୱାରା କାମଗୁଡିକ ମଧ୍ୟ ଶୃଙ୍ଖଳିତ ହେବ ନାହିଁ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ସୂଚନା ମଧ୍ୟ ରହିଛି।

**ମକର**
ଆଜି ଜନୈକ ବନ୍ଧୁଙ୍କ ମାଧ୍ୟମରେ କୌଣସି ଶୁଭଖବର ମନକୁ ଆମୋଦିତ କରିବାର ସୂଚନା ରହିଛି। ଆପଣଙ୍କ ପ୍ରତ୍ୟେକ କାମ ସକାଶେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ସାମୟିକ ଭାବେ ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପୁରାତନ ରୋଗର ନିରାକରଣ ସକାଶେ ମାନସିକ ବ୍ୟଗ୍ରତା ସୃଷ୍ଟି ହୋଇପାରେ।

**କୁମ୍ଭ**
ବୁଧଙ୍କ ପ୍ରଭାବରେ ଅପ୍ରିୟସତ୍ୟ ଭାଷଣ ହେତୁ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ମାତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ପଡୋଶୀ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ**
ଶୁଭାଶୁଭ ମିଶ୍ରିତଫଳ ଆଜି ଦିନଟିରେ ଅନୁଭୂତ ହେବ । ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ଚେଷ୍ଟା କଲେ ସଫଳତା ହାସଲ କରିପାରିବେ। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି। ତରବରିଆ ଭାବେ କୌଣସି କାମ ନ କରି ଦେଖି ଚାହିଁ ପଦକ୍ଷେପ ନିଅନ୍ତୁ।

ଆଜି ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଗୁରୁବାର, ଏପ୍ରିଲ ୪ ତାରିଖ,ସବେ-ମେରାଜ,(ପୂର୍ବରାତ୍ରି, ଅମାବାସ୍ୟାର ନିଶାପାଳନ), ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ୧୦।୨୬ମି. ଗତେ ଘ୧୧।୫୬ମି. ମଧ୍ୟେ, ଘ୧।୨୬ମି. ଗତେ ଘ୨।୫୬ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୪ମି. ମଧ୍ୟେ ଘ୧୧।୪୪ମି. ଗତେ, ଘ୧।୧୪ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧।୨୨ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।

# କଲେଜ ଛାତ୍ରୀଙ୍କ ସମେତ ୬ ଗିରଫ



ଗିରଫ ଅଭିଯୁକ୍ତ।

**ଯୁବକଙ୍କ ପାପୁଲି କଟା ଘଟଣା**

**ବଲାଙ୍ଗୀର ଅଫିସ,୩।୪**

ବଲାଙ୍ଗୀର ରାଜୀବନଗରପଡ଼ାରେ ୨ଦିନ ତଳେ ସଂଘଟିତ ଯୁବକଙ୍କ ପାପୁଲି କଟା ଘଟଣାରେ ଟାଉନ୍ ଥାନା ପୋଲିସ ଜଣେ କଲେଜ ଛାତ୍ରୀଙ୍କ ସମେତ ୬ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ରାଜୀବନଗରପଡ଼ାର ଟୁନା ଓରଫ ତୁଷାର ପାଢ଼ୀ (୧୯), ମୁନା ଓରଫ ଆଶୁତୋଷ ପାଢ଼ୀ (୨୩), ଘାସି ବନ୍‌ଛୋର (୨୮), ଝସକେତନ ନନ୍ଦ (୨୩), ଦିଲୁ ବନ୍‌ଛୋର (୧୯) ଓ ସମ୍ବଲପୁରରୁ ଆସି ବଲାଙ୍ଗୀରର ଏକ ଘରୋଇ କଲେଜରେ ଯୁକ୍ତଦୁଇ ଶ୍ରେଣୀରେ ପଢୁଥିବା ଛାତ୍ରୀ ଆର୍ଯ୍ୟା ଆସୁ ଓରଫ ତ୍ରିଷ୍ଟା ବେହେରା (୧୯)। ଘଟଣା ପରେ ଫେରାର ଥିବା ଅଭିଯୁକ୍ତମାନେ ସମ୍ବଲପୁର ସହର ବୁଢ଼ାରଜା ଅଞ୍ଚଳରେ ଥିବା ଅଭିଯୁକ୍ତା କଲେଜ ଛାତ୍ରୀ ଆର୍ଯ୍ୟାଙ୍କ ଘରେ ଲୁଚି ରହିଥିବା ପୋଲିସକୁ ଖବର ମିଳିଥିଲା। ବଲାଙ୍ଗୀର ଟାଉନ୍ ପୋଲିସର ଏକ ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଥିଲା। ଆର୍ଯ୍ୟାଙ୍କ ଘରୁ ପୋଲିସ ଏକ ଦେଶୀ ବନ୍ଧୁକ ଜବତ କରିଥିବାବେଳେ ଟୁନାଙ୍କ ଘରୁ ୨ଟି ଟାଙ୍ଗିଆ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କଠାରୁ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଟାଉନ୍ ଥାନାରେ ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଆଇଆଇସି ତୋଫାନ ବାଗ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ରାଜୀବନଗରର ଆଲୋକ ରଞ୍ଜନ ଦାସ, ଅମିତ ପଟ୍ଟନାୟକ ଓ ଅନ୍ୟ ୩ ଜଣ ସାଙ୍ଗ ପାଖ ନାଳକୁ ଗାଧୋଇବାକୁ ଯିବାବେଳେ ସେଠାରେ ଘାସି ବନ୍‌ଛୋର, ଟୁନା ପାଢ଼ୀ ଓ ଆର୍ଯ୍ୟା ଆସୁଙ୍କ ସହ ଅନ୍ୟ ଅଭିଯୁକ୍ତମାନେ ବସିଥିଲେ। ଆଲୋକ ଓ ଅମିତଙ୍କୁ ଦେଖିବା କ୍ଷଣି ଘାସି ଓ ଟୁନା ସେମାନଙ୍କୁ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଆଲୋକଙ୍କ ବାମ ହାତ ପାପୁଲି ଛିଣ୍ଡି ଯାଇଥିଲା। ଅମିତଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି। ଆଲୋକ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଜଣେ କଲେଜ ଛାତ୍ରୀଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ଅନ୍ୟପକ୍ଷେ ସମ୍ପୃକ୍ତା ଛାତ୍ରୀଙ୍କ ନାମରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।


# CLASSIFIEDS




## SALE

ଭୁବନେଶ୍ୱର ପଟିଆ Big Bazarରୁ 3.5km. ଦୂରତାରେ ବାସୋପଯୋଗୀ plot 1200 sqft.କୁ 4,20,000/- immediate registration/ possession. 9937686826. D-66313

ଭୁବନେଶ୍ୱର Infosys-II ପଛପଟେ ପାଚେରି ସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

Conversion Demarcation Plot Sale ବ୍ରାହ୍ମଣଝରିଲୋ ନଖରାରୁ ୬ କିଲୋମିଟର ୧୨୦୦ ବର୍ଗଫୁଟକୁ 6,60,000/- 9861281504. D-66320

Excellent ST plots adjacent to four lane 100ft. road, Pitapalli-Cuttack bypass at Kantabada (Kateni chhack) 4km from SUM hospital, Bhubaneswar. Contact: 8339076535. D-66420

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

ସୁନ୍ଦରପଦା Hitech plaza frontରେ Govt. Roadକୁ ଲାଗି ଘରବାରି ପ୍ଲଟ ବିକ୍ରିହେବ sqft. 800/-, 1,000/-. 9777236619. D-66324

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66063

**ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ (Grand bazar) NH5ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ plot କିଣନ୍ତୁ। 9938737955.** D-66323

Land 1000 sqft. at Sisupal 1km. from Lingaraj Temple, sale price 12 lakhs. Contact: Hindustan Jewellers, Bhubaneswar. D-65628

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL
## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388




For commercial 800 sqft. Kharvel Nagar 1500 Master canteen 2000 Cuttack Road. Contact: Hindustan Jewellers, Bhubaneswar. D-65629




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Newly opening ayurvedic body massage smart therapist Shree herbal. 7750020754. D-66068

Summer special mesmerizing offer expert therapeutic refreshing massage appointment. 9668374480. D-66069

Herbal full body massage by smart/expert therapist. Contact: 8338067247. D-66067

Experience fullbody massage with us by experts. Enquiry- 0674-2597822, 7377048581. D-66066

Herbal full body massage with refreshment by well trained therapist. 7381239385, 0674-2540855. D-66065

Sampark ayurvedic massage club fully relaxed by smart lady, home service available. 8280102993. D-65868

Ayurvedic full body massage ladies/ gents smart experts therapist. 9114697517. D-65870

Now Matrimonial ads. only on Wednesday & Sunday Book 1 Get 1 FREE

❝ ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ



# ନିରାମିଷ ଜେଲାଟିନ୍

**ପରିବେଶ ପରିଚିନ୍ତା**

**ମାନେକା ଗାନ୍ଧୀ**

ଖାଦ୍ୟ କ୍ଷେତ୍ରରେ ନୂଆ ଜିନିଷ ଘଟିଲାଣି, ଯାହା ଖୁବ୍ ଉତ୍ସାହଜନକ ଓ ତାହା ଏ ପୃଥିବୀକୁ ରକ୍ଷା କରିବାରେ ସାହାଯ୍ୟ କରିବ। ଆଜିକାଲି କୋଷବିଭାଜନ ମାଧ୍ୟମରେ ମାଂସ ତିଆରି କରାଯାଇପାରୁଛି, ଯାହାକୁ ମାଂସାହାରୀମାନେ ଖାଇପାରିବେ କିନ୍ତୁ ସେଥିପାଇଁ କୌଣସି ଜୀବହତ୍ୟା କରିବାକୁ ପଡ଼ିବ ନାହିଁ। ସେହି ସମାନ ପଦ୍ଧତିରେ କ୍ଷୀର ମଧ୍ୟ ତିଆରି କରାଯାଇପାରିଲାଣି। ଏକ କମ୍ପାନୀ ବିନା କୁକୁଡ଼ାରେ କୁକୁଡ଼ା ଅଣ୍ଡାର କେଶର ତିଆରି କରିବାକୁ ଆରମ୍ଭ କରିଛି। ଏବେ ଆସିବା ଜେଲାଟିନ୍ (ସିରିସ– ପ୍ରାଣୀର ଚର୍ମ, ଅସ୍ଥି, ସ୍ନାୟୁ ଇତ୍ୟାଦିରୁ ତିଆରି ହେଉଥିବା ସ୍ୱଚ୍ଛ ସ୍ୱାଦହୀନ ପଦାର୍ଥ ଯାହା ରନ୍ଧନକଳା, ଔଷଧର କ୍ୟାପ୍ସୁଲ ଓ ଫଟୋଗ୍ରାଫି ଇତ୍ୟାଦିରେ ବ୍ୟବହୃତ ହୁଏ) ପ୍ରସଙ୍ଗକୁ।

ଗତ ପାଞ୍ଚବର୍ଷ ହେଲା ମୁଁ ସରକାରଙ୍କ ଆଗରେ ଦାବି କରି ଆସୁଛି ଔଷଧ କ୍ୟାପ୍ସୁଲଗୁଡ଼ିକୁ ନିରାମିଷ କରିବା ଲାଗି ଏକ ଆଇନ ପ୍ରବର୍ତ୍ତନ କରିବାକୁ। ମୋ ପରି ଲକ୍ଷ ଲକ୍ଷ ଲୋକ ଔଷଧ ଖାଇପାରୁ ନାହାନ୍ତି, କାରଣ କ୍ୟାପ୍ସୁଲ ତିଆରି ହେଉଛି ଗୋରୁ ଓ ଘୁଷୁରିଙ୍କ ହାଡ଼ଗୁଣ୍ଡରେ। ଭାରତର ମହା ଔଷଧ ନିୟନ୍ତ୍ରକ (ଡିସିଜିଇ) ଅନେକ କମିଟି ଗଠନ କରିଛନ୍ତି। ଏହି କମିଟିଗୁଡ଼ିକ ଦ୍ୱାରା ଅନେକ ତଥ୍ୟ ଉପସ୍ଥାପନ କରାଯାଇଛି, ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି ଏବଂ ଶେଷରେ ଡିଜିସିଇ ଆମ କଥାରେ ସମ୍ମତ ହୋଇଛନ୍ତି ଯେ କ୍ୟାପ୍ସୁଲଗୁଡ଼ିକ ନିରାମିଷାଶୀ ହେବା ଆବଶ୍ୟକ। ତା'ପରେ ଜେଲାଟିନ୍ ଶିଳ୍ପ ଲବି କରିବା ଆରମ୍ଭ କରିଦେଲେ ଏବଂ ଯୁକ୍ତି ବାଢ଼ିଲେ ଯେ ଜେଲାଟିନ୍‌ର ନିରାମିଷ ବିକଳ୍ପ ମିଳୁନାହିଁ ଏବଂ ତାହା ବ୍ୟୟବହୁଳ ହେବ ଇତ୍ୟାଦି, ଯାହା ସବୁ ସତ୍ୟ ନୁହେଁ। ତା'ପରେ ରାଜନୈତିକ ନିର୍ଦ୍ଦେଶନାମା ଆସିଲା ଯେ ଏବେ ଏହା କରିବା ସମ୍ଭବ ନୁହେଁ, କାରଣ ନିର୍ବାଚନ ପାଖ ହୋଇ ଆସୁଥିବାରୁ ଏହାର ଅନେକ ରାଜନୈତିକ କୁପ୍ରଭାବ ପଡ଼ିବ। ଏହାର ଅର୍ଥ ହେଉଛି ରାଜନେତାମାନଙ୍କର କିଛି ବନ୍ଧୁ ଜେଲାଟିନ୍ ଶିଳ୍ପ ଚଳାଉଛନ୍ତି। ସୁତରାଂ ଆମର ସବୁ ଉଦ୍ୟମ ବିଫଳ ହୋଇଗଲା ଏବଂ ସେଥିପାଇଁ ମୁଁ ବହୁତ ଦୁଃଖିତ।

ଗୋରୁ, ଘୁଷୁରି, ମାଛ ପ୍ରଭୃତିଙ୍କ ଚମଡ଼ା, ହାଡ଼, ପେଶୀ ଇତ୍ୟାଦିରୁ ଜେଲାଟିନ୍ ତିଆରି ହୁଏ। ଏହା ଗରମ ପାଣିରେ ଦ୍ରବୀଭୂତ ହୁଏ ଏବଂ ଥଣ୍ଡା ହୋଇଗଲେ ଜେଲ୍‌ରେ ପରିଣତ ହୁଏ। ବିଭିନ୍ନ ପ୍ରକାର ମିଠାଇ, ମାର୍ଶମାଲୋ, କେକ୍ ଓ ଜେଲି ପ୍ରଭୃତିରେ ଏହା ବ୍ୟବହୃତ ହୁଏ। ଆଇସ୍‌କ୍ରିମ୍, ସମସ୍ତ ଚାଇନିଜ୍ ଫୁଡ୍, ସୁପ୍, କ୍ରିମ୍ ଚିଜ୍, ୱାଇନ୍, ବିୟର, ଆପ୍‌ଲ ଜୁସ୍, ଭିନେଗାର, ପିଲ୍ କ୍ୟାପ୍ସୁଲ, ଫ୍ରଷ୍ଟେଡ୍ ସିରିୟଲ, ୟୋଘର୍ଟ (ଦହି ଜାତୀୟ ଖାଦ୍ୟପଦାର୍ଥ) ପ୍ରଭୃତିରେ ମଧ୍ୟ ଜେଲାଟିନ୍ ବ୍ୟବହୃତ ହୁଏ। ଖାଦ୍ୟ ଓ ମୃଦୁ ପାନୀୟ ଶିଳ୍ପ ସବୁଠାରୁ ଅଧିକ ଜେଲାଟିନ୍ କିଣନ୍ତି। ତା' ତଳକୁ ଅଛି ପୌଷ୍ଟିକ ଔଷଧୀୟ ପଦାର୍ଥ, ଓଷଧ, ଫଟୋଗ୍ରାଫି ଏବଂ ଫେସ୍ କ୍ରିମ୍, ଶାମ୍ପୁ, ହେୟାର ସ୍ପ୍ରେ, ସାବୁନ୍ ଓ ନେଲ୍ ପଲିଶ୍ ପ୍ରଭୃତି ପ୍ରସାଧନ ସାମଗ୍ରୀର ଶିଳ୍ପ।

ଜେଲାଟିନ୍‌ର ଭିଗନ୍ ବିକଳ୍ପଗୁଡ଼ିକ ହେଉଛି ଅଗର ଅଗର, ପେକ୍‌ଟିନ୍, ଷ୍ଟାର୍ଚ ଓ ଗମ୍। କିନ୍ତୁ ଜେଲାଟିନ୍ ବ୍ୟବହାର କରୁଥିବା କମ୍ପାନୀଗୁଡ଼ିକ କହନ୍ତି ଯେ, ଏଗୁଡ଼ିକର ସମାନ ରାସାୟନିକ ଓ ଯାନ୍ତ୍ରିକ ଗୁଣ ନାହିଁ। ଏଗୁଡ଼ିକ ମଧ୍ୟ ସାମାନ୍ୟ ମହଙ୍ଗା। କିନ୍ତୁ ବର୍ତ୍ତମାନ ୨୦୧୫ ମସିହାରେ ପ୍ରତିଷ୍ଠିତ ଜେଲ୍‌ଜେନ୍ ନାମକ କମ୍ପାନୀ ଖାଦ୍ୟ, ଔଷଧ ଓ ପ୍ରସାଧନ ସାମଗ୍ରୀ ପାଇଁ ଅଣ–ପ୍ରାଣିଜ ଜେଲାଟିନ୍ ଉତ୍ପାଦନ କରୁଛି। ଜେଲ୍‌ଜେନ୍‌ର ସହପ୍ରତିଷ୍ଠାତାମାନେ ହେଉଛନ୍ତି ଆଣବିକ ଜୀବବିଜ୍ଞାନୀ ନିକ୍ ଔଜୁନୋଭ, ପିଏଚ୍‌ଡି ଏବଂ ଆଲେକ୍ସ ଲୋରେଷ୍ଟାନି, ପିଏଚ୍‌ଡି ଯେଉଁମାନେ ରଟ୍‌ଗର ଓ ବ୍ୟାକ୍ଟେରିଆଲ ପାଥୋଜେନେସିସ୍‌ରେ ଔଷଧ ବିଷୟରେ ଅଧ୍ୟୟନ କରିଛନ୍ତି। ପ୍ରିନ୍ସଟନରେ ଅଧ୍ୟୟନ କଲାବେଳେ ସେମାନେ ନିଜକୁ ନିଜେ ପ୍ରଶ୍ନ ପଚାରିଲେ: ଖାଉଟି ସାମଗ୍ରୀର ଶିଳ୍ପଗୁଡ଼ିକ କାହିଁକି ମେଡିସିନ୍ ପରି ସିନ୍ଥେଟିକ୍ ବାୟୋଲୋଜି ଦ୍ୱାରା ଉପକୃତ ହେବେ ନାହିଁ? ଇନ୍‌ସୁଲିନ୍ ତିଆରି କରିବା ପାଇଁ ଆମକୁ ଯଦି ଆଉ ଘୁଷୁରିକୁ ମାରି ତା'ର ଅଗ୍ନ୍ୟାଶୟ କାଢ଼ିନେବାକୁ ପଡୁନାହିଁ, ତା'ହେଲେ ଜେଲାଟିନ୍ ଓ କୋଲାଜେନ୍ ପାଇଁ କାହିଁକି ଆମେ ପ୍ରାଣୀଙ୍କ ଉପରେ ନିର୍ଭର କରିବା? ଜେଲ୍‌ଟର (ପୂର୍ବ ନାମ ଜେଲ୍‌ଜେନ୍) ହେଉଛି କାଲିଫର୍ନିଆର ଏକ କମ୍ପାନୀ ଚାହିଁଲା ଅଣ–ପ୍ରାଣିଜ ଜେଲାଟିନ୍ ତିଆରି କରି ବଜାରରେ ବିକ୍ରି କରିବାକୁ। ଏହା ସର୍ବୋତ୍ତମ ସ୍କିନ୍‌କେୟାର ସାମଗ୍ରୀ ପାଇଁ ଡିଜାଇନର ଭିଗନ୍ କୋଲାଜେନ୍ ତିଆରି କରି ୨୦୧୮ରେ ସିଇଡବ୍ଲ୍ୟୁ ବିଉଟି ଇନୋଭେଶନ୍ ଆୱାର୍ଡ ପାଇଥିଲା। ସିଇଡବ୍ଲ୍ୟୁ ହେଉଛି କସ୍ମେଟିକ୍ ଏକ୍‌ଜିକ୍ୟୁଟିଭ୍ ୱମେନ୍ – ୮,୬୦୦ରୁ ଊର୍ଦ୍ଧ୍ୱ ସୌନ୍ଦର୍ଯ୍ୟ ଶିଳ୍ପ ପ୍ରଫେଶନାଲ, ଯେଉଁମାନଙ୍କର ବଜାରରେ ଉପଲବ୍ଧ ସର୍ବୋତ୍ତମ ପ୍ରସାଧନ ସାମଗ୍ରୀ ବିଷୟରେ ଜ୍ଞାନ ଅଛି।

ସାନ୍ ଫ୍ରାନ୍ସିସ୍କୋର ଉକ୍ତ କମ୍ପାନୀ ପୃଥିବୀବ୍ୟାପି ଜେଲାଟିନ୍‌ର ପ୍ରବଳ ଚାହିଦା ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯେଉଁସବୁ ଯନ୍ତ୍ରପାତି ଦ୍ୱାରା ପ୍ରାଣୀଙ୍କ ଚର୍ମ, ଅସ୍ଥି ପ୍ରଭୃତିରୁ ଜେଲାଟିନ୍ ପ୍ରସ୍ତୁତ ହେଉଛି, ଜେଲ୍‌ଜେନ୍ ସେହି ଯନ୍ତ୍ରପାତିକୁ ବ୍ୟବହାର କରି ଅଣୁଜୀବମାନଙ୍କ ଦ୍ୱାରା ଶସ୍ତା, ନିରାପଦ, ପରିବେଶ–ଅନୁକୂଳ ଓ ଅଣ–ପ୍ରାଣିଜ ଜେଲାଟିନ୍ ପ୍ରସ୍ତୁତ କରୁଛି। ଖାଦ୍ୟ ଓ ପ୍ରଯୁକ୍ତିରେ ଯେଉଁମାନେ ଅର୍ଥନିବେଶ କରୁଥିଲେ ସେମାନେ ବହୁସଂଖ୍ୟାରେ ଏହି କମ୍ପାନୀରେ ପୁଞ୍ଜିନିବେଶ କରିବାକୁ ଆଗେଇ ଆସିଛନ୍ତି।

ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ ସେମାନେ ଖାଉଥିବା ମିଠା ସହ ମାଛ ଓ ଘୁଷୁରି ଚମଡ଼ା ଚୋବାଉଛନ୍ତି। ସେମାନେ ଯେତେବେଳେ ଏହା ଜାଣିବେ, ମାଂସାହାରୀ ହେଲେ ବି ଅଧିକାଂଶ ଏହା ଖାଇବେ ନାହିଁ। କାରଣ ଧାର୍ମିକ ଦୃଷ୍ଟିରୁ ମୁସଲମାନମାନେ ଘୁଷୁରିମାଂସ ଖାଆନ୍ତି ନାହିଁ ଏବଂ ହିନ୍ଦୁମାନେ ଗୋରୁମାଂସ ଖାଆନ୍ତି ନାହିଁ। ତା'ଛଡ଼ା ଏହାଦ୍ୱାରା ପ୍ରାଣୀମାନଙ୍କର ରୋଗ ମଣିଷକୁ ସଂକ୍ରମିତ ହେବାର ଭୟ ରହିଛି। ବର୍ତ୍ତମାନ ନିରାମିଷ ଓ ଭିଗନ୍ ବଜାର ବୃଦ୍ଧିପାଇବାରେ ଲାଗିଛି। ଜେଲାଟିନ୍‌ର ଅଣ–ପ୍ରାଣିଜ ବିକଳ୍ପର ଚାହିଦା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପ୍ରାଣିଜ ଜେଲାଟିନ୍‌ର ଶସ୍ତା ବିକଳ୍ପ ଉପଲବ୍ଧ ହେଲେ ଏହାର ବଜାର ଚାହିଦା ବୃଦ୍ଧି ପାଇବା ସ୍ୱାଭାବିକ। ବର୍ତ୍ତମାନ କିନ୍ତୁ ଏହାର ଦାମ୍ ଅଧିକ ରହିଛି। ଜେଲ୍‌ଟର ଅଣୁଜୀବଙ୍କ ଦ୍ୱାରା ଜେନିଟିକ୍ ଇଞ୍ଜିନିୟରିଂ ପଦ୍ଧତିରେ କୋଲାଜେନ୍ ପ୍ରସ୍ତୁତ କରୁଛି ଏବଂ ସେଥିରୁ କିଣ୍ୱନ ପଦ୍ଧତିରେ ଜେଲାଟିନ୍ ତିଆରି କରୁଛି। ଏଥିପାଇଁ କୌଣସି ପ୍ରାଣୀଙ୍କୁ ହତ୍ୟା କରିବାକୁ ପଡୁନାହିଁ। ଜେଲ୍‌ଟର କମ୍ପାନୀର ଅଣ–ପ୍ରାଣିଜ କୋଲାଜେନ୍ (ଏନ୍–କୋଲେଜ୍) ୨୦୧୮ ଏପ୍ରିଲରେ ବଜାରକୁ ଆସିଛି। ୨୦୨୦ ସୁଦ୍ଧା ସେମାନେ ଯଥେଷ୍ଟ ପରିମାଣରେ ବ୍ୟବସାୟ–ଭିତ୍ତିକ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏବେ ସେମାନେ ବିକ୍ରି କରିବା ଆରମ୍ଭ କରିସାରିଲେଣି।

ପୃଥିବୀରେ ବର୍ତ୍ତମାନ ୪୦ କୋଟିରୁ ଅଧିକ ନିରାମିଷାଶୀ ଓ ଭିଗନ୍ ଅଛନ୍ତି ଯେଉଁମାନେ ଖାଦ୍ୟପଦାର୍ଥରେ ଜେଲାଟିନ୍ ଥିବା ସନ୍ଦେହ କରି ତନ୍ନତନ୍ନ କରି ପ୍ୟାକେଟ୍ ଉପର ଲେଖାକୁ ପଢ଼ନ୍ତି। ଏହାଦ୍ୱାରା କମ୍ପାନୀମାନେ ତାଙ୍କ ଗ୍ରାହକ ହରାଉଛନ୍ତି। ତେଣୁ ଜେଲ୍‌ଜେନ୍ କମ୍ପାନୀ ଓ ସେହିପରି ଅନ୍ୟ କମ୍ପାନୀଗୁଡ଼ିକ ଦ୍ୱାରା ଅଣ–ପ୍ରାଣିଜ ଶସ୍ତା ଜେଲାଟିନ୍ ଯଥେଷ୍ଟ ପରିମାଣରେ ଉପଲବ୍ଧ ହେଲେ ସେମାନେ ନିଶ୍ଚୟ ପ୍ରାଣିଜ ଜେଲାଟିନ୍ ବ୍ୟବହାର ବନ୍ଦ କରିଦେବେ। ଆପଣ ଯଦି ଏହି ଅଣ–ପ୍ରାଣିଜ ଜେଲାଟିନ୍‌ର ବିତରକ ହେବାକୁ ଚାହାନ୍ତି, ତେବେ ନିମ୍ନୋକ୍ତ ଠିକଣାରେ ଯୋଗାଯୋଗ କରିପାରନ୍ତି: ଫୋନ୍: 415–325–3560, ଇମେଲ୍: info@geltor.com, San Leandro, California, United States.

Email: gandhim@nic.in

# ଆ–ଚରଣ ବିଧି

**ଡ. କୁଳାଙ୍ଗାର**

ସିଏ ସେଇ ଭୋଟର, ଯିଏ ପାଞ୍ଚବର୍ଷରେ ଥରେ ଶକ୍ତିଶାଳୀ ପାଲଟିଯାଏ। ଅବଶ୍ୟ କେତେଟା ଦିନ ପାଇଁ ମିଳୁଥିବା ଦମ୍ଭ ପୁଣି ଉଭେଇଯାଇ ତାକୁ ସାଧାରଣ ଜନତାରେ ପରିଣତ କରିଦେଇଥାଏ। ତଥାପି ସିଏ ଖୁସି ହୁଏ। ସକାଳୁ ସକାଳୁ ସିଏ ରାତି ସାରା ଭଲରେ ଶୋଇଥିଲେ ବି ସକାଳର କାକରଭିଜା କଅଁଳ ସୂର୍ଯ୍ୟକିରଣର ପ୍ରଭାବରେ ଖଟିଆଟାରେ ଗଡୁଗଡୁ ଶୋଇପଡ଼ିଥିଲା। ତା' ପାଦରେ କାହା ହାତର ସ୍ପର୍ଶ ପାଇ ନିଦଟା ତା'ର ଭାଙ୍ଗିଗଲା। ଦେଖିଲା ବେଳକୁ ନେତା ମହୋଦୟ ତା' ପାଦକୁ ଛୁଇଁ ମୁରୁକୁନ୍ଦିଆ ହସ ହସି ଛିଡ଼ା ହୋଇଛନ୍ତି।

ତାକୁ ଆଉ ବୁଝିବାକୁ ବାକି ରହିଲାନି କି ତାଙ୍କ ଅଞ୍ଚଳରେ ମତଦାନ ଆଉ ଅଳ୍ପଦିନ ବାକି! ତେବେ ନେତା ମହୋଦୟ ତା' ପାଦ ଛୁଇଁବାରେ ସିଏ ଉତ୍ସାହିତ ହେଲା ନାହିଁ। କାରଣ ନେତା ମହୋଦୟଙ୍କ ପାଖକୁ ସିଏ ବହୁ ଦିନରୁ ଧାଇଁଚି! କାହିଁକି ଧାଇଁଚି?

କାହିଁକି ଆଉ ଧାଇଁବ? ସେମିତି କିଛି ଅସାଧ୍ୟ ସାଧନ କରିବାର ଅଛି ବୋଲି ତ ସିଏ ନେତାଙ୍କ ପାଖକୁ ଯିବାକୁ ବାଧ୍ୟହେଲା। ତା'ର ଅଭିଜ୍ଞତା କହୁଛି କି ସେମିତି ବଡ଼ ଅସୁବିଧା ନ ପଡ଼ିଲେ ଲୋକେ ନେତାଙ୍କ ପାଖକୁ ଯିବା ଅନୁଚିତ! କାରଣ ସିଏ ନିଜେ ଯାଇ ନାମ ନେଇଛି। କେମିତି ନାମ ନେଇଛି ଆସନ୍ତୁ ସେ କଥା ଜାଣିବା।

ନିଜ ପୁଅଟା ପାଇଁ ଚାକିରି ଖଣ୍ଡେ କରାଇଦେବାକୁ ସିଏ ନାନା ଉପାୟ କଲା ପରେ ମଧ୍ୟ ଯେବେ ପିଲାଟା ନିଜର ଦକ୍ଷତା ପ୍ରଦର୍ଶନ କରିପାରିଲା ନାହିଁ ସିଏ ଏଥର ବିକଳ୍ପ ବାଟ ଖୋଜିଲା। ବିବିଧ ପରାମର୍ଶ ପାଇ ବିଫଳହେବା ପରେ ତାକୁ କେହି ଜଣେ କହିଲା, ତୁ ନେତାଙ୍କ ପାଖକୁ ଯାଉନୁ। ନେତା ଚାହିଁଲେ ଆମ୍ବଗଛରେ ଲେମ୍ବୁ ଫଳିବ। କ୍ଷମତାରେ ଥିବା ନେତା ମହାବଳ ବାଘ ପରି, ସିଏ ଯାହା କହିବେ ତାହା ଅକାଟ୍ୟ। ତାଙ୍କ କଥାକୁ କିଏ ବା ଅମାନ୍ୟ କରିବ?

ସିଏ ଏହା ଶୁଣି ଯଥାଶୀଘ୍ର ନେତାଙ୍କ ପାଖରେ ହାଜରହେଲା। ଓହୋ.. ନେତାଙ୍କ ପାଖରେ କି ଗହଳି। ଠାକୁରଙ୍କୁ ସିନା ସହଜରେ ଦର୍ଶନ କରିହେବ, କିନ୍ତୁ ନେତାଙ୍କୁ ଭେଟିବା ମୁସ୍କିଲ। ଏତେ ଲୋକଙ୍କ ଗହଳିରେ ନେତା ବିରକ୍ତ ହେଉଥାଆନ୍ତି। କେତେବେଳେ ତାଙ୍କ ପାଟିରୁ ଦେଶୀ ସଂସ୍କୃତ ତ କେତେବେଳେ ଦୁଇ ଅକ୍ଷରୀ ଇଂଲିଶ ବାହାରୁଥାଏ। ତଥାପି ନିଜ ନିଜର କାର୍ଯ୍ୟ ହାସଲ ଉଦ୍ଦେଶ୍ୟରେ ସମସ୍ତେ ସବୁକିଛି ସହି ଯାଉଥାଆନ୍ତି। ଏଥର ତା' ପାଳି ପଡ଼ିଲା। ନେତା ତାକୁ ଧମକେଇଲା ପରି ପଚାରିଲେ– ହୁଁ.. ଜଲ୍‌ଦି କହ..! ତୋର କ'ଣ ହେଲା? ସିଏ ପୁଅର ଚାକିରି କଥା କହିଲା। ନେତା ତା' କଥା ଶୁଣି କହିଲେ, ହଉ ଦେଖିବା। ଏମିତି ଦେଖିବେ ଦେଖିବେ କହି ଦିନ ବହିଗଲା, ହେଲେ ସେ ଦେଖିଲେ ନାଇଁ!

ତା'ର ଏ ଅବସ୍ଥା ଦେଖି ନେତାଙ୍କର ପାଖଲୋକ ଜଣେ କହିଲା– ଭାଇ, ତମେ ଏମିତି ଦଶଥର ଛାଡ଼ିକି ଦଶହଜାର ଥର ଆସିଲେ ବି ଟଙ୍କା ନ ଦେଲେ କାମ ହେବ ନାଇଁ!

ସିଏ ପଚାରିଲା– କ'ଣ ହେଲା.. ମୋ କାମ କରିବା ପାଇଁ ନେତା ଟଙ୍କା ନେବେ? ଲୋକଟି ମୁଣ୍ଡ ଟୁଙ୍ଗାରି ହଁ କଲା।

ସିଏ ପୁଣି ପଚାରିଲା– କାହିଁକି, ସିଏ ବା ଆମ ସେବକ!

ଲୋକଟି କହିଲା– ଟିକେ ମନେପକାଉନ, ତମେ କ'ଣ ତାଙ୍କୁ ମାଗଣାରେ ଭୋଟ ଦେଇଥିଲ?

ଲୋକଟିର କଥା ଶୁଣି ସିଏ ବୁଝିଗଲା। ଆଉ ତା' ପରଦିନ ଦାବି ମୁତାବକ ନୋଟ୍ ବିଡ଼ା ନେଇ ନେତାଙ୍କର ଖାସ୍ ଲୋକଟିକୁ ଧରାଇଦେଲା। ତା' ପରେ ମଧ୍ୟ କାମ ହେଲା ନାଇଁ। ବର୍ଷ ପରେ ବର୍ଷ ଗଡ଼ି ଚାଲିଲା। ପୁଣି ନିର୍ବାଚନ ଆସିବା ବେଳ ହେଲା।

ସିଏ କହିଲା– ହଉ, ମୋ କାମ ତ କଲନାଇଁ, ଏଥର ମୋ ଟଙ୍କାଟା ହେଲେ ଫେରାଇ ଦିଅ। ନେତା କହିଲେ– ହଉ ଦେଖିବା। ଟଙ୍କା ମାଗିବା ପାଇଁ ସିଏ ବହୁଥର ଧାଇଁଲା। ଆଜି ଦେବେ କାଲି ଦେବେ କହି ଦେଲେ ନାଇଁ। ଦିନେ ନେତାଙ୍କର ଲୋକଟି କହିଲା– ଆଜି ତମ ଟଙ୍କାଟା ମିଳିଥାଆନ୍ତା ଯେ ବଡ଼ ଅଡୁଆ ହୋଇଗଲା। କଥା କ'ଣ କି କାଲି ସନ୍ଧ୍ୟାରୁ ଆଚରଣବିଧି ଲାଗୁ ହୋଇଯାଇଛି।

ସିଏ ପଚାରିଲା– ଆହେ, ସେଇଟା ପୁଣି କ'ଣ?

ନେତାଙ୍କ ଚେଲା କହିଲା– ମାନେ, ଏବେ କାହାକୁ କିଛି ଦେବା କଥା ତ ଛାଡ଼ ନେତା ଯଦି ପ୍ରତିଶ୍ରୁତି ଦେବେ ତଥାପି ବିରୋଧୀମାନେ ହୋହଲ୍ଲା କରି ନେତାଙ୍କ ବିରୋଧରେ ଅଭିଯୋଗ କରିବସିବେ। ତେଣୁ ତମେ ଯାଅ। ନେତାଙ୍କ ପାଇଁ ଲାଗ। ସିଏ ଯେମିତି ଜିତିବେ। ଆଉ ନିର୍ବାଚନ ସରିଗଲେ ଆଚରଣବିଧି ଉଠିଯିବ। ଆଉ ତମ ଟଙ୍କା ଫେରି ପାଇବା ପାଇଁ କିଛି ଅସୁବିଧା ହେବ ନାଇଁ।

ସେଦିନ ସିଏ ଅଧା ଅବୁଝା ହୋଇ ଫେରିଥିଲା। ଫେରିବା ବାଟରେ ଜଣେ ଶିକ୍ଷକଙ୍କ ସହ ଭେଟ ହୋଇଗଲା। ସିଏ ଶିକ୍ଷକଙ୍କୁ ଆଚରଣର ଅର୍ଥ କ'ଣ ବୋଲି ପଚାରିଲା!

ଶିକ୍ଷକ ମହୋଦୟ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରିବାକୁ ଯାଇ କହିଲେ– ଆଚରଣର ଦୁଇଟି ଅର୍ଥ ହୋଇପାରିବ। ଗୋଟିଏ ହେଉଛି ଆ–ଚରଣ! 'ଆ' ମାନେ ଆସ, 'ଚରଣ' ମାନେ ପାଦ। ଏମିତିରେ ଅର୍ଥଟି ହେଉଛି ଚରଣ ତଳକୁ ବା ପାଦ ତଳକୁ ଆସିବା। ଅନ୍ୟ ଅର୍ଥରେ ଆଚରଣ ମାନେ ଢଙ୍ଗଢାଙ୍ଗ ବା ଆଚାର ବ୍ୟବହାର।

ସିଏ ଆଜି ନେତାଙ୍କୁ ତା' ପାଦ ତଳେ ଦେଖି ମନେ ମନେ ଭାବିଲା– ଠିକ୍ ଠିକ୍... ଆ–ଚରଣ ବିଧି ତା' ହେଲେ ଲାଗୁ ହୋଇଯାଇଛି। ମାଷ୍ଟ୍ରେ କହିବା ମୁତାବକ ଆଜି ନେତା ମୋ ପାଦ ତଳେ। ଖାଲି କ'ଣ ସେତିକି.. ନେତାଙ୍କର ଆଚରଣ ମାନେ ଢଙ୍ଗଢାଙ୍ଗରେ ମଧ୍ୟ ଘୋର ପରିବର୍ତ୍ତନ ଦେଖାଦେଇଛି। ରୁକ୍ଷତା ଛାଡ଼ି ସିଏ କୋମଳ ହୋଇଛନ୍ତି। କୋପ ରୂପ ଛାଡ଼ି ସିଏ ଶାନ୍ତ ଲାଗୁଛନ୍ତି। ସେ ମନେମନେ ଭାବିଲା– ଆହା ଏ ଆଚରଣବିଧିଟା ଆଦୌ ନ ଉଠି ସବୁବେଳେ ଏମିତି ଲାଗି ରହନ୍ତାନି!

ମାର୍ଫତ– ଗାନ୍ଧୀ ପଣ୍ଡା, କଳାଘର–ଲେମ୍ପୋ, ଡା–ଅଲରା,
ନରସିଂହପୁର, କଟକ, ମୋ– ୯୩୩୮୫୮୧୩୦୯

## ଏଇ ଭାରତରେ

ଭାରତ ଏକ କୃଷିପ୍ରଧାନ ଦେଶ। ଏଠିକାର ଚାଷ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ବର୍ଷା ନ ହେଲେ ଚାଷୀ ହତାଶ ହୋଇପଡେ। ବର୍ଷା ନ ହେବାରୁ ଅଧିକାଂଶ ସ୍ଥାନରେ ଯଜ୍ଞର ଆୟୋଜନ କରାଯାଇଥାଏ। କୁହାଯାଏ ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କଲେ ଭଲ ବର୍ଷା ହୁଏ। ହେଲେ ମଧ୍ୟପ୍ରଦେଶରେ ରହିଛି ଏଭଳି ଏକ ପରମ୍ପରା, ଯେଉଁଠି ଅଧିକାଂଶ ଗାଁର ଲୋକେ ବର୍ଷା ହେବା ଲାଗି ଜୀବନ୍ତ ବ୍ୟକ୍ତିଙ୍କୁ କୋକେଇରେ ଲଦି ଶୋଭାଯାତ୍ରାରେ ନେଇଥାଆନ୍ତି। ସ୍ଥାନୀୟ ଲୋକଙ୍କ ମତରେ ଯେଉଁ ଗାଁରେ କମ୍ ବର୍ଷା ହୁଏ ଅବା ବର୍ଷା ହେବାକୁ ବିଳମ୍ବ ହୁଏ ସେହିସବୁ ଗାଁର ଲୋକେ ଏମିତି ଶୋଭାଯାତ୍ରା ବାହାର କରିଥାଆନ୍ତି। ଶୋଭାଯାତ୍ରା ପାଇଁ ଏକ କୋକେଇର ବ୍ୟବସ୍ଥା କରାଯାଏ। ଏହାକୁ ଫୁଲରେ ସଜାଇ ଜଣେ ଜୀବନ୍ତ ବ୍ୟକ୍ତିଙ୍କୁ ସେଥିରେ ଶୁଆଇ ଦିଆଯାଏ। ମୃତ ବ୍ୟକ୍ତିଙ୍କ ଶୋଭାଯାତ୍ରା ଭଳି ଏଥିରେ ଗ୍ରାମବାସୀ ସାମିଲ ହୋଇ କୋକେଇକୁ ଗାଁ ପରିକ୍ରମା କରାଇଥାଆନ୍ତି। ଜୀବନ୍ତ ବ୍ୟକ୍ତିଙ୍କ ଏହିଭଳି ଶୋଭାଯାତ୍ରା କଲେ ଇନ୍ଦ୍ରଦେବ ପ୍ରସନ୍ନ ହୋଇ ଗାଁରେ ଆବଶ୍ୟକ ପରିମାଣର ବର୍ଷା କରାଇଥାଆନ୍ତି ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ଘେନି ଆଜି ସେହି ନିଦାରୁଣ ପରିଚୟ,
ସମ୍ମୁଖେ ମୁହିଁ ଉଭା ତୋର ଚିର ଭୟ!
ମୁହିଁ ସେ ଜୀବନ, ମୁହିଁ ତୋର ମହା–ଶୋକ
ଘେନି ପରିଚୟ ହେ ଭୀରୁ ହେ ପଳାତକ।
ପାଶେ ଆସି ତା'ର ବଢ଼ାଇଲି ଧୀରେ କର
ଆଶ୍ଳେଷ ମମ ଯାଚିଲି ନିବିଡ଼ତର।

(ଜୀବନର ସ୍ପର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

[illegible]

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

# ଓଡ଼ିଆ ସାହିତ୍ୟରେ ସଂକଟ

**ଡ. ସୁବାସ ଚନ୍ଦ୍ର ପାତ୍ର**

ଓଡ଼ିଆ ଭାଷା ତଥା ସାହିତ୍ୟ ଘୋର ସଂକଟ ଦେଇ ଗତି କରୁଛି ବୋଲି ଆଲୋଚନା ହୁଏ। ଅବଶ୍ୟ କିଛି ଭାଷାପ୍ରେମୀ ଓଡ଼ିଆ ଭାଷାର ସଙ୍କଟ କଥାଟିକୁ ଏକ ସହରୀ ଆଲୋଚନା ରୂପେ ଅଭିହିତ କରି ଓଡ଼ିଆ ଭାଷା ବେଶ୍ ସୁଦୃଢ଼ ଅଛି ବୋଲି ଦାବି କରନ୍ତି। ଅବଶ୍ୟ ସାହିତ୍ୟ ସମ୍ବନ୍ଧରେ କିନ୍ତୁ ସେ ପ୍ରକାର ଦମ୍ଭୋକ୍ତି ଶୁଣିବାକୁ ମିଳେ ନାହିଁ।

ଓଡ଼ିଆ ସାହିତ୍ୟର ମୂଳ ସଂକଟ ହେଲା ଯୁବପିଢ଼ିଙ୍କ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ପ୍ରତି ଅନାଗ୍ରହ। ଏହି ଅନାଗ୍ରହ ବହୁ ପରସ୍ପର ସହ ସଂଶ୍ଳିଷ୍ଟ ସମସ୍ୟାଗୁଡ଼ିକର ସମ୍ମିଳିତ ଫଳ। ଅଭିଭାବକମାନଙ୍କ ପ୍ରେରଣାର ଅଭାବ, ଇଚ୍ଛୁକ ଯୁବତୀଯୁବକଙ୍କ ଓଡ଼ିଆ ଭାଷାଜ୍ଞାନ ସମ୍ବନ୍ଧରେ ଆତ୍ମବିଶ୍ୱାସର ଅଭାବ, ମେଧାବୀ ଛାତ୍ରୀଛାତ୍ରଙ୍କ ଅଣସାହିତ୍ୟ କ୍ଷେତ୍ରରେ ଯୋଗଦାନ, ସାହିତ୍ୟ ଓ ସାହିତ୍ୟିକମାନଙ୍କ ପ୍ରତି ସାମାଜିକ ଓ ସରକାରୀ ସ୍ୱୀକୃତି ଏବଂ ସମ୍ମାନର ଅଭାବ ଭଳି ଅନେକ ଆନୁଷଙ୍ଗିକ ସମସ୍ୟା ଏହି ମୂଳ ସମସ୍ୟାର ଜନନୀ। ତେବେ ପ୍ରଶ୍ନ ଉଠିପାରେ ମେଧା ସହ ସାହିତ୍ୟର ସମ୍ପର୍କ କ'ଣ? କହିବା ବାହୁଲ୍ୟ ଯେ, ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟିକମାନେ ପ୍ରାୟତଃ ଉଚ୍ଚଶିକ୍ଷିତ। ସାହିତ୍ୟ ଖାଲି ଏକ ପ୍ରେରଣାପ୍ରସୂତ କାର୍ଯ୍ୟ ହୋଇ ରହିନାହିଁ। ଆଧୁନିକ ସାହିତ୍ୟ ରଚନା କ୍ଷେତ୍ରରେ ପ୍ରେରଣା ସହିତ ଗବେଷଣା ଓ ଅଧ୍ୟୟନର ମଧ୍ୟ ସମ୍ପର୍କ ଅଛି। ସାହିତ୍ୟକୁ ଗମ୍ଭୀରତାର ସହ ନେଉ ନ ଥିବା ଲେଖକମାନଙ୍କ ଲେଖା ଏହି ଦୃଷ୍ଟିରୁ ତା'ର ଦାରିଦ୍ର୍ୟ ପ୍ରକାଶ କରେ। ଆନୁଷ୍ଠାନିକ ଶିକ୍ଷା ଥାଉ ବା ନ ଥାଉ ସାହିତ୍ୟ ସୃଷ୍ଟି ପାଇଁ ପ୍ରୟୋଜନ ଏକ ବୁଦ୍ଧିଦୀପ୍ତ ମନ, ଭାଷା ଓ କ୍ଷେତ୍ର ନିର୍ବିଶେଷରେ ବ୍ୟାପକ ଆତ୍ମ ଅଧ୍ୟୟନ, ଘଟିଯାଉଥିବା ଘଟଣାବଳୀକୁ ଭିନ୍ନ ଦୃଷ୍ଟିରେ ଦେଖିବାର ଦକ୍ଷତା। ଆଜିର ଯୁବପିଢ଼ିଙ୍କ ମଧ୍ୟରେ ଯେଉଁମାନଙ୍କ ଭିତରେ ଏ ଦକ୍ଷତା ଅଛି ସେମାନେ ବିଜ୍ଞାନ ଓ କାରିଗରିମୁହାଁ।

ତଥାପି ଯୁବଗୋଷ୍ଠୀର ଯେଉଁ ସଦସ୍ୟମାନେ ସାହିତ୍ୟମନସ୍କ ହୋଇ ରହିଛନ୍ତି ବା ସାହିତ୍ୟ ପ୍ରତି ସମର୍ପିତ ହେବାକୁ ଚାହାନ୍ତି ସେମାନେ ଅନ୍ୟ ସମସ୍ୟାରେ ପୀଡ଼ିତ। ଗୋଟିଏ ପ୍ରମୁଖ ସମସ୍ୟା ହେଲା ଅନୁଭୂତିର ଅଭାବ। ଅର୍ଥାତ୍ ନିଜେ ଅଙ୍ଗେ ନିଭାଇଥିବା ଘଟଣାର ସ୍ୱଳ୍ପତା ଯୋଗୁ ପଢ଼ା ବା ଶୁଣା କାହାଣୀ ବା କଳ୍ପିତ କାହାଣୀ ଦେଇ ସାହିତ୍ୟ ରଚନା କରାଯାଉଥିବାରୁ ଭାବନାର ତୀବ୍ରତାର ଅଭାବ ପାଠକମାନେ ଅନୁଭବ କରୁଛନ୍ତି। ସେଥିପାଇଁ ଆଜିର ଲେଖା, ସେ କବିତା ହେଉ ଅବା ଗଳ୍ପ, ମନକୁ ଛୁଉଁନାହିଁ। ଖାଲି ପ୍ରତ୍ୟକ୍ଷ ଅନୁଭୂତିର ଅଭାବ ନୁହେଁ, ଆଜିକାଲି ଅନେକ ଲେଖକ ଏକ ସୀମିତ ବଳୟରେ ଜୀବନଯାପନ କରୁଛନ୍ତି। ଖୁବ୍ କମ୍ ଯୁବ ଲେଖକଙ୍କ ଜୀବନ ଘଟଣାବହୁଳ ଏବଂ ବୈଚିତ୍ର୍ୟ ତଥା ସଂଘାତ, ସଂଘର୍ଷରେ ଭରା। କୁହାଯାଇପାରେ ଯେ, ଜୀବନର ଘଟଣାବହୁଳତା ଆନୁଷ୍ଠାନିକ ଶିକ୍ଷାର ଅଭାବକୁ ପୂରଣ କରିପାରେ, ଯାହାର ପ୍ରକୃଷ୍ଟ ଉଦାହରଣ ଫକୀରମୋହନ ସେନାପତି। ଏକ ଘଟଣାବହୁଳ ଜୀବନ ଏବଂ ବାଲ୍ୟକାଳରୁ ଶେଷଜୀବନ ପର୍ଯ୍ୟନ୍ତ ବିଭିନ୍ନ ସଂଘର୍ଷରେ 'ସମୃଦ୍ଧ' ଫକୀରମୋହନଙ୍କ ସାରସ୍ୱତ ଜୀବନକୁ ନିମ୍ନପ୍ରାଥମିକ ଶିକ୍ଷା କବଳିତ କରିପାରିନାହିଁ।

ଯୁବଲେଖକମାନଙ୍କ ଦୈନନ୍ଦିନ ସାମାଜିକ ଜୀବନ ଖାଲି ସୀମିତ ନୁହେଁ ସେମାନଙ୍କ ବୌଦ୍ଧିକ, କଳାତ୍ମକ, ସାଂସ୍କୃତିକ ଜୀବନ ମଧ୍ୟ ସୀମିତ। ଓଡ଼ିଆ ସାହିତ୍ୟ ସାଧନା କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଅନେକ ଯୁବଲେଖକ ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶାର ଇତିହାସ, କଳା, ଲୋକକଥା, ପୁରାଣ, ପରମ୍ପରା, ସାମାଜିକ ତଥା ଭୌଗୋଳିକ ବୈଚିତ୍ର୍ୟ ସମ୍ବନ୍ଧରେ ସେତେ ଅଭିଜ୍ଞ ଭଳି ଜଣାପଡ଼ନ୍ତି ନାହିଁ। ଅର୍ଥାତ୍ ଅତୀତ ଓ ବର୍ତ୍ତମାନ ଉଭୟ ବିଷୟରେ ସୀମିତତା ସେମାନଙ୍କ ଲେଖାକୁ ପ୍ରଭାବିତ କରୁଛି। ନିଜ ରଚନାରେ ପ୍ରାଚୀନ ରଚନା ଅବା ପୌରାଣିକ ରଚନା ଅବା ଲୋକକଥାକୁ ଉପମା ହିସାବରେ ବା ଏକ ପ୍ରସଙ୍ଗ ହିସାବରେ ଉତ୍ଥାପନ କରି ନିଜ ଲେଖାର ପରିଧିକୁ ସେମାନେ ଆହୁରି ଅଧିକ ବ୍ୟାପକ ତଥା ସମୃଦ୍ଧ କରିପାରନ୍ତେ, ଯାହା ପାଠକମାନଙ୍କୁ ଭିନ୍ନ ସ୍ୱାଦ ଦେଇପାରନ୍ତା। ଏହା ସହିତ ସଂସ୍କୃତ ସାହିତ୍ୟ ବା ରଚନାରେ କାମଚଳା ପ୍ରବେଶରୁ ବଞ୍ଚିତ ଯୁବଗୋଷ୍ଠୀଙ୍କ ସାହିତ୍ୟ ସେହି ଅନୁପାତରେ ପ୍ରଭାବିତ। ଖାଲି ସଂସ୍କୃତ ନୁହେଁ ଇଂଲିଶ ଏବଂ ଅନ୍ୟ ଭାରତୀୟ ଭାଷାରେ ଲିଖିତ ସାହିତ୍ୟ ବିଷୟକ ପ୍ରତ୍ୟକ୍ଷ ବା ପରୋକ୍ଷ ଜ୍ଞାନ ଜଣେ ସଫଳ ସାହିତ୍ୟିକଙ୍କ ପାଇଁ ନିତାନ୍ତ ଜରୁରୀ।

ଓଡ଼ିଆ ସାହିତ୍ୟର ଦୁରବସ୍ଥା ଜାଣିବା ପାଇଁ କ୍ୟାମ୍ପସ ସାହିତ୍ୟ ଉପରେ ନଜର ପକାଇବା ଠିକ୍ ହେବ। ସେ ମନୋଜ ଦାସ ହୁଅନ୍ତୁ ଅବା ରମାକାନ୍ତ ରଥ ବା କହ୍ନେଇଲାଲ ଦାସ, ଓଡ଼ିଶାର ପ୍ରାୟ ସମସ୍ତ ବରିଷ୍ଠ ଲେଖକ ସେମାନଙ୍କର ପ୍ରତିଭାର ଛାପ ବହୁ ଆଦ୍ୟ ବୟସରୁ ଛାଡ଼ିବା ଆରମ୍ଭ କରି ଦେଇଥିଲେ। ମନୋଜ ଦାସଙ୍କ ପ୍ରଥମ କବିତା ପୁସ୍ତିକା 'ଶତାବ୍ଦୀର ଆର୍ତ୍ତନାଦ' ତାଙ୍କ ୧୫ ବର୍ଷ ବୟସରେ, ସେ ନବମ ଶ୍ରେଣୀରେ ପଢ଼ିବାବେଳେ ପ୍ରକାଶିତ ହୋଇଥିଲା। ସ୍କୁଲ ନ ହେଲେ ବି କଲେଜରେ ଅଧ୍ୟୟନ କାଳରେ ସେମାନେ ସେମାନଙ୍କ ସାରସ୍ୱତ ଗୁଣାତ୍ମକତା ପ୍ରଦର୍ଶନ କରି ପାରିଥିଲେ। ଆଜି ଯଦି ଓଡ଼ିଶାର କଲେଜଗୁଡ଼ିକର ସାହିତ୍ୟ ମୁଖପତ୍ର ଉପରେ ଦୃଷ୍ଟି ଦିଆଯାଏ ତା'ହେଲେ ଜଣଙ୍କୁ ନିରାଶ ହେବାକୁ ପଡିବ୍। ନା ଛାତ୍ରୀଛାତ୍ରମାନଙ୍କ କୌଣସି ଲେଖା ପ୍ରଭାବିତ କରିବ ନା ଅଧ୍ୟାପକମାନଙ୍କର। ଯାହା ବି କିଛି ଗତାନୁଗତିକ ଧାରାରେ ପ୍ରକାଶିତ ହୁଏ, ତାହା ଅତି ଅପରିପକ୍ୱ ଏବଂ ସାଧାରଣ, ଭବିଷ୍ୟତ ନିର୍ମାଣର ସମ୍ଭାବନା ତା' ଭିତରେ ନାହିଁ।

ଆଜି ସାହିତ୍ୟ ପତ୍ରିକାଗୁଡ଼ିକୁ ତେଣୁ ସେହି ବରିଷ୍ଠ ତଥା ପ୍ରତିଷ୍ଠିତ ଲେଖକମାନଙ୍କ ଉପରେ ଭରସା କରିବାକୁ ପଡୁଛି। ସ୍ଥଳବିଶେଷରେ କିଛି ପ୍ରତିଷ୍ଠିତ ଦିବଂଗତ ଲେଖକଙ୍କ ଲେଖା ବା ବରିଷ୍ଠ ଲେଖକମାନଙ୍କ ପୁରୁଣା ଲେଖାକୁ ବିଭିନ୍ନ ଆଳରେ ପ୍ରକାଶ କରାଯାଉଛି, ଯାହା ପଛରେ ଲୁଚି ରହୁଛି ସମ୍ପାଦକମାନଙ୍କ ଅସହାୟତା। ଓଡ଼ିଶାର ଗୋଟିଏ ଲୋକପ୍ରିୟ ଗଳ୍ପ ପତ୍ରିକାର ସମ୍ପାଦକ କ୍ଷୋଭର ସହ ଲେଖିଥିଲେ, ଆଗରୁ ନବପ୍ରତିଭା ଅନ୍ୱେଷଣକ୍ରମରେ ଶତାଧିକ ଲେଖା ମିଳୁଥିଲାବେଳେ ଆଜିକାଲି ତାହା ଦୁଇ ଅଙ୍କରେ ସୀମିତ ହେଲାଣି ଯେଉଁଥିରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ବାଛିବାକୁ ସଂଘର୍ଷ କରିବାକୁ ପଡୁଛି।

ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ଯେ, ଆଜିକାଲି ଯୁବ ଲେଖକଙ୍କ ଲେଖାସମୂହ ମଧ୍ୟରେ ଏକ କେନ୍ଦ୍ରୀୟ ଭାବଧାରା ଦେଖିବାକୁ ମିଳୁନାହିଁ। ସେମାନଙ୍କ ଲେଖାରୁ ସେମାନଙ୍କ ଜୀବନଦର୍ଶନ, ବିଶ୍ୱାସ ବା ଦୃଷ୍ଟିଭଙ୍ଗୀ ଜାଣିବା ସମ୍ଭବ ନୁହେଁ। ଅଧିକାଂଶ ଲେଖା ବିକ୍ଷିପ୍ତ ଚିନ୍ତନ ପରି ଜଣାପଡ଼େ। ସ୍ୱାଧୀନତୋତ୍ତର କାଳରେ କେତେକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଯାହାକୁ ନେଇ ଉଭୟ ପାଠକ ଓ ଲେଖକ ଆନ୍ଦୋଳିତ ଥିଲେ, ତାହା ହିଁ ଥିଲା ସାହିତ୍ୟର କଥାବସ୍ତୁ। ତାହା ଉପନିବେଶବାଦର ବା ସାମନ୍ତବାଦର ଚାବୁକ ହୋଇପାରେ, ମଣିଷକୃତ ଦାରିଦ୍ର୍ୟ, ଅଜ୍ଞତା, ବ୍ୟାଧି, ଅନ୍ଧବିଶ୍ୱାସର କରାଳ ଚିତ୍ର ହୋଇପାରେ। ପରବର୍ତ୍ତୀ ସମୟରେ ଉଭୟେ ପାଠକ ଓ ଲେଖକ ଭୋଗୁଥିବା ସମାନ ଦଶାସମ୍ବଳିତ କଥା ସାହିତ୍ୟରେ ତାହା ଦେଖିବାକୁ ମିଳିଲା ନାହିଁ। ଖରାପ ସମୟ ଦେଇ ଗତି କରୁଥିବା ସାହିତ୍ୟରେ ସଙ୍କଟ ଆହୁରି ଘନୀଭୂତ ହେଲା।

ମୋ–୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ଥାୟୀ ସମାଧାନ ଯୁଦ୍ଧ ନୁହେଁ

ମହାଶୟ,

ସାରା ବିଶ୍ୱରେ ଆତଙ୍କବାଦର ଚେର ପାକିସ୍ତାନରୁ ଲମ୍ବିଥିବା ବେଳେ ଭାରତକୁ ସବୁଠୁ ଅଧିକ ଆତଙ୍କବାଦୀ ଆକ୍ରମଣର ସାମ୍ନା କରିବାକୁ ପଡୁଛି। ତେବେ ଏହାର ସ୍ଥାୟୀ ସମାଧାନ ଯୁଦ୍ଧ ନୁହେଁ। କଶ୍ମୀର ଯୁବକମାନଙ୍କୁ ଜୈସ୍ ଓ ଲଶ୍କର–ଇ–ତୋଇବା ଯେପରି ଅର୍ଥ, ଅସ୍ତ୍ର ଦେଇ ବିପଥଗାମୀ କରୁଛନ୍ତି ଓ ତାଙ୍କୁ ହୁରିୟତ୍ ନେତାମାନେ ସମର୍ଥନ ଦେଉଛନ୍ତି ତାକୁ ମଧ୍ୟ ବନ୍ଦ କରିବାକୁ ହେବ। ଭାରତକୁ ଖଣ୍ଡ ଖଣ୍ଡ କରିବା ପାଇଁ ଯେଉଁ ଲବି କାମ କରୁଛି ତା' ପଛରେ କେତେକ ରାଜନୈତିକ ଦଳର ସମର୍ଥନ ରହିଛି। ଅତିଶୀଘ୍ର ସେହି ଲବିକୁ ଧ୍ୱଂସ କରିବାକୁ ହେବ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବିଶ୍ୱବିଦ୍ୟାଳୟ ଦାବି ପୂରଣ କରାଯାଉ

କେନ୍ଦୁଝର ଜିଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲାବାସୀ ଦୀର୍ଘ ୩୦ ବର୍ଷ ଧରି ଦାବି କରି ଆସୁଛନ୍ତି। ବାରିପଦା ଓ ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ହେଲା। ହେଲେ କେନ୍ଦୁଝରରେ ବିଶ୍ୱବିଦ୍ୟାଳୟ ହୋଇପାରିଲା ନାହିଁ। ଜିଲାବାସୀ ଧରଣୀଧର ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଦାବି କରୁଛନ୍ତି। ଜିଏମ୍ କଲେଜ, ଖଲିକୋଟ କଲେଜ, ରମାଦେବୀ କଲେଜ, ବଲାଙ୍ଗୀର କଲେଜ ଓ କଳାହାଣ୍ଡି କଲେଜକୁ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ କରାଯାଇଥିଲେ ମଧ୍ୟ କେଉଁ କାରଣରୁ କେନ୍ଦୁଝରର ଦାବିକୁ ଅଣଦେଖା କରାଯାଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଅନ୍ତୁ।

–ଡମ୍ବରୁଧର ଘଣା, ନୂଆଦିଲ୍ଲୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୪ ଏପ୍ରିଲ ୧୯୯୪**

- ଉଗାଣ୍ଡା ରାଷ୍ଟ୍ରପତି ଓଏରୀ ମୁସେଭେନିଙ୍କ କ୍ଷମତାସୀନ ଦଳ ଦେଶର ନୂତନ ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ରାଷ୍ଟ୍ରପତି ଡକ୍ଟର ଶଙ୍କର ଦୟାଲ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଗୋଆ ରାଜ୍ୟପାଳ ଭାନୁପ୍ରକାଶ ସିଂଙ୍କ ଇସ୍ତଫା।

■ ବିଜେଡି-କଂଗ୍ରେସ ମଧ୍ୟରେ କଡ଼ା ଟକ୍କର

# ମନୋହରଙ୍କ ପାଇଁ ଅଡୁଆ ମନୋହର

**ସଦାଶିବ ପ୍ରହରାଜ**
**ନବରଙ୍ଗପୁର,୩।୪**

ନବରଙ୍ଗପୁର ଜିଲା ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ କବଜାରେ ରହିଛି। ଏଠାରୁ କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝି ଲଗାତର ୨ ଥର ଜିତିଛନ୍ତି। ଏହି ଆସନକୁ ନିଜ କବଜାକୁ ଆଣିବା ପାଇଁ ଏଥର ବିଜେଡି ରଣନୀତିରେ ପରିବର୍ତ୍ତନ କରିଛି। ପୂର୍ବରୁ ପ୍ରାର୍ଥୀ ହୋଇ ଆସୁଥିବା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କୁ ବିଜେଡି ଏଥର ଟିକେଟ ଦେଇ ନାହିଁ। ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଗଡ ଭାଙ୍ଗି ୨ଥର ନିର୍ବାଚିତ ହୋଇଥିବା ମନୋହର ରନ୍ଧାରୀଙ୍କୁ ବିଜେଡି ଏଠାରୁ ପ୍ରାର୍ଥୀ କରିଛି। ସେହିପରି ଭାଜପା ପଦ୍ମନ ନାୟକଙ୍କୁ ପ୍ରାର୍ଥୀ କରିଛି । ସ୍ୱାଧୀନ ପ୍ରାର୍ଥୀ ଭାବେ ମନୋହର ରନ୍ଧାରୀ ନାମରେ ଆଉ ଜଣେ ପ୍ରାର୍ଥୀ ହୋଇଛନ୍ତି। ବିଏସପିରୁ ଡମ୍ବୁସିଂ ମାଝୀ ପ୍ରାର୍ଥୀ ହୋଇଛନ୍ତି। ଡାବୁଗାଁ ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ମନୋହର ଓ ଭାଜପାର ପଦ୍ମନ ନୂଆଁ ମୁହଁ ହୋଇଥିବା ବେଳେ ଭୁଜବଳ ପୁରୁଣା। ମନୋହର (ବିଜେଡି)ଏଠାରୁ ନିର୍ବାଚନ ଲଢିବା ପାଇଁ ଗତ ୮ ମାସ ଧରି ସଙ୍ଗଠନ କରିଛନ୍ତି। ତେବେ ଆଶାୟୀ ଥିବା ମୋତିରାମ ନାୟକଙ୍କୁ ଟିକେଟ ନ ମିଳିବାରୁ ସେ ଓ ତାଙ୍କ ସମର୍ଥକମାନେ ମନୋହର(ବିଜେଡି)ଙ୍କୁ ସମର୍ଥନ ଓ ସହଯୋଗ କରିବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର। ଏଭଳି ସ୍ଥିତିରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଉ ଜଣେ ମନୋହର ନିର୍ବାଚନୀ ମଇଦାନରେ ଲଢେଇ କରୁଛନ୍ତି। ୨ ଜଣ ପ୍ରାର୍ଥୀଙ୍କ ସମାନ ନାମ ହୋଇଥିବାରୁ ଏହା ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଇବ। କଂଗ୍ରେସକୁ ଏହା ସୁହାଇବ ବୋଲି କୁହାଯାଉଛି। ତେବେ ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। କିନ୍ତୁ ବିଜେଡି ଓ ଭାଜପା ମଧ୍ୟରେ କଡା ମୁକାବିଲା ହେବ ବୋଲି ଅନୁମାନ କରାଯାଉଛି।

ବିଜେଡି ସରକାର ଆଦିବାସୀଙ୍କ ଶିକ୍ଷା ପାଇଁ ନେଇଥିବା ପଦକ୍ଷେପ, ନାରୀ ସଶକ୍ତୀକରଣ ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ୱୀ ହୋଇଥିବା,ଚାଷୀଙ୍କ ପାଇଁ କାଳିଆ ଯୋଜନା, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା, ଡାବୁଗାଁରେ ସମାଧାନ ହୋଇଥିବା ଲୋ-ଭୋଲଟେଜ ସମସ୍ୟା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ନେଇ ନିର୍ବାଚନୀ ବୈତରଣୀ ପାର ହେବେ ବୋଲି ମନୋହର କହିଛନ୍ତି।

ଜଳସେଚନ ସୁବିଧା ନ ଥିବା, ପିଇବା ପାଣି ସମସ୍ୟା, ଜଙ୍ଗଲ ଜମି ବିବାଦ, ବିଦ୍ୟୁତ କାଟ, ନାରୀ ନିର୍ଯାତନା ଓ ଦାଦନ ଶ୍ରମିକ ସମସ୍ୟା, ଉଚ୍ଚଶିକ୍ଷା ପାଇଁ ସରକାରୀ ଶିକ୍ଷାନୁଷ୍ଠାନ ନଥିବା ଆଦି ଅଭିଯୋଗ ଆଣି ଭୁଜବଳ ନିର୍ବାଚନ ପ୍ରଚାର କରୁଛନ୍ତି। କଂଗ୍ରେସ ସରକାର ଆସିଲେ କୃଷି ଋଣ ଛାଡ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦ ଟଙ୍କା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଏକ ହଜାର ଟଙ୍କା, ଯୁବକଙ୍କୁ ରୋଜଗାର ଗ୍ୟାରେଣ୍ଟିକୁ ପ୍ରସଙ୍ଗ କରି ଭୋଟରଙ୍କ ନିକଟକୁ ଯାଉଥିବା ଭୁଜବଳ କହିଛନ୍ତି।

ବିପର୍ଯ୍ୟସ୍ତ ଶିକ୍ଷା,ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନିର୍ବାଚନୀ ପ୍ରସଙ୍ଗ କରିବା ସହ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଆସନ୍ତା ୨୦୨୨ ସୁଦ୍ଧା ଜଣେ ମଧ୍ୟ ଗରିବ ରହିବେ ନାହିଁ। ଆସନ୍ତା ୫ ବର୍ଷରେ ସମସ୍ତ ଗରିବଙ୍କୁ ଜମି ଓ ଘର ଯୋଗାଇ ଦିଆଯିବ କହି ଭାଜପା ପ୍ରାର୍ଥୀ ପଦ୍ମନ ଭୋଟରଙ୍କ ନିକଟରେ ପହଞ୍ଚୁଛନ୍ତି। ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ଭାଜପାର ସଙ୍ଗଠନ ସେତେଟା ସୁଦୃଢ ନଥିଲେ ମଧ୍ୟ ୧ ତାରିଖରେ ଉମରକୋଟ ଠାରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନିର୍ବାଚନୀ ପ୍ରଚାର ପରେ ଡାବୁଗାଁ ନିର୍ବାଚନ ମଣ୍ଡଳୀ ଉପରେ କିଛିଟା ପ୍ରଭାବ ପକାଇଛି ବୋଲି କୁହାଯାଇଛି।

### ଡାବୁଗାଁ ନିର୍ବାଚନମଣ୍ଡଳୀ


ଭୂଜବଳ ମାଝି


ପଦ୍ମନ ନାୟକ


ମନୋହର ରନ୍ଧାରି

| ୨୦୦୯ ନିର୍ବାଚନ ଫଳାଫଳ | | |
|---|---|---|
| ଭୁଜବଳ ମାଝି | କଂଗ୍ରେସ | ୪୪୭୨୩ |
| ମୋତିରାମ ନାୟକ | ବିଜେଡି | ୩୭୩୪୯ |
| ମୋହନ ମାଝୀ | ଭାଜପା | ୨୨୫୪୩ |

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ଭୁଜବଳ ମାଝି | କଂଗ୍ରେସ | ୬୨୨୫୭ |
| ମୋତିରାମ ନାୟକ | ବିଜେଡି | ୫୬୮୬୦ |
| ଶଶିଧର ମାଝୀ | ଭାଜପା | ୧୦୮୫୩ |

**ଡାବୁଗାଁ ନିର୍ବାଚନମଣ୍ଡଳୀର ପରିସୀମା**

ଡାବୁଗାଁବିଧାନସଭା ନିର୍ବାଚନମଣ୍ଡଳୀ କୋଷାଗୁମୁଡା ବ୍ଲକର ୧୫ଟି ପଞ୍ଚାୟତ, ପାପଡ଼ାହାଣ୍ଡି ବ୍ଲକର ୨୩ଟି ପଞ୍ଚାୟତ ଏବଂ ଡାବୁଗାଁ ବ୍ଲକର ୧୨ ଟି ପଞ୍ଚାୟତକୁ ନେଇ ଗଠିତ।

**ମୋଟ ଭୋଟର ସଂଖ୍ୟା ୧,୯୩,୯୩୮**

| ମହିଳା ଭୋଟର ୯୯,୧୨୧ | ପୁରୁଷ ଭୋଟର ୯୪,୮୦୪ | ଅନ୍ୟାନ୍ୟ ୧୩ |
|---|---|---|

■ ବୁଢାନ୍‌ଙ୍କ ଇସ୍ତଫା ଗୃହୀତ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଭାଜପା ନେତାଙ୍କ ଉଦ୍ୟମ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଭାଜପା ପକ୍ଷରୁ ମୟୂରଭଞ୍ଜ ଜିଲା ସାରସକଣା ପ୍ରାର୍ଥୀ ହୋଇଥିବା ବୁଢାନ ମୁର୍ମୁଙ୍କ ସରକାରୀ ଚାକିରୀରୁ ଇସ୍ତଫା ପତ୍ର ଗୃହୀତ ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରେ ଏହା ଅଟକି ରହିଛି। ଯାହା ଫଳରେ ବୁଢାନ ପ୍ରାର୍ଥୀପତ୍ର ଦାଖଲ କରିପାରୁ ନାହାନ୍ତି। ଗତ ଅକ୍ଟୋବରରୁ ବୁଢାନ ଇସ୍ତଫା ଦେଇଥିଲେ ବି, ରାଜ୍ୟ ସରକାର ଜାଣିଶୁଣି ମଞ୍ଜୁର କରୁ ନ ଥିବା ଭାଜପା ଅଭିଯୋଗ କରିଛି। ଏହି କ୍ରମରେ ଦଳର ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଏବଂ ବୁଢାନ୍ ବୁଧବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। ହେଲେ ଶେଷ ଖବର ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ସହ ସେମାନଙ୍କ ସାକ୍ଷାତ୍ ହୋଇପାରିନାହିଁ।


ନବୀନ ନିବାସରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଭାଜପା ନେତାଙ୍କୁ ପୋଲିସ ଅଟକାଉଛି।

ସେମାନେ ନବୀନ ନିବାସକୁ ଯିବା ସମୟରେ ତାଙ୍କୁ ମୁଖ୍ୟ ଫାଟକ ସମ୍ମୁଖରେ ପୋଲିସ ଅଟକାଇଥିଲା। ପୋଲିସ ସେମାନଙ୍କୁ ଗଣମାଧ୍ୟମ ପ୍ରତିନିଧିଙ୍କ ମାନଙ୍କ ପାଇଁ ହୋଇଥିବା ଟେଣ୍ଟ ହାଉସ ନିକଟରେ ବସିବାକୁ ନିର୍ଦ୍ଦେଶ ଦେଇଥିଲା।

ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନବୀନ ନିବାସରେ ସମ୍ମୁଖରେ ବସିବା ପରେ ଭାଜପା ନେତୃବୃନ୍ଦ ଦଳୀୟ କାର୍ଯ୍ୟାଳୟକୁ ଫେରିଥିଲେ। ମଙ୍ଗଳବାର ଏହି ଘଟଣାକୁ ନେଇ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା।

# ବିଜେଡି ଛାଡ଼ିଲେ ଅଭିନେତା ସାତ୍ୟକୀ ମିଶ୍ର

**କଟକ ଅଫିସ, ୩।୪**

ଚଳଚ୍ଚିତ୍ର ଅଭିନେତା ତଥା ବିଜେଡିର ତାରକା ପ୍ରଚାରକ ସାତ୍ୟକୀ ମିଶ୍ର ବୁଧବାର ଦଳରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫାପତ୍ର ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଛାତ୍ର ଜୀବନରୁ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଜନତା ଦଳର ଜଣେ କର୍ମୀ ଭାବେ କଟକ ସହରରେ କାମ କରୁଥିଲେ। ଏହାପରେ ୨୦୦୯ରେ ସାତ୍ୟକୀ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିଲେ। ସେବେଠାରୁ ସେ ବିଜେଡିର ଜଣେ ତାରକା ପ୍ରଚାରକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଦଳ ତାଙ୍କୁ ରାଜନୀତିରେ ସୁଯୋଗ ଦେବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରିନାହିଁ ବୋଲି ସାତ୍ୟକୀ କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ବିଜେଡିରେ ଶୃଙ୍ଖଳା ନାହିଁ। କେହି କାହାର କଥା ଶୁଣିବା ଅବସ୍ଥାରେ ନାହାନ୍ତି। ତେଣୁ ଏଭଳି ବିଶୃଙ୍ଖଳିତ ସ୍ଥିତିରେ ବିଜେଡିରେ ରହିବା ପାଇଁ ସେ ଉଚିତ୍ ମଣୁନାହାନ୍ତି। ତେବେ ଅନ୍ୟ କୌଣସି ଦଳକୁ ଯିବାର ସେଭଳି ଯୋଜନା ନ ଥିବା ସାତ୍ତ୍ୱିକ କହିଛନ୍ତି। ସାତ୍ୟକୀଙ୍କ ଇସ୍ତଫା ସମ୍ପର୍କରେ ବିଜେଡିର ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ଖବର ନ ଥିବା କହିଥିଲେ।



ଆର.ଉଦୟଗିରିରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# ନବୀନବାବୁ ଯୋଜନା ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି: ଧର୍ମେନ୍ଦ୍ର

**ଆର.ଉଦୟଗିରି,୩।୪(ଡି.ଏନ.ଏ.)**

ଓଡ଼ିଶାବାସୀ ଏବେ ପରିବର୍ତ୍ତନ ଚାହୁଁଛନ୍ତି। କେନ୍ଦ୍ରରେ ମୋଦି ସରକାର ଏବଂ ଓଡ଼ିଶାରେ ଭାଜପା ସରକାର ପ୍ରତିଷ୍ଠା ହେଲେ ରାଜ୍ୟର ବିକାଶ ହେବ। ବିକାଶ ପାଇଁ ଡବଲ ଇଞ୍ଜିନବାଲା ସରକାର ଆବଶ୍ୟକ। ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଆର.ଉଦୟଗିରରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ସେ ଆହୁରି କହିଥିଲେ, ଓଡ଼ିଶାରେ ୧୯ ବର୍ଷ ଶାସନରେ ରହି ନବୀନବାବୁ କେବଳ ବିଭିନ୍ନ ଯୋଜନା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏଠି ନିଯୁକ୍ତିର ସୁଯୋଗ ନ ଥିବାରୁ ଶିକ୍ଷିତ ଯୁବକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କେନ୍ଦ୍ର ସରକାର ମାତ୍ର ୫ ବର୍ଷ ମଧ୍ୟରେ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଉଜ୍ଜ୍ୱଳା, ସୌଭାଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଫଳ ରୂପାୟନ କରି ବିକାଶର ଧାରାକୁ ବଜାୟ ରଖିଛନ୍ତି। ଓଡ଼ିଶାରେ ଭାଜପା ସରକାର ଆସିଲେ କେହି ଜଣେ ହେଲେ ବି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବେ ନାହିଁ। ଭୂମିହୀନଙ୍କୁ ଜମିପଟ୍ଟା, ଗରିବ ପରିବାରକୁ ପକ୍କାଘର ପ୍ରଦାନ କରାଯିବ। ତେଣୁ ଅଞ୍ଚଳର ବିକାଶ ସହ ରାଜ୍ୟର ହିତ ପାଇଁ ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ମୋହନା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁରୋଧ କରିଥିଲେ।



ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ସମାବେଶରେ ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସମେତ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ବିଧାୟିକା ବାସନ୍ତୀ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ଅନିତାରାଣୀ ମଣ୍ଡଳ, ଜିଲା ସଭାପତି କେ. ଭେଙ୍କଟ ରମଣାରାଓ, ମହେନ୍ଦ୍ରଗଡ଼ ସରପଞ୍ଚ ବୀର ଭାସ୍କର ପାଇକ, ବ୍ଲକ ଉପାଧ୍ୟକ୍ଷ ନବୀନ ରଇତ, ଆର.ଉଦୟଗିରି ମଣ୍ଡଳ ସଭାପତି ଭୂଷଣ ପୂଜାରୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୂର୍ବାହ୍ନ ୧୦ଟାରେ ଆର.ଉଦୟଗିରିରେ ପହଞ୍ଚିବାର ଥିଲା। ତେବେ କୌଣସି କାରଣରୁ ବିଳମ୍ବ ହେବାରୁ ଅପରାହ୍ନ ୩.୨୦ମି.ରେ ହେଲିକପ୍ଟରରେ ଆସି ଆର.ଉଦୟଗିରି ମିନି ଷ୍ଟାଡିୟମରେ ଓହ୍ଲାଇଥିଲେ। ସେଠାରୁ ନେତା ଓ କର୍ମୀମାନେ ତାଙ୍କୁ ଆତସିଂ ଛକ ପେଣ୍ଠୁଲୁ ପଡ଼ିଆକୁ ପାଛୋଟି ନେଇଥିଲେ।

# ଯୁବ କଂଗ୍ରେସ କର୍ମୀଙ୍କୁ ଏସ୍‌ଡିପିଓଙ୍କ ମାଡ଼

■ ପ୍ରତିବାଦରେ ଥାନା ଘେରାଉ

**ମାଲକାନଗିରି,୩।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କଂଗ୍ରେସ କମିଟିର ନବରଙ୍ଗପୁର ଯୁବ ସଂସଦୀୟ ମଣ୍ଡଳୀର ସମ୍ପାଦକଙ୍କୁ ବୁଧବାର ଏସ୍‌ଡିପିଓ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ଥାନା ଘେରାଉ କରାଯାଇଥିଲା। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ମାର୍କାପାଲ୍ଲିଠାରେ କଂଗ୍ରେସର ଏକ ନିର୍ବାଚନୀ ପ୍ରଚାରରେ ଛତିଶଗଡ ମନ୍ତ୍ରୀ ଲାଖମା କବାସୀ ଯୋଗ ଦେଇଥିଲେ। ସେଠାରୁ ମନ୍ତ୍ରୀ ସଭା ସାରି ଫେରୁଥିବା ସମୟରେ କୌଣସି କାରଣରୁ କଂଗ୍ରେସର ନବରଙ୍ଗପୁର ଯୁବ ସଂସଦୀୟ ମଣ୍ଡଳୀର ସମ୍ପାଦକ ରବି ରାଜେଶଙ୍କୁ ମାଲକାନଗିରି ଏସ୍‌ଡିପିଓ ହୃଷିକେଶ ଟି. କିଲାରି ଚାପୁଡା ମାରିଥିବା ଅଭିଯୋଗ ହୋଇଛି। ଉତ୍ତ୍ୟକ୍ତ କଂଗ୍ରେସ କର୍ମୀମାନେ ମାଲକାନଗିରି ଥାନା ଘେରାଉ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ ମାଲକାନଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ଦାବି କରିଛି। ଜଣେ ଉପରିସ୍ଥ ଅଧିକାରୀଙ୍କ ଏଭଳି ଆଚରଣକୁ କଂଗ୍ରେସ କର୍ମୀମାନେ ନିନ୍ଦା କରିଛନ୍ତି। ଏନେଇ ଆଗାମୀ ଦିନରେ ଦଳ ନିର୍ବାଚନ କମିଶନଙ୍କୁ ଜଣାଇବ । ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଏ ସମ୍ପର୍କରେ ଏସଡିପିଓ କିଲାରିଙ୍କୁ ପଚାରିବା ପାଇଁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ମାଲକାନଗିରି ଆଇ.ଆଇ.ସି ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, କଂଗ୍ରେସର ଏତଲା ପାଇଛି। ଏହାର ତଦନ୍ତ କରାଯାଉଛି।

**DIRECTORATE OF TECHNICAL EDUCATION & TRAINING, ODISHA,**
**KILLAMAIDAN, BUXIBAZAR, CUTTACK-753001**
email:dacdtetodisha@gmail.com Website: http://www.dtetorissa.gov.in

No.: 01-KK

**NOTICE**

**DIPLOMA ADMISSION – 2019**

**Admission to 1st Semester Diploma in Engineering/ Technology/ Part-Time, Lateral Admission to 3rd Sem. Engineering/ Technology & 1st Sem./ 1st Year Non-Engineering/ Film & TV Courses.**

ONLINE Applications are invited from eligible candidates for admission to 1st Semester Diploma Courses in Engineering/ Technology, Lateral Admission of the eligible candidates to 3rd Semester Diploma Engineering/ Technology/ Courses, 1st Semester / 1st year Non-Engineering, Film & Television (available at BPFTIO, Cuttack) / Part Time Diploma Courses for the session 2019-20.

ELIGIBILITY:

A) (i) **Admission to 1st Semester of Engineering / Technology :** Pass in HSC examination/ 10th standard examination conducted/ declared equivalent by BSE, Odisha and obtained at least 35% marks in aggregate, securing 30% marks in each subject at the qualifying examination with Mathematics, Science & English subjects.

(ii) **Admission to Part-Time programme of Engineering / Technology (4 years Course):** Educational qualification as mentioned above at **A (i)** and 2 years ITI after 10th Standard **or** Educational qualification as mentioned above at **A(i)** and minimum of Two (02) years full time work experience in a registered Firm/Company/ Industry/Educational and/ Government, Autonomous Organizations in the relevant field in which admission is sought.

(iii) **Admission to 3rd Semester under Lateral Entry Scheme for eligible candidates :** Pass in +2 Science Examination from CHSE, Odisha or its equivalent examination with PCM / +2 Vocational (2 years course) in any Engineering Trade / 2 years ITI in Engineering Trade with pass in HSC examination / 10 standard examination conducted / declared equivalent by BSE, Odisha securing 30% mark in each subject at the qualifying examination.

**Age:** Minimum 14 years for all courses except Mining/Drilling and Minimum 16 years for Mining/Drilling as on 01.07.2019. No Upper Age limit.

**Reservation:** Reservation under different categories will be applicable for Odisha State candidates only as per norms specified by Government of Odisha.

**Outside State Candidates:** Outside State candidates fulfilling eligibility criteria are also eligible for:

(i) Admission to 1st Semester of 3 year Diploma Engineering Courses against 15% seats reserved for them in Private Engineering Schools & Polytechnics only.

(ii) They are also eligible to take admission under Lateral Entry provided they have prosecuted their study for the qualifying examination in an institution having approval from the competent authority after exhaustion of State Merit list.

B) **Admission to Film & TV Courses (Available at BPFTIO, Cuttack) :**

(i) **Cinematography / Sound & TV Engineering:** 10+2 Science from any State Board/ ICSE/ CBSE or equivalent declared by CHSE, Odisha with minimum 35% marks in aggregate.

(ii) **Film & Video Editing:** 10+2 Science / Arts / Commerce from any State Board/ ICSE/ CBSE or equivalent declared by CHSE, Odisha with minimum 35% marks in aggregate.

**Age:** 16 to 28 years as on 01.06.2019. For SC/ST candidates, upper age limit is relaxed by 3 years.

C) **Admission to Non-Engineering Diploma Courses:**

(i) **Modern Office Management (MOM) :** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha securing 30% marks in each subject at the qualifying examination.

(ii) **Pharmacy :** Pass in +2 Science Examination from CHSE, Odisha or its equivalent examination and obtained at least 35% marks in aggregate with Physics, Chemistry, Biology or Mathematics as approved by PCI securing 30% marks in each subject at the qualifying examination.

(iii) **HM&CT:** Pass in +2 Examination from CHSE, Odisha or its Equivalent examination with Science/ Arts/ Commerce recognized by CHSE, Odisha and obtained at least 35% marks in aggregate securing 30% marks in each subject at the qualifying examination.

(iv) **Beauty Culture (BC):** Educational qualification is same as 1st Semester of Engineering/Technology course.

**Age:** Minimum 14 years for BC & 16 years for other as on 01.07.2019. No Upper Age limit.

*N.B. 1) Reservation under different categories will be applicable as specified by Government of Odisha.*

*2) Candidate appearing in the qualifying examination may also apply. However he/she has to produce the said pass certificate (with minimum marks as mentioned above) at the time of document verification,* ***if not validated online***. ***For more details, refer to the Information Brochure available in the website***: http://www.dtetorissa.gov.in

**IMPORTANT NOTES:** Candidates should read the Information Brochure and apply through **ONLINE mode only** along with required DATA & application fee of (i) **Rs.200/-** for **ST, SC, PC & FEMALE** (ii) **Rs.300/-** for **MALE** candidates and the payment can be made through **ATM cum DEBIT/ Credit Card/ Net Banking only** through Internet by logging on to **website:** http://www.dtetorissa.gov.in

**IMPORTANT DATES**

**RECEIPT of ONLINE** Application Form (Phase-I) **(3rd Sem.(L.E.): 04-04-2019 to 12-06-2019**
**(1st Sem./Year): 04-04-2019 to 20-06-2019**

*NB: (i) The details of counseling procedure shall be available in local news paper and in our official website:* http://www.dtetorissa.gov.in *before commencement of the counseling schedule. (ii) Document verification is mandatory for participation in the counseling process, if not validated online (iii) For any specific query, contact Diploma Admission Call Centre Phone No. 155335/1800-345-6770(Toll Free)-(From 9AM to 6 PM)*

*Sd/-*
*Director of Technical Education & Training, Odisha*

*advt.no.1/dac-19*

**14004/11/0001/1920**

■ ମଇଦାନରେ ୩ ପୁରୁଣା ପ୍ରାର୍ଥୀ

# ବାରବାଟୀ-କଟକରେ ତ୍ରିମୁଖୀ ଲଢ଼େଇ

ନିର୍ମଳ ପଣ୍ଡା
କଟକ ଅଫିସ, ୩।୪


ଦେବାଶିଷ ସାମନ୍ତରାୟ


ସମୀର ଦେ


ମହମ୍ମଦ ମୋକିମ୍

ବାରବାଟୀ-କଟକ ବିଧାନସଭା ଆସନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛି। ବିଜେଡିରୁ ଏଠାକାର ଦୁଇଥରର ବିଧାୟକ ଦେବାଶିଷ ସାମନ୍ତରାୟ, ଭାଜପାରୁ ପୂର୍ବତନ ମନ୍ତ୍ରୀ ସମୀର ଦେ ଓ କଂଗ୍ରେସରୁ ୨୦୧୪ର ପରାଜିତ ପ୍ରାର୍ଥୀ ମହମ୍ମଦ ମୋକିମ ପ୍ରାର୍ଥୀ ହୋଇଛନ୍ତି। ମଙ୍ଗଳବାର ଏହି ୩ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ବାରବାଟୀ-କଟକ ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ୩ ଜଣ ଯାକ ପ୍ରାର୍ଥୀ ଏଠାରେ ପୁରୁଣା।

ବିଧାୟକ ଦେବାଶିଷ ସାମନ୍ତରାୟ ଏଠାରୁ ୨୦୦୯ ଓ ୨୦୧୪ରେ ବିଜୟୀ ହୋଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସମୀର ଦେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପୂର୍ବରୁ ଅର୍ଥାତ୍ କଟକ ସହର ଆସନରୁ ୧୯୯୫ରୁ ଲଗାତର ୩ ଥର ବିଜୟୀ ହୋଇଛନ୍ତି। ମୁଖ୍ୟତଃ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ବିଜେଡି-ଭାଜପା ଭାଗୁଆଳି ସରକାରରେ ସମୀର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ମଧ ହୋଇଛନ୍ତି। ସେହିପରି ମହମ୍ମଦ ମୋକିମ ନଗର କଂଗ୍ରେସ ସଭାପତି ରହିବା ସହିତ ୨୦୧୪ରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ନିର୍ବାଚନ ହାରିଥିଲେ। ତେଣୁ ୩ ଜଣ ପ୍ରାର୍ଥୀ ଭୋଟରଙ୍କ ପାଖରେ ପୁରୁଣା।

୨୦୧୪ ନିର୍ବାଚନରେ ସମୀର ଦେ ବାରବାଟୀ-କଟକ ବିଧାନସଭା ଆସନ ବଦଳରେ କଟକ ଏମ୍‌ପି ଆସନରୁ ପ୍ରାର୍ଥୀ ହୋଇଥିଲେ। ଭାଜପା ଏଠାରେ ସମୀରଙ୍କ ବଦଳରେ ପ୍ରଦୀପ ସ୍ୱାଇଁଙ୍କୁ ପ୍ରାର୍ଥୀ କରିଥିଲା। ନିର୍ବାଚନ ଫଳାଫଳ ଅନୁଯାୟୀ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ୧୪ହଜାର ୨୯୮ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମହମ୍ମଦ ମୋକିମଙ୍କୁ ପରାସ୍ତ କରିଥିଲେ। ଦେବାଶିଷ ୫୭ହଜାର ୬୩୩ ଭୋଟ ପାଇଥିବା ବେଳେ ମୋକିମ ୪୩ହଜାର ୩୩୫ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ସ୍ୱାଇଁ ୨୦ହଜାର ୫୫୨ ଖଣ୍ଡ ଭୋଟ ପାଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉଭୟ ବିଜେଡି ଓ ଭାଜପାରୁ ଟିକେଟ ପାଇଁ ଅନେକ ଆଶାୟୀ ଥିବାବେଳେ ଶେଷରେ ବିଜେଡିରୁ ଦେବାଶିଷ ଓ ଭାଜପାରୁ ସମୀର ଟିକେଟ ପାଇଛନ୍ତି। ତେଣୁ ଟିକେଟ ଲବି କରି ବିଫଳ ହୋଇଥିବା ନେତାମାନଙ୍କ ଭୂମିକା କ'ଣ ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ମୋଟାମୋଟି ଭାବେ ଟିକେଟ ଲବିରେ ବିଫଳ ହୋଇଥିବା ନେତାମାନେ ଦଳୀୟ କାର୍ଯ୍ୟାନୁଷ୍ଠାନ ଭୟରେ ଗଣମାଧ୍ୟମ ସାମ୍ନାରେ କିଛି ବି କହିବାକୁ ରାଜି ହୋଇନାହାନ୍ତି। କିନ୍ତୁ ଉଭୟ ବିଜେଡି ଓ ଭାଜପାର କେତେଜଣ ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, କିଭଳି ଏମାନଙ୍କ ଚେର କଟାଯିବ ସେ ନେଇ ରୋଡ ମ୍ୟାପ ପ୍ରସ୍ତୁତ ସରିଛି।

କଂଗ୍ରେସରେ ମଧ ସମାନ ଅବସ୍ଥା। କଟକ ସହର ଆସନରୁ ପୂର୍ବରୁ ସୁରେଶ ମହାପାତ୍ର ୨୦୦୪ ଓ ୨୦୦୯ରେ ପ୍ରାର୍ଥୀ ହୋଇ ପରାଜୟବରଣ କରିଥିଲେ। ୨୦୧୪ରେ ଦଳ ସୁରେଶଙ୍କୁ ଚୌଦ୍ୱାର-କଟକ ଆସନକୁ ପଠାଇ ବାରବାଟୀ-କଟକରୁ ମହମ୍ମଦ ମୋକିମଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସୁରେଶ ବାରବାଟୀ-କଟକ ପାଇଁ ଲବି କରି ବିଫଳ ହୋଇଥିଲେ। କୁହାଯାଏ ଯେ, ସୁରେଶଙ୍କ ସମର୍ଥକମାନେ ପୂର୍ଣ୍ଣମାତ୍ରାରେ ମୋକିମଙ୍କୁ ସହଯୋଗ ନ କରିବାରୁ ମୋକିମ ୨୦୧୪ରେ ପରାଜୟବରଣ କରିଥିଲେ। ଏବେ ସୁରେଶ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ ମଧ ତାଙ୍କ ସମର୍ଥକମାନଙ୍କ ଭୂମିକା କ'ଣ ହେବ ତାହା ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ କୁହନ୍ତି, ବାରବାଟୀ-କଟକରେ ବିଜେଡି ଦୃଢ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ଜନକଲ୍ୟାଣକାରୀ କାର୍ଯ୍ୟ ପୁନର୍ବାର ବିଜେଡିକୁ ଏଠାରେ ବିଜୟୀ କରାଇବ। କଂଗ୍ରେସ ପ୍ରାର୍ଥୀ ମୋକିମ କୁହନ୍ତି, ଉଭୟ ବିଜେଡି ଓ ଭାଜପା କଟକ ସହର ପାଇଁ କିଛି କରିନାହାନ୍ତି। ସହରବାସୀ ରାତି ପାହିଲେ ମୌଳିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି। କଟକ ମହାନଗର ନିଗମ ସହରବାସୀଙ୍କ ସମସ୍ୟା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତେଣୁ କଟକବାସୀ କଂଗ୍ରେସକୁ ବିଜୟୀ କରାଇବେ ବୋଲି ସେ ଦୃଢ ଆଶାବାଦୀ ଅଛନ୍ତି। ଭାଜପା ପ୍ରାର୍ଥୀ ସମୀର ଦେ କହିଛନ୍ତି ଲୋକେ ଆମକୁ ଖୋଜୁଛନ୍ତି। ଆମ ସମୟରେ ଯେତିକି ବିକାଶ ହୋଇଥିଲା ସେତିକିରେ ରହିଛି। ବିଗତ ଦୁଇଟି ଅବଧିରେ କଟକ ବିକାଶରେ ତାଲା ଝୁଲୁଛି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ଓ ରାଜ୍ୟରେ ପରିବର୍ତ୍ତନର ହାୱା ଭାଜପାକୁ ବିଜୟୀ କରାଇବ।

ସୂଚନାଥାଉ କି, ସର୍ବଶେଷ ଭୋଟର ତାଲିକା ଅନୁଯାୟୀ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ମୋଟ ୨ ଲକ୍ଷ ୨୭ହଜାର ୭୭୭ ଜଣ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧,୧୦,୦୯୨ ମହିଳା ଭୋଟର ଥିବାବେଳେ ୧,୧୭,୬୬୫ ପୁରୁଷ ଓ ୨୦ ଜଣ ଅନ୍ୟ ବର୍ଗର ଭୋଟର ରହିଛନ୍ତି।

## ବିଭିନ୍ନ ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି


ଭର୍ତ୍ତୃହରି ମହତାବ


ପଞ୍ଚାନନ କାନୁନ୍‌ଗୋ


ପିନାକୀ ମିଶ୍ର


ପ୍ରକାଶ ମିଶ୍ର


କେ.ପି. ସିଂଦେଓ


ଅନନ୍ତ ନାଏକ


ଅଶୋକ ପଣ୍ଡା


ଅରବିନ୍ଦ ଢାଲି


ସୌଭିକ୍ ବିଶ୍ୱାଳ


ଚନ୍ଦ୍ରସାରଥି ବେହେରା


ଗଣେଶ୍ୱର ବେହେରା


ଜୟଦେବ ଜେନା


ସମୀର ଦାଶ


ପ୍ରଦୀପ ମହାରଥି


ମହେଶ୍ୱର ମହାନ୍ତି


ଦେବୀରଞ୍ଜନ ତ୍ରିପାଠୀ


ଅରୁପ ପଟ୍ଟନାୟକ


ରଣେନ୍ଦ୍ର ପ୍ରତାପ ସ୍ୱାଇଁ


ପୃଥ୍ୱୀରାଜ ହରିଚନ୍ଦନ

■ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ

# ଲୋକେ ମୌଳିକ ସୁବିଧା ପାଇବା ଆବଶ୍ୟକ

ଲହୁଣୀପଡା, ୩।୪ (ଡି.ଏନ.ଏ)



ଭାଜପାର ବିଜୟ ସଂକଳ୍ପ ସମାବେଶରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ଦଳୀୟ ନେତା ମଞ୍ଚାସୀନ।

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଗୌଡଣୀପୋଷ ଫୁଟବଲ ପଡିଆରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଯୋଗଦେଇ ଲୋକେ ମୌଳିକ ସୁବିଧା ପାଇବା ଆବଶ୍ୟକ ବୋଲି କହିଥିଲେ। ଓଡିଶା ସରକାର ଲୋକଙ୍କର ଆବଶ୍ୟକ ବିକାଶ କରିପାରିନାହାନ୍ତି। ଖଣିଥିବା ଜିଲାରେ ଖଣି ରାଜସ୍ୱର ତିରିଶ ଶତାଂଶ ଖର୍ଚ୍ଚ ହେବା ଆବଶ୍ୟକ। ଏହି ରାଜସ୍ୱରୁ ସେହି ଅଞ୍ଚଳର ପିଇବା ପାଣି, ବିଦ୍ୟୁତ ପ୍ରଭୃତି ମୌଳିକ ସୁବିଧା ଲୋକେ ପାଇବା ଦରକାର। ଯେଉଁ ସରକାର ଏସବୁ ବ୍ୟବସ୍ଥା କରିବା ପାଇଁ ଅକ୍ଷମ ସେ ସରକାର କ୍ଷମତାରେ ରହିବା ଅନୁଚିତ ବୋଲି ସେ କହିଥିଲେ। ତେଣୁ ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାସ ଅନୁରୋଧ କରିଥିଲେ। ତାଙ୍କ ରାଜ୍ୟରେ କିଭଳି ବିଭିନ୍ନ ସୁବିଧା ଲୋକମାନେ ପାଉଛନ୍ତି ତାର ସୂଚନା ଦେଇଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଲୋକସଭା ଆସନର ଭାଜପା ପ୍ରାର୍ଥୀ ଜୁଏଲ ଓରାମ, ବଣାଇ ଭାଜପା ବିଧାୟକ ପ୍ରାର୍ଥୀ ଅନୀଲ ବାର୍ଲା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ନମିତା ମାହାନ୍ତ, ବିମଳ ମୁଣ୍ଡା, ବଣାଇ ବ୍ଲକର ପୂର୍ବତନ ଅଧକ୍ଷ ରାଜେନ୍ଦ୍ର କୁମାର ଦେଓ, ଝିଙ୍ଗି ଓରାମ ପ୍ରମୁଖ ଯୋଗଦେଇଥିଲେ। ସମସ୍ତେ ରାଜ୍ୟ ସରକାର, କଂଗ୍ରେସ ଓ ସିପିଆଇଏମକୁ ବକ୍ତବ୍ୟ ମାଧ୍ୟମରେ ସମାଲୋଚନା କରିଥିଲେ। ବଣାଇ ସାଙ୍ଗଠନିକ ଜିଲା ସଭାପତି ରାହାସ ବିହାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ସଭାପତି ମହେଶ ସା ମଞ୍ଚ ପରିଚାଳନା କରିଥିଲେ। ଉପେନ୍ଦ୍ର ବେହେରା, ବାଗୁନ ଗାଗରାୟ, ମାଦି ଓରାମ, ହେମେନ୍ଦ୍ର ମାହାନ୍ତ ପ୍ରମୁଖଙ୍କ ସମେତ ଭାଜପା କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାସ ହେଲିକପ୍ଟର ଯୋଗେ ନିର୍ଦ୍ଧାରିତ ସମୟର ପ୍ରାୟ ୧ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ।

# ଫ୍ଲାଇଂ ସ୍କ୍ୱାଡ୍ ଜବତ କଲା ୧ ଲକ୍ଷ ୨୯ ହଜାର ଟଙ୍କା

ଆନନ୍ଦପୁର/ହାଟଡିହୀ, ୩।୪(ସ୍ୱ.ପ୍ର.)


ଜବତ ଟଙ୍କା ସହ ଅଟକଥିବା ଯୁବକ।

କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ କାନପୁର ନିକଟରୁ ବୁଧବାର ଜଣେ ଯୁବକଙ୍କ ବାଇକ୍ ଡିକିରୁ ୧ ଲକ୍ଷ ୨୯ ହଜାର ୨୦୦ ଟଙ୍କା ଆନନ୍ଦପୁର ନିର୍ବାଚନୀ ଫ୍ଲାଇଂ ସ୍କ୍ୱାଡ୍ ଜବତ କରିଛି। ହୋଇଛି। ଏ ନେଇ ସମ୍ପୃକ୍ତ ବାଇକ୍ ଚାଳକଙ୍କୁ ଅଟକ ରଖାଯାଇଛି। ଯୁବକ ଜଣଙ୍କ ହେଲେ ସୋସୋ ଗ୍ରାମର ଆଲୋକ ଦାସ। ଜବତ ଟଙ୍କା ସମ୍ପର୍କରେ ଆଲୋକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଫ୍ଲାଇଂ ସ୍କ୍ୱାଡ୍ ଆଲୋକଙ୍କୁ ଅଟକ ରଖିଛି। ଜବତ ଟଙ୍କା ସମ୍ପର୍କରେ ଅଧିକ ଖୋଳତାଡ ଆରମ୍ଭ କରିଛି ବୋଲି ଫ୍ଲାଇଂ ସ୍କ୍ୱାଡ ଦାୟିତ୍ୱରେ ଥିବା ଅଧିକାରୀ ରମେଶ କୁମାର ନାୟକ କହିଛନ୍ତି। ଆଲୋକଙ୍କୁ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର କରାଯାଇଛି।

ଜବତ ଟଙ୍କା ଜିଲା କମିଟିକୁ ପଠାଯାଇଛି। ସେଠାରେ ନିଷ୍ପତ୍ତି ନିଆଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଘସିପୁରା ବିଡିଓ ଡ.ମଧୁସ୍ମିତା ସାମନ୍ତରାୟ କହିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି ବ୍ୟକ୍ତି ନିର୍ବାଚନ ସମୟରେ ଏକକାଳୀନ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସାଙ୍ଗରେ ନେଇପାରିବେ ନାହିଁ ବୋଲି ନିୟମ ରହିଛି। ଏତେ ଟଙ୍କା କେଉଁ କାମ ପାଇଁ ନିଆଯାଉଥିଲା; ତାର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀଅଧିକାରୀସୂଚନାଦେଇଛନ୍ତି।

### କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ, ୪ ଅଟକ

ଢେଙ୍କାନାଳ ଅଫିସ, ୩।୪

ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର କୋରିଆଁ ବାଇପାସ୍‌ରୁ ବୁଧବାର ସନ୍ଧ୍ୟା ୬ଟାରେ ଏକ କାର୍‌ରୁ ପୋଲିସ ୧୦ ଲକ୍ଷ ଟଙ୍କା ଜବତ କରିଛି। ଗାଡ଼ିରେ ବସିଥିବା ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଟଙ୍କା ମଧ ଯାଞ୍ଚ କରାଯାଉଛି। ଅଟକ ଜଣେ ବ୍ୟକ୍ତି ନିଜକୁ ଯାତ୍ରା ପାର୍ଟିର ମାଲିକ ବୋଲି ପରିଚୟ ଦେବାସହ ବକେୟା ଟଙ୍କା ଆଣିବା ପାଇଁ ସେମାନେ କାମାକ୍ଷାନଗର ଅଞ୍ଚଳରୁ ଫେରୁଥିଲେ ବୋଲି ପୋଲିସକୁ ସୂଚନା ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ଟଙ୍କା ଧରି ଯାଜପୁର ଯାଉଥିବା ପୋଲିସ କହିଛି।

# କଳିକେଶଙ୍କ ସ୍ତ୍ରୀଙ୍କୁ ଘେରିଲେ ମହିଳା


ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ସ୍ତ୍ରୀ ମେଘନାଙ୍କୁ ମହିଳାମାନେ ଘେରି ରହିଛନ୍ତି।

ପାଟଣାଗଡ଼,୩।୪(ଡି.ଏନ୍.ଏ.)

ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ସମସ୍ତ ଦଳ ପକ୍ଷରୁ ନିର୍ବାଚନ ପ୍ରଚାରକୁ ଜୋରଦାର କରାଯାଇଛି। ବୁଧବାର ବଲାଙ୍ଗୀର ଲୋକସଭା ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ସ୍ତ୍ରୀ ମେଘନା ସିଂଦେଓ ସ୍ୱାମୀଙ୍କ ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ସହ ପାଟଣାଗଡ଼ ବ୍ଲକର ତେଣ୍ଡାପଦର, ସରମୁହାଣ, ସୁନାମୁଦି, ଦେଉଳଗାଁ, ଦମକିପାଲି, ତମିଆଁ, ଲରମ୍ଭା ଆଦି ଗାଁରେ ପ୍ରଚାର କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଅପରାହ୍ନ ୨ଟାରେ ସୁନାମୁଦି ଗ୍ରାମରେ ଏକ ସଭା ହୋଇଥିଲା। ତେବେ ସଭାକାର୍ଯ୍ୟ ଶେଷ ପରେ ମହିଳାମାନେ କାଳିଆ ଟଙ୍କା ପାଇ ନ ଥିବା କହି ମେଘନାଙ୍କୁ ଘେରିଯାଇଥିଲେ। ଏପରି କି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଧ ଟଙ୍କା ପାଇ ନ ଥିବା ଅଭିଯୋଗ କରି ତାଙ୍କୁ ଘେରିଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦଳୀୟ କର୍ମକର୍ତ୍ତାମାନେ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଅମରେଶ, ସୁବାସଙ୍କୁ ଥଇଥାନ

ଭୁବନେଶ୍ୱର,୩।୪(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରେ ବିଜେଡିରେ ବିଦ୍ରୋହ ଆଶଙ୍କା କରି ଦୁଇ ଜଣଙ୍କୁ ଦଳୀୟ ପଦପଦବୀରେ ଥଇଥାନ କରାଯାଇଛି। କର୍ପୋରେଟର ଅମରେଶ ଜେନାଙ୍କୁ ଭୁବନେଶ୍ୱର ସାଙ୍ଗଠନିକ ବିଜେଡି ଜିଲାର ସଭାପତି କରାଯାଇଛି। ସେହିପରି ସୁବାସ ପାତ୍ରଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି। ଏଥିସହିତ ପୂର୍ବଘୋଷିତ ସମସ୍ତ ଆଦେଶନାମାକୁ ବାତିଲ କରାଯାଇଛି।

### ଶିବଶଙ୍କରଙ୍କ ଇସ୍ତଫା

ନବରଙ୍ଗପୁର, ୩।୪(ବି.ପ୍ର)

ନବରଙ୍ଗପୁର ଜିଲା କଂଗ୍ରେସ ସମ୍ପାଦକ ଶିବ ଶଙ୍କର ପାଢୀ ଦଳରୁ ଇସ୍ତଫା ଦେଇଛନ୍ତି । ଇସ୍ତଫା ପତ୍ର ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କୁ ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଠିକ ଦାୟିତ୍ୱ ତୁଲାଇ ପାରୁ ନଥିବା ଓ ଦଳ ପ୍ରତି ଆବଶ୍ୟକ ସମୟ ଦେଇ ପାରୁ ନଥିବା ଏଥିରେ ଜଣାଇଛନ୍ତି। ପାଢୀ ୨୦୧୮ ଡିସେମ୍ବର ୪ ତାରିଖରୁ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ।

# ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କୁ ଟିକେଟ ଦେଇଛି ବିଜେଡି

ଭୁବନେଶ୍ୱର,୩।୪ (ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ପ୍ରତାପ ଷଡ଼ଙ୍ଗୀ।

ଚିଟ୍‌ଫଣ୍ଡ ପ୍ରସଙ୍ଗ ଉଠାଇ ବିଜେଡି ନେତାଙ୍କୁ ଟାର୍ଗେଟ କରିଛି ଭାଜପା। ଚିଟ୍‌ଫଣ୍ଡ ଠକେଇ ଅର୍ଥରେ ଶାସକ ବିଜେଡି ୨୦୦୯ ନିର୍ବାଚନ ଲଢ଼ିଥିଲା। ୨୦୧୪ ନିର୍ବାଚନ ପୂର୍ବରୁ କର୍ପସ ଫଣ୍ଡ ଗଠନ କରି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନଙ୍କୁ ଅର୍ଥ ଫେରାଇବାର ଘୋଷଣା କରିଥିଲା। ୫ବର୍ଷ ବିତିଗଲାଣି, ମାତ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ମିଳିନାହିଁ। ଯେଉଁ ଏମ୍‌ପି ଓ ବିଧାୟକମାନେ ଚିଟ୍‌ଫଣ୍ଡରେ ସାମିଲ ଥିଲେ ସେମାନଙ୍କୁ ଏଥର ମଧ ନବୀନ ପଟ୍ଟନାୟକ ଡାକିଆଣି ଟିକେଟ ଦେଇଛନ୍ତି। ଚିଟ୍‌ଫଣ୍ଡ ଅର୍ଥ ବିଜେଡି ବୋଲି ଓଡ଼ିଆ ଲୋକମାନଙ୍କ ପାଖରେ ଆଉ ଅବୁଝା ନାହିଁ ବୋଲି ଭାଜପା ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, କର୍ପସ ଫଣ୍ଡର ଗଠନ କାହିଁକି ହୋଇଥିଲା। ସାଧାରଣ କରଦାତାଙ୍କ ଟିକସରେ ଗଠିତ କର୍ପସ ଫଣ୍ଡର ଅର୍ଥ କାହାକୁ ମିଳିଲା। ରାଜ୍ୟର ପାଖାପାଖି ୨୦ ଲକ୍ଷ ପରିବାର ଚିଟ୍‌ଫଣ୍ଡର ଶିକାର ହୋଇଛନ୍ତି। କେତେଜଣ ଜମାକାରୀ ଅର୍ଥ ଫେରି ପାଇଲେ। ୧୩ଲକ୍ଷ ଜମାକାରୀ କମିଶନଙ୍କ ପାଖରେ ସତ୍ୟପାଠ ପ୍ରଦାନ କରିଥିବାବେଳେ ସେଥିରୁ ମାତ୍ର ୩ଲକ୍ଷ ୬୧ହଜାର ୮୧୭ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ସବୁଠୁ ଦୁର୍ଭାଗ୍ୟର କଥା ମାତ୍ର ୧୭୦୪ଜଣ ଜମାକାରୀଙ୍କୁ ଟଙ୍କା ଫେରସ୍ତ ମିଳିଛି। ରାଜ୍ୟ ସରକାର ଜାଣିଶୁଣି ସମୟ ଗଡାଇ ଲୋକଙ୍କ ମନରୁ ଚିଟ୍‌ଫଣ୍ଡ କେଲେଙ୍କାରୀକୁ ହଜେଇ ଦେବାକୁ ଅପପ୍ରୟାସ କରୁଥିବା ଏଥିରୁ ବୁଝାପଡୁଛି ବୋଲି ପ୍ରତାପ ଅଭିଯୋଗ କରିଛନ୍ତି। ଚିଟଫଣ୍ଡ କର୍ପସ ଫଣ୍ଡ ଅର୍ଥ ବଣ୍ଟନର ତଥ୍ୟ ସର୍ବସାଧାରଣରେ ପ୍ରକାଶ କରନ୍ତୁ। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଚିଟ୍‌ଫଣ୍ଡ ଠକେଇରେ ସମ୍ପୃକ୍ତ ଥିବାବେଳେ ଏବେ ଜାମିନରେ ଅଛନ୍ତି। ସେ କିନ୍ତୁ ଏବେ ବାଲେଶ୍ୱର ଜିଲାରେ ସବୁଠି ବଡବଡ ହୋର୍ଡିଂ ଲଗାଇ ନିଜକୁ ଶ୍ରେଷ୍ଠ ଏମ୍‌ପି ବୋଲି ପ୍ରଚାର କରୁଛନ୍ତି। ଚିଟଫଣ୍ଡ ଲିଙ୍କରେ ତାଙ୍କର ସମ୍ପୃକ୍ତି ଥିବା ନେଇ ସିବିଆଇ ଜେରାର ସମ୍ମୁଖୀନ ହୋଇଥିଲେ। ଏହାପରେ ପଞ୍ଚାୟତ ନିର୍ବାଚନ ସମୟରେ ତାଙ୍କର ଦେଖା ମିଳି ନ ଥିଲା। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାଶବର୍ମାଙ୍କୁ ଟିକେଟ ମିଳିଛି । ଚିଟଫଣ୍ଡ କମ୍ପାନୀର ଅର୍ଥକୁ ସଞ୍ଜୟଙ୍କ ପରିବାର ମାଲିକାନାରେ ଥିବା ୫ଟି କମ୍ପାନିରେ ବିନିଯୋଗ କରାଯାଇଛି। ଏହାସହ ଚିଟ୍‌ଫଣ୍ଡ ଲିଙ୍କରେ ଥିବା ଏବଂ ଗିରଫ ହୋଇଥିବା ନେତାଙ୍କୁ ଟିକେଟ ମିଳିଛି। ନବୀନ ପଟ୍ଟନାୟକଙ୍କୁ ମଧ ସିବିଆଇ ଜେରାର ସମ୍ମୁଖୀନ ହେବାକୁ ପଡ଼ିଥିଲା ବୋଲି ପ୍ରତାପ ଅଭିଯୋଗ କରିଛନ୍ତି। ଏହାସହ ନବୀନ ନିବାସରେ କାମ କରୁଥିବା ସରୋଜ ସାହୁ କିଏ ବୋଲି ପ୍ରତାପ ପ୍ରଶ୍ନ ଉଠାଇଛନ୍ତି।



ଉପଦେଶ ଦେବା ସରଳ, କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଟାଗୋର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଦିବସ, ୟୁନିଟ୍‌-୯, ପୂର୍ବାହ୍ନ ୧୦ଟା।
- ଶତରୂପା ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ଓ ସାହିତ୍ୟ ସମାରୋହ, ୟୁନିଟ-୩, ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହ, ସନ୍ଧ୍ୟା ୬ଟା।
- ଖଣ୍ଡଗିରିର ତପୋବନସ୍ଥିତ ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନ, କ୍ୟାମ୍ପସ ପରିସର, ସନ୍ଧ୍ୟା ୬ଟା ୩୦।
- ବେଙ୍ଗାଲୁରୁ ଏଫସି-ଚେନ୍ନାଇ ସିଟି ଏଫସି ସୁପର କପ୍‌ ଫୁଟବଲ କ୍ୱାର୍ଟର ଫାଇନାଲ ମ୍ୟାଚ, କଳିଙ୍ଗ ଷ୍ଟାଡିୟମ, ରାତି ୮ଟା ୩୦।

**ପୁରୀ**
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**ସାକ୍ଷୀଗୋପାଳ**
- ବାଲୁଙ୍କେଶ୍ୱରଙ୍କ ଘର ବାହୁଡ଼ା, ଅଧରପଣା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ବରାଳ - ବଳପୁର ରାସ୍ତାର ବିଭୂତି ବାଟିକା, ସନ୍ଧ୍ୟା ୬ଟା।

# ରାଜ୍ୟରେ ୪୦ ଲକ୍ଷ ଦିବ୍ୟାଙ୍ଗ ଭୋଟର

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ସାଧାରଣ ନିର୍ବାଚନକୁ ଆଉ ମାତ୍ର ଅଳ୍ପଦିନ ଥିବାବେଳେ ମତଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଉପରେ ନିର୍ବାଚନ କମିଶନ ଗୁରୁତ୍ୱ ଦେଇଛନ୍ତି। ଚଳିତବର୍ଷ ଓଡ଼ିଶାରୁ ପ୍ରାୟ ୩.୧୮କୋଟିରୁ ଊର୍ଦ୍ଧ୍ୱ ଭୋଟର ଭୋଟ ଦେବାକୁ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪୦ଲକ୍ଷ ରହିଛନ୍ତି ଦିବ୍ୟାଙ୍ଗ ମତଦାତା। ଆର୍‌ପିଡବ୍ଲ୍ୟୁଡି ଆକ୍ଟ ୨୦୧୬ ଅନୁସାରେ ବର୍ତ୍ତମାନ ଦିବ୍ୟାଙ୍ଗଙ୍କ ପ୍ରକାରଭେଦକୁ ୭ରୁ ୨୧ ପ୍ରକାରକୁ ବଢ଼ାଇ ଦିଆଯାଇଛି। ସେହି ଅନୁଯାୟୀ ଦେଖିବାକୁ ଗଲେ, ଓଡ଼ିଶାରେ ଏବେ ପ୍ରାୟ ୭୦ଲକ୍ଷ ଦିବ୍ୟାଙ୍ଗ ଲୋକ ବାସ କରୁଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୪୦ଲକ୍ଷ ଚଳିତ ନିର୍ବାଚନରେ ମତଦାନ ପାଇଁ ଯୋଗ୍ୟ ଅଟନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ, ଏ ପର୍ଯ୍ୟନ୍ତ ସମସ୍ତ ଦିବ୍ୟାଙ୍ଗଙ୍କୁ ଭୋଟର ତାଲିକାଭୁକ୍ତ କରାଯାଇନାହିଁ। ସେହିଭଳି ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଆବଶ୍ୟକ, ଅତ୍ୟାବଶ୍ୟକ ମୌଳିକ ସୁବିଧା ଏଠାରେ ଉପଲବ୍ଧ ନାହିଁ। ରାଜ୍ୟର କୌଣସି ଭୋଟଗ୍ରହଣ କେନ୍ଦ୍ର ଦିବ୍ୟାଙ୍ଗ ଅନୁକୂଳ ହୋଇ ନ ଥିବାବେଳେ ଅଧିକାଂଶ ଦିବ୍ୟାଙ୍ଗ ନିଜ ଅଧିକାର ଓ ମତଦାନ ସମ୍ପର୍କରେ ଅବଗତ ନାହାନ୍ତି।

ସ୍ୱାଭିମାନ ଏବଂ ଓଡ଼ିଶା ଷ୍ଟେଟ୍‌ ଡିଜାବିଲିଟି ନେଟ୍‌ୱର୍କ ପକ୍ଷରୁ ବୁଧବାର ପ୍ରେସ୍‌ କ୍ଲବ ଅଫ୍‌ ଓଡ଼ିଶାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ୱାଭିମାନର ମୁଖ୍ୟ ଡ. ଶ୍ରୁତି ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଓଡ଼ିଶାରେ ଏ ପର୍ଯ୍ୟନ୍ତ ସୁଦ୍ଧା ଜିଲାସ୍ତରରେ ନିର୍ବାଚନ କମିଟିର ବ୍ୟବସ୍ଥା ହୋଇନାହିଁ। ଦିବ୍ୟାଙ୍ଗଙ୍କଠାରୁ ନିଆଯାଇଥିବା ମତ ଅନୁଯାୟୀ, ୯୦ ପ୍ରତିଶତ ଦିବ୍ୟାଙ୍ଗ ନିର୍ବାଚନ ବିଷୟରେ ଅବଗତ ନାହାନ୍ତି। ବ୍ରେଲି ଇଭିଏମ୍‌ର ବ୍ୟବସ୍ଥା ହୋଇ ନ ଥିବାବେଳେ ଏ ବିଷୟରେ କାହା ପାଖରେ ଖବର ନାହିଁ। ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ବଧିରମାନଙ୍କ ପାଇଁ ସାଙ୍କେତିକ ଭାଷାର କିଛି ସୂଚନା ଦିଆଯାଇନାହିଁ। ଠିକ୍‌ ଭାବରେ କୌଣସି ବି ବୁଥ୍‌ରେ ର୍‍ୟାମ୍ପ୍‌ର ବ୍ୟବସ୍ଥା ନାହିଁ। ରାଜନୈତିକ ଦଳଗୁଡ଼ିକ ଦିବ୍ୟାଙ୍ଗଙ୍କ ଅଧିକାରକୁ ଗୁରୁତ୍ୱ ଦେଉ ନ ଥିବାବେଳେ ଗମନାଗମନ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ ଦିବ୍ୟାଙ୍ଗ ଭୋଟ ଦେବାକୁ ଯାଉନାହାନ୍ତି। ସାଙ୍କେତିକ ବୋର୍ଡରୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ, କୌଣସି ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି।


ଖବରଦାତା ସମ୍ମିଳନୀରେ ସ୍ୱାଭିମାନର ମୁଖ୍ୟ ଡ. ଶ୍ରୁତି ମହାପାତ୍ର ସୂଚନା ଦେଉଛନ୍ତି।

- ମତଦାନ କେନ୍ଦ୍ରରେ ନାହିଁ ମୌଳିକ ସୁବିଧା
- ୯୦ ପ୍ରତିଶତ ଦିବ୍ୟାଙ୍ଗ ନିର୍ବାଚନ ବିଷୟରେ ଅବଗତ ନାହାନ୍ତି

### ଓଡ଼ିଶା ସବୁବେଳେ ପଛରେ

୨୦୦୪ରେ ଓଡ଼ିଶାର ୨୫ ଜିଲାରୁ ପ୍ରାୟ ୧୫୦୦ ଦିବ୍ୟାଙ୍ଗ ଭୁବନେଶ୍ୱରଠାରେ ଏକାଠି ହୋଇ ଭୋଟ ଦେବା ଲାଗି ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବାକୁ ପ୍ରମୁଖ ରାଜନୈତିକ ଦଳ ନିକଟରେ ଦାବି କରିଥିଲେ। ଏହାପରେ ବହୁ ଆନ୍ଦୋଳନ ଓ ଧାରଣା ପରେ ପୋଲିଂ ବୁଥ୍‌ଗୁଡ଼ିକରେ କାଠ ବା ଉଡେନ୍‌ ର୍‍ୟାମ୍ପ୍‌ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। ହେଲେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଦ୍ୱିତୀୟ ପର୍ଯ୍ୟାୟ ଭୋଟରେ ଦେଶର ପ୍ରତ୍ୟେକ ବୁଥ୍‌ରେ ସ୍ୱତନ୍ତ୍ର ଉଡେନ୍‌ ର୍‍ୟାମ୍ପ୍‌ କରିବାକୁ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓଡ଼ିଶା ଏହାକୁ ପାଳନ କରିବାରେ ବିଫଳ ହୋଇଥିଲା। ସେହିଭଳି ୨୦୦୯ରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ପିଇଇଡି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ପ୍ରଥମ ଦିବ୍ୟାଙ୍ଗ ଅନୁକୂଳ ନିର୍ବାଚନ ହୋଇଥିଲେ ବି ଓଡ଼ିଶା ଏଥିରେ ବିଫଳ ହୋଇଥିଲା। ୨୦୧୪ ସାଧାରଣ ନିର୍ବାଚନରେ ଓଡ଼ିଶାର ଏକମାତ୍ର ଜିଲା କଟକ ଦିବ୍ୟାଙ୍ଗଙ୍କ ପାଇଁ ଆଖିଦୃଶିଆ ପଦକ୍ଷେପ ନେଇଥିଲା। ପ୍ରତି ବ୍ଲକ ଓ ସଦର ମହକୁମାରେ ସିଙ୍ଗିଲ ୱିଣ୍ଡୋ କ୍ୟାମ୍ପ୍‌ ସହ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ସର୍ଭେ କରାଯାଇ ଦିବ୍ୟାଙ୍ଗ ଭୋଟର ଚିହ୍ନଟ କରାଯାଇଥିଲା। ଏହାପରେ ଭୋଟରଙ୍କୁ ଫୋନ୍‌ ଯୋଗେ ସେମାନଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଯାଇଥିଲା ଏବଂ ବୁଥ୍‌ଗୁଡ଼ିକରେ ଦୁଇଜଣ ଲେଖାଏ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିଲା। ଏହାଦ୍ୱାରା କେବଳ କଟକରେ ପ୍ରଥମ ଥର ପାଇଁ ୮୮ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଭୋଟର ମତ ସାବ୍ୟସ୍ତ କରିପାରିଥିଲେ। ମାତ୍ର ୨୦୧୯ ନିର୍ବାଚନରେ ରାଜ୍ୟର କେଉଁଠାରେ ବି ଦିବ୍ୟାଙ୍ଗଙ୍କ ପାଇଁ ସାମାନ୍ୟ ସୁବିଧା ଉପଲବ୍ଧ କରାଯାଇନାହିଁ।

## ମିସେସ୍‌ ସେଣ୍ଟ୍ରାଲ ଏସିଆ ପାସିଫିକ୍‌ ୟୁନିଭର୍ସ ଟାଇଟଲ ଜିତିଲେ ଅମିତା



**ଭୁବନେଶ୍ୱର,୩।୪(ବ୍ୟୁରୋ):** ମିସେସ୍‌ ସେଣ୍ଟ୍ରାଲ ଏସିଆ ପାସିଫିକ୍‌ ୟୁନିଭର୍ସ ୨୦୧୯ ଟାଇଟଲ ବିଜୟିନୀ ହୋଇଛନ୍ତି ଓଡ଼ିଶାର ଅମିତା ପଣ୍ଡା। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ମିସେସ୍‌ ସେଣ୍ଟ୍ରାଲ ଏସିଆ ପାସିଫିକ୍‌ ୟୁନିଭର୍ସ ୨୦୧୯ରେ ଅମିତା ନିଜର ସୌନ୍ଦର୍ଯ୍ୟ ଓ ବୁଦ୍ଧିମତ୍ତା ବଳରେ ଏହି ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ସେ ୨୦୧୮ରେ ସିସେସ୍‌ ଇଣ୍ଡିଆ ଗ୍ୟାଲାକ୍ସି ଟାଇଟଲ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ପେସାରେ ସଫ୍ଟୱେର୍‌ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଅମିତାଙ୍କର ଏକ ଝିଅ ଥିବାବେଳେ ତାଙ୍କ ସ୍ୱାମୀ ଭୁବନେଶ୍ୱରର ଜଣେ ଜଣାଶୁଣା କାର୍ଡିଓଲୋଜିଷ୍ଟ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରୁଥିବା ଅମିତା ଗରିବଙ୍କ ପାଇଁ କାମ କରୁଛନ୍ତି। ମିସେସ୍‌ ସେଣ୍ଟ୍ରାଲ ଏସିଆ ପାସିଫିକ୍‌ ୟୁନିଭର୍ସରେ ତାଙ୍କର ମେଣ୍ଟର ଅନ୍ତର୍ଜାତୀୟ ସ୍ତରରେ ପରିଚିତ ଗିନି କପୁର ଥିଲେ। ଏହି ଟାଇଟଲ ଜିତିବା ପରେ ଆଗାମୀ ଦିନରେ ସେ ମିସେସ୍‌ ୟୁନିଭର୍ସ ୨୦୧୯ରେ ଭାରତରୁ ପ୍ରତିନିଧିତ୍ୱ କରିବେ। ନିଜର ଏହି ସଫଳତାର ଶ୍ରେୟ ସେ ସ୍ୱାମୀ, ପରିବାର ଓ ଆତ୍ମୀୟସ୍ୱଜନଙ୍କୁ ଦେଇଛନ୍ତି।

## ପାରିବାରିକ କଳହ: ଯୁବକଙ୍କ ଆତ୍ମହତ୍ୟା

**ପାତ୍ରପଡା, ୩। ୪(ଡି.ଏନ.ଏ.):** ତମାଣ୍ଡୋ ଥାନା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତି ପାରିବାରିକ କଳହରୁ ବୁଧବାର ଅପରାହ୍ନରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଡେଇଗଡ ଅଞ୍ଚଳର ଜି. ପରମେଶ୍ୱର(୩୯)। ପରମେଶ୍ୱର ପରିବାର ସହ ତମାଣ୍ଡୋ ନୂଆସାହି ଅଞ୍ଚଳରେ ଭଡା ଘରେ ରହୁଥିଲେ। ପାରିବାରିକ କଳହକୁ କେନ୍ଦ୍ରକରି ସେ ରହୁଥିବା ଘରର ଆଜବେଷ୍ଟସ ହୁକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି (ନଂ.୫/୧୯) ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପିନାକୀ କୋଟିପତି, ସତ୍ୟଙ୍କ ତଥ୍ୟ ଅମେଳ

**ପୁରୀ ଅଫିସ,୩।୪**

ବୁଧବାର ପୁରୀ ଲୋକ ସଭା ପାଇଁ ୨ଜଣ ଏବଂ ବିଧାନସଭା ଆସନ ଲାଗି ୫ ଜଣ ପ୍ରାର୍ଥୀ ନାମାଙ୍କପତ୍ର ଦାଖଲ କରିଛନ୍ତି। ସତ୍ୟପାଠ ଅନୁଯାୟୀ ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ର ଜଣେ କୋଟିପତି। ତାଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୮୭,୧୫,୫୫,୫୬୩ ଟଙ୍କା ଓ ସ୍ଥାବର ସମ୍ପତ୍ତି ମୂଲ୍ୟ ୧୯,୩୬,୨୫,୧୦୦ ଟଙ୍କା। ସେହିପରି ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୨,୭୧,୫୪,୯୮୮ ଟଙ୍କା ଓ ସ୍ଥାବର ସମ୍ପତ୍ତି ମୂଲ୍ୟ ୮,୨୩,୬୫, ୬୯୩ ଟଙ୍କା। ଅନ୍ୟପକ୍ଷେ କଂଗ୍ରେସର ସତ୍ୟପ୍ରକାଶ ନାୟକଙ୍କ ସତ୍ୟପାଠରେ ଅମେଳ ରହିଛି। ଗୋଟିଏ ସ୍ଥାନରେ ତାଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୯୫,୬୪,୭୪୨ ଟଙ୍କା ରହିଥିବାବେଳେ ଅନ୍ୟ ଏକ ସ୍ଥାନରେ ୮,୭୦,୬୦୦ ଟଙ୍କା ଦର୍ଶାଯାଇଛି। ସତ୍ୟଙ୍କ ନାମରେ ସ୍ଥାବର ସମ୍ପତ୍ତି କିଛି ନାହିଁ। ସେ ୧, ୩୮, ୦୬୯ ଟଙ୍କା ବ୍ୟାଙ୍କ ଋଣ କରିଛନ୍ତି ଏବଂ ତାଙ୍କ ନାମରେ ୪ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ତେବେ ସେ ଗୁରୁବାର ଆଉ ୨ସେଟ୍‌ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଜଣାପଡିଛି।

ପୁରୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ମହେଶ୍ୱର ମହାନ୍ତିଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୭୫,୦୫,୦୩୦ ଟଙ୍କା ଓ ସ୍ଥାବର ସମ୍ପତ୍ତିର ମୂଲ୍ୟ ୧,୦୨,୦୦୦୦୦ ଟଙ୍କା। ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୭୭,୩୯,୩୪୧ ଏବଂ ସ୍ଥାବର ସମ୍ପତ୍ତି ମୂଲ୍ୟ ୨୦,୦୦୦୦୦ ଟଙ୍କା। ଏମ୍‌ଏ, ଏଲ୍‌ଏଲ୍‌ବି ଶିକ୍ଷାଗତ ଯୋଗ୍ୟତା ରହିଥିବା ମହେଶ୍ୱରଙ୍କ ନାଁରେ କୌଣସି ଆପରାଧିକ ମାମଲା ନାହିଁ। ସେହିପରି ପିପିଲିର ବିଜେଡି ପ୍ରାର୍ଥୀ ପ୍ରଦୀପ ମହାରଥୀଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୮୫,୭୬,୩୮୮ ଟଙ୍କା ଓ ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧,୦୧,୦୩,୮୨୪ ଟଙ୍କା ରହିଛି । ତାଙ୍କ ସ୍ଥାବର ସମ୍ପତ୍ତି ମୂଲ୍ୟ ୩, ୪୮,୨୪,୩୦୦ ଟଙ୍କା ଏବଂ ସ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତି ୮୪,୯୩, ୧୫୦ ଟଙ୍କା। ମହାରଥୀଙ୍କ ନାମରେ ୫ଟି ଆପରାଧିକ ମାମଲା ବିଚାରାଧୀନ ଅଛି। ସତ୍ୟବାଦୀର ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୮୪,୩୯,୩୧୪ ଟଙ୍କା ଥିବାବେଳେ ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୮୦,୫୪,୫୪୩ ଟଙ୍କା। ତାଙ୍କ ସ୍ଥାବର ସମ୍ପତ୍ତି ମୂଲ୍ୟ ୨,୦୦୦୦୦ ଏବଂ ସ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତି ୧୬,୨୦,୪୦୦ ଟଙ୍କା। ଉମାକାନ୍ତଙ୍କ ନାମରେ ୨ଟି ଆପରାଧିକ ମାମଲା ବିଚାରାଧୀନ ଅଛି। ବ୍ରହ୍ମଗିରିର ଭାଜପା ପ୍ରାର୍ଥୀ ଲଳିତେନ୍ଦୁଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୩୦,୮୬,୩୪୯ ଟଙ୍କା ଓ ସ୍ଥାବର ସମ୍ପତ୍ତି ମୂଲ୍ୟ ୪୮,୩୦,୮୦୦ ଟଙ୍କା। ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୨୫,୫୨,୬୩୯ ଟଙ୍କା ଓ ସ୍ଥାବର ସମ୍ପତ୍ତି କିଛି ନାହିଁ। ଲଳିତେନ୍ଦୁଙ୍କର ୧୦,୭୩,୧୬୫ ଟଙ୍କା ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ୨୮,୫୫୨ଟଙ୍କା ବ୍ୟାଙ୍କ ଋଣ ରହିଛି। ତାଙ୍କ ନାମରେ ୨ଟି ଆପରାଧିକ ମାମଲା ବିଚାରାଧୀନ ଅଛି। ନିମାପଡ଼ାର ବିଜେଡି ପ୍ରାର୍ଥୀ ସମୀର ରଞ୍ଜନଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୭୪,୬୦,୬୯୭ ଟଙ୍କା ଏବଂ ସ୍ଥାବର ସମ୍ପତ୍ତି ମୂଲ୍ୟ ୨୯,୩୩,୫୦୦ ଟଙ୍କା। ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୪୨,୯୫, ୮୫୫ ଟଙ୍କା ଏବଂ ସ୍ଥାବର ସମ୍ପତ୍ତି ନାହିଁ। ସମୀରଙ୍କ ନାମରେ ୨ଟି ଆପରାଧିକ ମାମଲା ବିଚାରାଧୀନ ରହିଛି।



ନିର୍ମଳା କୃତି ସମ୍ମାନ ପ୍ରଦାନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ।

## ନିର୍ମଳା କୃତି ସମ୍ମାନ ପ୍ରଦାନ ସମାରୋହ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ନିର୍ମଳା କୃତି ବିକାଶ ଟ୍ରଷ୍ଟ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ସୂଚନା ଭବନଠାରେ 'ନିର୍ମଳା କୃତି ସମ୍ମାନ' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭରତୀୟା ଚାରିଟେବଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କିଶନ ଲାଲ୍‌ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ଭରତୀୟା ଚାରିଟେବ୍‌ଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କିଶନ ଲାଲ୍‌ ଅଗ୍ରୱାଲ ଓ ଡ୍ରିମ ଟିମ୍‌ ସାହାରା ଅଧ୍ୟକ୍ଷ ନିଶିକାନ୍ତ ମିଶ୍ରଙ୍କୁ ୨୦୧୮ ବର୍ଷ ଲାଗି 'ନିର୍ମଳାକୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷାବିତ୍‌ ହରିହର ହୋତା, ରେଡ୍‌କ୍ରାବର ନିର୍ଦ୍ଦେଶକ ଲଳିତେନ୍ଦୁ ଦାସ, ଏଲ୍‌ଏମ୍‌ବିସି ଅଧ୍ୟକ୍ଷା ସୁଚିସ୍ମିତା ପୃଷ୍ଟିଙ୍କୁ 'ନିର୍ମଳାକୃତି ସେବା ସମ୍ମାନ' ଏବଂ କଳା କ୍ଷେତ୍ରରେ ସନ୍ତୋଷ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

### କ୍ଷୁଦ୍ର ଚଳଚ୍ଚିତ୍ର 'ସିନ୍ଦୁର' ଲୋକାର୍ପିତ

ପରେ ନିର୍ମଳାକୃତି ବିକାଶ ଟ୍ରଷ୍ଟ ପକ୍ଷରୁ ତୃତୀୟ କ୍ଷୁଦ୍ର ଚଳଚ୍ଚିତ୍ର 'ସିନ୍ଦୁର'ର ଲୋକାର୍ପଣ ସହ ଗୋସମ୍ବର୍ଦ୍ଧନା ପ୍ରୋଜେକ୍ଟ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ଆୟକର ବିଭାଗର ପୂର୍ବତନ ପ୍ରିନ୍ସପାଲ କମିଶନର ଶରତକୁମାର ଦାଶ, କେଭିଏସ୍‌ ଅଧ୍ୟକ୍ଷା ପ୍ରୀତି ରାୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ଚେୟାରମ୍ୟାନ ହରିହର ହୋତା ପ୍ରମୁଖ ଯୋଗ ଦେଇଥିଲେ। ଇଞ୍ଜିନିୟର ତଥା ନିର୍ମଳାକୃତି ବିକାଶ ଟ୍ରଷ୍ଟର ଚେୟାରମ୍ୟାନ ଦିଲୀପ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟ ସଦସ୍ୟ ଗୁରୁଚରଣ ଦାସ ସଭାପତିତ୍ୱ ଓ ଟ୍ରଷ୍ଟି ଜଗନ୍ନାଥ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ।



ବାର୍ଷିକ ସ୍ମରଣିକା 'କର୍ଷିକା'କୁ ଉନ୍ମୋଚନ କରୁଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ଲେଖକ ସଦାନନ୍ଦ ତ୍ରିପାଠୀ ଓ ଅନ୍ୟମାନେ।

## 'ମିଳିତ ଉଦ୍ୟମରେ ସାହିତ୍ୟ ଆଗେଇବ'

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ କୃଷି ମହାବିଦ୍ୟାଳୟର ୫୮ତମ ବାର୍ଷିକ ସାହିତ୍ୟ ଉତ୍ସବ 'ଅନୁଭୂତି' ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜଣାଶୁଣା ଲେଖକ ସଦାନନ୍ଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ଗଳ୍ପ ମାଧ୍ୟମରେ ଅନେକ ଶିକ୍ଷଣୀୟ କଥା ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ କୁମ୍ଭକର୍ଣ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସାହିତ୍ୟ ମରିଯାଉଛି। କିନ୍ତୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାରୁ ସେ ଆୟୋଜକଙ୍କୁ ପ୍ରଶଂସା କରିବା ସହ ମିଳିତ ଉଦ୍ୟମରେ ସାହିତ୍ୟ ଆଗେଇପାରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟର ବାର୍ଷିକ ସ୍ମରଣିକା 'କର୍ଷିକା'କୁ ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍‌
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଜସ୍ମିନ


ସୁବ୍ରତ


ଲୁକେଶ


ବିନୋଦ


ପମି


ଶଙ୍କର


ରୁଦ୍ର


ପଦ୍ମା


ସଞ୍ଜୟ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଏପ୍ରିଲ, ୨୦୧୯



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
-ସନ୍ଥ ବିନୋବା ଭାବେ



## ସଂକ୍ଷେପରେ

### ବେଆଇନ ମଦ କାରବାର: ୩ ଗିରଫ

**ପାତ୍ରପଡା,୩।୪(ଡି.ଏନ.ଏ.):** ଖଣ୍ଡଗିରି ଥାନା ବରମୁଣ୍ଡା ଅଞ୍ଚଳରେ ଏକ ହୋଟେଲରେ ବେଆଇନ ଭାବେ ବିଦେଶୀ ମଦ ବେପାର କରୁଥିବା ଅଭିଯୋଗରେ ପୋଲିସ ବାପପୁଅଙ୍କୁ ଗିରଫ କରି ବୁଧବାର ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ବରମୁଣ୍ଡା ବେହେରା ସାହି ଅଞ୍ଚଳରେ ରହୁଥିବା ବାପା ପ୍ରମୋଦ କୁମାର ସାହୁ, ପୁଅ ରାଜ କୁମାର। ପୋଲିସ ସେମାନଙ୍କଠାରୁ ୬୨ ଲିଟର ବିଦେଶୀ ମଦ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତିଙ୍କର ବରମୁଣ୍ଡା ଅଞ୍ଚଳରେ ଏକ ହୋଟେଲ ରହିଛି। ସେଠାରେ ବେଆଇନ ଭାବେ ମଦ ବେପାର କରୁଥିଲେ। ଏ ନେଇ ଖବର ମିଳିବା ପରେ ସେଠାରେ ଚଢ଼ାଉ କରି ପୋଲିସ ମଦ ଜବତ କରିଥିଲା। ଏ ସଂକ୍ରାନ୍ତରେ ନଂ. ୧୮୫/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ଆଇଗିଣିଆ ମାଛ ମାର୍କେଟ ଅଞ୍ଚଳରେ ଦେଶୀ ମଦ ବେପାର କରୁଥିବା ଅଭିଯୋଗ ପରେ ପୋଲିସ ସତ୍ୟନ୍ଦ୍ର କୁମାର ଯାଦବଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ୪୦ ବୋତଲ ଦେଶୀ ମଦ ଜବତ କରିବା ସହ ନଂ. ୧୮୬/୧୯ରେ ମାମଲା ରୁଜୁ କରିଛି।

### କଂଗ୍ରେସର ନିର୍ବାଚନୀ ପଦଯାତ୍ରା ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୩। ୪(ଡି.ଏନ.ଏ.):** ବିଭିନ୍ନ ଦଳଗୁଡ଼ିକ ନିର୍ବାଚନୀ ପ୍ରଚାର ଆରମ୍ଭ କରି ଦେଇଛନ୍ତି। ଏହି ଅବସରରେ ଏକାମ୍ର ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢୁଥିବା ରଶ୍ମି ମହାପାତ୍ର ବୁଧବାର ଦଳୀୟ କର୍ମୀଙ୍କ ସହ ସ୍ଥାନୀୟ ନାଥପୁରଠାରୁ ପଦଯାତ୍ରା ଆରମ୍ଭ କରିଥିଲେ। ଅପରାହ୍ନ ୫ଟାରେ ଏଠାରୁ କର୍ମମାନଙ୍କ ସହ ଶୋଭାଯାତ୍ରାରେ ବାହାରି ଭୋଟର ଭଉଣୀଭାଇମାନଙ୍କୁ ଭୋଟ ଭିକ୍ଷା କରିଥିଲେ। ପଦଯାତ୍ରା ଇଟିପୁରଠାରେ ଶେଷ ହୋଇଥିଲା।

### ବିଚ୍ଛିନ୍ନାଞ୍ଚଳରେ ମାଗଣାରେ ବଣ୍ଟାଯିବ ମଧୁ ବର୍ଣ୍ଣବୋଧ

**ଭୁବନେଶ୍ୱର,୩।୪(ବ୍ୟୁରୋ):** ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ବିଦ୍ୟାଳୟଗୁଡ଼ିକରେ ମାଗଣାରେ ମଧୁ ବର୍ଣ୍ଣବୋଧ ବାଣ୍ଟିବ ଓଡ଼ିଆ ଭାଷା ପ୍ରତିଷ୍ଠାନ। ଉତ୍କଳ ସମ୍ମିଳନୀର ଅନୁରୋଧ କ୍ରମେ ବିଚ୍ଛିନ୍ନାଞ୍ଚଳ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ପ୍ରତି ଆକୃଷ୍ଟ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ଡ. ତମସାରାଣୀ ଦାସମହାପାତ୍ର। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଭାଷାର ଉନ୍ନତି ପାଇଁ ସବୁ ସ୍ତରରେ ଆନ୍ତରିକତା ଆବଶ୍ୟକତା ରହିଥିବା ସେ କହିଥିଲେ। ଓଡ଼ିଆ ବହି ଛାପିବା ପାଇଁ ଗ୍ଲୋବାଲ ଟେଣ୍ଡର ହେବା ଓ ଅଣଓଡ଼ିଆମାନେ ଓଡ଼ିଆ ବହି ଛାପିବା ଦ୍ୱାରା ବହିର ମାନ କମିବା ସହ ତ୍ରୁଟି ପରିଲକ୍ଷିତ ହେଉଥିବା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ସୁଧୀର କୁମାର ପଣ୍ଡା କହିଥିଲେ। ଭିଏସ୍‌ଏସ୍ ନଗର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ସଭାରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବରିଷ୍ଠ ସାମାଜିକ କର୍ମୀ ସୀତା ବଲ୍ଲଭ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମିଳନୀ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ସ୍ୱାଗତଭାଷଣ ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ପାଲଟାସିଂ ଅତିଥି ପରିଚୟ ଓ ପ୍ରସନ୍ନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

# ଛାତ୍ରୀଙ୍କୁ ରୁମ୍‌ମେଟ୍‌ଙ୍କ ଛୁରାମାଡ଼

- କଟିଗଲା ହାତ ଆଙ୍ଗୁଠି, ଏସିଡ୍ ମାଡ଼ ଧମକ
- ନ୍ୟାୟ ବଦଳରେ ଥାନାରେ ବସାଇଲା ପୋଲିସ
- ଆପୋସ ସମାଧାନ ପାଇଁ ଚାପ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଶହୀଦନଗର ଥାନାଞ୍ଚଳରେ ଥିବା ଏକ ଘରୋଇ ଲେଡିଜ ହଷ୍ଟେଲରେ ଜଣେ ଛାତ୍ରୀଙ୍କୁ ଛୁରାମାଡ଼ ହୋଇଛି। ତାଙ୍କ ସହ ରହୁଥିବା ଅନ୍ୟ ଜଣେ ଛାତ୍ରୀ ଏହି ଛୁରାମାଡ଼ କରିଥିବାବେଳେ ତାଙ୍କ ବୟଫ୍ରେଣ୍ଡ୍ ଏସିଡ୍ ପକାଇ ମାରିଦେବାକୁ ଧମକ ଦେଇଥିବା ଛାତ୍ରୀଜଣକ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଓଲଟା ତାଙ୍କ ନାମରେ ଅଭିଯୋଗ ହୋଇଥିବା କହି ଥାନାରେ ଅଟକ ରଖିବା ଓ ଆପୋସ ସମାଧାନ ପାଇଁ ଚାପ ପକାଇବା ଘଟଣା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଛାତ୍ରୀ ବାୟାବାବା ମଠ ଅଞ୍ଚଳରେ ଥିବା ଉକ୍ତ ଘରୋଇ ଛାତ୍ରୀ ହଷ୍ଟେଲରେ ରହି ବ୍ୟାଙ୍କିଙ୍ଗ କୋଚିଂ ନେଉଛନ୍ତି। ଏଥିସହ ସେ ଏକ ଘରୋଇ ସଂସ୍ଥାରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ତାଙ୍କ ସହ ଅନ୍ୟଜଣେ ଯୁବତୀ ରହୁଛନ୍ତି। ଉକ୍ତ ଯୁବତୀଙ୍କ ବୟଫ୍ରେଣ୍ଡ୍ ରୁମ୍‌କୁ ଆସିବାରୁ



ଆହତ ଛାତ୍ରୀ।

ଛାତ୍ରୀ ଜଣକ ଏହାକୁ ବିରୋଧ କରିଥିଲେ। ମାସକ ତଳେ ସେ ଏନେଇ ମାଲିକଙ୍କୁ ଜଣାଇବା ପରେ ହଷ୍ଟେଲ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ସପ୍ତାହକ ତଳେ ରୁମ୍‌ମେଟ୍ ତାଙ୍କ ବୟଫ୍ରେଣ୍ଡଙ୍କୁ ଦେଖା କରିବାକୁ ହଷ୍ଟେଲ ଗେଟ୍ ଡେଇଁ ଯିବା ଦୃଶ୍ୟ ସିସିଟିଭିରୁ ଧରାପଡ଼ିବା ପରେ ହଷ୍ଟେଲର ଅନ୍ୟ ଛାତ୍ରୀ ଓ ମାଲିକ ଗାଳିଗୁଲଜ କରିଥିଲେ। ଏହି କଥାକୁ ନେଇ ମଙ୍ଗଳବାର ରାତିରେ ରୁମ୍ ଭିତରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ରୁମମେଟ୍ ଜଣକ ଉତକ୍ଷିପ୍ତ ହୋଇ ରୋଷେଇ ଛୁରିରେ ଛାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ହଷ୍ଟେଲରେ ଥିବା ଅନ୍ୟଛାତ୍ରୀ ଓ ମାଲିକ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ସେ ଥାନରେ ଅଭିଯୋଗ କରିଥିଲେ। ପୋଲିସ ନ୍ୟାୟ ଦେବା ବଦଳରେ ଓଲଟା ରାତି ୧ଟା ପର୍ଯ୍ୟନ୍ତ ଥାନାରେ ବସାଇଥିଲା। ଛୁରାମାଡ କରିଥିବା ଯୁବତୀଙ୍କ ସହଯୋଗୀମାନେ ଥାନାରେ ତାଙ୍କ ନାମରେ ଅଭିଯୋଗ ଆଣିଥିବା ପୋଲିସ କହିଥିଲା। ଆକ୍ରମଣ ପରେ ପ୍ରଥମେ ଥାନାକୁ କାହିଁକି ଆସିଲନି ବୋଲି ଡିସିଓ ଆଶ୍ଚର୍ଯ୍ୟଜନକ ଭାବେ ପଚାରିଥିଲେ। ପୁଣି ବୁଧବାର ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ପୋଲିସ ତାଙ୍କୁ ଥାନାରେ ବସାଇଥିଲା। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଉ ବୋଲି ତାଙ୍କ ପରିବାର ଲୋକେ ଦାବି କରିବାରୁ ପୋଲିସ ଆପୋଷ ସମାଧାନ ଚାପ ପକାଇଥିଲା। ପରେ ଥାନାରୁ ବାହାରୁଥିବାବେଳେ ରୁମ୍‌ମେଟ୍ ଓ ସହଯୋଗୀମାନେ ବାଇକ୍‌ରେ ଆସି ତାଙ୍କୁ ଏସିଡ୍ ମାଡ଼ର ଧମକ ଦେଇଥିବା ଛାତ୍ରୀ ଜଣକ କହିଛନ୍ତି।

ଏ ସଂକ୍ରାନ୍ତରେ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କୁ ପଚାରିବାରୁ ସେ କହିଲେ, ପୋଲିସ ଅବହେଳାର ତଦନ୍ତ କରାଯିବ। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଜଣାଇଛନ୍ତି।



ଭୁବନେଶ୍ୱର ସୂଚନା ଭବନଠାରେ ବୁଧବାର ଆୟୋଜିତ ମାସିକ ପତ୍ରିକା 'ଦି ଆଣ୍ଟି କରପ୍‌ଶନ'ର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

■ ବେପରୁଆ ରାସ୍ତା ନିର୍ମାଣରୁ ଦୁର୍ଘଟଣା

## ଉତ୍ତ୍ୟକ୍ତ ଲୋକେ ଜେସିବି ଲଗାଇ ରାସ୍ତା ଖୋଳିଲେ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

କ୍ୟାପିଟାଲ ଥାନା ଅଧୀନ ଶିଶୁଭବନ ଛକରେ ବେପରୁଆ ରାସ୍ତା ନିର୍ମାଣକୁ ନେଇ ବାରମ୍ବାର ଦୁର୍ଘଟଣା ହେବା ଘଟଣାରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ରାତିରେ ଦୁଇଟି ଦୁର୍ଘଟଣା ଘଟିବା ପରେ ଉତ୍ତ୍ୟକ୍ତ ଲୋକ ଜେସିବି ଲଗାଇ ଉକ୍ତ ରାସ୍ତାରେ ଥିବା ହମ୍ପସକୁ ତାଡି ଦେଇଛନ୍ତି। ସୂଚନା ମୁତାବକ ଶିଶୁଭବନ ଛକଠାରୁ ରାଜମହଲ ଆସିବା ରାସ୍ତାରେ କର୍ତ୍ତୃପକ୍ଷ ଏବଂ ଠିକାଦାରଙ୍କ ଅବହେଳା ଯୋଗୁ ଏକ ଧାରୁଆ ହମ୍ପସ ତିଆରି ହୋଇଥଲା। ସେହି ରାସ୍ତାରେ ଯାଉଥିବା ବେଳେ ହମ୍ପସ ଉପରେ ସାମାନ୍ୟ ଅସାବଧାନତା ହେଲେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାତି ସମୟରେ ଅନେକ ବାଇକ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ କରାଯାଉ ନାହିଁ। ବୁଧବାର ରାତିରେ ଉକ୍ତ ରାସ୍ତାରେ ଥିବା ହମ୍ପସ ଯୋଗୁ ଦୁଇଟି ବାଇକ୍ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଖବର ବ୍ୟାପିବା ପରେ ବାପୁଜୀ ନଗର ଅଞ୍ଚଳର ଶତାଧିକ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ଏଥିସହ ଜେସିବି ଲଗାଇ ଉକ୍ତ ରାସ୍ତାରେ ଥିବା ହମ୍ପସକୁ ଖୋଳି ଦେଇଥିଲେ। ଖବରପାଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରାସ୍ତାର ଠିକ ନିର୍ମାଣ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ସ୍ୱାଧୀନ ପ୍ରାର୍ଥୀ ନବକିଶୋର ମଲ୍ଲିକ ଶୋଭାଯାତ୍ରାରେ ଯାଉଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ଭୀଷ୍ମ ନାରାୟଣ ନାଏକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ଜଣେ ଏମ୍‌ପି, ୧୭ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଖୋର୍ଦ୍ଧା ଅଫିସ/ ପୁରୁଣା ଭୁବନେଶ୍ୱର/ ବାଲକାଟୀ/ ବାଲିପାଟଣା,୩।୪(ଡି.ଏନ୍.ଏ.)**

ତୃତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ ଗୁରୁବାର ଶେଷ ହେବ। ଏହା ପୂର୍ବରୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ନାମାଙ୍କନପତ୍ର ରିଟର୍ନିଂ ଅଫିସରଙ୍କ ନିକଟରେ ଦାଖଲ କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି। ବୁଧବାର ଖୋର୍ଦ୍ଧା ଜିଲାରେ ଜଣେ ଏମ୍‌ପି ପ୍ରାର୍ଥୀଙ୍କ ସମେତ ୧୭ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅଧିକାଂଶ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଆସିଥିଲେ। ଖୋର୍ଦ୍ଧା ଜିଲାପାଳ ତଥା ରିଟର୍ନିଂ ଅଫିସର ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ନିକଟରେ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ମନୋରଞ୍ଜନ ମଲ୍ଲିକଙ୍କ ନିକଟରେ ଚିଲିକା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପାଇଁ ଭାଜପାର ପୃଥ୍ୱୀରାଜ ହରିଚନ୍ଦନ, ହିନ୍ଦୁସ୍ଥାନ ନିର୍ମାଣ ଦଳର ସୁବ୍ରତ କୁମାର ହାବଡାସିଂହ, ସିପିଆଇ (ଏମ୍‌ଏଲ)ର ମୁରଲୀଧର ବେହେରା ପ୍ରମୁଖ ୩ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଲାଗି ବିଜେଡିର ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସ୍ୱାଧୀନ ପ୍ରାର୍ଥୀ ଜିତେନ୍ଦ୍ର ପ୍ରଧାନ ଓ ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ଅନୁରୂପ ଭାବେ ୩ ଜଣ ପ୍ରାର୍ଥୀ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅପରପକ୍ଷେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ପାଇଁ ସ୍ୱାଧୀନରେ ଶଙ୍କର ବେହେରା ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ତୃଣମୂଳ କଂଗ୍ରେସର ଜଦୁମଣୀ ପ୍ରଧାନ, ଭାଜପାର ବିଶ୍ୱରଞ୍ଜନ ବଡଜେନା, ସ୍ୱାଧୀନ ଭାବେ କ୍ଷୀରୋଦ କୁମାର ମଙ୍ଗରାଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ରବୀନ୍ଦ୍ର ନାଥ ଦାସ, ଭୀଷ୍ମ ନାରାୟଣ ନାଏକ ଓ ସରୋଜ କୁମାର ପଣ୍ଡା, ଏଆଇଟିଏମ୍‌ସି ପକ୍ଷରୁ ଭରତ ଚନ୍ଦ୍ର ସେଠୀ, ବିଜେଡି ପକ୍ଷରୁ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଭୁବନେଶ୍ୱର ଉତ୍ତର ପାଇଁ ଭାଜପାର ଅପରାଜିତା ମହାନ୍ତି, ଜୟ ପ୍ରକାଶ ଜନତା ଦଳ ପକ୍ଷରୁ ଡ. ଅକ୍ଷୟ କୁମାର ବାରିକ, ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟ ରଞ୍ଜନ ନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅଖିଳ ଭାରତୀୟ ହିନ୍ଦୁ ମହାସଭା ପକ୍ଷରୁ ସୁମନ୍ତ କୁମାର ସ୍ୱାଇଁ, କଳିଙ୍ଗ ସେନାର ସୁଭଦ୍ରା ମିଶ୍ର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏଆଇଟିଏମସି ପକ୍ଷରୁ ବିଷ୍ଣୁ ଚରଣ ମଲ୍ଲିକ, ଭାଜପାର ନରେନ୍ଦ୍ରନାଥ ନାୟକ, ବିଜେଡିର ଅରବିନ୍ଦ ଢାଲି ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନବକିଶୋର ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ୧୪ ବର୍ଷରେ ବାସନ୍ତୀ ନବରାତ୍ରି ପୂଜା

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ହନୁମାନ ଭକ୍ତ ସମିତି ଓ ୟୁନିଟ୍-୫ ଶ୍ରୀଜଗନ୍ନାଥ ମନ୍ଦିର କମିଟିର ମିଳିତ ସହଯୋଗରେ ଶ୍ରୀ ବାସନ୍ତୀ ନବରାତ୍ରି ପୂଜା ଏପ୍ରିଲ ୫ରୁ ଆରମ୍ଭ ହୋଇ ୧୩ ତାରିଖରେ ସମାପ୍ତ ହେବ। ଓଡ଼ିଶାବାସୀଙ୍କ ମଙ୍ଗଳ କାମନା ତଥା ବିଶ୍ୱଶାନ୍ତି ପାଇଁ ସମର୍ପିତ ଏହି ପୂଜାରେ ସପ୍ତସତୀ ଚଣ୍ଡିପାଠ କରାଯାଇ ଘୃତାହୁତି ନବରାତ୍ରି ମାତାମାନଙ୍କୁ ଅର୍ପଣ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପ୍ରଥମ ଦିନ ମା' ଶୈଳପୁତ୍ରୀ, ଦ୍ୱିତୀୟ ଦିନ ମା' ବ୍ରହ୍ମଚାରିଣୀ, ତୃତୀୟ ଦିନ ମା' ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ ମା' କୁଷ୍ମାଣ୍ଡା ଓ ପଞ୍ଚମ ଦିନ ମା' ସ୍କନ୍ଦମାତାଙ୍କୁ ପୂଜା କରାଯିବ। ସେହିପରି ଷଷ୍ଠ ଦିନ ମା' କାତ୍ୟାୟନୀ, ସପ୍ତମ ଦିନ ମା' କାଳରାତ୍ରି, ଅଷ୍ଟମ ଦିନ ମା' ମହାଗୌରୀ ଓ ନବମ ଦିନ ମା' ସିଦ୍ଧଦାତ୍ରୀଙ୍କ ପୂଜାର୍ଚ୍ଚନା ହେବ। ଆଗ୍ରହୀ ବ୍ୟକ୍ତିମାନେ ଶ୍ରୀଜଗନ୍ନାଥ ମନ୍ଦିର ପୂଜକଙ୍କଠାରୁ ପୂଜା ସମ୍ପର୍କରେ ସମସ୍ତ ସୂଚନା ପାଇପାରିବେ ବୋଲି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଶିବ ପାଇକରାୟ କହିଛନ୍ତି। ଗତ ୧୩ବର୍ଷ ଧରି ଏହି ପୂଜା ସଫଳ ଭାବେ ଆୟୋଜନ ହୋଇଆସୁଥିବା ସେ କହିଥିଲେ। ଖବରଦାତା ସମ୍ମିଳନୀରେ ରତିକାନ୍ତ ପାଢ଼ୀ, ଦେବାଶିଷ ମହାପାତ୍ର, ଜୟପ୍ରକାଶ ମିଶ୍ର, କୁମୁଦିନୀ ପଣ୍ଡା, ଇନ୍ଦିରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ନିଉ ହରାଇଜନ୍ସ ଅଫ୍ ବୁଦ୍ଧିଜମ୍ ଇନ୍ ଓଡ଼ିଶା' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଡ. ଅଜିତ୍ କୁମାର ତ୍ରିପାଠୀ, ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ଡ. ଚନ୍ଦ୍ରଭାନୁ ପଟେଲଙ୍କ ଦ୍ୱାରା ଲିଖିତ ପୁସ୍ତକ 'ନିଉ ହରାଇଜନ୍ସ ଅଫ୍ ବୁଦ୍ଧିଜମ୍ ଇନ୍ ଓଡ଼ିଶା'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଲୋକାର୍ପଣ କରିଛନ୍ତି। ଏ ନେଇ ବୁଧବାର ରାଜଭବନଠାରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ଏଭଳି ଗବେଷଣାତ୍ମକ ପୁସ୍ତକର ବିଶେଷ ଆବଶ୍ୟକତା ଥିବା କହିବା ସହ ଓଡ଼ିଶାର ଇତିହାସ ଓ ଐତିହ୍ୟର ପୁନଃ ଆକଳନରେ ଏହା ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଓଡ଼ିଶାର ସାଂସ୍କୃତିକ ସମ୍ପଦର ବ୍ୟାପକ ପ୍ରସାର ନିମନ୍ତେ ଉଦ୍ୟମ କରିବାକୁ ଲେଖକମାନଙ୍କୁ ପରାମର୍ଶ ଦେଇଥିଲେ। ଲେଖକ ଡ. ଅଜିତ୍ କୁମାର ତ୍ରିପାଠୀ ପୁସ୍ତକ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଆବିଷ୍କୃତ ନୂତନ ତଥ୍ୟ ଓ ଯୁକ୍ତିକୁ ଅନୁଶୀଳନ କଲେ ସ୍ପଷ୍ଟ ଜଣାପଡୁଛି ଯେ ଭଗବାନ ଗୌତମ ବୁଦ୍ଧ ଓଡ଼ିଶାର କପିଳେଶ୍ୱରରେ ଜନ୍ମଗ୍ରହଣ କରିଥିଲେ। ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ, ଲୋକକଥା, ବୌଦ୍ଧଧର୍ମ ସହ ଜଡ଼ିତ ଓଡ଼ିଶାର ଅନେକ ସ୍ଥାନର ପ୍ରାଚୀନତା, କପିଳେଶ୍ୱର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ବିଶେଷତ୍ୱକୁ ଆଧାର କରି ପୁସ୍ତକରେ ଯୁକ୍ତିନିଷ୍ଠ ତଥ୍ୟ ଉପସ୍ଥାପନ କରାଯାଇଛି। ଏହା ବୁଦ୍ଧଙ୍କ ଜନ୍ମସ୍ଥାନ ସମ୍ପର୍କରେ ଏକ ପ୍ରାମାଣିକ ପୁସ୍ତକ ଭାବେ ଗବେଷକମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିବ ବୋଲି ଡ. ତ୍ରିପାଠୀ କହିଥିଲେ। ଲେଖକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନିଲ କୁମାର ମିଶ୍ର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କୁମାର ନାୟକ, ପର୍ଯ୍ୟଟନ ନିର୍ଦ୍ଦେଶକ ବିଭୂତି ଭୂଷଣ ପଟ୍ଟନାୟକ, ଗବେଷକ ସୁନିଲ କୁମାର ପଟ୍ଟନାୟକ, ଅସିତ୍ ମହାନ୍ତି ଓ ରମାକାନ୍ତ ମିଶ୍ର, 'ଆମ୍ବଜା'ର ସମ୍ପାଦକ କବିତା ମଞ୍ଜରୀ ପରିଡ଼ାଙ୍କ ସମେତ ବହୁ ଲେଖକ ଏବଂ ଗବେଷକ ଉତ୍ସବରେ ଉପସ୍ଥିତ ଥିଲେ।

## ଟୁଇନ୍ ସିଟିରେ କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ

**ଭୁବନେଶ୍ୱର,୩।୪(ବ୍ୟୁରୋ)**–ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂକୁ ଜୋର୍‌ଦାର କରାଯିବା ସହ ବେଆଇନ ନିଶା କାରବାର ଏବଂ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ନିର୍ବାଚନ ଆଉ ମାତ୍ର ଅଳ୍ପଦିନ ଥିବାବେଳେ କମିଶନରେଟ ପୋଲିସ ଅଞ୍ଚଳକୁ ଅପରାଧମୁକ୍ତ କରିବା ଏବଂ ଚୋର ଚାଲାଣ ଉପରେ ରୋକ ଲଗାଇବା ନେଇ ସ୍ପେଶାଲ ଡ୍ରାଇଭ ଜାରି ରହିଛି ବୋଲି ଟୁଇନ୍ ସିଟି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ଅନେକ ପେସାଦାର ଅପରାଧୀଙ୍କ ସହ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଥିବା ବେଳେ ଏକ ଶାନ୍ତିପୂର୍ଣ୍ଣ ଅବାଧ ନିର୍ବାଚନ ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଛି। ମିଳିଥିବା ସୂଚନା ମୁତାବକ, ଗତ ଫେବୃୟାରୀ ୨ରୁ ଏପ୍ରିଲ ୨ ମଧ୍ୟରେ କମିଶନରେଟ ପୋଲିସ ଟୁଇନ ସିଟିରେ ସ୍ପେଶାଲ ଡ୍ରାଇଭ ଚଳାଇ ୧୧୦ ଦଫା (ପେସାଦାର ଅପରାଧୀ)ରେ ୧୬୯ଜଣଙ୍କୁ ଗିରଫ କରିଛି। ସେହିପରି ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଫେରାର ୬୦୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହ ୨୬ଟି ବେଆଇନ ଚୋରା ବନ୍ଧୁକ ସହ ମାରଣାସ୍ତ୍ର ଜବତ କରାଯାଇଛି। ବେଆଇନ ନିଶା କାରବାର ଚାଲିଥିବା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮ହଜାର ୬୭୧ ଲିଟର ଦେଶୀ ଓ ବିଦେଶୀ ମଦ ପୋଲିସ ଜବତ କରିଛି। ଏନ୍‌ଡିପିଏସ୍ ଆକ୍ଟରେ ୩୧ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨୩୩.୯ ଗ୍ରାମ୍ ବ୍ରାଉନସୁଗାର ଓ ୩୭.୨୫ କିଲୋ ଗଞ୍ଜେଇ ସହ ୫ଲକ୍ଷ ୯୦ହଜାର ଟଙ୍କା ଜବତ କରାଯାଇଛି।

## ବାଇକ୍‌କୁ ଧକ୍କା ଦେଇ ଡିଭାଇଡର ଉପରକୁ ଚଢ଼ିଗଲା ବୋଲେରୋ, ୩ ଆହତ

**ବାଲିଅନ୍ତା,୩।୪(ଡି.ଏନ୍.ଏ.)**

୧୬ନଂ ଜାତୀୟ ରାଜପଥର ପାହାଳ ଛକ ନିକଟରେ ବୁଧବାର ରାତି ୯ଟା ୩୦ସମୟରେ ଗୋଟିଏ ବୋଲୋରୋ ଏକ ବାଇକ୍‌କୁ ଧକ୍କା ଦେଇ ରାସ୍ତା ମଝିରେ ଥିବା ଡିଭାଇଡର ଉପରକୁ ଚଢ଼ିଯାଇଥିଲା। ଏଥିରେ ବାଇକରେ ବସିଥିବା ଦମ୍ପତିଙ୍କ ସହ ଜଣେ ୮ବର୍ଷର ନାବାଳକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ଘର ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ।





ସୂଚନାଯୋଗ୍ୟ, କଟକ ପଟୁ ଆସୁଥିବା ବୋଲେରୋଟି ରାସ୍ତା ପାର ହେବା ପାଇଁ ପାହାଳ ଛକ ନିକଟରେ ହଠାତ୍ ବୁଲାଇ ଦେଇଥିଲେ। ଏହି ସମୟରେ ଅପରପକ୍ଷରୁ ଆସୁଥିବା ବାଇକ୍‌କୁ ଧକ୍କା ଦେବା ସହ ରାସ୍ତାର ଡିଭାଇଡର ଉପରକୁ ବୋଲେରୋଟି ଚଢ଼ିଯାଇଥିଲା।

## ବିମାନବନ୍ଦରରୁ ୯ଲକ୍ଷ ଟଙ୍କାର ସୁନା ଜବତ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

କଡ଼ା ଯାଞ୍ଚ ସତ୍ତ୍ୱେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନବନ୍ଦର ଦେଇ ବିଦେଶରୁ ଭାରତକୁ ସୁନା ଚାଲାଣ ହେଉଛି। କଷ୍ଟମ ବିଭାଗର ଅଧିକାରୀମାନେ ଦୁଇଜଣ ବିମାନ ଯାତ୍ରୀଙ୍କଠାରୁ ୨୭୮.୮୩ ଗ୍ରାମର ସୁନା ଜବତ କରିଛନ୍ତି। ଜବତ ସୁନାର ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରୁ ଏୟାର ଏସିଆ (ଏଫ୍‌ଡି୧୧୨) ବିମାନ ଭୁବନେଶ୍ୱରରେ ପହଞ୍ଚିବା ପରେ କଷ୍ଟମ ବିଭାଗ ପକ୍ଷରୁ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଇଥିଲା। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଦୁଇଜଣ ଯାତ୍ରୀଙ୍କ ଉପରେ ସନ୍ଦେହ ହେବାରୁ

**ବୋତାମରେ ଲୁଚାଇ ଆଣିଥିଲେ ଦୁଇଜଣ ଯାତ୍ରୀ**



ସେମାନଙ୍କୁ ଅଧିକ ଯାଞ୍ଚ କରାଯିବାରୁ ସେମାନେ ପିନ୍ଧିଥିବା ଓ ଆଣିଥିବା ପୋଷାକ ବୋତାମରେ ଗୋଲେଇ ଆକାରର ସୁନା ମିଳିଥିଲା। ଉକ୍ତ ସୁନାରେ ଧଳାରଙ୍ଗ ଲେପ ଦିଆଯାଇଥିଲା। ଉକ୍ତ ଦୁଇଜଣ ଯାତ୍ରୀଙ୍କୁ ଅଟକ ରଖାଯାଇ ସୁନା ଚାଲାଣରେ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି ବିଭାଗ।

## ପୂଜା ପରେ ଚକରେ ଲାଗିଲା ଅଖ

**ପୁରୁଣା ଭୁବନେଶ୍ୱର, ୩। ୪(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ରୁକୁଣା ରଥ ପାଇଁ ବୁଧବାର ରଥଖଳାରେ ମହାରଣାମାନଙ୍କ ଦ୍ୱାରା ତିଆରି ହୋଇଥିବା ନୂଆ ଚକ, ଅଖକୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ପାଳିଆ ପୂଜାପଣ୍ଡା, ବିଜୟ ପୂଜାପଣ୍ଡାଙ୍କ ସହ ପତ୍ରୀ, ଚର୍ଚ୍ଚେଇତ ସେବକମାନେ ଉପସ୍ଥିତ ରହିଥିଲେ। ଏଥିରେ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ସର୍ଦ୍ଦାରୀ ମହାରଣା ବଟକୃଷ୍ଣ ମହାରଣାଙ୍କ ସମେତ ସୋମନାଥ ମହାରଣା, ବୁବୁ ମହାରଣା ପ୍ରମୁଖ ପାଳିଆ ସେବାୟତ ଉପସ୍ଥିତ ଥିଲେ। ବୁଧବାର ରଥଚକରେ ଏହି ଅଖଗୁଡ଼ିକ ପୂଜାର୍ଚ୍ଚନା ପରେ ଲାଗି କରାଯାଇଥିଲା।

**ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା**



ଚକରେ ଅଖ ଲାଗିବା ପାଇଁ ପୂଜାର୍ଚ୍ଚନା କରାଯାଉଛି।

ସୂଚନାଥାଉ କି ଚଳିତବର୍ଷ ୪୦ ବର୍ଷ ପରେ ୪ଟି ଯାକ ନାହାକା ପରିବର୍ତ୍ତନ କରାଯାଇ ନୂତନ ଭାବେ ନିର୍ମାଣ କରାଯାଇଛି। ଏଭଳି ୧୫ବର୍ଷ ପରେ ଦୁଇଟି ନୂଆ ପାଞ୍ଚଦଣ୍ଡା ଏବଂ ନୂଆ ଓରା ରଥରେ ଲାଗି ହେବା ପାଇଁ ନିର୍ମାଣ କରାଯାଇଥିବା ବଟକୃଷ୍ଣ କହିଛନ୍ତି।

## ନାଲ୍‌କୋର ଉଲ୍ଲେଖନୀୟ ସଫଳତା

**ଭୁବନେଶ୍ୱର,୩।୪**

ନାଲ୍‌କୋ NALCO

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ୨୦୧୮-୧୯ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସବୁଠାରୁ କମ୍ ବ୍ୟୟରେ ବକ୍ସାଇଟ ଓ ଆଲୁମିନା ଉତ୍ପାଦନକାରୀ ଉଦ୍ୟୋଗ ଭାବେ ଏହା ଶ୍ରେଷ୍ଠ ମାନ୍ୟତା ଲାଭ କରିବାକୁ ସକ୍ଷମ ହୋଇଛି। ଏହି ସଫଳତା ପାଇଁ କମ୍ପାନୀ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନାଲ୍‌କୋ ପରିବାରର ସମସ୍ତ ସଦସ୍ୟଙ୍କ ଅଭିନନ୍ଦନ ଜଣାଇଛନ୍ତି। ନାଲ୍‌କୋ ଏହାର ପଞ୍ଚପଟମାଳୀ ବକ୍ସାଇଟ ଖଣିରୁ ୭୪.୧୪ ଲକ୍ଷ ଟନ୍ ବକ୍ସାଇଟ ଉତ୍ତୋଳନ କରିଛି। ୭୨.୧୪ ଲକ୍ଷ ଟନ୍ ବକ୍ସାଇଟ ପରିବହନ, ୨୧.୫୩ ଲକ୍ଷ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ, ଷ୍ଟିମ୍ ଏବଂ ପାୱାର ପ୍ଲାଣ୍ଟ ଉତ୍ପାଦନରେ ରେକର୍ଡ, ସ୍ମେଲଟରରୁ ୮ ବର୍ଷରେ ୪.୪୦ ଲକ୍ଷ ଟନ୍ ଆଲୁମିନା ଉତ୍ପାଦନ ରେକର୍ଡ କମ୍ପାନୀ ନାମରେ ରହିଛି। ସେହିଭଳି ଏହା ୩୬୩ ନିୟୁତ ୟୁନିଟ ପବନ ଶକ୍ତି ଉତ୍ପାଦନ କରିଛି। ୨୦୧୮-୧୯ରେ କମ୍ପାନୀର ମୋଟ ମେଟାଲ ବିକ୍ରି ଗତ ବର୍ଷ ତୁଳନାରେ ୩.୫% ବୃଦ୍ଧି ଘଟି ୪.୪୧ ଲକ୍ଷ ଟନ୍ ରହିଛି।ଏହାର ଘରୋଇ ବଜାରର ମେଟାଲ ବିକ୍ରିରେ ୧୪.୯% ବୃଦ୍ଧି ଘଟି ୪.୦୨ ଲକ୍ଷ ଟନ୍ ରହିଛି। ଏହି ସମୟରେ କମ୍ପାନୀ ତୃତୀୟ ସର୍ବାଧିକ ନିଟ୍ ବୈଦେଶିକ ମୁଦ୍ରା ଅର୍ଜନକାରୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ପରିଣତ ହୋଇଥିବା ସୂଚନା ଦେଇଛି।



କିଆରା

ଅପେରା ହାଲଚାଲ

# ବେହେଲା ମାୟାରେ ସୁବାସ

ସଞ୍ଜ ନଇଁ ଆସିଥାଏ। କାଠଯୋଡି ନଦୀ ପଠାରେ ବସିଥାଏ ଜଣେ ଯୁବକ। ବେଶ୍ ଭାବପ୍ରବଣ ହୋଇ ବଜାଇ ଚାଲିଥାଏ ବେହେଲା। ପାଖରେ ବସିଥିବା ଯୁବତୀ ହଠାତ୍ ଉଠି ଚାଲିଯିବା ପରେ ତା' ଭାବନାରେ ପଡେ ପୂର୍ଣ୍ଣଚ୍ଛେଦ। ଉଠିପଡି ସେ ଚିତ୍କାର କରନ୍ତି : ମିଛ, ଏ ବେହେଲା ମିଛ। ହେ ସମୟ! କାହିଁକି କଲବଲ କରି ମାରୁଛୁ ମୋତେ। ତୁ କ'ଣ ଜାଣିନୁ ଏ ବେହେଲା ଆଉ କେବେ ବାଜିବନି। ବାସ୍, ସେ ବଖାଣି ବସନ୍ତି ନିଜ ଦରଦୀ ମନର କଥା। ତା'ପରେ ନିର୍ଦ୍ଦେଶକ କହନ୍ତି–ଓକେ, କଟ୍। ହଁ, ଏହା କୌଣସି ଚଳଚ୍ଚିତ୍ରର ଶୁଟିଂ ସିକ୍ୱେନ୍ସ ନୁହେଁ। ଅପେରା ସିଜନ ୨୦୧୯–୨୦ ପାଇଁ ଯାତ୍ରା ରଙ୍ଗମହଲର ପ୍ରସ୍ତୁତିପଥେ ନାଟକ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି : ଗୋଟିଏ କଥା ଅନେକ ବ୍ୟଥା'ର ପ୍ରମୋ ଶୁଟିଂ ସମୟର ଏକ ଦୃଶ୍ୟ। ଶଟ୍ ଦେବା ପରେ ଭେଟ ହେଲା ରଙ୍ଗମହଲର ନାୟକ ତଥା ଜଲିଉଡ୍‌ର ଟ୍ରାଜେଡି କିଙ୍ଗ ଭାବରେ ପରିଚିତ ସୁବାସ ବେହେରାଙ୍କ ସହ। ଏପରି ଏକ ଚରିତ୍ରକୁ କିପରି ଦେଖୁଛନ୍ତି ପ୍ରଶ୍ନର ଉତ୍ତରରେ ସେ କହିଲେ, 'ଏହି ନାଟକରେ ମୋ ଚରିତ୍ରଟି ହେଲା ଉଜ୍ଜ୍ୱଳ। ଭାଇ–ଭଉଣୀର ସମ୍ପର୍କରେ କେତେ ନିବିଡ଼ତା ରହିଛି ତାହାକୁ ଆଧାର କରି ନାଟକଟି ରଚିତ। ଏପରି ଭୂମିକାକୁ ସେଣ୍ଟ ପରସେଣ୍ଟ ଜଷ୍ଟିସ ଦେବାକୁ ମୋତେ ତ ବେଶ୍ ପରିଶ୍ରମ କରିବାକୁ ପଡିବ। ଷ୍ଟେଜ ଉପରେ ବେହେଲା ବଜାଇବା ଏକ ନୂଆ ଅନୁଭୂତି। ବେହେଲାକୁ ଏକ ଗିମିକ୍ ଭାବରେ ବ୍ୟବହାର କରାଯାଇଛି ନାଟକରେ। ବେହେଲାକୁ କେନ୍ଦ୍ରକରି ଗଢ଼ି ଉଠିଛି କାହାଣୀ। ଆଉ ଏହା ପଛରେ ହିଁ ଲୁଚି ରହିଛି ଅନେକ କଥା ଅନେକ ବ୍ୟଥା। ହେଲେ ଏତିକି କହିବି, ଏହି ନାଟକରୁ ଦର୍ଶକ ନିଶ୍ଚୟ ଏକ ଡିଫରେଣ୍ଟ ଟେଷ୍ଟ ପାଇବେ।' ଜଲିଉଡ୍‌ରେ 'ମୋ ପେଁକାଳି ବଜେଇ ଦେ' ଏବଂ ନଈ ସେପାରି କନକ ଗୋରୀ' ପରେ ଏହି ନାଟକରେ ଭାଇ–ଭଉଣୀ ସମ୍ପର୍କକୁ ନେଇ ଏକ ଭିନ୍ନ ଧରଣର ଏକ୍ସପେରିମେଣ୍ଟ କରିବାକୁ ଯାଉଛନ୍ତି ନିର୍ଦ୍ଦେଶକ ମହେଶ ହାଜରା। ଉକ୍ତ ନାଟକର ଆଉ ଏକ ବିଶେଷତ୍ୱ ହେଲା, ଏଥିରେ ନାୟିକା ମାମା ଏକ ବିଶେଷ ଚରିତ୍ରରେ ଅବତୀର୍ଣ୍ଣ ହେଉଛନ୍ତି। ଏହି ରୋଲ୍ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏକ ଟର୍ନିଂ ପଏଣ୍ଟ ହେବ ବୋଲି କହନ୍ତି ଏହି ଅଭିନେତ୍ରୀ। ତେବେ ରଙ୍ଗମହଲର ଏହି ବେହେଲା ଗିମିକ୍ ଆସନ୍ତା ସିଜନରେ ଦର୍ଶକଙ୍କୁ କେତେ ମତୁଆଲା କରୁଛି ତାହା ଦେଖିବାକୁ ବାକି ରହିଲା।



ସୁବାସ–ମାମା

# କିସ୍ ପାଇଁ..

କଥାରେ କହନ୍ତି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଦେଖୁନାହାନ୍ତି କିସ୍ ଶଟ୍‌କୁ ନେଇ କେମିତି ଅଡୁଆରେ ପଡିଛନ୍ତି କିଆରା ଆଡୱାନୀ। କଥା କ'ଣ କି ନିକଟରେ ଏକ ଅନଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଥିଲା। କାହାଣୀଟି ସିନା ମନକୁ ଛୁଇଁଲା, ହେଲେ ତା' ଭିତରେ ଗୋଟିଏ କେଁ ରହିଯାଇଥିଲା। ଏଥିରେ ୨–୩ଟି କିସ୍ ଶଟ୍ ଦେବାକୁ ପଡିବ ବୋଲି ଜାଣିବା ପରେ କିଆରାଙ୍କ ହୋସ୍ ଉଡିଯାଥିଲା। ତେବେ ଏ ନେଇ କି ନିଷ୍ପତ୍ତି ନେବେ ସେ ଜାଣିପାରୁନାହାନ୍ତି। ତେଣୁ ଅଫରଟିକୁ ଗ୍ରହଣ କରିବେ କି ମନା କରିଦେବେ ସେ ନେଇ କିଛି ଦିନ ସମୟ ନେଇଛନ୍ତି।

# ଟେନସନରେ ସାରା

ଗୋଟିଏ କଥାକୁ ନେଇ ସେ କେତେ ସଫେଇ ଦେବେ ? ସେ ବିଷୟରେ ସତ କଥା କହି କହି ଥକି ପଡିଲେଣି। ହେଲେ ଗୁଜବ ଥମିବାର ନାଁ ନେଉନାହିଁ। ତେଣୁ ଏହାକୁ ନେଇ ତାଙ୍କର ଟେନସନ ବଢ଼ି ଯାଇଛି। ସେ ହେଲେ ସାରା ଅଲ୍ଲୀ ଖାଁ। ଏବେ ସେ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ପ୍ରେମରେ ଉବୁଟୁବୁ ବୋଲି ଆଲୋଚନା ହେଉଛି। ସେତିକି ନୁହେଁ, ତାଙ୍କ ପ୍ରେମିକ ତାଲିକାରେ ସୁଶାନ୍ତ ସିଂ ରାଜପୁତଙ୍କ ନାମ ମଧ୍ୟ ରହିଛି। ହେଲେ ଏସବୁ କଥା ପଛରେ ଆଦୌ ସତ୍ୟତା ନାହିଁ ବୋଲି ସଫେଇ ଦେଇଛନ୍ତି ସୈଫ ତନୟା।

# ଚିନ୍ମୟୀଙ୍କ ନୂଆ ଯୋଜନା



ଦେବକୀ ଫିଲ୍ମସ ବ୍ୟାନରରେ ନିର୍ମାଣ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚାଲ ଟିକେ ପ୍ରେମ କରିବା'। ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସରୋଜକାନ୍ତ। ଦେବକୀ ସାହୁଙ୍କ କାହାଣୀକୁ ଆଧାରକରି ସଂଳାପ ସହ ଚିତ୍ରନାଟ୍ୟ ଲେଖିଛନ୍ତି ଆଶୁତୋଷ ବାରିକ। ଖାସ୍ କଥା ହେଲା ଏହି ବ୍ୟାନର ଦ୍ୱାରା ନିର୍ମିତ ପ୍ରଥମ ଚଳଚ୍ଚିତ୍ର 'ତୋ ପ୍ରେମରେ ପଡ଼ିଲା ପରେ'ର ନାୟକ ଦେବରାଜଙ୍କୁ ଏଥିରେ ରିପିଟ୍ କରୁଛନ୍ତି ପ୍ରଯୋଜିକା ଚିନ୍ମୟୀ। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାରକରି ଏହାର କାହାଣୀ ଗତିଶୀଳ। ଏଥିରେ ଦେବରାଜଙ୍କ ନାୟିକା ଭୂମିକାରେ କିଏ ଅଭିନୟ କରିବ ସେ ନେଇ ଚୟନ ପ୍ରକ୍ରିୟା ଜାରି ରହିଛି। ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜିକା।

ଛୋଟ ପରଦା

# ଅଭିନୟ ନିଶାରେ ପ୍ରକାଶ



ବର୍ତ୍ତମାନ ଜି ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେଉଛି ମେଗା ଧାରାବାହିକ 'ମୁଁ ବି ଅର୍ଦ୍ଧାଙ୍ଗିନୀ'। ଏଥିରେ ତାନ୍ତ୍ରିକ ଭୂମିକାରେ ଅଭିନୟ କରୁଥିବା କଳାକାର ଜଣକ ହେଲେ ପ୍ରକାଶ କୁମାର ସ୍ୱାଇଁ। କଲିକତାରେ ଚାକିରି କରିଥିଲେ ସେ। ହେଲେ ଅଭିନୟର ନିଶା ତାଙ୍କୁ ଏମିତି ଘାରିଥିଲା ଯେ ଚାକିରି ଛାଡି ଫେରି ଆସିଥିଲେ କଳାକାର ହେବାକୁ। ୨୦୦୯ରେ ସେ କୋଣାର୍କ ଗଣନାଟ୍ୟରେ ଯୋଗ ଦେଇଥିଲେ। ଛଅବର୍ଷର ଅପେରା ଜୀବନ ପରେ ସେ ସୁଯୋଗ ପାଇଥିଲେ ଧାରାବାହିକ 'ବଧୂ'ରେ। ଚରିତ୍ରଟି ଥିଲା କିନ୍ନର। ତା'ପରେ ଧାରାବାହିକ 'ଟୁପୁରୁ ଟାପୁର', 'ତେଜସ୍ୱିନୀ', 'ମୋ ଜେଜେମା'ରେ ଅଭିନୟ କରିସାରିଛନ୍ତି। ହେଲେ 'ମୁଁ ବି ଅର୍ଦ୍ଧାଙ୍ଗିନୀର ଏହି ନେଗେଟିଭ ତାନ୍ତ୍ରିକ ଭୂମିକା ତାଙ୍କୁ ବେଶ୍ ପ୍ରଭାବିତ କରିଛି ବୋଲି କହନ୍ତି ସେ। ଅନ୍ୟପକ୍ଷରେ ପ୍ରସ୍ତୁତ ହେବାକୁ ଯାଉଥିବା କମେଡି ଫିଲ୍ମ 'ଦୁଇ ଦୁଣେ ପାଞ୍ଚ'ରେ ସେ ଅଭିନୟ କରିବାକୁ ଯାଉଛନ୍ତି।

ନୂଆ ସିନେମା

# ଆଇଟମ ଗର୍ଲ ରାନୀ ପଣ୍ଡା



ଏଥର ଖଣ୍ଡଗିରି ଅପେରା ମେଳାର ଆଲୋଚନାର ଶିରୋନାମା ପାଲଟିଥିଲା ରାନୀ ପଣ୍ଡାଙ୍କ ଆଇଟମ୍ ଡ୍ୟାନ୍ସ। ଏହି ସମୟରେ ସେ ଷ୍ଟେଜ୍‌ରୁ ତଳକୁ ଓହ୍ଲାଇ ଜଣେ ଦର୍ଶକଙ୍କ କାନକୁ କାମୁଡି ଦେବାର ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା। ଏବେ ନିର୍ଦ୍ଦେଶକ ସଞ୍ଜୟ ନାୟକ ଏହି ଡ୍ୟାନ୍ସରଙ୍କ ଜୀବନୀକୁ ନେଇ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏହି ବାୟୋପିକ୍‌ର ଟାଇଟଲ ରହିଛି 'ଆଇଟମ ଗର୍ଲ ରାନୀ ପଣ୍ଡା'। ଏନ.ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଦିଲୀପ ଦାଶ ଏବଂ ସୁଶାନ୍ତ କୁମାର ପଣ୍ଡା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ମଳୟ ନାୟକ। ଡ୍ୟାନସର ରାନୀ ତା' ଜୀବନରେ କେତେ ଉତ୍‌ଥାନ ପତନ ଦେଇ ଗତି କରିଛି ତାହା ଫିଲ୍ମରେ ଦେଖିବାକୁ ମିଳିବ ବୋଲି କହନ୍ତି ସଞ୍ଜୟ । ଖାସ୍ କଥା ହେଲା, ଏହାର ଟାଇଟଲ ରୋଲ୍‌ରେ ନିଜେ ରାନୀ ପଣ୍ଡା ଅଭିନୟ କରିବାକୁ ଯାଉଛନ୍ତି। ତେବେ ପୂର୍ବରୁ ବେଶ୍ କେତୋଟି ସୁପରହିଟ୍ ଫିଲ୍ମ ଭେଟି ଦେଇ ସାରିଥିବା ସଞ୍ଜୟ–ମଳୟ ଯୋଡି ଏଥର ଏହି ବାୟୋପିକ୍‌ରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆଶାରେ ଅନନ୍ୟା

ନୂଆ ଓଡିଆ ସିନେମା 'କଟି ପତଙ୍ଗ'ର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅନନ୍ୟା। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ପ୍ରେମକୁ ଆଧାର କରି କାହାଣୀ ଗତିଶୀଳ। ପ୍ରେମ କେବେ ଜାତି, ଗୋତ୍ର ବୁଝେନା। ହେଲେ ଜଣେ ଯୁବକ କିପରି ସାମାନ୍ୟ ଭୁଲ ପାଇଁ ନିଜ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉଛି ତାହା ଦେଖିବାକୁ ମିଳିବ ସିନେମାରେ। ଶକ୍ତି ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'କଟି ପତଙ୍ଗ'ର ପ୍ରଯୋଜନା କରିଛନ୍ତି ଦେବେନ୍ଦ୍ର ନାଥ ସାହୁ। ମଧୁସ୍ମିତା ଦାସଙ୍କ କାହାଣୀକୁ ଆଧାର କରି ଅଜୟ ସାମଲ ସଂଳାପ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି ଏସ. ଚନ୍ଦ୍ରକାନ୍ତ। ଫିଲ୍ମର ମେଲ୍ ଲିଡ୍‌ରେ ଅଛନ୍ତି ଅଭିଷେକ ରଥ। ଆର.କେ., ରାଣୀ ପ୍ରିୟଦର୍ଶିନୀ, ଅସୀତ ପତି, ଅଜିତ ଦାସ, ମନୀଷା ମିଶ୍ର, ସରୋଜ ଦାସ, କାଳି, କୁଲୁ, ଦେବ, ଅଶୋକ, ପ୍ରତାପ, ପ୍ରିୟଙ୍କା, ପ୍ରିନ୍ସ ଆର୍ଯ୍ୟନ ଏବଂ ବିଷ୍ଣୁଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ମାସ ତୃତୀୟ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି।



ଅଭିଷେକ–ଅନନ୍ୟା

"୨୦୧୮-୧୯ ଆର୍ଥିକ ବର୍ଷରେ ଘରୋଇ ବଜାରର ରପ୍ତାନି ୩୩୦ ବିଲିୟନ ଡଲାର ଛୁଇଁବା ନେଇ ଆଶାବାଦୀ ।

– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



"ଚଳିତବର୍ଷ ଭାରତ ବଜାରରେ ହାଇବ୍ରିଡ ଏବଂ ବ୍ୟାଟେରି ପରିଚାଳିତ ଯାନ ଆଣିବା ଲାଗି ଯୋଜନା ଧାର୍ଯ୍ୟ ହୋଇଛି।

– ରୋହିତ ସୁରୀ, ସଭାପତି, ଜାଗୁଆର ଇଣ୍ଡିଆ



## ସଂକ୍ଷେପରେ

### ପାନାମା ପେପର ଲିକ୍ ଟିକସ ବାବଦରେ ୨୨ ଦେଶକୁ ମିଳିଛି ୧.୨ ଲକ୍ଷ କୋଟି

**ଫ୍ରାଙ୍କଫର୍ଟ,୩-୪:** ପାନାମା ପେପର ଲିକ୍ ମାମଲାରେ ବିଦେଶରେ ହୋଇଥିବା କାରବାର ସମ୍ପର୍କରେ ସୂଚନା ମିଳିବା ପରେ ଆରମ୍ଭ ହୋଇଥିବା ଯାଞ୍ଚରୁ ବିଶ୍ୱର ୨୨ ଦେଶର ଆୟକର ବିଭାଗ ଜରିମାନା ଓ ଟିକସ ବାବଦରେ ୧.୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ହାସଲ କରିଛନ୍ତି। ଏ ସମ୍ପର୍କରେ ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନ୍ୟାଶନାଲ କନସୋର୍ଟିୟମ ଅଫ୍ ଇନ୍‌ଭେଷ୍ଟିଗେଟିଭ ଜର୍ନାଲିଷ୍ଟସ (ଆଇସିଆଇଜେ) ନିଜର ୱେବସାଇଟରେ ଦର୍ଶାଇଛି ଯେ, ବ୍ରିଟେନ ୨୫.୩ କୋଟି, ଫ୍ରାନ୍ସ ୧୩.୬ କୋଟି, ଅଷ୍ଟ୍ରେଲିଆ ୯.୩ କୋଟି ଡଲାର ଟିକସ ଓ ଜରିମାନା ବାବଦରେ ଆଦାୟ କରିଛନ୍ତି। ଜର୍ମାନୀର ଏକ ଖବର କାଗଜ ସ୍ୟୁଜ୍ ଡୋୟଚେ ଜେଇଟୁଙ୍ଗ ନିଜର ରିପୋର୍ଟରେ ଦର୍ଶାଇଛି ଯେ, ଟିକସ ଯାଞ୍ଚ ସହ ଜଡିତ ମାମଲାରେ ଜର୍ମାନୀକୁ ୧୮.୩ କୋଟି ଡଲାର ମିଳିଛି। ପାନାମାର ଏକ କମ୍ପାନୀ ମୋସାକ ଫନସେକାର କିଛି ଦସ୍ତାବିଜ ଏହି ଖବର କାଗଜକୁ ମିଳିଥିଲା। ଏହା ଉପରେ ଯାଞ୍ଚ କରାଯାଇଥିଲା। ଆଇସିଆଇଜେ ପକ୍ଷରୁ କୁହାଯାଇଛି ଯେ, ବିଦେଶରେ ଲୁଚାଯାଇଥିବା ସମ୍ପତ୍ତିରୁ ପ୍ରାପ୍ତ ରାଶି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ଯୋଜନାକୁ ପାଣି ଯୋଗାଉଛି।

### ବକେୟା ନେଇ ମାଲ୍ୟା-ବ୍ୟାଙ୍କ ମୁହାଁମୁହିଁ

**ଲଣ୍ଡନ,୩-୪:** ବକେୟା ଆଦାୟକୁ ନେଇ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଓ ଭାରତୀୟ ବ୍ୟାଙ୍କ ମଧ୍ୟରେ ଆଇନଗତ ଲଢ଼େଇ ଆରମ୍ଭ କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ନେତୃତ୍ୱରେ ଭାରତୀୟ ବ୍ୟାଙ୍କ କନସୋର୍ଟିୟମ ମାଲ୍ୟାଙ୍କ ବ୍ରିଟେନସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ଚଳନ୍ତି ଆକାଉଣ୍ଟରେ ଥିବା ୨ଲକ୍ଷ ୬୦ ହଜାର ପାଉଣ୍ଡକୁ ପାଇବା ଲାଗି ଅନ୍ତରୀଣ ନିର୍ଦ୍ଦେଶ ହାସଲ କରିଛି। ଏହି ନିର୍ଦ୍ଦେଶ ଭାରତୀୟ ଋଣ ଅସୁଲ ନ୍ୟାୟାଧିକରଣ ଦେଇଛନ୍ତି। ଏବେ ମାଲ୍ୟା ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଛନ୍ତି। ସ୍ଥାନୀୟ ଅଦାଲତର କ୍ୱିନ୍ସ ବେଞ୍ଚ ଡିଭିଜନରେ ମାଷ୍ଟର ଡେଭିଡ କୁକ୍‌ଙ୍କ ଦ୍ୱାରା ମାମଲାର ଶୁଣାଣି ବେଳେ ମାଲ୍ୟାଙ୍କ ଓକିଲ ଏହି ଅନ୍ତରୀଣ ନିର୍ଦ୍ଦେଶକୁ ଖାରଜ କରିବା ଲାଗି ଯୁକ୍ତି ଦର୍ଶାଇଛନ୍ତି।

### ମାର୍ଚ୍ଚରେ ମଧ ହେଲାନି ଟାଟା ନାନୋ ଉତ୍ପାଦନ

**ନୂଆଦିଲ୍ଲୀ,୩-୪:** ଟାଟା ମୋଟର୍ସ ଦ୍ୱାରା ଉତ୍ପାଦିତ ଲକ୍ଷେ ଟଙ୍କିଆ କାର୍ ନାନୋର ଉତ୍ପାଦନ ମାର୍ଚ୍ଚରେ ମଧ ବନ୍ଦ ରହିଛି। କ୍ରମାଗତ ୩ ମାସ ହେଲା କାରଖାନାରେ ଗୋଟିଏ ହେଲେ ନାନୋ ତିଆରି ହୋଇପାରିନାହିଁ। ଏହାକୁ ଦେଖି 'ଲୋକଙ୍କ କାର' କୁହାଯାଉଥିବା ନାନୋର ଭବିଷ୍ୟତ ସନ୍ଦେହ ଘେରକୁ ଆସିଯାଇଛି। ଷ୍ଟକ୍ ମାର୍କେଟକୁ ଦିଆଯାଇଥିବା ସୂଚନାରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଗତ କେତେ ମାସ ହେବ କାରଖାନାରେ ଗୋଟିଏ ହେଲେ ନାନୋ ଉତ୍ପାଦନ ହୋଇ ନାହିଁ। ତେବେ ନାନୋର ଭବିଷ୍ୟତ ନେଇ ଅଦ୍ୟାବଧି କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ଟାଟା ମୋଟର୍ସ ପକ୍ଷରୁ ଏବେ ମଧ କୁହାଯାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିରେ ନୂଆ ସୁରକ୍ଷା ଓ ଉତ୍ସର୍ଜନ ମାନଦଣ୍ଡ ହିସାବରେ ଏହି କାର୍ ଉତ୍ପାଦନ ଲାଗି ଅଧିକ ନିବେଶର ଆବଶ୍ୟକତା ରହିଛି।

### ଟିଭିଏସ୍ ଭିକ୍ଟରରେ ସିଙ୍କ୍ରୋନାଇଜଡ ବ୍ରେକିଂ ଟେକ୍ନୋଲୋଜି

**ନୂଆଦିଲ୍ଲୀ,୩-୪:** ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଏହାର ଲୋକପ୍ରିୟ ଦୁଇଚକିଆ ମଡେଲ 'ଭିକ୍ଟର'ରେ ସିଙ୍କ୍ରୋନାଇଜ ବ୍ରେକିଂ ଟେକ୍ନୋଲୋଜି (ଏସ୍‌ବିଟି) ବ୍ୟବହାର ସମ୍ପର୍କରେ ଘୋଷଣା କରାଯାଇଛି। ଗାଡିର ସ୍ଥିରତା ରକ୍ଷା ଦିଗରେ ଏହା କାର୍ଯ୍ୟ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ପ୍ରଯୁକ୍ତି ବ୍ରେକିଂ ଦୂରତା ହ୍ରାସ କରିବାରେ ସହାୟକ ହୋଇ ପାରିବ। କମ୍ପାନୀର ଭିକ୍ଟର ମଡେଲ ୧୧୦ ସିସି ଇଞ୍ଜିନ କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ୩ ଭଲବ ଅଏଲ କୁଲଡ ଇଞ୍ଜିନ ସହ ଆସୁଛି। ଏଥିରେ ଇଲେକଟ୍ରିକ ଷ୍ଟାର୍ଟ, ୪ ସ୍ପିଡ ପାୱାର ଟ୍ରେନ ରହିଛି। ଏହାର ପ୍ରିମିୟମ ଏଡିଶନରେ କ୍ରୋମ ସାଇଡ କଭର, କ୍ରୋମ କ୍ରାସ ଗାର୍ଡ, ଗୋଲଡେନ କେଶ ଇଞ୍ଜିନ କଭର, ଷ୍ଟାଇଲିସ ଗ୍ରାଫିକ୍ସ, ଡୁଆଲ ଟୋନ ଶିଟ ବ୍ୟବହାର ହେଉଛି। ଏହା ବ୍ଲାକ ଗ୍ଲୋଡ, ରେଡ ଗୋଲ୍ଡ, ମେଟ ବ୍ଲୁ, ମେଟ ସିଲଭର ରଙ୍ଗରେ ଉପଲବ୍ଧ ହେଉଛି। ଏହାର ବଜାର ଦର ୫୪,୬୮୨ ଟଙ୍କାରୁ ଆରମ୍ଭ ହୋଇଛି।

# ବିଏସ୍‌ଏନ୍‌ଏଲ୍‌ରୁ ଛଟେଇ ହେବେ ୫୪ ହଜାର



- କର୍ମଚାରୀଙ୍କ ଅବସର ସୀମା ୫୮ ବର୍ଷକୁ ହ୍ରାସ ପାଇବ
- ସରକାରଙ୍କ ୧୦ରୁ ୩ ପ୍ରସ୍ତାବ ଗୃହୀତ
- କମ୍ପାନୀ ୧୩, ୮୯୫ କୋଟି ଟଙ୍କା ଖର୍ଚ୍ଚ କରିବ

**ନୂଆଦିଲ୍ଲୀ,୩-୪**

ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍)କୁ ପୁନରୁଜ୍ଜୀବିତ କରିବା ଲାଗି କେନ୍ଦ୍ର ସରକାରଙ୍କ କେତେକ ପ୍ରସ୍ତାବକୁ ଏହାର ବୋର୍ଡ ଗ୍ରହଣ କରିନେଇଛି। କମ୍ପାନୀ ନିକଟରେ ୧,୭୪,୩୧୨ ଜଣ କର୍ମଚାରୀ ଥିବା ବେଳେ ଅବସର ବୟସକୁ ୫୮ ବର୍ଷକୁ କମାଇ ସମୟ ପୂର୍ବରୁ ୫୪,୪୫୧ ଜଣଙ୍କୁ ଭିଆର୍‌ଏସ୍ ମାଧ୍ୟମରେ ଛଟେଇ କରିବା ଲାଗି ବୋର୍ଡ ନିଷ୍ପତ୍ତି ନେଇଛି। ଯାହାକି ସମ୍ପୂର୍ଣ୍ଣ କର୍ମଚାରୀ ସଂଖ୍ୟାର ୩୧%। ତେବେ ଟେଲିକମ ବିଭାଗ ସାଧାରଣ ନିର୍ବାଚନ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ବୋର୍ଡକୁ ଅନୁମତି ଦେବ ବୋଲି କୁହାଯାଉଛି।

ମିଡିଆ ରିପୋର୍ଟ ଅନୁଯାୟୀ, ବିଏସ୍‌ଏନ୍‌ଏଲକୁ ଆର୍ଥିକ ସଙ୍କଟରୁ ମୁକୁଳାଇବା ଲାଗି ସରକାରଙ୍କ ଦ୍ୱାରା ଗଠିତ ବୋର୍ଡର ୧୦ ମଧ୍ୟରୁ ୩ ପ୍ରସ୍ତାବକୁ କମ୍ପାନୀ ଗ୍ରହଣ କରିନେଇଛି। ଉଲ୍ଲେଖ କରାଯାଇପାରେ ଯେ, ଆର୍ଥିକ ସଙ୍କଟ କାରଣରୁ ବିଏସ୍‌ଏନ୍‌ଏଲ ପ୍ରଥମଥର କର୍ମଚାରୀଙ୍କୁ ଠିକ୍ ସମୟରେ ବେତନ ଦେଇପାରିନାହିଁ। ତେବେ କମ୍ପାନୀକୁ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ଲାଗି ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ଜଣାପଡିଛି। ବିଏସ୍‌ଏନ୍‌ଏଲର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ, ସରକାରଙ୍କ କେତେକ ଫସିଯାଇଥିବା ପ୍ରକଳ୍ପରୁ ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀକୁ ଖୁବ୍‌ଶୀଘ୍ର ୨୯୦୦ କୋଟି ଟଙ୍କା ମିଳିଯିବ। ଏପ୍ରିଲ ଅଥବା ମେ ଶେଷ ସୁଦ୍ଧା କମ୍ପାନୀ ଏହା ପାଇବ। ଏହାଛଡ଼ା କମ୍ପାନୀକୁ ଅନ୍ୟାନ୍ୟ ବ୍ୟବସାୟରୁ ୫୦୦ କୋଟି ଟଙ୍କା ମିଳିବାକୁ ଯାଉଛି। ଏହାବାଦ ନମନୀୟ ଋଣ ବାବଦରେ କମ୍ପାନୀ ୩୫୦୦ କୋଟି ଟଙ୍କା ପାଇବ। ଏହି ସମସ୍ତ ଟଙ୍କା ମିଳିବା ପରେ ବିଏସ୍‌ଏନ୍‌ଏଲର ଆର୍ଥିକ ସ୍ଥିତି କିଛି ମାତ୍ରାରେ ସମ୍ଭାଳିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଖର୍ଚ୍ଚ କମାଇବାକୁ ଯାଇ କମ୍ପାନୀ ପୂର୍ବରୁ ଏକ ଭିଆର୍‌ଏସ ଯୋଜନା ଲାଗୁ କରିବାକୁ ଚିନ୍ତା କରୁଛି। କମ୍ପାନୀରେ କାର୍ଯ୍ୟରତ ୫୬ରୁ ୬୦ ବର୍ଷର ୬୭୦୦୦ କର୍ମଚାରୀଙ୍କୁ ପ୍ରଥମେ ଏଥିପାଇଁ ଟାର୍ଗେଟ କରାଯିବ ବୋଲି କୁହାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ୫୦% ଅର୍ଥାତ ୩୩,୫୬୮ ଜଣଙ୍କୁ ଭିଆର୍‌ଏସ ଦିଆଗଲେ କମ୍ପାନୀ ବେତନ ବାବଦରେ ଆସନ୍ତା ୬ ବର୍ଷ ଭିତରେ ପ୍ରାୟ ୧୩,୮୯୫ କୋଟି ଟଙ୍କା ସଞ୍ଚୟ କରିପାରିବ। ସେତିକି ପରିମାଣ ଟଙ୍କା କମ୍ପାନୀ ଭିଆର୍‌ଏସ ବାବଦରେ ଖର୍ଚ୍ଚ କରିବ। ସୂଚନାଥାଉ କି, ଟେଲିକମ ଉଦ୍ୟୋଗରେ ରିଲାଏନ୍ସ ଜିଓର ପ୍ରବେଶ ପରେ ୨୦୧୭-୧୮ରେ ବିଏସ୍‌ଏନ୍‌ଏଲର ରାଜସ୍ୱ ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି। ଏହି ଆର୍ଥିକ ବର୍ଷରେ କମ୍ପାନୀ ୭,୯୯୩ କୋଟି ଟଙ୍କା କ୍ଷତି ସହିଲାଣି, ଯାହାକି ଗତବର୍ଷ ଅପେକ୍ଷା ୬୬% ଅଧିକ।

## ବିମାନରେ ଇଣ୍ଟରନେଟ୍ ପାଇଁ ଲାଇସେନ୍ସ

**ନୂଆଦିଲ୍ଲୀ,୩-୪**

ବିମାନ କିମ୍ବା ଜାହାଜରେ ଏଣିକି ଇଣ୍ଟରନେଟ ସୁବିଧା ମିଳିବ। ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍‌କୁ ଏଥିପାଇଁ ଟେଲିକମ୍ ମନ୍ତ୍ରଣାଳୟରୁ ଲାଇସେନ୍ସ ମିଳିଯାଇଛି। କମ୍ପାନୀ ଏବେ ବିଦେଶୀ ପାର୍ଟନର ଇନ୍‌ମାରସ୍ୟାଟ୍ ଜରିଆରେ ଯାତ୍ରୀଙ୍କୁ ଏହି ସୁବିଧା ଯୋଗାଇ ପାରିବ। ଭାରତରେ କାର୍ଯ୍ୟରତ ସମସ୍ତ ବିମାନ କମ୍ପାନୀ ଅଥବା ଭାରତୀୟ ବାୟୁସୀମା ଉପର ଦେଇ ଯାତ୍ରା କରୁଥିବା ବିଦେଶୀ ବିମାନରେ ଇଣ୍ଟରନେଟ ସୁବିଧା ମିଳିବ। ଏୟାରଲାଇନ୍ସ କମ୍ପାନୀଗୁଡ଼ିକ ବିଏସ୍‌ଏନ୍‌ଏଲ୍‌ର କେଏ ବ୍ୟାଣ୍ଡ, ସ୍ୱିଫ୍ଟ ବ୍ରଡବ୍ୟାଣ୍ଡ ଅଥବା ଫ୍ଲିଟ୍ ବ୍ରଡବ୍ୟାଣ୍ଡ ସେବା ନେଇପାରିବେ। ଏହି ସେବା ଭାରତୀୟ ସମୁଦ୍ର ସୀମା ମଧ୍ୟରେ ପରିଚାଳିତ ସମସ୍ତ ଜାହାଜରେ ମଧ ଉପଲବ୍ଧ ହେବ। ଚଳିତବର୍ଷ ଶେଷ ସୁଦ୍ଧା ବିମାନ ଓ ଜାହାଜରେ ଏହି ସୁବିଧା ଆରମ୍ଭ କରାଯିବ। ଏଥିଲାଗି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ଇନ୍‌ମାରସ୍ୟାଟ୍ କହିଛି।

## ଏସିଆନ୍ ଟୁର ପକ୍ଷରୁ ସମ୍ବର୍ଦ୍ଧିତ ହେଲେ ପଓ୍ୱନ ମୁଞ୍ଜାଲ



**ନୂଆଦିଲ୍ଲୀ,୩-୪**

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା କମ୍ପାନୀ ହିରୋମୋଟୋ କର୍ପ ଲିମିଟେଡର ଅଧ୍ୟକ୍ଷ ପଓ୍ୱନ ମୁଞ୍ଜାଲଙ୍କୁ ଏସିଆନ ଟୁର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏସିଆରେ ଗଲ୍ଫ କ୍ରୀଡାର ବିକାଶ ଲାଗି ଦୀର୍ଘ ଦିନ ଧରି ରହିଥିବା ଯୋଗଦାନ ଆଧାରରେ ତାଙ୍କୁ ଏହି ସମ୍ବର୍ଦ୍ଧନା ମିଳିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭାରତୀୟ ଗଲ୍ଫର ତଥା ଏସିଆନ୍ ଟୁରର ଖେଳାଳି ଶିବ କୁମାର ମୁଞ୍ଜାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହିରୋ ଇଣ୍ଡିଆନ ଓପନକୁ ଗତ ୧୪ ବର୍ଷ ମୁଞ୍ଜାଲ ପ୍ରୋତ୍ସାହିତ କରିଥିବା କୁମାର କହିଛନ୍ତି। ସେହିଭଳି ହିରୋ ୱିମେନ ଇଣ୍ଡିଆନ ଓପନ, ହିରୋ ୱାର୍ଲଡ ଚ୍ୟାଲେଞ୍ଜ ତଥା ଅନ୍ୟାନ୍ୟ କ୍ରୀଡାର ବିକାଶ ଦିଗରେ କମ୍ପାନୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ଏହା ସୂଚନା ଦେଇଛି। ଏହି ଅବସରରେ ସାରା ବିଶ୍ୱରେ ଗଲ୍ଫର ବିକାଶ ଲାଗି ପ୍ରୟାସ ଜାରି ରହିଥିବା ପଓ୍ୱନ ମୁଞ୍ଜାଲ କହିଛନ୍ତି।

## ୮୨୯୯ କୋଟି ଜିଏସ୍‌ଟି ସଂଗ୍ରହ କଲା ଭୁବନେଶ୍ୱର ଜୋନ




**ଭୁବନେଶ୍ୱର,୩-୪**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି), ସୀମା ଶୁଳ୍କର ଭୁବନେଶ୍ୱର ଜୋନ କାର୍ଯ୍ୟାଳୟ ୨୦୧୮-୧୯ରେ ଟିକସ ସଂଗ୍ରହରେ ଧାର୍ଯ୍ୟ ଲକ୍ଷ୍ୟକୁ ଟପିବାରେ ସକ୍ଷମ ହୋଇଛି। ଜୋନ ପକ୍ଷରୁ ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଟିକସ, ସୀମା ଶୁଳ୍କ ବାବଦକୁ ଟିକସ ସଂଗ୍ରହ ବେଶ୍ ଉନ୍ନତ ରହିଛି। ଏହି ସମୟରେ ୮୨୯୯ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ୫୫୯୦ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିବାକୁ ଲକ୍ଷ୍ୟ ରହିଥିଲେ ମଧ ଏହି ଲକ୍ଷ୍ୟକୁ ଟପିବାରେ ଜୋନ ସକ୍ଷମ ହୋଇଛି ବୋଲି ମୁଖ୍ୟ କମିଶନର ନରେଶ ପେନୁମାକା କହିଛନ୍ତି। ଏକ ଖବରଦାତା କାର୍ଯ୍ୟକ୍ରମରେ ପେନୁମାକା କହିଛନ୍ତି ଯେ, ବକେୟା ଟିକସ ବାବଦକୁ ସର୍ଭିସ ଟାକ୍ସରେ ୨୪୭ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଉତ୍ପାଦ ଟିକସ ବାବଦକୁ ୧୭,୭୧୨ କୋଟି ଟଙ୍କା ଆଦାୟ ହୋଇଛି। ୧୭,୬୨୦ କୋଟି ଟଙ୍କା କେନ୍ଦ୍ରୀୟ ଉତ୍ପାଦ ଟିକସ ସଂଗ୍ରହ କରିବାକୁ ପୂର୍ବରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାବାଦ ସୀମା ଟିକସ ବାବଦକୁ ୫,୧୧୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ ଟିକସ ସଂଗ୍ରହ ୫୨୯୭ କୋଟି ଟଙ୍କା ରହିଛି। ଏହି ସମୟରେ ଜୋନ ପକ୍ଷରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୪.୪୬ କୋଟି ଟଙ୍କା ମୂଲ୍ୟର ୧୩.୭୭ କିଲୋ ସୁନା ଜବତ ହୋଇଛି ବୋଲି ପେନୁମାକା କହିଛନ୍ତି।

## ଜେଟ୍ କର୍ମଚାରୀଙ୍କୁ ମିଳିବନି ମାର୍ଚ୍ଚ ବେତନ

**ନୂଆଦିଲ୍ଲୀ,୩-୪**

ଆର୍ଥିକ ସଙ୍କଟରେ ଫସିଥିବା ଜେଟ୍ ଏୟାରୱେଜ ଏହାର ୧୬ ହଜାର କର୍ମଚାରୀଙ୍କୁ ମାର୍ଚ୍ଚର ବେତନ ଦେବନାହିଁ ବୋଲି କହିଛି। ଋଣ ସମାଧାନ ଯୋଜନାରେ ହେଉଥିବା ଅସୁବିଧା ଯୋଗୁ ଏହା ବେତନ ଦେଇପାରୁନାହିଁ ବୋଲି କମ୍ପାନୀ କହିଛି। କମ୍ପାନୀର ମୁଖ୍ୟ ପିପଲ୍ସ ଅଧିକାରୀ ରାହୁଲ ତନେଜା ବୁଧବାର କର୍ମଚାରୀଙ୍କୁ ପତ୍ର ଲେଖି ଏ ସମ୍ପର୍କରେ କହିଛନ୍ତି। ଆସନ୍ତା ୯ରେ କମ୍ପାନୀ ବେତନ ପ୍ରଦାନ ନେଇ ପରବର୍ତ୍ତୀ ସୂଚନା ଦେବ ବୋଲି ପତ୍ରରେ କୁହାଯାଇଛି। ଅନ୍ୟପକ୍ଷରେ ଜେଟ୍ ଏୟାରୱେଜର ମାତ୍ର ୨୮ ବିମାନ ଏବେ ଉଡ଼ାଣ ଭରୁଛି ବୋଲି ବେସାମରିକ ବିମାନ ଚଳାଚଳ ସଚିବ ପି.ଏସ୍. ଖରୋଲା କହିଛନ୍ତି।

## ୫ ଲକ୍ଷ ଯୁବକଙ୍କୁ ଦିଆଯିବ ଇଣ୍ଟର୍ନଶିପ୍ ସହ ୬ ହଜାର

**ନୂଆଦିଲ୍ଲୀ,୩-୪:** ନିର୍ବାଚନର ଠିକ୍ ପୂର୍ବରୁ ମୋଦି ସରକାର ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରିବାକୁ ଯାଇ ଏକ ନୂଆ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଯାଉଛି। ପ୍ରଥମଥର କୌଣସି ସରକାରୀ ଯୋଜନା ଅଧୀନରେ ବିଶ୍ୱବିଦ୍ୟାଳୟ ଓ କଲେଜରେ ପାଠପଢୁଥିବା ୫ ଲକ୍ଷ ଯୁବତୀଯୁବକ(ଅଣଟେକ୍ନିକାଲ)ଙ୍କୁ ସ୍ୱତନ୍ତ୍ର ସେକ୍ଟରରେ କାମ କରିବାର ସୁଯୋଗ ଦିଆଯିବ। ଜୁଲାଇରେ ୬ ମାସିକିଆ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ଅଧୀନରେ ଶିକ୍ଷାରତ ଛାତ୍ରୀଛାତ୍ରଙ୍କୁ ମାସକୁ ଷ୍ଟାଇପେଣ୍ଡ ବାବଦରେ ୬ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ୧୫୩୩ ଅଣ ଟେକ୍ନିକାଲ ବିଶ୍ୱବିଦ୍ୟାଳୟ ଓ କଲେଜରୁ ୯.୨୫ ଲକ୍ଷ ଯୁବବର୍ଗଙ୍କୁ ସର୍ବାଧିକ ୬ ମାସର ଇଣ୍ଟର୍ନଶିପ୍ ପ୍ରୋଗ୍ରାମରେ ସାମିଲ କରାଯିବ। ସ୍କିମ୍ ଫର୍ ହାୟର ଏଜୁକେଶନ ଫର୍ ଆପ୍ରେଣ୍ଟିସ୍‌ଶିପ୍ ଆଣ୍ଡ ସ୍କିଲ୍ସ (ଶ୍ରେୟାସ) ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମନୋନୟନପତ୍ର ଦାଖଲ କରିବାର ଶେଷତାରିଖ ମାର୍ଚ୍ଚ ୨୫ ଥିଲା।

## ହୋଣ୍ଡା ଆଫ୍ରିକା ଟ୍ୱିନର ବୁକିଂ ଆରମ୍ଭ

**ଭୁବନେଶ୍ୱର,୩-୪**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ୨୦୧୯ ହୋଣ୍ଡା ଆଫ୍ରିକା ଟ୍ୱିନର ବୁକିଂ ଆରମ୍ଭ ହୋଇଛି। ଏହା ଗ୍ଲିଟ ୱେଭ୍ ବ୍ଲୁ ମେଟାଲିକ ରଙ୍ଗ, ଗୋଲଡେଲ ହ୍ୟାଣ୍ଡେଲ ବାର ଏବଂ ହ୍ୱିଲ ରିମ୍ ସହ ଆସୁଛି। ଏହା ସବୁ ପ୍ରକାରର ସଡକରେ ଦୌଡିବାକୁ ସକ୍ଷମ ହେବ ବୋଲି କମ୍ପାନି ପକ୍ଷରୁ ସୂଚନା ରହିଛି। କେବଳ ପ୍ରଥମ ୫୦ ଜଣ ଗ୍ରାହକଙ୍କ ପାଇଁ ବୁକିଙ୍ଗ ଆହ୍ୱାନ କରାଯାଇଛି। ୨୦୧୭ ପରଠାରୁ ଏହା ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କମ୍ପାନିର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏହାର ବଜାର ଦର ୧୩.୫ ଲକ୍ଷ ଟଙ୍କା ରହିଛି। ଗ୍ରାହକମାନେ ଦେଶର ୨୨ ସହରରେ ଥିବା ହୋଣ୍ଡାର ସ୍ୱତନ୍ତ୍ର ବିକ୍ରି ଓ ସେବା ଆଉଟଲେଟ ୱିଙ୍ଗ ୱାର୍ଲଡରେ ଲାଭ କରିପାରିବେ। ଏହି ମଡେଲଟିରେ ୯୯୯.୧୧ ସିସି ଇଞ୍ଜିନ, ହୋଣ୍ଡା ଟର୍କ କଣ୍ଟ୍ରୋଲ, ଆଣ୍ଟି ଲକ୍ ବ୍ରେକିଂ ଭଳି ସୁବିଧା ରହିଛି। ଓଡ଼ିଶାର ଗ୍ରାହକମାନେ ଭୁବନେଶ୍ୱରର ପିଜିଏଲ୍ ହୋଣ୍ଡାରେ ଏହି ବାଇକ୍‌ର ବୁକିଂ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଡଲାର ପକ୍ଷରୁ ମତଦାନ ସଚେତନତା

**ନୂଆଦିଲ୍ଲୀ,୩-୪**

ଡଲାର ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଲୋକଙ୍କ ମଧ୍ୟରେ ମତଦାନ ସଂକ୍ରାନ୍ତ ସଚେତନତା ତଥା ଉତ୍ସାହ ସୃଷ୍ଟି ଲାଗି ନୂଆ ଡିଜିଟାଲ କ୍ୟାମ୍ପେନ 'ଉଙ୍ଗଲି ଉଠାନା ଫିଟ୍ ହେ ବସ' ଆରମ୍ଭ ହୋଇଛି। ଆଗକୁ ଥିବା ସାଧାରଣ ନିର୍ବାଚନରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବା ଲାଗି ଲୋକଙ୍କୁ ଏହା ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ଘରେ ବସି ଦେଶର ଅସୁବିଧା ସମ୍ପର୍କରେ ଆଲୋଚନା ନ କରି ଠିକ୍ ଲୋକଙ୍କୁ ବାଛିବା ଲାଗି ମତଦାନ କରିବା ଉପରେ ଏହି ଅଭିଯାନରେ କମ୍ପାନି ଗୁରୁତ୍ୱାରୋପ କରିଛି। ୨୦୧୪ ସାଧାରଣ ନିର୍ବାଚନରେ ୨୮୦ ନିୟୁତ ଲୋକ ମତଦାନ କରି ନ ଥିବା ସୂଚନା ରହିଛି। ଏହାକୁ ବିଚାର କରି ଏହି ଅଭିଯାନ ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କୁ ଭୋଟଦାନ ସମ୍ପର୍କରେ ସଚେତନ କରାଉଥିବା ଡଲାର ସୂଚନା ଦେଇଛି।

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER℠
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ପଲିସି ନିହାତି ଜରୁରୀ

▶ ମୋ ବୟସ ୫୦ ବର୍ଷ। ମୁଁ କାର୍ଯ୍ୟ କରୁଥିବା କମ୍ପାନୀ ପ୍ରଦତ୍ତ ସ୍ୱାସ୍ଥ୍ୟ ବୀମା ପଲିସି ମାଧ୍ୟମରେ ମୁଁ ଏବଂ ମୋ ପରିବାର ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପାଉଛୁ। ଏହା ଏକ ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ପଲିସି। କମ୍ପାନୀ ସ୍ୱାସ୍ଥ୍ୟ ବୀମା ପାଉଥିବାରୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା କିଣି ନାହିଁ। ଏ କ୍ଷେତ୍ରରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା କ୍ରୟ କରିବା ଉଚିତ ହେବ କି? କୌଣସି ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପଲିସି କିଣିବା ପାଇଁ ପୂର୍ବ ବିଦ୍ୟମାନ ରୋଗ ବିଷୟରେ ଘୋଷଣା କରିବା ନିହାତି ଦରକାର କି? ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ।

**–ଦୟାନିଧି ମିଶ୍ର, କଟକ**

■ ଆପଣ ଯଦିଓ କମ୍ପାନୀ ପ୍ରଦତ୍ତ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ମାଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା ଲାଭ କରୁଛନ୍ତି, ତଥାପି ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ପଲିସି କିଣି ନେବା ନିହାତି ଆବଶ୍ୟକ। ଏହା ଏକ ବୁଦ୍ଧିମାନର କାର୍ଯ୍ୟ ହେବ। ପ୍ରାୟତଃ ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ପଲିସି ସବୁ ସହ-ଭାଗିଦାରି ଏବଂ ନିର୍ଦ୍ଦିଷ୍ଟ ରୋଗ ସମ୍ବନ୍ଧୀୟ ଉପସୀମା ଖର୍ଚ୍ଚ ସବୁର ନିୟମ ଲାଗୁ ରହିତ ଥାଏ। ସବୁଠାରୁ ମୁଖ୍ୟ ଦିଗ ହେଉଛି ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ସୁରକ୍ଷା କମ୍ପାନୀର ମାନବ ସମ୍ବଳ ବିଭାଗର ପଲିସି ଅନୁଯାୟୀ ପରିବର୍ତ୍ତନ ହୋଇଥାଏ। ଆପଣଙ୍କ କ୍ଷେତ୍ରରେ ହୁଏତ ଆପଣଙ୍କ କମ୍ପାନୀର ମାନବ ସମ୍ବଳ ବିଭାଗର ନିୟମ ଅନୁଯାୟୀ ପରିବର୍ତ୍ତନ ହୋଇପାରେ କିମ୍ବା ସ୍ୱାସ୍ଥ୍ୟ ବୀମା ସୁରକ୍ଷା ବନ୍ଦ କରି ଦିଆଯାଇପାରେ। ଭବିଷ୍ୟତରେ ଯଦି ଆପଣ କମ୍ପାନି ପରିବର୍ତ୍ତନ କରନ୍ତି, ତେବେ ନୂତନ କମ୍ପାନୀ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପ୍ରଦାନ କରୁନାହିଁ। ଯଦି ଏସବୁ ବିଷୟକୁ ଦୃଷ୍ଟି ଦେବା, ତେବେ ଏକ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପଲିସି ନିହାତି କିଣିବା ଆବଶ୍ୟକ। ଏହା ବ୍ୟତୀତ ଆପଣଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ପଲିସି ଆପଣଙ୍କ ଆବଶ୍ୟକତାକୁ ଦୃଷ୍ଟି ଦେଇ କିଣିପାରିବେ। କିନ୍ତୁ ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ପଲିସି ହେଉଛି ସାଧାରଣ ମୌଳିକ ସ୍ୱାସ୍ଥ୍ୟ ବୀମା ସୁରକ୍ଷା। ଆପଣଙ୍କ ଆବଶ୍ୟକତାକୁ ଦୃଷ୍ଟି ଦିଆଯାଏ ନାହିଁ।

ହଁ, ଯେତେବେଳେ ଆପଣ କୌଣସି ସ୍ୱାସ୍ଥ୍ୟ ବୀମା ପଲିସି କିଣୁଛନ୍ତି, ସେତେବେଳେ ପୂର୍ବ ବିଦ୍ୟମାନ ରୋଗ ସମ୍ପର୍କରେ ଘୋଷଣା କରିବା ନିହାତି ଜରୁରୀ। ନିଜର ବର୍ତ୍ତମାନ ଚିକିତ୍ସା ପରୀକ୍ଷା ସବୁ ବିଷୟରେ ସ୍ୱାସ୍ଥ୍ୟ ବୀମା କମ୍ପାନିକୁ ଜଣାଇବା ଉଚିତ ହେବ ନଚେତ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ଦାବି ସମୟରେ ଅସୁବିଧାର ସମ୍ମୁଖୀନ ହେବେ। କିମ୍ବା ହୁଏତ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଚିକିତ୍ସା ଖର୍ଚ୍ଚ ଦେବାକୁ ଅଗ୍ରାହ୍ୟ କରିଦେଇପାରେ। ଏସବୁ ଅପ୍ରୀତିକର ଓ ଅସୁବିଧା ପରିସ୍ଥିତିକୁ ଦୂରେଇ ରଖିବା ପାଇଁ ପଲିସି କିଣିବାବେଳେ ବିଷୟରେ ଘୋଷଣା କରି ନେବା ଉଚିତ।

▶ ମୁଁ ୨୦୧୮ରେ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ୫୦,୦୦୦ ଟଙ୍କା ପ୍ରଦାନ କରିଛି। ଏହି ରାଶି ଉପରେ କ'ଣ ମୁଁ ଆୟକର ଛାଡ଼ ସୁବିଧା ପାଇପାରିବି? ଯଦି ମିଳିବ, ତେବେ କେତେ ଟଙ୍କାର ସୁବିଧା ପାଇପାରିବି?

**– ମାନିନୀ ସ୍ୱାଇଁ, ଅନୁଗୋଳ**

■ ହଁ, ଆପଣ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଥିବା ରାଶି ଉପରେ ଆୟକର ସୁବିଧା ପାଇପାରିବେ। ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ପ୍ରଦାନ କରାଯାଇଥିବା ରାଶିର ୧୦୦ ପ୍ରତିଶତ ଆୟକର ଛାଡ ସୁବିଧା ପାଇପାରିବେ। ଯଦି କୌଣସି ପଞ୍ଜିକୃତ ଏନ୍‌ଜିଓକୁ ପ୍ରଦାନ କରାଯାଇଥାଏ, ତେବେ ପ୍ରଦାନ କରାଯାଇଥିବା ରାଶିର ୫୦ ପ୍ରତିଶତ ଆୟକର ଛାଡ ସୀମା ପାଇବେ। ଯାହା ହେଲେ ମଧ ସମୁଦାୟ ଆୟକର ଛାଡ଼ ଆପଣଙ୍କ ସମୁଦାୟ ବାର୍ଷିକ ଆୟର ୧୦% ହେବ।

▶ ମୁଁ ଏକ ଗୃହ ଋଣ କରି ଫ୍ଲାଟ କିଣିବାକୁ ଚାହୁଁଛି? ଗୃହ ଋଣ ପ୍ରଦାନକାରି ବ୍ୟାଙ୍କ କହୁଛି ଏକ ସମ୍ପତ୍ତି ବୀମା କିଣିବା ଉଚିତ। କାରଣ ଏହା କିଣିବା ନିହାତି ଆବଶ୍ୟକ?

**– ତରୁଣ ମିଶ୍ର, ସମ୍ବଲପୁର**

■ ଆପଣ ଯେହେତୁ ଗୃହ ଋଣ କରି ଫ୍ଲାଟ କିଣୁଛନ୍ତି, ତେଣୁ ଏ କ୍ଷେତ୍ରରେ ଏକ ସମ୍ପତ୍ତି ବୀମା ସୁରକ୍ଷା ପଲିସି କିଣି ନେବା ଉଚିତ ହେବ। ଯଦି କୌଣସି କାରଣରୁ ଆପଣଙ୍କର ଅକାଳ ମୃତ୍ୟୁ ହୋଇଯାଏ, ତେବେ ବୀମା କମ୍ପାନୀ ହିଁ ବ୍ୟାଙ୍କର ବାକି ଥିବା ଗୃହ ଋଣ ରାଶି ପୈଠ କରିବ। ଏହାର ଅର୍ଥ ପରିବାରର ଆର୍ଥିକ ଜୀବନ ଶୈଳୀ ସୁରକ୍ଷିତ ରହିବ। ସବୁଠାରୁ ମୁଖ୍ୟ ଓ ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ ଯେ, ପ୍ରତ୍ୟେକ ବ୍ୟକ୍ତି ନିଜର ସମ୍ପତ୍ତି ଉପରେ ଆସୁଥିବା ସମ୍ଭାବ୍ୟ କ୍ଷତି ସବୁକୁ ବୀମା ସୁରକ୍ଷା ମାଧ୍ୟମରେ ସୁରକ୍ଷିତ କରିବା ଆବଶ୍ୟକ। ଯଦି ବୀମା ସୁରକ୍ଷା ନ ଥାଏ ତେବେ କୌଣସି କ୍ଷତି ହେବା ଦ୍ୱାରା ଏହାର ପ୍ରଭାବ ଅନ୍ୟ ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା କ୍ଷେତ୍ରରେ ଆସିଥାଏ। ଏ କ୍ଷେତ୍ରରେ ଆପଣ ଏହି ପଲିସି କିଣି ନେବା ଉଚିତ ହେବ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

“ ରିଷଭ ପନ୍ତ ଜଣେ ପ୍ରତିଭାବାନ କ୍ରିକେଟର କିନ୍ତୁ ତାଙ୍କୁ ମହେନ୍ଦ୍ର ସିଂ ଧୋନୀଙ୍କ ସହ ତୁଳନା କରାଯିବା ଉଚିତ୍ ନୁହେଁ ।

– କପିଳ ଦେବ, ପ୍ରାକ୍ତନ ଭାରତୀୟ କ୍ରିକେଟର



“ ଆଇପିଏଲ୍‌ର ପଦାର୍ପଣ ସିଜନରେ ଶତକ ହାସଲ କରିବା ମୋ କ୍ୟାରିୟରର ଏକ ବଡ଼ ଆକର୍ଷଣ ଅଟେ ।

– ଜନୀ ବେୟାରଷ୍ଟୋ, ସନରାଇଜର୍ସ ହାଇଦ୍ରାବାଦ୍ ଖେଳାଳି



## ସଂକ୍ଷେପରେ

### ସିନ୍ଧୁ, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ, ସାଇନା ହାରିଲେ

କୁଆଲାଲମ୍ପୁର,୩।୪: ଭାରତୀୟ ଟପ୍ ଶଟଲର ପିଭି ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବଜୟିନୀ ସାଇନା ନେହ୍ୱାଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଷ୍ଟମ ସିଡ ମାନ୍ୟତା ପାଇଥିବା ସାଇନା ୨୨-୨୦, ୧୫- ୨୧, ୧୦-୨୧ରେ ଥାଇଲାଣ୍ଡର ପର୍ଣ୍ଣପାୱି ଚୋଚୁୱଙ୍ଗ୍‌ଠାରୁ ପରାସ୍ତ ହୋଇଛନ୍ତି। ଅନ୍ୟପଟେ ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ସିନ୍ଧୁ ପ୍ରଥମ ରାଉଣ୍ଡରେ ୨୨-୨୦, ୨୧-୧୨ ଗେମ୍‌ରେ ଆୟା ଓହୋରିଙ୍କୁ ହରାଇ ଦେଇଛନ୍ତି। ଜାପାନିଜ ଖେଳାଳିଙ୍କ ବିପକ୍ଷରେ ଏହା ସିନ୍ଧୁଙ୍କ ରେକର୍ଡ ୬ଷ୍ଠ ବିଜୟ। ପୁରୁଷ ବର୍ଗରେ ଇଣ୍ଡିଆ ଓପନ ଫାଇନାଲିଷ୍ଟ ଶ୍ରୀକାନ୍ତ ଇଣ୍ଡୋନେସିଆର ଇସାନ ମାଉଲାନା ମୁସ୍ତାଫାଙ୍କୁ ୨୧-୧୮, ୨୧-୧୬ ଗେମ୍‌ରେ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ୩୮ ମିନିଟ୍ ସଂଘର୍ଷ କରିବାକୁ ପଡ଼ିଥିଲା। ୫ମ ସିଡ୍ ସିନ୍ଧୁ ଏବେ କୋରିଆର ସୁଙ୍ଗ ଜି ହ୍ୟୁନଙ୍କଠାରୁ ଅଲ ଇଂଲଣ୍ଡ ଟୁର୍ନାମେଣ୍ଟରେ ମିଳିଥିବା ପରାଜୟର ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ଏଚ୍.ଏସ୍. ପ୍ରନୟ ଓ ସମୀର ବର୍ମାଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି।

### ହସ୍ପିଟାଲରେ ପେଲେ

ପ୍ୟାରିସ, ୩।୪(ଏଏଫ୍‌ପି)- ବ୍ରାଜିଲର କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି ପେଲେ ସଂକ୍ରମଣ ଦ୍ୱାରା ଆକ୍ରାନ୍ତ ହୋଇ ବୁଧବାର ପ୍ୟାରିସର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। କିନ୍ତୁ ଚିକିତ୍ସା ପରେ ସେ ସୁସ୍ଥ ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତିନିଥର ବିଶ୍ୱକପ୍ ବିଜେତା ୭୮ ବର୍ଷୀୟ ପେଲେ ବିମାନରେ ଲମ୍ବା ଯାତ୍ରା କରି ଆସିବା ପରେ ଅସୁସ୍ଥ ହୋଇଯାଇଥିଲେ ବୋଲି ଫ୍ରାନ୍ସ ରେଡିଓ ଷ୍ଟେସନ ରିପୋର୍ଟରୁ ଜଣାପଡ଼ିଛି। ପେଲେ କ୍ୟାରିୟରରେ ୩ଥର (୧୯୫୮, ୧୯୬୨ ଓ ୧୯୭୦ରେ) ବିଶ୍ୱକପ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ଏଠାରେ ପହଞ୍ଚିବା ପରେ ସେ ଫ୍ରାନ୍ସର ଉଦୀୟମାନ ଖେଳାଳି କିଲିୟାନ ଏମ୍‌ବାପ୍ପେଙ୍କୁ ମଧ ଭେଟିଥିଲେ।

## ■ ସୁପର କପ୍ ଫୁଟ୍‌ବଲ, ଆଜି ଚାମ୍ପିୟନ ଲଢ଼େଇ

# ବେଙ୍ଗାଲୁରୁ-ଚେନ୍ନାଇ ହେଭିୱେଟ ମୁକାବିଲା

ଭୁବନେଶ୍ୱର, ୩।୪(କ୍ରୀଡ଼ା ପ୍ରତିନିଧି)

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଦୁଇ ଶକ୍ତିଶାଳୀ ଦଳ ବେଙ୍ଗାଲୁରୁ ଏଫସି ଓ ଚେନ୍ନାଇ ସିଟି। ଗତବର୍ଷ ସୁପର କପ୍ ଚାମ୍ପିୟନ ବେଙ୍ଗାଲୁରୁ ଏଫସି ଚଳିତ ସିଜନରେ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଟାଇଟଲ ମଧ ଜିତିଛି। ଅନ୍ୟପକ୍ଷରେ ଚେନ୍ନାଇ ସିଟି ଆଇ-ଲିଗ୍ ଚାମ୍ପିୟନ ହେବାପରେ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଦୁଇ ଚାମ୍ପିୟନଙ୍କ ମଧ୍ୟରେ ଏହି ହେଭିୱେଟ୍ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ହେବା ଆଶା କରାଯାଉଛି।

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷପାତିତା କରୁଛି ବୋଲି ଅଭିଯୋଗ କରି ଆଇ-ଲିଗ୍‌ର ୭ ଦଳ ପ୍ରତିଯୋଗିତାରୁ ଓହରି ଯାଇଥିବାରୁ ଟୁର୍ନାମେଣ୍ଟ ଗ୍ଲାମର ହରାଇଛି। ଫଳରେ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବାରେ ଏହା ବାଧା ସୃଷ୍ଟି କରିଛି। ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ମାତ୍ର ୫ଟି ମ୍ୟାଚ ସମ୍ଭବ ହୋଇଥିବାବେଳେ ୭ ମ୍ୟାଚରୁ ୱାକଓଭର ମିଳିଛି। ପ୍ରଥମେ ବିଦ୍ରୋହରେ ସାମିଲ ଥାଇ ପରେ ଓହରି ଯାଇଥିବା ଚେନ୍ନାଇ ସିଟି ପ୍ରି-କ୍ୱାର୍ଟର ଫାଇନାଲରେ ପୁଣେ ସିଟିକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫସି ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଖେଳିନାହିଁ। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ଇଷ୍ଟବେଙ୍ଗଲ ବିପକ୍ଷ ମ୍ୟାଚରୁ ୱାକ୍‌ଓଭର ପାଇଥିଲା। ଆଇଏସଏଲ ଚାମ୍ପିୟନ ବେଙ୍ଗାଲୁରୁ ଏବଂ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଫର୍ମରେ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚରେ କଡ଼ା ଟକ୍କର ହେବା ଆଶା।

ଆଇଏସଏଲରେ ବେଙ୍ଗାଲୁରୁ ୧୮ ମ୍ୟାଚରୁ ୧୦ ବିଜୟ, ୪ ପରାଜୟ ଓ ୪ ଡ୍ର ସହ ୩୪ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ୧୦ ଦଳ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏଫସି ଗୋଆ ୩୪ ପଏଣ୍ଟ ପାଇଥିଲେ ହେଁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ସେହିପରି ଆଇ-ଲିଗ୍‌ରେ ଚେନ୍ନାଇ ସିଟି ୨୦ ମ୍ୟାଚରୁ ୧୩ ବିଜୟ, ୩ ପରାଜୟ ଓ ୪ ଡ୍ର ସହ ୪୩ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ୧୦ ଦଳ ବିଶିଷ୍ଟ ଏହି ଲିଗ୍‌ରେ ଇଷ୍ଟବେଙ୍ଗଲ ୪୨ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା।



ସୁନୀଲ ଛେତ୍ରୀ



ପେଡ୍ରୋ ଜାଭିଏର ମାନ୍‌ଜି

### ବେଙ୍ଗାଲୁରୁ ଏଫସି

ବେଙ୍ଗାଲୁରୁ ଏଫସି ଏଥର ସୁପର କପ୍ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛି। କାର୍ଲସ କ୍ୱାଡ୍ରାଟଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଏଥର ଆଇଏସଏଲ ଚାମ୍ପିୟନ ହୋଇଥିବାରୁ ଦୃଢ଼ ମନୋବଳ ସହିତ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ଭାରତୀୟ ଫୁଟବଲରେ ବେଙ୍ଗାଲୁରୁ ଏଫସି ସବୁଠାରୁ ସନ୍ତୁଳିତ ଦଳ। ଦୃଢ଼ ରକ୍ଷଣଭାଗ, କ୍ରିଏଟିଭ୍ ମିଡ୍‌ଫିଲ୍ଡ ଏବଂ ଆକ୍ରମଣାତ୍ମକ ବିଭାଗ ବେଶ୍ ଶାଣିତ। ଏହା ଦଳକୁ ସବୁବେଳେ ଫାଇଦାରେ ରଖୁଛି। ଅଗ୍ରଭାଗରେ ଅଧିନାୟକ ସୁନୀଲ ଛେତ୍ରୀ ଓ ମିକୁଙ୍କ ବୁଝାମଣା ଦଳକୁ ବେଶ୍ ସୁହାଉଛି। ଏହା ବ୍ୟତୀତ ଜୁଆନାନ, ରାହୁଲ, ଭେକେ, ଆଲବର୍ଟ ସେରାନ ଓ ଡେମାସ ଡେଲ୍‌ଗାଡୋ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ‘‘ଚେନ୍ନାଇ ସିଟି ଏକ ଶକ୍ତିଶାଳୀ ଦଳ। ତେଣୁ ଆଗାମୀ ମ୍ୟାଚ ନିଶ୍ଚିତଭାବେ ସଂଘର୍ଷପୂର୍ଣ୍ଣ ହେବା ଆଶା। ଦେଶର ଦୁଇ ଶ୍ରେଷ୍ଠ ଲିଗ୍‌ର ଚାମ୍ପିୟନ ଗୋଟିଏ ମ୍ୟାଚରେ ଖେଳିବା ନିଶ୍ଚିତ ଦେଖିବାକୁ ଭଲ ଲାଗିବ। ଏହା ଦର୍ଶକଙ୍କୁ ମଧ ବେଶ୍ ମନୋରଞ୍ଜନ ଯୋଗାଇବ। ଆମେ ପୂର୍ବରୁ କାନ୍ତିରଭା ଷ୍ଟାଡିୟମରେ ଚେନ୍ନାଇ ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଥିଲୁ। ସେଥିରେ ଏହି ଦଳ ଆମକୁ ପରାସ୍ତ କରିଥିଲା। ତେଣୁ ଆମେ ଚେନ୍ନାଇର ଶକ୍ତି ସମ୍ପର୍କରେ ଭଲଭାବେ ଅବଗତ’’ ବୋଲି କ୍ୱାଡ୍ରାଟ୍ କହିଛନ୍ତି।

### ଚେନ୍ନାଇ ସିଟି ଏଫସି

ଆଇ ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଚଳିତ ସୁପର କପ୍‌ରେ ଏଫସି ପୁଣେ ସିଟିକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଅଧିନାୟକ ପେଡ୍ରୋ ଜାଭିଏର ମାନ୍‌ଜିଙ୍କ ହ୍ୟାଟ୍ରିକ ଯୋଗୁ ଏହା ସମ୍ଭବ ହୋଇଥିଲା। ଗତ ଆଇ-ଲିଗ୍ ସିଜନରେ ମଧ ମାନ୍‌ଜିଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ତେଣୁ ଆଗାମୀ ମ୍ୟାଚରେ ଉପରେ ତାଙ୍କ ଉପରେ ନିଶ୍ଚିତ ପ୍ରତିପକ୍ଷ ଦଳର ନଜର ରହିବ। ସ୍ପାନିଶ୍ ଷ୍ଟ୍ରାଇକର ମାନ୍‌ଜି, ନେଷ୍ଟର ଓ ସାଣ୍ଡ୍ରୋଙ୍କ କମ୍ବିନେଶନ ଚେନ୍ନାଇ ସିଟିକୁ ଫାଇଦାରେ ରଖି ଆସୁଛି। ମାତ୍ର ଦଳ ଡିଫେଣ୍ଡର ଚାର୍ଲସ ଲୋର୍ଡ୍ସସାମିଙ୍କ ଅନୁପସ୍ଥିତି ଅନୁଭବ କରିବ। ପୁଣେ ବିପକ୍ଷ ମ୍ୟାଚରେ ସେ ରେଡ୍ କାର୍ଡ ପାଇଥିଲେ। ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ଦଳ ସ୍ୱାଭାବିକ ଭାବେ ଖେଳିବ। ଏପରି ଏକ ଦଳକୁ ହରାଇ ପାରିଲେ ବହୁତ ବଡ଼ କଥା ହେବ ବୋଲି କୋଚ୍ ଆକବର ନୱାସ ପ୍ରକାଶ କରିଛନ୍ତି।

### ବେଙ୍ଗାଲୁରୁ ଫେଭରାଇଟ: ଆକବର

ଚେନ୍ନାଇ ସିଟି ଏଫସି କୋଚ୍ ଆକବର ନୱାସ ପ୍ରତିପକ୍ଷ ବେଙ୍ଗାଲୁରୁ ଏଫସିକୁ ଫେଭରାଇଟ ଆଖ୍ୟା ଦେଇଛନ୍ତି। ଏପରି ଏକ ବଡ଼ ମୁକାବିଲା ପୂର୍ବରୁ ତାଙ୍କ ଦଳ ଉପଯୁକ୍ତ ଟ୍ରେନିଂ କରିନାହିଁ। ତେଣୁ ବେଙ୍ଗାଲୁରୁ ପଲା ଭାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ‘‘ବେଙ୍ଗାଲୁରୁ ଭାରତର ଅନ୍ୟତମ ଶ୍ରେଷ୍ଠ ଦଳ। ଏହି ଦଳର ବଜେଟ ବହୁତ ବେଶି, ହାଇ ପ୍ରୋଫାଇଲ ଖେଳାଳିଙ୍କୁ ନେଇ ଏହି ଦଳ ବେଶ୍ ଶକ୍ତିଶାଳୀ। ଗତ ୪-୫ ବର୍ଷ ଧରି ଏହି ଦଳ ପ୍ରାୟତଃ ସମାନ ଖେଳାଳିଙ୍କୁ ନେଇ ଖେଳୁଛି। ତେଣୁ ଦଳର କମ୍ବିନେଶନ ବହୁତ ଭଲ’’ ବୋଲି ସେ କହିଛନ୍ତି। ଏଫସି ପୁଣେ ସିଟିକୁ ୪-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲେ ହେଁ ଆଗାମୀ ମ୍ୟାଚରେ ବେଙ୍ଗାଲୁରୁ ଫେଭରାଇଟ ରହିବ ବୋଲି ସେ କହିଛନ୍ତି। ମୋହନ ବାଗାନ ଓହରି ଯାଇଥିବାରୁ ବେଙ୍ଗାଲୁରୁ ଏଫସିକୁ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଭୁବନେଶ୍ୱର ଆସିବାକୁ ପଡ଼ି ନ ଥିଲା। ଏହା ପରୋକ୍ଷରେ ବେଙ୍ଗାଲୁରୁକୁ ଆଡ୍‌ଭାଣ୍ଟେଜ ଦେବ ବୋଲି ଆକବର କହିଛନ୍ତି। ଏହି ଦଳ ଟ୍ରେନିଂ ପାଇଁ ପର୍ଯ୍ୟାପ୍ତ ସମୟ ପାଇଛି। ଅନ୍ୟପକ୍ଷରେ ଆମେ ପ୍ରି-କ୍ୱାର୍ଟର ଫାଇନାଲ ଖେଳି ଫେରିଥିଲୁ। ଏବେ ପୁଣି ଭୁବନେଶ୍ୱର ଆସିବା ଭିତରେ ଠିକ୍‌ଭାବେ ଟ୍ରେନିଂ ହୋଇପାରିନାହିଁ। ଆଗାମୀ ମ୍ୟାଚରେ ଖେଳିବାକୁ ଯାଉଥିବା ୨ଟି ଯାକ ଦଳ ନିଜ ନିଜ ଲିଗ୍‌ରେ ଚାମ୍ପିୟନ। ମାତ୍ର ଆଗାମୀ ମ୍ୟାଚରେ ଏହାର କିଛି ପ୍ରଭାବ ରହିବ ନାହିଁ। କାରଣ ୯୦ ମିନିଟ ସମୟ ମଧ୍ୟରେ ଯେଉଁ ଦଳ ଭଲ ଖେଳିବ ସେ ଜିତିବ ବୋଲି ଆକବର ପ୍ରକାଶ କରିଛନ୍ତି। ମ୍ୟାଚରେ ବିଦେଶୀ ଖେଳାଳିଙ୍କ ମଧ୍ୟରେ ବେଙ୍ଗାଲୁରୁର ମିକୁ ଓ ଚେନ୍ନାଇ ସିଟିର ପେଡ୍ରୋ ମାନ୍‌ଜିଙ୍କ ଉପରେ ନଜର ରହିବ।

## ଏସିଆ କପ୍ ରୋଇଂ ପାଇଁ ତତ୍ପରତା



ବୁଧବାର ଜଗତ୍‌ପୁରସ୍ଥିତ ସାଇ ଜଳକ୍ରୀଡା କେନ୍ଦ୍ର ପରିଦର୍ଶନରେ ଯାଇଥିବା ରାଜ୍ୟ କ୍ରୀଡା ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା।

ଭୁବନେଶ୍ୱର, ୩।୪(ସ୍ପୋର୍ଟ୍ସ ବ୍ୟୁରୋ)

କଟକ ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରଠାରେ ଅନୁଷ୍ଠିତ ହେବ ଏସିଆ କପ୍ ସିନିୟର ଓ ଏସିଆ ଜୁନିୟର ରୋଇଂ ଚାମ୍ପିୟନଶିପ୍। ଚଳିତବର୍ଷ ନଭେମ୍ବର ପ୍ରଥମ ସପ୍ତାହରେ ଏହି ୨ ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହେବ। ରୋଇଂ କ୍ରୀଡ଼ାରେ ପ୍ରଥମଥର ଲାଗି ଓଡ଼ିଶାରେ ଏଭଳି ୨ଟି ବଡ଼ ପ୍ରତିଯୋଗିତା ହେବାକୁ ଯାଉଥିବାରୁ ଏହାକୁ କିଭଳି ସଫଳତାର ସହ ଆୟୋଜନ କରାଯିବ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଅବସରରେ ବୁଧବାର ରାଜ୍ୟ କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀମାନେ ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ର ପରିଦର୍ଶନ କରିଛନ୍ତି। କ୍ରୀଡ଼ା ସଚିବ ବିଶାଲ ଦେବ, କ୍ରୀଡ଼ା ନିର୍ଦ୍ଦେଶକ ଆର୍. ଭିନିଲ କ୍ରୀଷ୍ଣା, ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀ, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ସାଇ ଜଳକ୍ରୀଡ଼ା କେନ୍ଦ୍ର ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଏହି ୨ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ରାଜ୍ୟ ସରକାର କିଭଳି ସଫଳତାର ସହ ଆୟୋଜନ କରିବେ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ୍ ସ୍କଲିଂର ସଭାପତି ବିନୋଦ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ଉଲ୍ଲେଖଯୋଗ୍ୟ, ଗତବର୍ଷ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଜାତୀୟ ରୋଇଂ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜିତ ହୋଇଥିଲା। ଫଳରେ ଏହାକୁ ନଜରରେ ରଖି ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ ଜଗତପୁରରେ ଏସିଆ କପ୍ ସିନିୟର ଓ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ପ୍ରଦାନ କରିଥିଲା। ବିରୂପା ନଦୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେଣୁ ସେଠାରେ ଭିତ୍ତିଭୂମିରେ ଉନ୍ନତି ଅଣାଯିବ ବୋଲି ବିନୋଦ ଦାସ କହିଛନ୍ତି। ଶେଷଥର ପାଇଁ ୨୦୦୫ରେ ଏହି ସମ୍ମାନଜନକ ପ୍ରତିଯୋଗିତା ଭାରତରେ ଆୟୋଜିତ ହୋଇଥିଲା।

## କରୁଣାରତ୍ନେଙ୍କୁ ଜରିମାନା

କଲମ୍ବୋ,୩।୪(ପି.ଟି.)

ମଦ୍ୟପାନ କରି ଗାଡି ଚଳାଇବା ଅଭିଯୋଗରେ ଶ୍ରୀଲଙ୍କା କ୍ରିକେଟ ଅଧିନାୟକ ଦିମୁଥ କରୁଣାରତ୍ନେଙ୍କୁ ଜରିମାନା କରାଯାଇଛି। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ବୁଧବାର କରୁଣାରତ୍ନେଙ୍କ ଉପରେ ୭୦୦୦ ଆମେରିକୀୟ ଡଲାର ଜରିମାନା ଧାର୍ଯ୍ୟ କରିଛନ୍ତି। ତାଙ୍କୁ ପୂର୍ବରୁ ଏଥିପାଇଁ ଗିରଫ କରାଯାଇଥିଲା। ୩୦ ବର୍ଷୀୟ କରୁଣାରତ୍ନେ ମଦ୍ୟପାନ କରି ଗାଡି ଚଳାଇବା ସହ ଏକ ୩ ଚକିଆ ଟ୍ୟାକ୍ସିକୁ ଧକ୍କା ଦେଇଥିଲେ। ଏଥିରେ ସମ୍ପୃକ୍ତ ଡ୍ରାଇଭର ଆହତ ହୋଇଥିଲେ। ଏଥିପାଇଁ କରୁଣାରତ୍ନେ କ୍ଷମା ମାଗିଥିଲେ।

## ଓଓଏ ସମ୍ପାଦକ ହେଲେ ଅଭିଜିତ୍

ଭୁବନେଶ୍ୱର, ୩।୪(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର ସାଧାରଣ ସମ୍ପାଦକ ଭାବେ ଅଭିଜିତ୍ ପାଲ୍ ଦାୟିତ୍ୱ ନେଇଛନ୍ତି। ଗତ ମାର୍ଚ୍ଚ ୨୫ରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓଓଏର ସାଧାରଣ ସମ୍ପାଦକ ଏମ୍.ଏ. ଆଲାମଙ୍କ ବିୟୋଗ ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିଲା। ତେବେ ବୁଧବାର ଓଓଏର କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। କାଉନସିଲ ହଲ୍‌ଠାରେ ହୋଇଥିବା ବୈଠକରେ ଅଭିଜିତ୍ ଓଓଏର ସାଧାରଣ ସମ୍ପାଦକ ଭାବେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଅଭିଜିତ୍ ଓଓଏର ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ଥିଲେ। ଏହି କାଉନସିଲ ବୈଠକରେ ଓଏର ସଭାପତି ସମୀର ଦେ, କମଳକାନ୍ତ ପାଣ୍ଡେ, ପ୍ରତାପ ଶତପଥୀ, ଜଗମୋହନ ପଟ୍ଟନାୟକ, କିଶୋର ବିଶ୍ୱାଳ, ଉପସଭାପତି ଅଧିପ ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, ବିନୋଦ ଦାସ, ଅନିଲ ବହିଦାର, ଦୁର୍ଗାମାଧବ ନାୟକ, ଧୀରେନ ପଲାଇ, ବୀରେନ୍ଦ୍ର ବେହେରା ପ୍ରମୁଖ କାଉନସିଲ ସଦସ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।



## ଦଳ ଘୋଷଣାରେ ନ୍ୟୁଜିଲାଣ୍ଡ ପ୍ରଥମ

### ଆଇସିସି ବିଶ୍ୱକପ୍

ୱେଲିଂଟନ,୩।୪(ଏଏଫ୍‌ପି)

ଆସନ୍ତା ବିଶ୍ୱକପ୍ ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ ବୁଧବାର ଅଭିଜ୍ଞ ୧୫ ଜଣିଆ ଦଳ ଘୋଷଣା କରିଛି। ଦଳରେ ବ୍ୟାକ୍‌ଅପ୍ ଉଇକେଟକିପର ଭାବେ ଟମ ବ୍ଲୁଣ୍ଡେଲଙ୍କୁ ସାମିଲ କରାଯାଇଛି। ଗତଥର ଫାଇନାଲରେ ହାରିଥିବା ନ୍ୟୁଜିଲାଣ୍ଡ ଦଳ ଆଗାମୀ ବିଶ୍ୱକପ୍ ଜିତିବାକୁ ଲକ୍ଷ୍ୟ ରଖିଛି। ବ୍ଲାକ କ୍ୟାପ ଦଳ ଏବେ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡ ଓ ଭାରତ ପଛକୁ ୩ୟ ସ୍ଥାନରେ ରହିଛି। କୋଚ ଗ୍ୟାରୀ ଷ୍ଟିଡ୍ କହିଛନ୍ତି, କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ଦଳ ଦିନିକିଆ ଫର୍ମାଟରେ କ୍ରମାଗତ ଭଲ ପ୍ରଦର୍ଶନ କରୁଛି। ଏଣୁ ଇଂଲଣ୍ଡ ଓ ୱେଲ୍ସରେ ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟର ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିବ ବୋଲି ବିଶ୍ୱାସ ରହିଛି। ଟମ୍ ଲଥାମଙ୍କ ସମେତ ବ୍ଲୁଣ୍ଡେଲଙ୍କୁ ଉଇକେଟକିପର ଭାବେ ଦଳରେ ସାମିଲ କରାଯାଇଛି। ପେସର ବିଭାଗରେ ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ, ଟିମ ସୌଦି ଓ ମାଟ ହେନ୍‌ରୀ ରହିଛନ୍ତି। ଅଲରାଉଣ୍ଡ ଜିମି ନିଶାମ ଓ କଲିନ ଡେ ଗ୍ରାଣ୍ଡହୋମ ଭାବେ ୧୫ ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ହେନ୍‌ରୀ ନିକୋଲାସ ଭେଟେରାନ ମାର୍ଟିନ ଗୁପଟିଲଙ୍କ ସହ ବ୍ୟାଟିଂ ଓପନ୍ କରିବେ। କଲିନ ମୁନ୍‌ରୋ, ୱିଲିୟମସନ ଓ ରସ ଟେଲର ଟପ୍ ଅର୍ଡରରେ ବ୍ୟାଟିଂ କରିବେ।

ନ୍ୟୁଜିଲାଣ୍ଡ ଦଳ: କେନ ୱିଲିୟମସନ (ଅଧିନାୟକ), ଟମ ବ୍ଲୁଣ୍ଡେଲ, ଟମ୍ ଲଥାମ (ଉଭୟ ଉଇକେଟକିପର), ଟ୍ରେଣ୍ଟ ବୋଲ୍ଟ, କଲିନ ଡେ ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, କଲିନ ମୁନ୍‌ରୋ, ମାର୍ଟିନ ଗୁପଟିଲ, ମ୍ୟାଟ ହେନ୍‌ରୀ, ଜିମି ନିଶାମ, ହେନରୀ ନିକୋଲସ, ମିଚେଲ ସାଣ୍ଟନର, ଇଶ ସୋଧି, ଟିମ୍ ସୌଦି ଓ ରସ ଟେଲର।

## ଇଣ୍ଡୋନେସିଆକୁ ହରାଇଲା ଭାରତ

### ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ

ମ୍ୟାଣ୍ଡାଲେ(ମ୍ୟାନମାର),୩।୪

ଏଠାରେ ଆରମ୍ଭ ହୋଇଥିବା ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ମହିଳା ଫୁଟବଲ ଦଳ ତା’ର ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୨-୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମଣ୍ଡଲାରଥିରି ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ବିଜୟୀ ହୋଇଛି। ଭାରତ ପକ୍ଷରୁ ଡାଙ୍ଗ୍‌ମେଇ ଗ୍ରେସ୍ ଦୁଇଟି ଯାକ ଗୋଲ ସ୍କୋର କରିଥିଲେ। ସେ ୨୭ ଓ ୬୭ତମ ମିନିଟରେ ଦୁଇଟି ଗୋଲ ଦେଇଥିଲେ। କୋଚ୍ ମେମୋଲ ରକିଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବଲକୁ ନିଜ ପାଖରେ ରଖିବା ସହ ଭାରତ ଅପେକ୍ଷାକୃତ ଅଧିକ ଗୋଲ ସମ୍ଭାବନା ସୃଷ୍ଟି କରିଥିଲା। ଯୋଗ୍ୟତା ପର୍ଯ୍ୟାୟରେ ଆମେ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ଥିଲୁ। ଦଳ ଅବଶ୍ୟ ଏଥିରେ ସଫଳ ହୋଇଛି ବୋଲି ମେମୋଲ କହିଛନ୍ତି। ଇଣ୍ଡୋନେସିଆ ଏକ ଶକ୍ତିଶାଳୀ ଦଳ। ଏହାର ଡିଫେନ୍ସ ବହୁତ ଦୃଢ଼। ଭାରତ ଏହାକୁ ଭେଦ କରିବାରେ ସଫଳ ହୋଇଛି। ଦଳର ପ୍ରଦର୍ଶନରେ ମେମୋଲ ଖୁସି ଜାହିର କରିଛନ୍ତି। ତେବେ ବିଜୟଧାରା ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଏଥିରେ ସଫଳ ହେବୁ । ଗୋଟିଏ ମ୍ୟାଚ୍ ଉପରେ ଆମେ ମନୋନିବେଶ କରିଥାଉ। ଏବେ ୬ ତାରିଖରେ ଭାରତ ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ନେପାଳକୁ ଭେଟିବ।

କ୍ରମାଗତ ୫ଥର ପାଇଁ ସାଫ୍ ଟାଇଟଲ ଜିତିଥିବା ଭାରତ ଆରମ୍ଭରୁ ଇଣ୍ଡୋନେସିଆ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲା। ସଞ୍ଜୁ ଓ ରତ୍ନବାଳା ଦେବୀ ପ୍ରତିପକ୍ଷ ଡିଫେନ୍ସକୁ ଭେଦ କରିବାରେ ସଫଳ ହୋଇଥିଲେ। ୨୪ତମ ମିନିଟ୍‌ରେ ସଞ୍ଜୁ ଏକ ଗୋଲ ସମ୍ଭାବନା ସୃଷ୍ଟି କରିଥିଲେ। ଭାରତୀୟ ଡିଫେନ୍ସ ମଧ ଏହି ମ୍ୟାଚ୍‌ରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଇଣ୍ଡୋନେସିଆର ପ୍ରତିଆକ୍ରମଣକୁ ଭାରତୀୟ ଡିଫେନ୍ସ ପ୍ରତିହତ କରିବାରେ ସକ୍ଷମ ହୋଇଥିଲା। ସେହିପରି ଭାରତୀୟ ଗୋଲକିପର ଲିନଥୋଇଙ୍ଗାମ୍ବି ଦେବୀ ମଧ ଇଣ୍ଡୋନେସିଆର ଏକାଧିକ ଆକ୍ରମଣକୁ ପଣ୍ଡ କରିବାରେ ସଫଳ ହୋଇଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ ଭାରତ ଏହି ପ୍ରଦର୍ଶନକୁ ଜାରି ରଖିଥିଲା। ୫୬ତମ ମିନିଟ୍‌ରେ ରତ୍ନବାଳା ଦେବୀଙ୍କ ସିଧାସଳଖ ଶଟ୍‌କୁ ଇଣ୍ଡୋନେସିଆ ଗୋଲକିପର ପଣ୍ଡ କରିଥିଲେ। ଏହାର ଠିକ୍ ୩ ମିନିଟ ପରେ ଡାଙ୍ଗମେଇ ଇଣ୍ଡୋନେସିଆ ଗୋଲପୋଷ୍ଟ ନିକଟରୁ ଶଟ୍ ମାରିଥିଲେ ମଧ ଗୋଲ ଦେବାରେ ବିଫଳ ହୋଇଥିଲେ। ଏହାପରେ ୬୭ତମ ମିନିଟ୍‌ରେ ଡାଙ୍ଗମେଇ ସୁମିତ୍ରା କାମରାଜଙ୍କ ଏକ ପାସ୍‌କୁ ଗୋଲରେ ପରିଣତ କରି ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଶେଷରେ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଆଉ ଅଧିକ ଗୋଲ ନ ହେବାରୁ ଭାରତ ୨-୦ରେ ବିଜୟୀ ହୋଇଥିଲା। ଏହି ବିଜୟ ସହ ଗ୍ରୁପ୍ ଏ’ରେ ଭାରତ ଶୀର୍ଷସ୍ଥାନରେ ରହିଛି।



ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

" ଫ୍ରାନ୍ସ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ କିଲିୟାନ ଏମ୍ବାପ୍ପେ କ୍ୟାରିୟରରେ ୧୦୦୦ ଗୋଲସ୍କୋର କରିପାରିବେ ବୋଲି ମୋର ବିଶ୍ୱାସ ରହିଛି ।

– ପେଲେ, କିମ୍ବଦନ୍ତୀ ବ୍ରାଜିଲ ଫୁଟ୍‌ବଲର



" ବିରାଟ କୋହଲି ଓ ଦକ୍ଷିଣ ଆଫ୍ରିକାର ରନ୍ ମେଶିନ ଏବି ଡି ଭିଲର୍ସଙ୍କ ଉଇକେଟ୍ ହାସଲ କରିବା ମୋ କ୍ରିକେଟ୍ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ।

– ଶ୍ରେୟାସ ଗୋପାଲ, ରାଜସ୍ଥାନ ରୟାଲ୍ସ ସ୍ପିନର



## ଆଜିର ମ୍ୟାଚ

ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ସନରାଇଜର୍ସ ହାଇଦ୍ରାବାଦ



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ମୁମ୍ବାଇର ୧୦୦ତମ ବିଜୟ

ମୁମ୍ବାଇ,୩।୪ (ପି.ଟି.)

ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ କ୍ରମାଗତ ୩ଟି ମ୍ୟାଚ୍ ଜିତିବା ପରେ ପ୍ରଥମ ପରାଜୟ ବରଣ କରିଛି। ବୁଧବାର ଅନୁଷ୍ଠିତ ଲିଗ୍‌ର ୧୫ତମ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୩୭ ରନରେ ଚେନ୍ନାଇକୁ ପରାସ୍ତ କରିଛି। ଏଥିସହ ଆଇପିଏଲ୍ ଇତିହାସରେ ପ୍ରଥମ ଦଳ ଭାବେ ମୁମ୍ବାଇ ଇଣ୍ଡିଆନ୍ସ ୧୦୦ତମ ବିଜୟ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୫ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୩୩ ରନ କରି ପରାଜୟ ବରଣ କରିଛି। ଦ୍ରୁତ ଅପରାଜିତ ୨୫ ରନ କରିବା ସହ ମୂଲ୍ୟବାନ ୩ ଉଇକେଟ ନେଇଥିବା ମୁମ୍ବାଇ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୧ ରନ ଟାର୍ଗେଟର ପିଛା କରି ଚେନ୍ନାଇ ୩୩ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅମ୍ବାତି ରାୟୁଡୁ ଖାତା ଖୋଲିବା ପୂର୍ବରୁ ପ୍ରଥମେ ଆଉଟ ହୋଇଥିଲେ। ଓପନର ସେନ ୱାଟସନ ୫, ସୁରେଶ ରାଇନା ୧୬, ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୧୨, ରବୀନ୍ଦ୍ର ଜାଡେଜା ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଚତୁର୍ଥ ଉଇକେଟରେ ଧୋନୀ ଓ କେଦାର ଯାଦବ ୫୪ ରନ ସଂଗ୍ରହ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। କେଦାର ୫୪ଟି ବଲ ଖେଳି ୮ ଚୌକା, ୧ ଛକା ସହ ସର୍ବାଧିକ ୫୮ ରନ କରି ଲସିଥ ମାଲିଙ୍ଗାଙ୍କ ବଲ୍‌ରେ ଉଇକେଟ କିପର କ୍ୱିଣ୍ଟନ ଡିକକଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଡ୍ୱେନ ବ୍ରାଭୋ ୮, ଦୀପକ ଚହର ୭ ରନ କରି ଆଉଟ ହୋଇଥିଲେ। ଶାର୍ଦ୍ଦୁଳ ଠାକୁର ୧୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ହାର୍ଦ୍ଦିକ ୩ ଓ ମାଲିଙ୍ଗା ୩ଟି ଲେଖାଏ, ଜାସନ ବେହରନଡୋର୍ଫ ୨ଟି ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଓପନର ଡିକକ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୪ ରନ କରି ଡିକକ୍ ପ୍ରଥମେ ଆଉଟ ହେବା ପରେ ଅଧିନାୟକ ରୋହିତ ଶର୍ମା ୧୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ଯୁବରାଜ ସିଂ ୪ ରନ କରି ଆଉଟ ହେବା ସହ ନିରାଶ କରିଥିଲେ। ଚତୁର୍ଥ ଉଇକେଟ ଯୋଡିରେ ସୂର୍ଯ୍ୟକୁମାର ଯାଦବ ଓ କ୍ରୁନାଲ ପାଣ୍ଡ୍ୟା ୪୯ ବଲରୁ ୬୨ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। କ୍ରୁନାଲ ୩୨ ବଲରୁ ୫ ଚୌକା ଓ ୧ ଛକା ସହ ୪୨ ରନ କରି ମୋହିତ ଶର୍ମାଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ ଦେଇଥିଲେ। ସୂର୍ଯ୍ୟକୁମାର ଦ୍ରୁତ ୫୯ ରନ (୪୩ ବଲ, ୮ ଚୌକା, ୧ ଛକା) କରି ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏକଦା ୧୮ ଓଭରରେ ମୁମ୍ବାଇ ୫ ଉଇକେଟ ହରାଇ ମାତ୍ର ୧୨୫ ରନ କରିଥିଲା। ତେବେ ଷଷ୍ଠ ଉଇକେଟ ଯୋଡିରେ ହାର୍ଦ୍ଦିକ ପାଣ୍ଡ୍ୟା ଓ କିରନ ପୋଲାର୍ଡ ୧୩ ବଲରୁ ଦ୍ରୁତ ଅପରାଜିତ ୪୫ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ହାର୍ଦ୍ଦିକ ୮ ବଲରୁ ୧ ଚୌକା ଓ ୩ ଛକା ସହ ୨୫, ପୋଲାର୍ଡ ୭ ବଲରୁ ୨ ଛକା ସହ ୧୭ ରନ କରି ଅପରାଜିତ ରହିଥିଲେ। ଶେଷ ଓଭରରେ ବ୍ରାଭୋ ୨୯ ରନ ବ୍ୟୟ କରିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଦୀପକ ଚହର, ମୋହିତ, ଇମ୍ରାନ, ଜାଡେଜା ଓ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହାର୍ଦ୍ଦିକ ପାଣ୍ଡ୍ୟା।

### ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୦/୫ (ସୂର୍ଯ୍ୟକୁମାର- ୫୯, କ୍ରୁନାଲ- ୪୨, ହାର୍ଦ୍ଦିକ- ୨୫*, ପୋଲାର୍ଡ- ୧୭*, ଚହର- ୧/୨୧, ମୋହିତ- ୧/୨୭, ଇମ୍ରାନ- ୧/୨୫, ଜାଡେଜା- ୧/୧୦, ବ୍ରାଭୋ- ୧/୪୯)।
- ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୩୩/୮ (କେଦାର- ୫୮, ହାର୍ଦ୍ଦିକ- ୩/୨୦, ମାଲିଙ୍ଗା- ୩/୩୪, ବେହେରନଡୋର୍ଫ- ୨/୨୨)।

## ନିର୍ବାଚନ ରଣାଙ୍ଗନରେ ଦୁଇ ଅଲିମ୍ପିଆନ ମୁହାଁମୁହିଁ

ଜୟପୁର,୩।୪

ଖେଳୁଆଡ଼ ମନୋଭାବ ଭୁଲି ରାଜସ୍ଥାନର ଜୟପୁର ଗ୍ରାମୀଣ ଲୋକ ସଭା ନିର୍ବାଚନରେ ଦୁଇ ଅଲିମ୍ପିଆନ ମୁହାଁମୁହିଁ ହେବେ। ଗୋଟିଏ ପକ୍ଷରେ ଭାଜପା ଏମ୍‌ପି ତଥା କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଥିବାବେଳେ ପୂର୍ବତନ ଡିସକସ ଥ୍ରୋୟର, ବିଧାୟିକା ତଥା କଂଗ୍ରେସ ପ୍ରାର୍ଥୀ କ୍ରିଷ୍ଣା ପୁନିଆ ରହିଛନ୍ତି। ରାଠୋର ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବାବେଳେ ୨୦୧୨ ଲଣ୍ଡନ ଗେମ୍ସରେ ୬ଷ୍ଠ ସ୍ଥାନରେ ରହିଥିଲେ। ରାଜସ୍ଥାନର ଏହି ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରଥମେ ରାଠୋରଙ୍କ ନାମ ଘୋଷଣା କରିଥିଲା। କିନ୍ତୁ କଂଗ୍ରେସ ପକ୍ଷରୁ ପୁନିଆଙ୍କ ନାମ ପ୍ରକାଶ କରାଯିବା ସଭିଙ୍କୁ ଚକିତ କରିଦେଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ ଆଲୋଚନା ପରେ ମୋତେ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଚୟନ କରିଛି ବୋଲି ପୁନିଆ କହିଛନ୍ତି। ଦୁଇ ଅଲିମ୍ପିଆନ ୨୦୧୩ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ରାଠୋର ୨୦୧୪ ଲୋକ ସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ପୁନିଆ ୨୦୧୩ ବିଧାନସ ଭା ନିର୍ବାଚନରେ ହାରି ଯାଇଥିଲେ।

## ଇଣ୍ଟରପୋଲ ସହ କାର୍ଯ୍ୟ କରିବ ଆଇସିସି

ଦୁବାଇ,୩।୪(ପିଟି)- କ୍ରିକେଟକୁ ଦୁର୍ନୀତି ମୁକ୍ତ କରିବା ପାଇଁ ଇଣ୍ଟରପୋଲ ସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କାର୍ଯ୍ୟ କରିବ ବୋଲି ବୁଧବାର ଘୋଷଣା କରିଛି। ଇଣ୍ଟରପୋଲକୁ ବିଶ୍ୱର ସମସ୍ତ ଦେଶର ପୋଲିସଠାରୁ ସହାୟତା ମିଳେ। ଏ ନେଇ ଆଇସିସି ଆଣ୍ଟି କରପଶନ ୟୁନିଟ ଜେନେରାଲ ମ୍ୟାନେଜର ଆଲେକ୍ସ ମାର୍ଶଲ ଫ୍ରାନ୍ସର ଲିଅନ ସ୍ଥିତ ଇଣ୍ଟରପୋଲ ମୁଖ୍ୟ କାର୍ଯ୍ୟାଳୟଠାରେ ଆଲୋଚନା କରିବା ପରେ ଘୋଷଣା କରିଛନ୍ତି। ଆଇସିସି ଓ ଇଣ୍ଟରପୋଲ ଏକାଠି କାର୍ଯ୍ୟ କରିବେ। ଗତ ସପ୍ତାହରେ ଲିଅନଠାରେ ଅନୁଷ୍ଠିତ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। ଆଇସିସି ବିଭିନ୍ନ ଦେଶର ପୋଲିସ ସହ ଭଲ ସମ୍ପର୍କ ରହିଛି। କିନ୍ତୁ ଇଣ୍ଟରପୋଲ ସହ କାର୍ଯ୍ୟକରିବା ଅର୍ଥ ୧୯୪ ଦେଶ ସହ ଜଡ଼ିତ ହେବା। ଖେଳାଳିଙ୍କୁ ଶିକ୍ଷିତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ମାର୍ଶଲ କହିଛନ୍ତି। ଇଣ୍ଟରପୋଲର କ୍ରିମିନାଲ ନେଟୱର୍କ ୟୁନିଟ୍ ଆସିଷ୍ଟାଣ୍ଟ ଡିରେକ୍ଟର ଜୋସ ଡେ ଗାର୍ସିଆ ଆଇସିସିକୁ ସାହାଯ୍ୟ କରିବା ଖୁସିର ବିଷୟ ବୋଲି କହିଛନ୍ତି। ଗତ କିଛି ବର୍ଷ ପୂର୍ବେ ଆଇସିସି ମ୍ୟାଚ୍ ଫିକ୍ସିଂ ସହ ଲଢ଼େଇ କରିବାକୁ ପଡ଼ିଥିଲା। ଏହି କ୍ରୀଡ଼ାର କେତେକ ବଡ଼ ନାମ ବୁକିଙ୍କଠାରୁ ଲାଞ୍ଚ ନେଇ ଖେଳର ଫଳାଫଳକୁ ପ୍ରଭାବିତ କରିଥିବା ସ୍ୱୀକାର କରିଛନ୍ତି। ଏହି ତାଲିକାରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ହାନ୍ସେ କ୍ରୋନିଏ, ହର୍ଶେଲ ଗିବ୍ସ ଓ ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ରହିଛନ୍ତି।

## ଆଜିଠାରୁ ମାଲେସିଆ ବିପକ୍ଷ ହକି ସିରିଜ୍

କୁଆଲାଲମ୍ପୁର,୩।୪(ପି.ଟି.)- ଗୁରୁବାରଠାରୁ ଭାରତ ଓ ଘରୋଇ ମାଲେସିଆ ମହିଳା ଦଳ ମଧ୍ୟରେ ଏକ ୫ ମ୍ୟାଚ୍ ବିଶିଷ୍ଟ ହକି ସିରିଜ ଆରମ୍ଭ ହେବାକୁ ଯାଉଛି। ଗୋଲକିପର ସବିତାଙ୍କ ନେତୃତ୍ୱରେ ଭାରତ ଏହି ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ଗତ କେତୋଟି ସିରିଜ ତଥା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଭାରତୀୟ ଦଳର ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି। ସିରିଜରେ ଭାରତ ଫେଭରାଇଟ୍ ଭାବେ ଅଭିଯାନ ଆରମ୍ଭ କରିବ। ଏହା ପୂର୍ବରୁ ଭାରତ ୨୦୧୮ ବିଶ୍ୱକପ୍ ବ୍ରୋଞ୍ଜ୍ କପ୍ ବିଜେତା ତଥା ଘରୋଇ ସ୍ପେନ ଦଳ ବିପକ୍ଷରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଭାରତ ଗୋଟିଏ ମ୍ୟାଚ୍‌ରେ ୫-୨ରେ ବିଜୟୀ ହୋଇଥିଲା। ସେହିପରି ଅନ୍ୟ ଦୁଇଟି ମ୍ୟାଚ୍‌ରେ ଭାରତ ୧-୧ ଓ ୨-୨ରେ ମ୍ୟାଚ୍ ଡ୍ର ରଖିଥିଲା। ତେବେ ଗୋଟିଏ ମ୍ୟାଚ୍‌ରେ ଭାରତ ୨-୩ ଗୋଲରେ ପରାସ୍ତ ହୋଇଥିଲା।

## ରାଜ୍ୟ ଓପନ ଚେସ୍ ୧୩ରୁ

ଭୁବନେଶ୍ୱର, ୩।୪(କ୍ରୀଡ଼ା ପ୍ରତିନିଧି)- ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ଓପନ ଚେସ୍ ଚାମ୍ପିୟନଶିପ୍ ଚଳିତମାସ ୧୩ ଓ ୧୪ ତାରିଖ ଦୁଇଦିନଧରି ୟୁନିଟ-୨ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଅନୁଷ୍ଠିତ ହେବ। ମୋଟ ୫୭ଟି ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟ ପାଇଁ ୩୦,୭୦୦ଟଙ୍କାର ବଜେଟ ରହିଛି। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୬୦୦୦ ଓ ୪୮୦୦ଟଙ୍କା ପ୍ରଦାନ କରାଯିବ। ପ୍ରଦର୍ଶନ ଭିତ୍ତିରେ ଶ୍ରେଷ୍ଠ ୨୫ ପ୍ରତିଯୋଗୀଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଗତବର୍ଷ ଏଥିରେ ଏସ. ମାନସ ଚାମ୍ପିୟନ ଓ ପ୍ରଭାତ କୁମାର ଓଝା ରନର୍ସଅପ୍ ହୋଇଥିଲେ। ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଫି’ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ଆସୋସିଏଶନ ଉପସଭାପତି ଅରାତି ବିଜୟ ମହାନ୍ତି କିମ୍ବା ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ଓଡ଼ିଶା ମହିଳା ଦଳକୁ ବ୍ରୋଞ୍ଜ ପଦକ



ଅତିଥିଙ୍କ ଗହଣରେ ଟ୍ରଫି ସହ ଓଡ଼ିଶା ଦଳର ଖେଳାଳିମାନେ।

### ଜାତୀୟ ସିନିୟର ସଫ୍ଟ ଟେନିସ

ଭୁବନେଶ୍ୱର, ୩।୪(କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ୧୬ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଏଥିରେ ବିଭିନ୍ନ ରାଜ୍ୟରୁ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ଗୋଆକୁ ୨–୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ରାଉଣ୍ଡରେ ପଞ୍ଜାବକୁ ୨–୦ ଓ ତୃତୀୟ ରାଉଣ୍ଡରେ ଆନ୍ଧ୍ର ପ୍ରଦେଶକୁ ୨–୦ରେ ହରାଇଥିଲେ ହେଁ ସେମିଫାଇନାଲରେ ଉତ୍ତର ପ୍ରଦେଶଠାରୁ ୧–୨ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ଓଡ଼ିଶା ମହିଳା ଦଳରେ କରିଶ୍ମା କିଶାନ, ଅନମ୍ ଆଲମାସ, କୁମାରୀ ହିମିରିକା, ମୋନାଲିସା ନାୟକ, ଚୂଡ଼ାମଣି ସୋରେନ, ଅମିସା ମିଞ୍ଜ, ଗୌରୀରାଣୀ ମୁଣ୍ଡା, ଅନୁସୟା ବାରିକ ସ୍ଥାନ ପାଇଥିଲେ। କୋଚ୍ ଭାବେ ମହମ୍ମଦ ଆଜାମ ଓ ମ୍ୟାନେଜର ଜ୍ୟୋତ୍ସ୍ନା ରାୟ ଦଳସହ ଲକ୍ଷ୍ନୌ ଯାତ୍ରା କରିଥିଲେ। ଏହି ସଫଳତା ପାଇଁ ଦଳକୁ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଦିଲ୍ଲୀ– ହାଇଦ୍ରାବାଦ ମୁକାବିଲା ଆଜି

ନୂଆଦିଲ୍ଲୀ,୩।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବେ। ଅଧିନାୟକ ଶ୍ରେୟାସ ଆୟର ଦିଲ୍ଲୀର ଲୋୟର ଅର୍ଡର ବିଫଳତାକୁ ପଛରେ ପକାଇବା ଲକ୍ଷ୍ୟରେ ରହିଛନ୍ତି। ଗତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚରେ ଦିଲ୍ଲୀ ନିମ୍ନକ୍ରମର ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ। ଅନ୍ୟପଟେ ହାଇଦ୍ରାବାଦ କ୍ରମାଗତ ବିଜୟ ହାସଲ କରିଛି ଓ ବିଜୟଧାରା ବଜାୟ ଲକ୍ଷ୍ୟରେ ରହିଛି। ଏପର୍ଯ୍ୟନ୍ତ ହାଇଦ୍ରାବାଦ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି। ସେହିପରି ଦିଲ୍ଲୀ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି।

୩ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ନୂଆରୂପ ଧାରଣ କରିଥିବା ଦିଲ୍ଲୀ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଏହା ପରଠାରୁ ଦିଲ୍ଲୀର ଲୋୟର ଅର୍ଡର ସମସ୍ୟା ଦେଇ ଗତି କରୁଛି ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଉଛି। ପ୍ରଦର୍ଶନରେ ସ୍ଥିରତା ଆଣିବା ପାଇଁ ଦିଲ୍ଲୀ ସଂଘର୍ଷ କରୁଛି। ଗତ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀ ଶେଷ ଓଭରରେ ୬ ରନ କରିବାରେ ବିଫଳ ହୋଇଥିଲା। ଫଳରେ ମ୍ୟାଚ୍ ସୁପର ଓଭରକୁ ଯାଇଥିଲା। ଅବଶ୍ୟ କାଗିସୋ ରାବାଡ଼ାଙ୍କ ଉଚ୍ଚକୋଟୀର ୟର୍କର ଦ୍ୱାରା ଦିଲ୍ଲୀ ଶେଷରେ ଏହି ମ୍ୟାଚ୍ ହାତେଇ ନେଇଥିଲା। ଗତ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ୮ ରନରେ ତା’ର ୭ ଉଇକେଟ ହରାଇ କିଙ୍ଗ୍ସ ଏକାଦଶ ପଞ୍ଜାବଠାରୁ ୧୪ ରନରେ ପରାସ୍ତ ହୋଇଥିଲା। ୧୬୭ରନ ଟାର୍ଗେଟର ପିଛା କରି ଦିଲ୍ଲୀ ଏକଦା ୧୭ ଓଭରରେ ୩ ଉଇକେଟ ହରାଇ ୧୪୪ ରନ କରିଥିଲା। କିନ୍ତୁ ଶେଷରେ ଦିଲ୍ଲୀ ୧୯.୨ ଓଭରରେ ୧୫୨ରନ କରି ଅଲଆଉଟ ହେବା ସହ ମ୍ୟାଚ ହାତଛଡ଼ା କରିଥିଲା। ଅଧିନାୟକ ଶ୍ରେୟାସ ଦିଲ୍ଲୀ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ସ୍କୋର କରିଛନ୍ତି। ସେହିପରି ଅଭିଜ୍ଞ ଶିଖର ଧାୱନ, ପୃଥ୍ୱୀ ଶ, କଲିନ୍ ଇନ୍‌ଗ୍ରାମ ମଧ୍ୟ ରନ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି।

# ‘କ୍ରିକେଟ ମୋ ଲାଗି ବ୍ରେଡ୍ ଆଉ ବଟର୍’

ମୁମ୍ବାଇ/ଭଦୋଦରା, ୩।୪(ପି.ଟି.)

ଆଇପିଏଲ୍ ମ୍ୟାଚ୍ ବେଟିଂ କରିବା ଅଭିଯୋଗରେ ଗିରଫ ହୋଇଥିବା ଭାରତୀୟ ମହିଳା କ୍ରିକେଟ ଦଳର ପ୍ରାକ୍ତନ କୋଚ୍ ତୁଷାର ଆରୋଥେ ବୁଧବାର ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ‘କ୍ରିକେଟ ହେଉଛି ମୋ ଲାଗି ବ୍ରେଡ୍ ଆଉ ବଟର୍। ଆଜି ମୁଁ ଯାହା ବି କିଛି ହାସଲ କରିଛି କେବଳ କ୍ରିକେଟ ଲାଗି ହୋଇଛି ଏବଂ ମୁଁ ଏଭଳି କାମ କେବେବି କରିପାରିବି ନାହିଁ। ଜୀବନରେ ଗୋଟିଏ ବି ପଇସା ଏପଟ–ସେପଟ କରିନାହିଁ’ ବୋଲି ତୁଷାର କହିଛନ୍ତି। ଏଭଳି କରିବା କଥା ଭୁଲିଯାଆନ୍ତୁ। ମୁଁ ଏ ବିଷୟରେ କେବେ ବି ଚିନ୍ତା କରିନାହିଁ ବୋଲି ବରୋଦା ପକ୍ଷରୁ ୧୧୪ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ତୁଷାର ଏହି ଅବସରରେ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ବେଟିଂ କରିବା ଅଭିଯୋଗରେ ୫୨ ବର୍ଷୀୟ ତୁଷାରଙ୍କୁ ମଙ୍ଗଳବାର ଗିରଫ କରାଯାଇଥିଲା। ତେବେ ଏହାପରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଥିଲା ବୋଲି ଭଦୋଦରା ପୋଲିସ କମିଶନର ଅନୁପ ସିଂ ସୂଚନା ଦେଇଥିଲେ। ଅଲ୍କାପୁରୀସ୍ଥିତ ଆରୋଥେଙ୍କ କାଫେଠାରେ ଆଇପିଏଲ ବେଟିଂ ର୍‍ୟାକେଟ୍ ଚାଲୁଥିଲା। ଏଥିରେ ଜଡ଼ିତ ଆରୋଥେ ଓ ଦୁଇ ସାଥୀଙ୍କ ସହ ମୋଟ ୧୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଆରୋଥେଙ୍କ ସାଥୀ ହେମଙ୍ଗ ପଟେଲ ଗତ ସୋମବାର ରାତିରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ବେଟିଂ କରିଥିଲେ ବୋଲି ଭଦୋଦରା କ୍ରାଇମବ୍ରାଞ୍ଚର ଡେପୁଟି କମିଶନର ଜୟଦୀପସିହ୍ନା ଜାଡେଜା କହିଛନ୍ତି। ଆରୋଥେ ୨୦୧୭ରେ ଭାରତୀୟ ମହିଳା କ୍ରିକେଟ ଦଳର ପ୍ରଶିକ୍ଷକ ଦାୟିତ୍ୱ ନେଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତ ୨୦୧୭ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଏକ ବିବାଦୀୟ ଘଟଣାକ୍ରମେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ତୁଷାରଙ୍କ ପୁଅ ରିଷି ବରୋଦା ପକ୍ଷରୁ ଖେଳୁଛନ୍ତି।



ତୁଷାର ଆରୋଥେ





ଜାତୀୟ ଜୁନିୟର, କ୍ୟାଡେଟ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତାରେ ଭାଗ ନେବାପାଇଁ ବୁଧବାର ଆସାମ ଯାତ୍ରା କରିଥିବା ଓଡ଼ିଶା ଦଳର ସଦସ୍ୟମାନେ କର୍ମକର୍ତ୍ତାଙ୍କ ସହ।


### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ସାଇ ଶିବମ୍ ମହାନ୍ତି**
କୁଦିଆରି, ମହତାବ ନଗର, କଟଣୀ

ଆଜି ତୋର ଚତୁର୍ଥ ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶିରିଡ଼ିସାଇ ବାବା, ଗାଦିବ୍ରହ୍ମ ଓ ମହାବୀରଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେଉ, ତୋର ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ତୋତେ ଦିର୍ଘାୟୁ ଓ ଭଲ ମଣିଷ ପରି ମଣିଷଟିଏ କରି ଗଢି ତୋଳନ୍ତୁ। ଶୁଭେଚ୍ଛା ସହ: ବାପି, ମାମା, ବିପିନ୍ ମାମା, ଝରଣା ମାଉସୀ, ମିନାଅଜା, ମାନାଆଈ, ବାବା, ମିମି ଓ ଅନ୍ୟମାନେ।
ଧ–୧୧୯୫୭

### ତୃତୀୟ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା



**ଅଭିମନ୍ୟୁ ଲେଙ୍କା (ରୋହନ୍)**

ତୋର ଜନ୍ମଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋତେ କୋଟି ପରମାୟୁ ଦେଇ ନିରାମୟ ରଖି ସଦା ସର୍ବଦା ତୋର ମଙ୍ଗଳ କରନ୍ତୁ। ଭଲପାଇବା ସହ: ବାବା, ମାମା, ଜେଜେ, ବୋଉ, ବଡ଼ ବାପା, ବଡ଼ ମା, ମଝି ବାପା, ମଝି ବୋଉ, ଦାଦା ବାପା, ମମି, ବନ୍ଧୁ ଓ ପରିବାରବର୍ଗ।
ଧ–୧୧୭୬୩

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ଆହାନ)
**ସାଇ ଅରିହନ୍ତ ମୁକ୍ତି**
ମୁଦିପଡ଼ା,ସମ୍ବଲପୁର

ତୃତୀୟ ଜନ୍ମଦିନ ଅବସରରେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଦୀର୍ଘ ନିରାମୟ ଜୀବନଯାପନ ସହିତ ଭବିଷ୍ୟତ ଚଲାପଥ କୁସୁମିତ ଓ ମଙ୍ଗଳମୟ ହେଉ ବୋଲି ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ପାପା,ମାମା, ଦାଦାଜୀ, ମମି, ପା, ନାନୀ, ପଣ୍ଟୁଦାଦା, ବାବା, ମାମା, ରାଜା, ମାମୁଁ, ମାଇଁ ଓ ମିଷ୍ଟି ଦିଦି। ଧ–୧୧୯୫୫

**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710, Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for procurement of Furnitures and Providing of Security Services, last date for receipt of e-tenders are 25.04.2019 & 26.04.2019 respectively. Details available in e-tender portal and NIFT website https://niftetenders.eproc.in/ http://www.nift.ac.in

Director

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ସୌଦାମିନୀ ମହାପାତ୍ର**
ଗାନ୍ଧୀମନ୍ଦିର ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୦୮।୦୪।୧୯୫୬
ତିରୋଧାନ: ୨୫।୦୩।୨୦୧୯

ହେ ମହାନ୍ ଆତ୍ମା ତୁମ ଅଗାଢ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥିବ ଓ ତୁମେ ସବୁବେଳେ ମନେପଡୁଥିବ। ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ, ଏହାହିଁ ଭକ୍ତିଭରା ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ– ବସନ୍ତ କୁମାର ମହାପାତ୍ର, ପୁତ୍ର– ସଞ୍ଜୀବ ଓ ସନ୍ତୋଷ, ପୁତ୍ରବଧୂ, ଦିଅର-ଯାଆ, ଝିଅ-ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ପରିବାରବର୍ଗ ଓ ପ୍ରିୟଜନ। ଧ–୬୨୦୯୧

### ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତ ମନମୋହନ ମଲ୍ଲିକ**
ଜାହାନପୁର, ଜଗତସିଂହପୁର
ଆବିର୍ଭାବ: ୧୦।୧୦।୧୯୩୫
ତିରୋଧାନ: ୧୯।୦୩।୨୦୧୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଉଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ–୬୨୦୫୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ତା ୦୪।୦୪।୨୦୧୯



**ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା**
ନିମିଡ଼ିହ, ପାରାଦ୍ୱୀପଗଡ଼, ଜଗତ୍‌ସିଂହପୁର
ଓରନ୍ଦା, ଗୁରୁଡ଼ିଝାଟିଆ, କଟକ
ଆବିର୍ଭାବ: ତା୨୩।୦୮।୧୯୪୦
ତିରୋଧାନ: ତା୧୫।୦୩।୨୦୧୮

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭକ୍ତି, ତ୍ୟାଗ, ନିଷ୍ଠା, ପରୋପକାରିତା ଓ ଅନ୍ୟକୁ ନିଜର କରିବାର ସ୍ୱର୍ଗୀୟ ଗୁଣ ଆମ୍ଭର ଚିର ପାଥେୟ ହେଉ। ଆପଣଙ୍କର ଆଶୀର୍ବାଦରେ ଆମ୍ଭମାନଙ୍କର ଜୀବନ ସୁଖ ଓ ଶାନ୍ତିମୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା’ ଶାରଳାଙ୍କ ନିକଟରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ–୧୧୯୫୬

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କେ.ସତ୍ୟନାରାୟଣ ସେନାପତି**
ଆବିର୍ଭାବ:୦୪।୦୭।୧୯୨୭
ତିରୋଧାନ: ୨୨।୦୩।୨୦୧୯
ଗୌରୀ ଏଣ୍ଟରପ୍ରାଇଜେସ୍, ଚକରା ବିଶୋୟୀ ଛକ, ଭଞ୍ଜନଗର, ଗଞ୍ଜାମ

ବାପା ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଭାବପୂର୍ଣ୍ଣ କରି ଗଢି ତୋଳିବାରେ ଆପଣ ଥିଲେ ଖୁବ୍ ସଚେତନ। ଜଣେ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ, ସୁସଙ୍ଗଠକ, ସଂସ୍କୃତି ପ୍ରେମ ଆଧ୍ୟାତ୍ମିକ ବିଚାର ବୋଧର କର୍ମ ପ୍ରବଣ ମଣିଷ ଭାବରେ ଆପଣଙ୍କ ନିଆରା ପରିଚୟ ଆମକୁ ଦେଇଛି ଅନେକ ପ୍ରେରଣା। ଭାଗ୍ୟର ବିଡ଼ମ୍ବନା ଯେଉଁ ଦିବସରେ ଆପଣଙ୍କ ମା ସ୍ୱର୍ଗାରୋହଣ କରିଥିଲେ ସେହି ଦିବସରେ ହିଁ ଆମ ପାଇଁ ପିତୃ ବିୟୋଗର ଅଶୁଭ ସକାଳ ଥିଲା। ଆମ ସ୍ମୃତିରେ ସେହି ଆଦର୍ଶ ଜୀବନର ବାର୍ତ୍ତା ପ୍ରତିଧ୍ୱନିତ। ଆପଣଙ୍କ ସ୍ୱର୍ଗାରୋହଣର ଚତୁର୍ଦ୍ଦଶ ଦିବସ ଅବସରରେ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର କେ.ଶିବ ଶଙ୍କର, କେ.ହରିଶଙ୍କର, କେ.ଗୌରୀଶଙ୍କର।
ଧ–୧୧୯୫୮

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଘରୁ ଡକାୟତି

**ବାରଙ୍ଗ,୩।୪(ଡି.ଏନ୍.ଏ.):** ବାରଙ୍ଗ ଥାନା ଅଧୀନ ଦେଉଳି ଗ୍ରାମ ଶେଷମୁଣ୍ଡରେ ରହୁଥିବା ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଘରୁ ସୁନା ଅଳଙ୍କାର ସହ ନଗଦ ୧୫ହଜାର ଟଙ୍କା ଡକାୟତି ହୋଇଛି। ପ୍ରକାଶ ଯେ, ଗ୍ରାମର ଶଶ୍ମାନ ପାଖରେ ରହୁଥିବା ଅବସରପ୍ରାପ୍ତ ସରକାରୀ ର୍କମଚାରୀ ଅଜୟ୍ କୁମାର ନାୟକ ସପରିବାର ସହ ଘରେ ଥିଲେ। ରାତି ପ୍ରାୟ୍ ୧୦ଟା ୩୦ ସମୟ୍‌ରେ କେତେଜଣ ଦୁର୍ବୃତ୍ତ ପାଚେରି ଡେଇଁ ଘରର କବାଟ ବାଡ଼େଇଥିଲେ। ଅଜୟ୍ କବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଘରେ ଯାହା ଅଛି ସବୁ ଦିଅ ବୋଲି କହିଥିଲେ। ଏହା ଦେଖି ଅଜୟ୍‌ଙ୍କ ସ୍ତ୍ରୀ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ରେଞ୍ଚରେ ମାଡ଼ ମାରି ସୁନା ଚେନ, ୪ଟି ପାଉଁଜି ଓ ନଗଦ ୧୫ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ବୁଧବାର ସକାଳେ ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। କିନ୍ତୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି।

### ୨୧ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୩।୪(ବ୍ୟୁରୋ):** ଖାରବେଳନଗର ଥାନା ପୋଲିସ ଏବଂ କୁଇକ୍ ଆକ୍ସନ ଟିମ୍(କ୍ୟୁଏଟି) ବୁଧବାର ସତ୍ୟନଗର ପ୍ରେସ କଲୋନୀ ଅଞ୍ଚଳରେ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଲୋକେଶ ପାଲ ଏବଂ ନିଆଳି ଅଞ୍ଚଳର ବୃଷକେତୁ ଜେଠୀ। ଏମାନଙ୍କ ନିକଟରୁ ୨୧ଗ୍ରାମ ବ୍ରାଉନସୁଗାର ସହ ଏକ ପଲସର ବାଇକ୍, ୨ହଜାର ୩ଶହ ଟଙ୍କା ଓ ୩ଟି ମୋବାଇଲ ଜବତ ହୋଇଛି। ସୂଚନା ଅନୁଯାୟୀ, ସତ୍ୟନଗର ପ୍ରେସ କଲୋନୀ ଅଞ୍ଚଳରେ ବହୁ ଦିନ ଧରି ବ୍ରାଉନସୁଗାର ବ୍ୟବସାୟ ଚାଲିଥିବା ନେଇ କ୍ୟୁଏଟି ଖବରପାଇଥିଲା। ବୁଧବାର ଉଭୟ କ୍ୟୁଏଟି ଓ ଖାରବେଳନଗର ପୋଲିସ ଅଚାନକ ଚଢ଼ାଉ କରି ଉଭୟ ଅଭିଯୁକ୍ତଙ୍କୁ ଧରିଥିଲେ। ପୋଲିସ ଉଭୟ ଅଭିଯୁକ୍ତଙ୍କୁ ପଚରାଉଚରା କରୁଥିବା ବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ଦଳିତ ପରିବାର ଉପରେ ସବର୍ଣ୍ଣଙ୍କ ଆକ୍ରମଣ

# ବୋମା ମାଡ଼, ଗାଡ଼ି ଭଙ୍ଗାରୁଜା

**ଖୋର୍ଦ୍ଧା ଅଫିସ,୩।୪**

ଖୋର୍ଦ୍ଧା ଆଦର୍ଶ ଥାନାର ଜରିପୁଟ୍ ଜାମୁସାହିରେ ମଙ୍ଗଳବାର ରାତିରେ ଦଳିତ ପରିବାରଙ୍କ ଉପରେ ସବର୍ଣ୍ଣଙ୍କ ସଂଘବଦ୍ଧ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଗାଁ ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଗାଁରେ ପ୍ରାୟ ୪ ବୋମାମାଡ କରାଯିବା ସହ କେତେଜଣ ଲୋକଙ୍କ ଆଜବେଷ୍ଟସ ଘର ଭଙ୍ଗାରୁଜା ହୋଇଯାଇଛି। ଏଥିରେ ଦଳିତ ପରିବାରର ହେମନ୍ତ ନାୟକଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ସବର୍ଣ୍ଣମାନେ ୨ ଅଟୋ, ଗୋଟିଏ ଟାଟା ଏସ୍‌ସି, ୨ କାର ଓ ୪ ବାଇକ୍ ଭାଙ୍ଗି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ହେମନ୍ତ ଓ ନବୀନ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସବର୍ଣ୍ଣ ଲୋକଙ୍କ ପାଖରେ ବସି ଯାତ୍ରା ଦେଖିବା ଓ ବାଇକ୍ ଦ୍ରୁତଗତିରେ ଚଳାଇବା କାରଣକୁ ନେଇ ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ଜମ୍ମେଶ୍ୱର ନାୟକ ଘଟଣା ସମ୍ପର୍କରେ ଉପଜିଲାପାଳ ସରୋଜ ସାହୁଙ୍କୁ ଅନୁରୂପ ଭାବେ ଅବଗତ କରାଇଛନ୍ତି।

ଜରିପୁଟ ଜାମୁସାହିର ନବୀନ ନାୟକଙ୍କ ସମେତ ସ୍ତ୍ରୀ, ପୁଅ, ଝିଅ ପ୍ରମୁଖ ପରିବାରର ସଦସ୍ୟମାନେ ସ୍ଥାନୀୟ ଗାଁର ମେଳଣ ପଡିଆରେ ମଙ୍ଗଳବାର ରାତିରେ ଯାତ୍ରା ଦେଖୁଥିଲେ। ରାତି ପ୍ରାୟ ୪ଟାରେ ଘରକୁ ଯିବାକୁ ବାହାରିବା ସମୟରେ ସବର୍ଣ୍ଣ ଲୋକଙ୍କ ସହ ମିଶି ଯାତ୍ରା ଦେଖିବାର ମଜା ନିଅ କହି ହଠାତ୍ ଜରିପୁଟ୍ ଜାମୁସାହିର ୧୪ ଜଣ ସଂଘବଦ୍ଧ ଭାବେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜାତିଆଣ ଆକ୍ଷେପ କରିଥିଲେ। ପରେ ମାରଣାସ୍ତ୍ରରେ ସଜ୍ଜିତ ହୋଇ ମାରପିଟ୍ କରିଥିଲେ। ନବୀନଙ୍କ ସ୍ତ୍ରୀ ସରୋଜିନୀ ପ୍ରତିବାଦ କରିବାରୁ ଲୁଗାପଟା ଟଣାଓଟରା କରି ମାରପିଟ୍ ଓ ଗାଳିଗୁଲଜ କରିଥିଲେ। ଘରକୁ ଫେରିବା ପରେ ନଂ. ଓଡି୦୨ଏଏଫ୨୩୦୬ ଅଟୋ କାଚ ଭଙ୍ଗାରୁଜା କରିଥିଲେ। ଘର ନିକଟରେ ବୋମା ପକାଇଛନ୍ତି ବୋଲି ଅଭିଯୋଗ ରହିଛି। ହରିପୁର ବିଶ୍ୱନାଥପୁର ଗାଁର ହେମନ୍ତଙ୍କ ଅଭିଯୋଗ ଅନୁସାରେ, ସେ ମାମୁଘର ଜରିପୁଟ୍ ଜାମୁସାହିରେ ରୁହନ୍ତି। ହେମନ୍ତ ବାଇକ୍ ଯୋଗେ ଯାତ୍ରା ପଡିଆକୁ ମଙ୍ଗଳବାର ରାତିରେ ଯାଉଥିଲେ। ଦ୍ରୁତଗତିରେ ଗାଡି କ'ଣ ଚଳାଉଛୁ କହି ସବର୍ଣ୍ଣ ଲୋକେ ବାଇକ ଅଟକାଇଲେ। ତେବେ ହେମନ୍ତ ଖସି ଚାଲିଯାଇଥିଲେ। ଫେରିବା ସମୟରେ ପୁଣି ଗାଡି ଅଟକାଇ ମାରପିଟ୍ କଲେ। ଘରକୁ ଫେରିବା ପରେ ପୁଣି ଦଳବଦ୍ଧ ହୋଇ ଗାଁରେ ବୋମା ପକାଇ ମାରପିଟ୍ କଲେ। କେତେଜଣ ଲୋକଙ୍କ ଘରର ଆଜବେଷ୍ଟସ ଭାଙ୍ଗିଥିଲେ। ଗାଡି ସବୁକୁ ଭଙ୍ଗାରୁଜା କରି ଭୟର ବାତାବରଣ ସୃଷ୍ଟି କରିଥିଲେ। ଅନ୍ୟପକ୍ଷେ ଜମ୍ମେଶ୍ୱରଙ୍କ ଅଭିଯୋଗକ୍ରମେ ଜରିପୁଟ ଜାମୁସାହିର ୧୪ ଜଣ ଓ ବେଙ୍ଗିଟାଙ୍ଗୀର ଜଣେ ବ୍ୟକ୍ତି ମିଳିତ ଭାବେ ମଙ୍ଗଳବାର ରାତି ପ୍ରାୟ ୩ଟାରେ ଘରେ ପଶି ଓଡି ୩୩ ଜେ ୯୯୫୧ ଅଟୋ ଭାଙ୍ଗି ଦେଇଥିଲେ। ଜମ୍ମେଶ୍ୱରଙ୍କୁ ମାରପିଟ୍ କରି ଘରର ଆଜବେଷ୍ଟସ ଭାଙ୍ଗି ଦେଇଛନ୍ତି। ଜରିପୁଟ୍ ଜାମୁସାହିରେ ସର୍ବସାଧାରଣ ରାସ୍ତାରେ ସବର୍ଣ୍ଣ ଅସବର୍ଣ୍ଣ (ଦଳିତ) ବର୍ଗର ଲୋକ ଯାତାୟାତକୁ ନେଇ ବିବାଦ ଲାଗି ରହିଥିଲା। ସବର୍ଣ୍ଣ ଲୋକମାନେ ରାସ୍ତାରେ ଯିବାକୁ ଦଳିତ ପରିବାରକୁ ମନା କରିଥିଲେ। ୨୦୧୯ ଜାନୁୟାରୀର ପ୍ରଥମ ସପ୍ତାହରେ ଏହି ବିବାଦ ଦେଖା ଦେଇଥିଲା। ଦଳିତ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାନୁୟାରୀ ୧୦ରେ ଧାରଣା ଦେଇଥିଲେ। ପରେ ଏସ୍‌ପିଙ୍କୁ ମଧ୍ୟ ଅବଗତ କରାଇଥିଲେ। ଏହାପରେ ବିବାଦ ଥମିଥିଲା। ନବୀନ ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୧୦୫/୧୯ରେ ମାମଲା ରୁଜୁ ହୋଇଛି। ଏହା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

**ଜରିପୁଟ ଜାମୁସାହିରେ ଉତ୍ତେଜନା**



ବୋମା ମାଡ଼ରେ କ୍ଷତିଗ୍ରସ୍ତ ଘର ଓ ଗାଡ଼ି।

## ରେଭେନ୍‌ଶାରେ ଛାତ୍ରୀଙ୍କୁ ର୍‍ୟାଗିଂ ଘଟଣା

# ଦ୍ୱିତୀୟ ଦିନରେ କୁଳସଚିବଙ୍କ କାର୍ଯ୍ୟାଳୟ ଘେରାଉ

**କଟକ ଅଫିସ, ୩।୪**

- ଆସିଲେନି ର୍‍ୟାଗିଂ କରିଥିବା ଛାତ୍ରୀ କିମ୍ବା ଅଭିଭାବକ
- ଆଣ୍ଟି ର୍‍ୟାଗିଂ ସ୍କ୍ୱାଡ୍‌କୁ ଦିଆଗଲା ତଦନ୍ତ ନିର୍ଦ୍ଦେଶ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କାଠଯୋଡ଼ି ହଷ୍ଟେଲରେ ଘଟିଥିବା ଛାତ୍ରୀ ର୍‍ୟାଗିଂ ଘଟଣାକୁ ନେଇ ବୁଧବାର ୨ୟ ଦିନରେ ଛାତ୍ରୀମାନେ କୁଳସଚିବଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ର୍‍ୟାଗିଂ କରିଥିବା ଛାତ୍ରୀ ଓ ତାଙ୍କ ଅଭିଭାବକଙ୍କୁ ବୁଧବାର ବିଶ୍ୱବିଦ୍ୟାଳୟରେ ଉପସ୍ଥିତ ହେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ ମଧ୍ୟ ସେମାନେ ଆସି ନ ଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେମାନେ ଆସିପାରିବେନି ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଫଳରେ ଏହି ଘଟଣାର ତଦନ୍ତ କରିବାକୁ ବିଶ୍ୱବିଦ୍ୟାଳୟ ଆଣ୍ଟି ର୍‍ୟାଗିଂ ସ୍କାର୍ଡକୁ ନିର୍ଦ୍ଦେଶ ଦିଆଯାଇଥିବା କୁଳସଚିବ ଅଶୋକ ଦାସ କହିଛନ୍ତି। ସୂଚନା ଥାଉକି, ଗତ ଶନିବାର ସନ୍ଧ୍ୟାରେ କାଠଯୋଡ଼ି ହଷ୍ଟେଲରେ ରହୁଥିବା ବାଣିଜ୍ୟ ବିଭାଗର ଜଣେ ଏମ୍‌ଫିଲ ଛାତ୍ରୀ ଜୁନିୟରମାନଙ୍କୁ ଗାଳି କରୁଥିଲେ। ଉଦ୍ଭିଦ ବିଜ୍ଞାନର ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଏହାର ପ୍ରତିବାଦ କରିବାକୁ ଯାଇ ର୍‍ୟାଗିଂର ଶିକାର ହୋଇଥିଲେ। ର୍‍ୟାଗିଂ କରିଥିବା ଛାତ୍ରୀ ଜଣକ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ର୍‍ୟାଗିଂର ଶୀକାର ହୋଇଥିବା ଛାତ୍ରୀ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ନିକଟରେ ଅଭିଯୋଗ କରିଥିଲେ। ହେଲେ ର୍‍ୟାଗିଂ କରିଥିବା ଛାତ୍ରୀ ଜଣଙ୍କ କୁଳପତିଙ୍କ ସମ୍ପର୍କୀୟ ହୋଇଥିବାରୁ ଆପୋଷ ବୁଝାମଣା ଦ୍ୱାରା ଘଟଣାକୁ ଚାପି ଦେବା ପାଇଁ ଚେଷ୍ଟା ଚାଲିଥିବା ଛାତ୍ରୀମାନେ ମଙ୍ଗଳବାର ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ କରିବା ସହ ସେମାନେ କୁଳସଚିବଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ମଙ୍ଗଳବାର ଅପରାହ୍ନରେ କୁଳସଚିବଙ୍କ କାର୍ଯ୍ୟାଳୟରେ ବୋର୍ଡ ବୈଠକ ବସିଥିଲା। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ର୍‍ୟାଗିଂ କରିଥିବା ଛାତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ଏହାକୁ ବିରୋଧ କରି ଛାତ୍ରୀମାନେ ର୍‍ୟାଗିଂ କରିଥିବା ଛାତ୍ରୀ କିମ୍ବା ତାଙ୍କ ଅଭିଭାବକଙ୍କୁ ତୁରନ୍ତ ଡାକିବାକୁ ଦାବି କରିଥିଲେ। ପରେ କୁଳସଚିବ ଉକ୍ତ ଛାତ୍ରୀଙ୍କ ଅଭିଭାବକଙ୍କୁ ଫୋନ୍ କରିବା ସହ ବୁଧବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ବିଶ୍ୱବିଦ୍ୟାଳୟରେ ପହଞ୍ଚିବାକୁ କହିଥିଲେ। ହେଲେ ବୁଧବାର ଉକ୍ତ ଛାତ୍ରୀ କିମ୍ବା ତାଙ୍କର ଅଭିଭାବକ ବିଶ୍ୱବିଦ୍ୟାଳୟ ଆସି ନ ଥିଲେ।

## ମୁକ୍ତେଶ୍ୱରରେ ବୁକ୍ ରିଡିଂ ସେସନ୍ ଆୟୋଜନକୁ ନେଇ ବିବାଦ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

**କାର୍ଯ୍ୟକ୍ରମ ବାତିଲ**

ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଏପ୍ରିଲ ୫ରେ ହେବାକୁ ଥିବା 'ଟେମ୍ପୁଲ୍ ଟ୍ରେଲ୍' ଓ ଐତିହାସିକ ତଥା ଲେଖକ ୱିଲିୟମ୍ ଡାର୍ଲିମ୍ପଲ୍‌ଙ୍କ ବୁକ୍ ରିଡିଂ ସେସନ୍‌କୁ ନେଇ ଦେଖାଦେଇଛି ବିବାଦ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ବିନା ଅନୁମତିରେ ରାଜ୍ୟ ପର୍ଯ୍ୟଟନ ବିଭାଗ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ବ୍ଲୁମ୍‌ସବ୍ୟୁରି ଦ୍ୱାରା ପ୍ରକାଶିତ ୱିଲିୟମ୍ ଡାର୍ଲିମ୍ପଲ୍‌ଙ୍କ ପୁସ୍ତକ 'ନାଇନ୍ ଲାଇଭ୍‌ସ'ର ପ୍ରମୋଶନ କରିବାକୁ ବ୍ୟବସାୟିକ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିବା ଐତିହାସିକ ଅନିଲ ଧୀର୍ କହିଛନ୍ତି। ଏ ନେଇ ସେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ମୁକ୍ତେଶ୍ୱର ମନ୍ଦିର ଏଏସ୍ଆଇ ସଂରକ୍ଷିତ କୀର୍ତ୍ତିରାଜି ହୋଇଥିବା ବେଳେ ଏଠାରେ କୌଣସି ବ୍ୟକ୍ତିଗତ କିମ୍ବା ବ୍ୟବସାୟିକ କାର୍ଯ୍ୟକ୍ରମ ଆୟୋଜନ କରିବାର ଅନୁମତି ନାହିଁ। ଏହାବ୍ୟତୀତ ଓଡ଼ିଶା ଆନ୍ସିଏଣ୍ଟ୍ ମୋନୁମେଣ୍ଟ୍ସ ପ୍ରିଜରଭେଶନ ଆକ୍ଟ ୧୯୫୬ ବିରୋଧରେ ଏହା କରାଯାଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏଏସ୍ଆଇ ଅନୁମତି ନ ନେଇ ନିମନ୍ତ୍ରଣ ପତ୍ର ଛପା ସହ ସମସ୍ତ ପ୍ରସ୍ତୁତି କରିସାରିଥିବା ପର୍ଯ୍ୟଟନ ବିଭାଗ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମ ବାତିଲ କରିବାକୁ ବାଧ ହୋଇଛି।

## ଇଗ୍ନୋର ୩୨ତମ ସମାବର୍ତ୍ତନ ଉତ୍ସବ

# ୧୩୧ ପାଠ୍ୟକ୍ରମରେ ୬୫୭୯ଜଣଙ୍କୁ ଡିଗ୍ରୀ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ର ୩୨ତମ ସମାବର୍ତ୍ତନ ଉତ୍ସବ ବୁଧବାର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକୃଷ୍ଣ ଦେବରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଭଲ ମଣିଷ ହେବା ଏବଂ ସମାଜର ହିତ ସାଧନ କରିବା ହେଉଛି ଶିକ୍ଷାର ମୂଳ ଉଦ୍ଦେଶ୍ୟ। ଶିକ୍ଷା ଦ୍ୱାରା ବ୍ୟକ୍ତି ତା'ର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ଦିଗରେ ସକ୍ଷମ ହେବା ଆବଶ୍ୟକ। ନିଜ ନିଜ କ୍ଷେତ୍ରରେ ସମାଜର ସେବା କରିବାକୁ ଡ. ଦେବରାଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବରିଷ୍ଠ ପୋଲିସ ଅଧିକାରୀ ଡ. ସୁଧାଂଶୁ ଷଡ଼ଙ୍ଗୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ କେବଳ ଶିକ୍ଷା ଦ୍ୱାରା ହିଁ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ୧୩୧ ପାଠ୍ୟକ୍ରମରେ ମୋଟ ୬୫୭୯ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶା ଆଞ୍ଚଳିକ ଶାଖା ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରଜ୍ଞା ପାରମିତା ଆଚାର୍ଯ୍ୟଙ୍କୁ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଦିଆଯାଇଛି। ଇଗ୍ନୋ ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ଡ. ମନୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବକୁ ଏଲ୍.କେ. ଦେବତା ପରିଚାଳନା କରିଥିଲେ।

**ଓଡ଼ିଶା ଆଞ୍ଚଳିକ ଶାଖାର ପ୍ରଜ୍ଞା ପାରମିତାଙ୍କୁ ସ୍ୱର୍ଣ୍ଣ ପଦକ**



ସମାବର୍ତ୍ତନ ଉତ୍ସବରେ ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ନାବାଳକଙ୍କୁ ଡାକ୍ତରଙ୍କ ମାଡ ଘଟଣା

# ତଦନ୍ତ ରିପୋର୍ଟ ଦାଖଲ

**ପୁରୀ ଅଫିସ, ୩।୪**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୩୦ତାରିଖରେ ଜଣେ ନାବାଳକଙ୍କୁ ଡାକ୍ତରଙ୍କ ମାଡ ଘଟଣାର ତଦନ୍ତ ରିପୋର୍ଟ ବୁଧବାର ସିଡିଏମ୍‌ଓ ରାମଚନ୍ଦ୍ର ରାଉତଙ୍କୁ ଏଡିଏମଓ (ମେଡିକାଲ) ବ୍ରଜବନ୍ଧୁ ଦାଶ ପ୍ରଦାନ କରିଛନ୍ତି। ରିପୋର୍ଟରେ ଦର୍ଶାଯାଇଛିଯେ, ମିଶ୍ରସାହିର ଅର୍ଜୁନ ମାନସିଂଙ୍କ ପୁଅ ଜୟରାମଙ୍କ ପରିସ୍ରାଜନିତ ସମସ୍ୟା କାରଣରୁ ତାଙ୍କର ଛୋଟ ଅପରେଶନର ଆବଶ୍ୟକତା ରହିଥିଲା। ଓଟିରେ ଡ୍ୟୁଟିରେ ଥିବା ଡାକ୍ତର ପି.କେ. ଜେନା ଚିକିତ୍ସାବେଳେ କୌଣସି କାରଣରୁ ଉତକ୍ଷିପ୍ତ ହୋଇ ଜୟରାମଙ୍କୁ ମାଡ଼ ମାରିଥିଲେ। ମାଡ଼ରେ ଜୟରାମଙ୍କୁ ଗଭୀର ଆଘାତ ଲାଗିଥିବା ନେଇ ରିପୋର୍ଟରେ ଉଲ୍ଲେଖ ଥିବା ବିଶେଷ ସୂତ୍ରରୁ ଜଣାପଡିଛି। ସିଡିଏମଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛି ବୋଲି ଏଡିଏମଓ (ମେଡିକାଲ) ଦାଶ କହିଛନ୍ତି। ତେବେ ରିପୋର୍ଟ ସମ୍ପର୍କରେ ସେ ମୁହଁ ଖୋଲି ନ ଥିଲେ ମଧ୍ୟ ପରୋକ୍ଷରେ ଘଟଣାର ସତ୍ୟତାକୁ ସ୍ୱୀକାର କରିଛନ୍ତି।

ଏହି ଘଟଣା ନେଇ କୁମ୍ଭାରପଡା ଥାନା ଏବଂ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଆଇନଜୀବୀ ପ୍ରସନ୍ନ କୁମାର ଦାଶଙ୍କ ଅଭିଯୋଗ କ୍ରମେ ଘଟଣାର ସବିଶେଷ ରିପୋର୍ଟ ଦାଖଲ ଲାଗି ଥାନା ଓ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଆନ୍ତଃରାଜ୍ୟ କାର ଚୋର ଗ୍ୟାଙ୍ଗ ଠାବ



ଉଦ୍ଧାର ହୋଇଥିବା କାର୍।



ଗିରଫ ଅଭିଯୁକ୍ତ

- ୩ କାର ଜବତ: ମୁଖ୍ୟ ଅଭିଯୁକ୍ତ ଗିରଫ
- ଭଡ଼ାରେ ଗାଡ଼ି ନେଇ ବିକ୍ରି କରୁଥିଲେ

**କଟକ ଅଫିସ, ୩।୪**

ବାଦାମବାଡ଼ି ପୋଲିସ ବୁଧବାର କାର ଚୋରି ମାମଲାର ତଦନ୍ତ କରି ଏକ ଆନ୍ତଃରାଜ୍ୟ କାର ଚୋର ଗ୍ୟାଙ୍ଗକୁ ଠାବ କରିଛି। ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଜି. ସଞ୍ଜୀବ କୁମାର ସ୍ୱାମୀ (୩୮)ଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସଞ୍ଜୀବଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ମଧୁପାଟଣା ଥାନା କଲ୍ୟାଣୀନଗର ଅଞ୍ଚଳରେ ରହୁଥିଲେ। ତାଙ୍କଠାରୁ ପୋଲିସ ୩ଟି କାର (ନଂ.ଓଡି୦୫ୱାଇ-୦୦୮୩), (ନଂ.ଓଡି୦୫ଏଜି-୮୫୫୫) ଓ (ନଂ.ଓଆର୍‌୦୫ଏଏଫ୍-୫୬୮୨) ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୮୬/୧୯) ରୁଜୁ ହୋଇଛି। ସୁଧାଂଶୁ ମାନସିଂ ଓରଫ ବାବାଜୀଙ୍କ ସମେତ ଗ୍ୟାଙ୍ଗର ଅନ୍ୟ କେତେକ ସହଯୋଗୀ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

ବାଦାମବାଡ଼ି ଅଞ୍ଚଳରେ ରହୁଥିବା ସୁନୀଲ କୁମାର ଜେନାଙ୍କ ଏକ କାର (ନଂ.ଓଡି୦୫ୱାଇ-୦୦୮୩)କୁ ସେ ଭଡ଼ାରେ ଲଗାଇବା ପାଇଁ ଚାହୁଁଥିଲେ। କୌଣସି ସୂତ୍ରରୁ ଖବରପାଇ ସଞ୍ଜୀବ ଓ ବାବାଜୀ ମିଶି ସୁନୀଲଙ୍କୁ ଯୋଗାଯୋଗ କରିଥିଲେ। ମାସକୁ ୩୮ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇ ସେମାନେ ସୁନୀଲଙ୍କଠାରୁ ଉକ୍ତ କାରକୁ ଭଡ଼ାରେ ନେଇଥିଲେ। ପରେ ସେମାନେ ସୁନୀଲଙ୍କୁ ଟଙ୍କା ଦେଇ ନ ଥିଲେ। ଫଳରେ ସୁନୀଲ ସେମାନଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କ ଫୋନ ବନ୍ଦ ଥିଲା। ପରେ ଏ ନେଇ ଗତ ମାର୍ଚ୍ଚ ୨୫ ତାରିଖରେ ସୁନୀଲ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ସଞ୍ଜୀବଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ଜଣାପଡ଼ିଥିଲା ଯେ, ସଞ୍ଜୀବଙ୍କର ବାଦାମବାଡ଼ି ଅଞ୍ଚଳରେ ଏକ ମେଡିସିନ ଡିଷ୍ଟ୍ରିବ୍ୟୁଟର ଅଫିସ ରହିଥିବା ବେଳେ ବାବାଜୀ ଜଣେ କାର୍ ଚାଳକ। ଉଭୟ ମିଶି ଲୋକମାନଙ୍କଠାରୁ ଏଭଳି କାର ଭଡ଼ାରେ ଆଣି ବିକ୍ରି କରନ୍ତି। ପ୍ରଥମେ ବାବାଜୀ କାର ମାଲିକଙ୍କ ସହ ଯୋଗାଯୋଗ କରନ୍ତି। ପରେ ବାବାଜୀ ଓ ସଞ୍ଜୟ ମିଶି ମାଲିକଙ୍କ ସହ କଥାବାର୍ତ୍ତା କରି କାର୍‌ଟିକୁ ମାସକୁ ୩୦ରୁ ୩୮ହଜାର ଟଙ୍କାରେ ଭଡ଼ାରେ ଆଣନ୍ତି। ପରେ ଉକ୍ତ କାରର ଜାଲ୍ କାଗଜପତ୍ର ତିଆରି କରି ଓଡ଼ିଶା ସମେତ ହାଇଦ୍ରାବାଦ, ବାଙ୍ଗାଲୋର, ତେଲେଙ୍ଗାନାରେ ବିକ୍ରି କରିଦିଅନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।

-ସନ୍ଥ ବିନୋବା ଭାବେ






କୃପା ପାର୍ଟି ପକ୍ଷରୁ କଟକ ଲୋକସଭା ପ୍ରାର୍ଥୀ କଲୋନେଲ ଅକ୍ଷୟ କୁମାର କର ପ୍ରାର୍ଥୀପତ୍ର ଦାଖଲ କରିବା ପାଇଁ ସମର୍ଥକଙ୍କ ଗହଣରେ ଯାଉଛନ୍ତି।





ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ପ୍ରସନ୍ନା କୁମାରୀ ନାୟକ ଓ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଶେଖ୍ ମୁସ୍ତାକିମ୍ ବକ୍ସ ପ୍ରାର୍ଥୀପତ୍ର ଦାଖଲ ପାଇଁ ଯାଉଛନ୍ତି।

## ସଂକ୍ଷେପରେ

### ୪୩ କେଜି ଗଞ୍ଜେଇ ଜବତ : ୨ ଗିରଫ

**କଟକ ଅଫିସ, ୩।୪:** ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବୁଧବାର କଟକର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ୪୩ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ରାଜସ୍ଥାନର ଭାଗୀରଥି ରାମ ଏବଂ କନ୍ଧମାଳ ଜିଲାର ସରୋଜ କୁମାର ବେହେରା। ଉଭୟଙ୍କଠାରୁ ପୋଲିସ ଉକ୍ତ ଗଞ୍ଜେଇ ଜବତ କରିଥିବା ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ସୂଚନା ଦିଆଯାଇଛି।

### ବାଇକ୍ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୩।୪:** ବାଇକ୍ ଚୋରି ଅଭିଯୋଗରେ ପୁରୀଘାଟ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦରଘାବଜାର ଥାନା ଅନ୍ତର୍ଗତ ମକରବା ସାହି ଅଞ୍ଚଳର ସି. ଧନରାଜ। ପୋଲିସ ତାଙ୍କଠାରୁ ଏକ ବାଇକ୍ (ଓଆର୍‌୦୨ୟୁ-୦୭୮୨) ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ପୁରୀଘାଟ ଥାନା ଅନ୍ତର୍ଗତ ଝୋଲାସାହି ଅଞ୍ଚଳରେ ରହୁଥିବା ସେଖ୍ ଅବଦୁଲ ହମିଦ୍‌ଙ୍କ ଘର ସମ୍ମୁଖରୁ ତାଙ୍କ ବାଇକ୍ ଗତ ସୋମବାର ଚୋରି ହୋଇଥିଲା। ସେ ବାଇକ୍‌କୁ ଘର ସମ୍ମୁଖରେ ରଖି ରାତିରେ ଶୋଇଥିବା ବେଳେ ସକାଳୁ ବାଇକ୍ ନ ଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୬/୧୯) ରୁଜୁ କରିଥିଲା।

### 'ଓଡ଼ିଆ ଭାଷାଠାରୁ ଭଲ ଭାଷା ପୃଥିବୀରେ ନାହିଁ'

**କଟକ ସହର,୩।୪:** କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ଏ.ଏସ୍. ନାଇଡୁ କହିଥିଲେ, ଓଡ଼ିଆ ଭାଷା ଠାରୁ ଭଲ ଭାଷା ପୃଥିବୀରେ ନାହିଁ। ମହାସଭାର ସଭାପତି ପ୍ରଫେସର କୃପାସିନ୍ଧୁ ପଣ୍ଡା ଏଥିରେ ଅଧକ୍ଷତା କରିଥିବାବେଳେ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମହାସଭାର ମୁଖପତ୍ର 'ଗୁରୁଜନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖପତ୍ରର ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର କହିଥିଲେ, ବରିଷ୍ଠ ଲୋକେ ନିଜକୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ରଖିପାରିଲେ ଜୀବନ ସୁଖମୟ ହେବ। ଅନ୍ୟତମ ଅତିଥି ନମିତା ପଣ୍ଡା କହିଥିଲେ, ଓଡ଼ିଆମାନେ ନିଜ ଭାଷା, ଜାତି ପ୍ରତି ଉତ୍ସର୍ଗୀକୃତ କାର୍ଯ୍ୟ କରିବାର ସମୟ ଆସିଛି। ବରିଷ୍ଠ ଖବରଦାତା ବସନ୍ତ ଦାସ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଇତିହାସ ବର୍ଣ୍ଣନା କରିଥିଲେ। ବରିଷ୍ଠ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା କହିଥିଲେ, ନବରତ୍ନଳର ନିର୍ମାତା ମଧୁବାବୁଙ୍କ ପ୍ରତିମୂର୍ତ୍ତି ରାଜ୍ୟର ସବୁଆଡେ ସ୍ଥାପନ କରାଯିବା ଦରକାର। ଏଥିସହ ତାଙ୍କ ସମ୍ପର୍କରେ ଆମ ଭବିଷ୍ୟତ ବଂଶଧର ବିଶେଷ ତଥ୍ୟ ଜାଣିବା ଆବଶ୍ୟକ। ଏନ୍. ନୀଳାଦ୍ରି ରାଓ, ଅକ୍ଷୟ କୁମାର ନାୟକ, ଜାନକୀ ବଲ୍ଲଭ ନାୟକ, ଗୌତମ କର ଓ ଆଦିକନ୍ଦ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାବୁଲି ଧର ନାୟକ ଧନ୍ୟବାଦ ଦେଇଥିଲେ।

# ଗୋଟିଏ ଦିନରେ ୨୦ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କଟକ ଅଫିସ, ୩।୪**

ବୁଧବାର ୨୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର, କଂଗ୍ରେସ ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ, କୃପା ପାର୍ଟି ପକ୍ଷରୁ ପ୍ରାର୍ଥୀ ଲ୍ୟୁଟନାଣ୍ଟ କଲୋନେଲ ଅକ୍ଷୟ କୁମାର କର ରହିଛନ୍ତି। ସେହିପରି ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ମନୋଜ କୁମାର ନନ୍ଦ, ଯୁଗଳ କିଶୋର ରାଉତ, ଭାଜପା ପ୍ରାର୍ଥୀ ବିଜୟ କୁମାର ଦଳ ବେହେରା, କଂଗ୍ରେସ ପ୍ରାର୍ଥୀ ବବି ମହାନ୍ତି, ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ, ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଶେଖ୍ ମୁସ୍ତାକିମ୍ ବକ୍ସ, କୃପା ପାର୍ଟି ପ୍ରାର୍ଥୀ ବିଶ୍ୱନାଥ ରାଉତ, ସ୍ୱାଧୀନ ପ୍ରାର୍ଥୀ ହେମନ୍ତ ବେହେରା, ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ, ସ୍ୱାଧୀନ ପ୍ରାର୍ଥୀ ପ୍ରଶନ୍ନା କୁମାରୀ ନାୟକ, ଶୁଭେନ୍ଦୁ ମହାନ୍ତି, ରିତ ମଲ୍ଲିକ, କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା, ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ, ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ସାଲେପୁର, ମାହାଙ୍ଗା ଓ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି।



ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ହେମନ୍ତ ବେହେରା ପ୍ରାର୍ଥୀପତ୍ର ଦାଖଲ ପାଇଁ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଆସୁଛନ୍ତି।



କୃପା ପାର୍ଟି ପ୍ରାର୍ଥୀ ବିଶ୍ୱନାଥ ରାଉତ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନୀ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଶୁଭେନ୍ଦୁ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

■ ବ୍ରହ୍ମପୁର ବାରୁଣୀଘାଟରେ ବାରୁଣୀ ସ୍ନାନ

# ବୁଡ଼ ପକାଇଲେ ୨୦ହଜାର ଶ୍ରଦ୍ଧାଳୁ



ବାରୁଣୀଘାଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

**ଖୁଣ୍ଟୁଣୀ,୩।୪(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁର ପଞ୍ଚାୟତର ବ୍ରହ୍ମପୁର ବାରୁଣୀ ଘାଟରେ ବୁଧବାର ବାରୁଣୀ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାନଦୀର ଉତ୍ତରବାହୀ ଗଙ୍ଗା ନାମରେ ନାମିତ ଘାଟରେ ବୁଡ଼ ପକାଇଥିବା ବ୍ରହ୍ମପୁର ଗ୍ରାମର ସଭାପତି ବାବୁରାମ ସ୍ୱାଇଁ କହିଛନ୍ତି। ମଙ୍ଗଳବାର ମଧ୍ୟରାତ୍ରରେ ମହାପ୍ରଭୁ ସର୍ପେଶ୍ୱର ବ୍ରହ୍ମପୁର ବାରୁଣୀ ପଡ଼ିଆରେ ପହଞ୍ଚିବା ପରେ ସେଠାରୁ ବ୍ରହ୍ମପୁରର ଗ୍ରାମଶ୍ୱେର ମହାଦେବ ଓ ଗୋପାଳଜୀଉଙ୍କୁ ନେଇ ଏକ ଶୋଭାଯାତ୍ରା କଖଡିର ପାଲାତୋଟାଠାରେ ପହଞ୍ଚିଥିଲା। ପୂର୍ବରୁ ପାଲାତୋଟାରେ ଶ୍ରୀଧବଳେଶ୍ୱର, ଶ୍ରୀଲକ୍ଷ୍ମୀନାରାୟଣ, ନାରଙ୍ଗବସ୍ତର ରାଧାକୃଷ୍ଣ, ଜେନାପୁରର ଶ୍ରୀସ୍ୱପ୍ନେଶ୍ୱର, ରାଧେଶ୍ୟାମପୁରର ଶ୍ରୀରାଧେଶ୍ୟାମଜୀଉ, ଜଗମୋହନପୁରର ଶ୍ରୀଗୋପୀନାଥଜୀଉ, ଘଣ୍ଟିଖାଲର ଶ୍ରୀବୃନ୍ଦାବନଚନ୍ଦ୍ର ଦେବ ଠାକୁର ସୁସଜ୍ଜିତ ବିମାନରେ ଆସି ଅପେକ୍ଷା କରିଥିଲେ। ସର୍ପେଶ୍ୱର ମହାପ୍ରଭୁ ପହଞ୍ଚି ସେମାନଙ୍କୁ ନିମନ୍ତ୍ରଣ କରି ରାତି ପ୍ରାୟ ୪ଟାରେ ବ୍ରହ୍ମପୁର ବାରୁଣୀ ପଡ଼ିଆକୁ ଫେରିଥିଲେ। ହରିହରଙ୍କ ଏକତ୍ର ମହାମିଳନକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଯାତ୍ରା ପଡିଆରେ ପହଞ୍ଚିଥିଲେ। ସକାଳ ୮ଟା ୪୫ରେ ସମସ୍ତ ଠାକୁରଙ୍କୁ ମହାନଦୀକୁ ସ୍ନାନ ପାଇଁ ନିଆଯାଇ ସ୍ନାନନୀତି ସମ୍ପନ୍ନ ପରେ ଶ୍ରଦ୍ଧାଳୁମାନେ ସ୍ନାନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଏଠାରେ ସ୍ନାନ କଲେ ସମସ୍ତ ପାପ ଓ ରୋଗମୁକ୍ତି ହୋଇଥାଏ ବୋଲି ଲୋକଗାଥା ରହିଛି। ଶାନ୍ତି ଶୃଙ୍ଖଳା ପାଇଁ ଖୁଣ୍ଟୁଣୀ ଥାନା ପୋଲିସ ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ୧୨ ମୋବାଇଲ ଜବତ: ୩ ଗିରଫ

**କଟକ ଅଫିସ, ୩।୪**

ମୋବାଇଲ ଲୁଟ୍ ଅଭିଯୋଗରେ ୩ଜଣଙ୍କୁ ବୁଧବାର ଚାଉଳିଆଗଞ୍ଜ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କରମକୁଳ ଅଞ୍ଚଳର ପ୍ରବୀଣ ସେନାପତି, ମୟୂରଭଞ୍ଜ ଜିଲା ବେତନଟି ଥାନା ଅନ୍ତର୍ଗତ କୁଳକୁଆ ଅଞ୍ଚଳର ଆକାଶ ସିଂ ଓ କଟକ ପୁରୀଘାଟ ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳର ଦୀପକ ମୁଦୁଲି। ସେମାନଙ୍କଠାରୁ ପୋଲିସ ୧୨ଟି ମୋବାଇଲ ଜବତ କରିବା ସହ ଏକ ମାମଲା (ନଂ.୧୦୨/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟାରେ ଚାଉଳିଆଗଞ୍ଜ ଅଞ୍ଚଳରେ ରହୁଥିବା କିଷାନ ନାୟକ ଗୋଲବଜାର ଯାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ ବାଇକରେ ଆସି ତାଙ୍କ ମୋବାଇଲ ଲୁଟ୍ ନେଇ ପଳାଇଥିଲେ। ଏ ନେଇ କିଷାନ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଉକ୍ତ ଲୁଟ୍ ସହ ଅନ୍ୟାନ୍ୟ ଲୁଟ୍ କରିଥିବା ମାନିଥିଲେ। ପରେ ପୋଲିସ ସେମାନଙ୍କଠାରୁ ୧୨ଟି ମୋବାଇଲ ଜବତ କରିଥିଲା।

## ଡକାୟତି ଯୋଜନା: ୩ ଗିରଫ

**କଟକ ଅଫିସ, ୩।୪**

ଡକାୟତି ଯୋଜନା ବେଳେ ମାଲଗୋଦାମ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର ଅଞ୍ଚଳର ନରେଶ ଜେନା, ଆଲୋକ ରଞ୍ଜନ ସାହୁ ଓ ବାଦାମବାଡି ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳର ଜିତେନ୍ଦ୍ର ଛାଟୋଇ। ପୋଲିସ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ବାଇକ (ଓଆର୦୫-ଌ୯୪୨), ୨ଟି ଗୁଳି ଓ ୨୦ ହଜାର ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୭୩/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ରାତିରେ ଅଭିଯୁକ୍ତମାନେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଆନିକଟ ଛକ ନିକଟରେ ଠିଆହୋଇ ଡକାୟତି ପାଇଁ ଯୋଜନା କରୁଥିବା ମାଲଗୋଦାମ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ ସୂଚନା ପାଇଥିଲେ। ପରେ ଥାନା ଏସ୍‌ଆଇ ସୁନୀଲ ଯାଦବଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଯାଞ୍ଚ କରିବାକୁ ସେମାନଙ୍କ ପାଖରୁ ଉକ୍ତ ବନ୍ଧୁକ, ଗୁଳି ଓ ଟଙ୍କା ବାହାରିଥିଲା। ବନ୍ଧୁକର ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଜଗତ୍‌ପୁର ଅଞ୍ଚଳକୁ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ ବିଡାନାସୀ, ମଧୁପାଟଣା ଏବଂ ମାଲ୍‌ଗୋଦାମ ଥାନାରେ ବହୁ ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।





ଗିରଫ ୩ ଅଭିଯୁକ୍ତ। ଜବତ ଟଙ୍କା, ବନ୍ଧୁକ ଓ ଗୁଳି।

■ ସେବା ବନ୍ଦ କଲା ଘରୋଇ ସଂସ୍ଥା

# ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଚଳ

**କଟକ ଅଫିସ, ୩।୪**

ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ଟିକସ ଆଦାୟ, ଫିଟ୍‌ନେସ ଦେୟ ଆଦାୟ, ପରମିଟ୍ ଦେୟ ଆଦାୟ ଓ ପଞ୍ଜୀକରଣ ଦେୟ ଆଦାୟ ପାଇଁ ନିଯୁକ୍ତି ପାଇଥିବା ଏକ ଘରୋଇ ସଂସ୍ଥା ଦୁଇଦିନ ହେବ ନିଜର ସେବା ବନ୍ଦ କରିଛି। ଫଳରେ ଆର୍‌ଟିଓ ଅଫିସଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇଛି। ଏହାକୁ ନେଇ କଟକ ଆର୍‌ଟିଓ ଅଫିସରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜିଛି। ସୂଚନାଥାଉ କି, ମଙ୍ଗଳବାର ସକାଳୁ ଉକ୍ତ ଘରୋଇ ସଂସ୍ଥା ନିଜର ସେବା ବନ୍ଦ ରଖିଥିଲା। ଲୋକମାନେ ଟ୍ୟାକ୍ସ, ଫିଟ୍‌ନେସ୍, ପରମିଟ୍ ଫି ଆଦି ପଇଠ କରିବାକୁ ଆସି ହୋହଲ୍ଲା କରିଥିଲେ। ଫଳରେ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ର ଉକ୍ତ ସଂସ୍ଥାର କର୍ମଚାରୀମାନଙ୍କୁ ସେବା ବନ୍ଦ ରଖିବାର କାରଣ ସମ୍ପର୍କରେ ପଚାରିବା ସହିତ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ତାଗିଦ୍ କରିଥିଲେ। ଏହାକୁ ନେଇ ଆର୍‌ଟିଓ ଓ ସମ୍ପୃକ୍ତ ଘରୋଇ ସଂସ୍ଥାର କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସଂସ୍ଥା ପକ୍ଷରୁ ଆର୍‌ଟିଓଙ୍କ ବିରୋଧରେ ଲାଲବାଗ ଥାନାରେ ଅଭିଯୋଗ କରାଯାଇଥିଲା। ଏଭଳି ପରିସ୍ଥିତି ଉପୁଜିବା ଫଳରେ ଭାରପ୍ରାପ୍ତ ପରିବହନ ଆୟୁକ୍ତ ଅନିଲ ସାମଲ ଉକ୍ତ ସଂସ୍ଥାର କର୍ମଚାରୀ ଓ ଆର୍‌ଟିଓଙ୍କୁ ଡକାଇ ଏହାର ସମାଧାନ କରିଥିଲେ। ଫଳରେ ମଙ୍ଗଳବାର ଅପରାହ୍ନ ୪ଟାରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର ପୁନର୍ବାର ବୁଧବାର ସକାଳୁ ଉକ୍ତ ସଂସ୍ଥା ନିଜର କାର୍ଯ୍ୟ ବନ୍ଦ ରଖିଛି। କେବଳ କଟକ ନୁହେଁ ରାଜ୍ୟର ଅନ୍ୟ ଆର୍‌ଟିଓ ଅଫିସରେ ମଧ୍ୟ ଏହି ପରିସ୍ଥିତି ଉପୁଜିଛି। ଚଣ୍ଡିଖୋଲ ଆର୍‌ଟିଓ ଲାଲମୋହନ ସେଠୀଙ୍କୁ ପଚାରିବାରୁ ସେଠାରେ ମଧ୍ୟ ଏହି କର୍ମଚାରୀମାନେ କାର୍ଯ୍ୟବନ୍ଦ ରଖିଥିବା ସୂଚନା ଦେଇଥିଲେ। ତେବେ ଉକ୍ତ ସଂସ୍ଥାର କର୍ମଚାରୀମାନଙ୍କୁ ବାଧ୍ୟକରିବାରୁ ସେମାନେ କାର୍ଯ୍ୟ ଆରମ୍ଭ କରିଥିବା ସେଠୀ କହିଛନ୍ତି। କଟକ ଆର୍‌ଟିଓ ପାତ୍ର କୁହନ୍ତି, ଏପ୍ରିଲ ପହିଲାରୁ ନୂଆ ନିୟମ ପରିବହନ ବିଭାଗରେ ଲାଗୁ କରାଯାଇଛି। ଏହି ନିୟମ ଅନୁଯାୟୀ ବିଭିନ୍ନ ବାବଦରେ ଲୋକମାନଙ୍କୁ ଯେଉଁ ଟିକସ ଓ ଦେୟ ଦେବାକୁ ପଡୁଥିଲା ତାହାକୁ ଏକତ୍ର କରାଯାଇଥିଲା। ଯଥା ଅନ୍‌ଲାଇନରେ ଯେଉଁମାନେ ଡ୍ରାଇଭିଂ ଲାଇସେନ୍ସ, ନୂଆ ଗାଡ଼ି ପଞ୍ଜୀକରଣ, ମାଲିକାନା ପରିବର୍ତ୍ତନ ଆଦି ଆବେଦନ କରୁଥିଲେ ସେମାନଙ୍କୁ ପୁଣି ଥରେ କେବଳ ଏକ କାର୍ଡ ଦେୟ ପାଇଁ ଆର୍‌ଟିଓ ଅଫିସକୁ ଆସିବାକୁ ପଡୁଥିଲା। ତେଣୁ ଏହି ନିୟମକୁ ଏପ୍ରିଲ ପହିଲାରୁ ଉଚ୍ଛେଦ କରାଯାଇଥିଲା। ଏହାକୁ ବିରୋଧ କରି ଉକ୍ତ ସଂସ୍ଥା କାର୍ଯ୍ୟ ବନ୍ଦ କରିଥିବା ପାତ୍ର ସୂଚନା ଦେଇଛନ୍ତି।

# ବଢ଼ିଲାଣି ତାପମାତ୍ରା, ଖୋଲିନି ଜଳଛତ୍ର

**କଟକ ଅଫିସ,୩।୪**




■ପ୍ରଶାସନର ଆନ୍ତରିକତାର ଅଭାବ | ■ଲୋକେ ଭୋଗୁଛନ୍ତି ଅସୁବିଧା

ଏପ୍ରିଲ ଆରମ୍ଭରୁ ସିଲଭର ସିଟି କଟକରେ ପ୍ରବଳ ଗରମ ଅନୁଭୂତ ହେଉଛି। ଦିନ ୧୦ଟାରୁ ଘରୁ ବାହାରିବା ଅସହ୍ୟ ହୋଇଗଲାଣି। ପଦାକୁ ବାହାରିବା ମାତ୍ରେ ଦେହ ତାତିରେ ଜଳିଗଲା ଭଳି ଲାଗୁଛି। ମୁଣ୍ଡରେ ଓଦା ଗାମୁଛା ସାଙ୍ଗକୁ ପାଣି ବୋତଲ, ହାତରେ ଛତା ନ ଧରିଲେ ବାହାରକୁ ଯିବାକୁ ଡର ଲାଗୁଛି। ରୌଦ୍ରତାପ ବଢ଼ିଚାଲିଥିଲେ ମଧ୍ୟ କଟକ ମହାନଗର ନିଗମ ପକ୍ଷରୁ ଅଂଶୁଘାତ ମୁକାବିଲା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରି କି ସହରର ଜନଗହଳିପୂର୍ଣ୍ଣ ଜାଗାରେ ପାନୀୟଜଳ ବ୍ୟବସ୍ଥା ମଧ୍ୟ ହୋଇପାରିନାହିଁ। ସହରର ଜନଗହଳିପୂର୍ଣ୍ଣ ସ୍ଥାନ ବାଦାମବାଡି, ହାଇକୋର୍ଟ, ରାଣୀହାଟ, ମଙ୍ଗଳାବାଗ, କଲେଜ ଛକ ଆଦି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଜଳଛତ୍ର କିମ୍ବା ଜଳଉତ୍ସଗୁଡ଼ିକର ଅବସ୍ଥା ସୁଧାର ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସହରରେ ସ୍ଥାୟୀ ୱାଟରକୁଲର ୬୨ଟି ଥିବାବେଳେ ସେଥିମଧ୍ୟରୁ ବହୁ ପାଇପ ଅଚଳ ଅବସ୍ଥାରେ ପଡିରହିଛି। ସେଗୁଡିକର ପୁନରୁଦ୍ଧାର ଏପର୍ଯ୍ୟନ୍ତ ହୋଇପାରିନାହିଁ। ମହାନଗର ନିଗମ ଏବେ ପ୍ରଶାସନ ନିୟନ୍ତ୍ରଣରେ ଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏସମ୍ପର୍କରେ କଟକ ମହାନଗର ନିଗମ କମିଶନର ଶରତ ଚନ୍ଦ୍ର ନାୟକ କୁହନ୍ତି, ମହାନଗର ନିଗମ ପକ୍ଷରୁ ଜଳଛତ୍ର ନିମନ୍ତେ କୌଣସି ବ୍ୟବସ୍ଥା ହୋଇନାହିଁ। କିନ୍ତୁ ବିଭିନ୍ନ ବ୍ୟାଙ୍କ, ଜନସ୍ୱାସ୍ଥ୍ୟ ବିଭାଗ ଏବଂ ବିଭିନ୍ନ ଏନଜିଓ ସହାୟତାରେ ସହରରେ ୯୮ଟି ଜାଗାରେ ପାନୀୟଜଳର ବ୍ୟବସ୍ଥା କରାଯାଉଛି। ଏଥିସହ ନିଗମ ପକ୍ଷରୁ ଆଗାମୀ ଦିନରେ ୪ଟି ମୋବାଇଲ ୱାଟର ୟୁନିଟ କରିବା ନେଇ ଯୋଜନା ଚାଲିଥିବା କମିଶନର କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ କର୍ପୋରେଟର ଗିରିବାଳା ବେହେରା କୁହନ୍ତି, ଖରା ୪୦ଡିଗ୍ରୀ ପାଖାପାଖି ଛୁଇଁଲାଣି। ଲୋକଙ୍କ ସମେତ ଅଞ୍ଚଳରେ ବୁଲାବୁଲି କରୁଥିବା ପଶୁପକ୍ଷୀଙ୍କ ନିମନ୍ତେ ମଧ୍ୟ ମହାନଗର ନିଗମ ପାନୀୟଜଳ ବ୍ୟବସ୍ଥା କରିବା କଥା। ମାର୍ଚ୍ଚ ଶେଷ ହେବା ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ସହ ନଳକୂପ ମରାମତି କରି ଆଗୁଆ ସତର୍କ ହୋଇ ରହିବା କଥା। କିନ୍ତୁ ମହାନଗର ନିଗମର ଖାମଖିଆଲ ମନୋବୃତ୍ତି ପାଇଁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ମହାନଗର ନିଗମ ପ୍ରଶାସନ ହାତରେ ରହିଛି। ପ୍ରଶାସନର ଆନ୍ତରିକତା ଅଭାବରୁ ଲୋକେ ଅସୁବିଧା ଭୋଗୁଛନ୍ତି।



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
-ସନ୍ଥ ବିନୋବା ଭାବେ



## ସଂକ୍ଷେପରେ

### ବିଜେଡିରେ ମିଶିଲେ ବରିଷ୍ଠ କଂଗ୍ରେସ କର୍ମୀ

**ବଡ଼ମ୍ବା,୩।୪(ଡି.ଏନ.ଏ.):** ବଡ଼ମ୍ବାର ବରିଷ୍ଠ କଂଗ୍ରେସ କର୍ମୀ ତଥା ଆଇନଜୀବୀ ଗୋପବନ୍ଧୁ ମହାନ୍ତି ତାଙ୍କ ବହୁ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିଛନ୍ତି। ଗୋପପୁରଠାରେ ଆୟୋଜିତ ମିଶ୍ରଣ ପର୍ବର ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ମହାନ୍ତିଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ବିଜେଡି କଟକ ଜିଲା ଉପସଭାପତି ରଘୁପତି ମହାନ୍ତି, ସମ୍ପାଦକ ପ୍ରଦୀପ ସ୍ୱାଇଁ, ଗୋପପୁର ସରପଞ୍ଚ ନରସିଂହ ସାହୁ, ଆମ୍ବା ସଭାପତି ସର୍ବେଶ୍ୱର ସ୍ୱାଇଁ, ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ଓ ବିଜେଡି ସଙ୍ଗଠକ ପ୍ୟାରୀ ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମହାନ୍ତି ବିଧାୟକଙ୍କ କାର୍ଯ୍ୟକଳାପରେ ସନ୍ତୋଷ ପ୍ରକାଶ କରି ଦଳରେ ମିଶିଥିବା କହିଛନ୍ତି। ମହାନ୍ତି ଦଳରେ ମିଶିବା ଫଳରେ ଉକ୍ତ ଅଞ୍ଚଳରେ ବିଜେଡି ଆହୁରି ଶକ୍ତିଶାଳୀ ହୋଇପାରିବ ବୋଲି ବିଧାୟକ ମିଶ୍ର ପ୍ରକାଶ କରିଥିଲେ।

### ରାମେଶ୍ୱରଙ୍କ ପୀଠରେ ଗୀତାଯଜ୍ଞ

**ତିଗିରିଆ,୩।୪(ଡି.ଏନ.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ତ୍ରୟୋବିଂଶ ବାର୍ଷିକ ପଞ୍ଚଦିନାତ୍ମକ ଗୀତାଯଜ୍ଞ, ପ୍ରବଚନ ଆରମ୍ଭ ହୋଇଛି। ପୂର୍ବାହ୍ନରେ ମହିଳା ଓ ପୁରୁଷଭକ୍ତମାନେ କଳସଯାତ୍ରାରେ ନୂଆପାଟଣା ଗ୍ରାମ ପରିକ୍ରମା କରିଥିଲେ। ପରେ ରାମେଶ୍ୱରଙ୍କ ପୀଠରେ ଘଟ ସ୍ଥାପନ କରିଥିଲେ। ଉତ୍ସବକୁ ରାମେଶ୍ୱର ସେବା ସଂଘ ଦ୍ୱାରା ପରିଚାଳନା କରାଯାଉଥିବାବେଳେ ପ୍ରତ୍ୟହ ବିଭିନ୍ନ ପ୍ରାନ୍ତରୁ ଆସିଥିବା ପଣ୍ଡିତଙ୍କ ଦ୍ୱାରା ଦିବ୍ୟ ପ୍ରବଚନ ପ୍ରଦାନ କରାଯାଉଛି। ୫ ତାରିଖରେ ପୂର୍ଣ୍ଣାହୁତି ପ୍ରଦାନ ସହ ଧାର୍ମିକ ଉତ୍ସବର ଉଦ୍‌ଯାପନ କରାଯିବ ବୋଲି ଆୟୋଜକ ସଂଘ ପକ୍ଷରୁ କୁହାଯାଇଛି।

### ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ




**ବଡ଼ମ୍ବା,୩।୪(ଡି.ଏନ.ଏ.):** ବଡ଼ମ୍ବା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଗାନ୍ଧିଛକସ୍ଥିତ ଟେନିସ୍ ପଡିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ୍ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବିଧାରପୁରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ରଙ୍କୁ ଟେନିସ୍ ପଡିଆକୁ ପାଛୋଟି ନେଇଥିଲେ। ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ବିଜୁ ଯୁବ ଜନତା ଦଳ ସଭାପତି ସଞ୍ଜୟ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ସରୋଜ ପଟ୍ଟନାୟକ, ମୂରଲିଧର ମହାପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ଥିବା ବୈମାତୃକ ମନୋଭାବକୁ ଦୃଢ ନିନ୍ଦା କରିଥିଲେ। ବିଧାୟକ ପ୍ରାର୍ଥୀ ମିଶ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ବିଜୁ ଛାତ୍ର ଜନତାଦଳ ସଭାପତି ରାକେଶ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜୁ ଯୁବବାହିନୀ ସଭାପତି ରାଜେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସୂରଜ ମହାପାତ୍ର, ଅଶୋକ ସାହୁ ଓ ଶକ୍ତିଶ୍ୱର ରଣାଙ୍କ ସମେତ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟାଳୟର ପ୍ରବେଶ ଉତ୍ସବ

**ନେମାଳ,୩।୪(ଡିଏନ୍‌ଏ):** ନେମାଳ ଥାନା ବନ୍ଧୁପୁର ପଞ୍ଚାୟତ ସାହାଳପୁର ଚିନ୍ତାମଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଷଡ଼ଙ୍ଗୀ ଓ ଶିକ୍ଷକ ମଧୁସୁଦନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରୀ ଶୋଭଯାତ୍ରାରେ ଅରେଇ, ପଳାସ, ସାହାଳପୁର, ବନ୍ଧୁପୁର ଆଦି ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେବା ସହ ଶିଶୁକୁ ପୁରିଲେ ପାଞ୍ଚ ବର୍ଷ ବିଦ୍ୟାଳୟରେ ନାମ ଲେଖାଇ ଆସ, ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ ଆଦି ବିଭିନ୍ନ ସ୍ଲୋଗାନ ଦେଇଥିଲେ।

## ■ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

# ବାଙ୍କୀରେ ଦେବୀରଞ୍ଜନ, ଦେବାଶିଷ

**ବାଙ୍କୀ,୩।୪(ସ୍ୱ.ପ୍ର.)**

ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀର ୨ ବିଧାୟକ ପ୍ରାର୍ଥୀ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଓ କଂଗ୍ରେସ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ। ଦେବାଶିଷ ବାଙ୍କୀ ରୁଚିକା ମାର୍କେଟଠାରୁ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନିର୍ବଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ବାଙ୍କୀର ସ୍ୱଭିମାନ ରକ୍ଷାକରି ଦୁର୍ନୀତି ମୁକ୍ତ ବାଙ୍କୀ ଗଠନ ତାଙ୍କର ଲକ୍ଷ୍ୟବୋଲି ସେ ଉପସ୍ଥିତ କର୍ମୀଙ୍କୁ କହିଥିଲେ। ପାର୍ଥିପତ୍ର ଦାଖଲ ପୂର୍ବରୁ ସେ ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ମା'ଚର୍ଚ୍ଚିକା ଓ ବାଙ୍କୀ ବାସୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପାର୍ଥିପତ୍ର ଦାଖଲ ସମୟରେ ବରିଷ୍ଠ ନେତା ଦେବୀପ୍ରସାଦ ମହାନ୍ତି, ଉପଖଣ୍ଡ ଯୁବ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା, ନଗର କଂଗ୍ରେସ କମିଟି ସଭାପତି ଭାଗୀରଥି ବିଶ୍ୱାଳ, ବାଙ୍କୀ ଯୁବ ଓ ଛାତ୍ର କଂଗ୍ରେସ ସଂଯୋଜକ ରମାକାନ୍ତ ସେଠୀଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।



ନିର୍ବାଚନ ଅଧିକାରୀଙ୍କୁ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ନାମାଙ୍କନପତ୍ର ଦେଉଛନ୍ତି।

ସେହିପରି ଦେବୀରଞ୍ଜନ ବାଙ୍କୀ ବ୍ରହ୍ମେଇ ଠାକୁରାଣୀଙ୍କ ପୀଠରୁ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ପାର୍ଥିପତ୍ର ଦାଖଲ କରିଥିଲେ। କର୍ମୀମାନେ ବିଜେଡି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ ଆଦି ସ୍ଲୋଗାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଜାରି ରହିଥିବା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବାଙ୍କୀବାସୀ ତାଙ୍କୁ ନିର୍ବାଚିତ କରିବାକୁ ସେ ଅନୁରୋଧ କରିଥିଲେ। ପ୍ରାର୍ଥିପତ୍ର ଦାଖଲ ସମୟରେ ବାଙ୍କୀ ଓ ଡମପଡ଼ା ତହସିଲଦାର, ବିଧାୟକ ପ୍ରଭାତ ତ୍ରିପାଠୀ, ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦ, ସୁବାସ ଚନ୍ଦ୍ର ପାଢୀ, ଉପଖଣ୍ଡ ଯୁବବିଜେଡି ସଭାପତି ସନ୍ତୋଷ ରଣା, ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ପଦୀପ ପୃଷ୍ଟି, ଡମପଡ଼ା ବ୍ଲକ ଯୁବବିଜେଡି ସଭାପତି ବିଭୂପ୍ରସାଦ ସାମଲ ଏବଂ ବାଙ୍କୀ ବ୍ଲକ ଅଧକ୍ଷ ପୁଷ୍ପଲତା ସାମନ୍ତଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ଆଠଗଡ଼ରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉମାବଲ୍ଲଭ ରଥ

**ଆଠଗଡ଼,୩।୪(ସ୍ୱ.ପ୍ର.)**

ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ବୁଧବାର ଆଠଗଡ ଉପଖଣ୍ଡ ନିର୍ବାଚନ ଅଧିକାରୀ ଅମୀୟ ସାହୁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନରେ ସ୍ୱାଇଁ ନିର୍ବାଚନମଣ୍ଡଳୀର କୁଶପଙ୍ଗିଠାରୁ ବିଶାଳ ଶୋଭାଯାତ୍ରାରେ ଆସି ମହୋତ୍ସବ ପଡିଆଠାରେ ପହଞ୍ଚି ଥିଲେ। ସେଠାରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ଆଠଗଡ ନିର୍ବାଚନମଣ୍ଡଳୀକୁ ରାଜ୍ୟର ୧ନଂ ନିର୍ବାଚନମଣ୍ଡଳୀ ଭାବେ ଗଢିତୋଳିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିବେ ବୋଲି ମତବ୍ୟକ୍ତ କରିଥିଲେ। ପରେ ସମର୍ଥକଙ୍କ ସହ ନିର୍ବାଚନ ଅଧିକାରୀଙ୍କ ନିକଟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ରଥ ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀଧବଳେଶ୍ୱରଙ୍କ ପୀଠରୁ ପୂଜାର୍ଚ୍ଚନା ସାରି ବିଶାଳ ଶୋଭାଯାତ୍ରାରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆଠଗଡ ନିର୍ବାଚନମଣ୍ଡଳୀ ଜନସାଧାରଣଙ୍କ ସହଯୋଗରେ ସେ ବିଜୟୀ ହୋଇ ସମସ୍ତ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଉଭୟ ଶୋଭାଯାତ୍ରାରେ ହଜାର ହଜାର ସମର୍ଥକଙ୍କ ସମାଗମ ହୋଇଥିଲା।

# ବଡ଼ମ୍ବାରେ ଭାଜପା, କଂଗ୍ରେସ ଓ ୨ ସ୍ୱାଧୀନ ପ୍ରାର୍ଥୀ

**ଆଠଗଡ଼,୩।୪(ସ୍ୱ.ପ୍ର.)**

ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରା, କଂଗ୍ରେସ ପ୍ରାର୍ଥୀ ବବି ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଯୁଗଳ କିଶୋର ରାଉତ ଓ ମନୋଜ ନନ୍ଦ ବୁଧବାର ଆଠଗଡ଼ ଉପଖଣ୍ଡ ନିର୍ବାଚନ ଅଧିକାରୀ ଅମୀୟ ସାହୁଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନରେ ଭାଜପା ପ୍ରାର୍ଥୀ ଦଳବେହେରା ନିର୍ବାଚନମଣ୍ଡଳୀର ନରସିଂହପୁରଠାରୁ ଶୋଭାଯାତ୍ରାରେ ଆସି ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ରାଉତ ଓ ନନ୍ଦ ମଧ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଦଳବେହେରାଙ୍କ ଶୋଭାଯାତ୍ରାରେ ହଜାର ହଜାର ସମର୍ଥକଙ୍କ ସମାଗମ ହୋଇଥିଲା।





ବଡ଼ମ୍ବା ଭାଜପା ପ୍ରାର୍ଥୀ ବିଜୟ କୁମାର ଦଳବେହେରା ଓ କଂଗ୍ରେସ ପ୍ରାର୍ଥୀ ବବି ମହାନ୍ତି।

# ଦ୍ୱୀପାଞ୍ଚଳରେ ପ୍ରତାପଙ୍କ ରୋଡ୍ ଶୋ

**ନିଶ୍ଚିନ୍ତକୋଇଲି,୩।୪(ସ୍ୱ.ପ୍ର.)**

ବିଜେଡି ପକ୍ଷରୁ ବୁଧବାର ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ରୋଡ୍ ଶୋ ଅନୁଷ୍ଠିତ ହୋଇଛି। ଏଥିରେ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଦ୍ୱୀପାଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଦ୍ୱୀପାଞ୍ଚଳରେ ଥିବା ଅଧୁରା କାମକୁ ପୂର୍ଣ୍ଣ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଶୋଭାଯାତ୍ରା ବନ୍ଧକାଟିଆ ପଞ୍ଚାୟତର ନରୁଆ ଗ୍ରାମ ଚକର ପଡିଆରୁ ବାହାରି କମଳପୁର, ଆଞ୍ଜାପୁର, ନମକାନି ଛକ, ତରତ ଛକ, ହରଚଣ୍ଡି ମନ୍ଦିର, ନରେନ୍ଦ୍ରପୁର ଛକ, ନରେନ୍ଦ୍ରପୁର ସେକ୍ସନ ବଜାର, ଦାଉଦପୁର, ବର୍ଗିହାଟ, ବାଲିଗଡ଼ା, ନଗସପୁର ମେଡିକାଲ ଛକ ଓ ଦାନପୁର ଦେଇ ହରିରାଜପୁର ହାଟ ଛକରେ ଶେଷ ହୋଇଥିଲା। ଜିଲାପରିଷଦ ସଭ୍ୟ ଗୀତାଞ୍ଜଳି ପଣ୍ଡା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ମିହିର ମିଶ୍ର, ବ୍ଲକ ସୋସିଆଲ ମିଡିଆ କୋଡିନେଟର ଅଶୋକ ଓଝା, ହିମାଂଶୁ ମହାନ୍ତି ଓ ପତିତପାବନ ସ୍ୱାଇଁଙ୍କ ସମେତ ଦ୍ୱୀପାଞ୍ଚଳର ଛାମୁଆଁ ନେତା ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ଶୋଭାଯାତ୍ରା ସମୟରେ ଗାଁଗାଁରେ ଲୋକେ ମନ୍ତ୍ରୀ ଜେନାଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କେରିଲୋ ପଞ୍ଚାୟତ ଭାଜପା ନେତା ବିଜୟ କୁମାର ରାଉତ ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ସେ ବିଜେଡିକୁ ଅଧିକ ସୁଦୃଢ କରିବା ପାଇଁ କାମ କରିବେ ବୋଲି ପ୍ରକାଶ କରିଥିଲେ।



ମନ୍ତ୍ରୀ ପ୍ରତାପ ଜେନା ଶୋଭାଯାତ୍ରାରେ ଯାଉଛନ୍ତି।

### ସୁଣ୍ଡଳ ହନୁମାନ ଜୀଉଙ୍କ ପୀଠରେ ବାରୁଣୀ ସ୍ନାନ ଉତ୍ସବ

**ନିଶ୍ଚିନ୍ତକୋଇଲି,୩।୪(ସ୍ୱ.ପ୍ର.)**

ଶ୍ରୀମଦ୍ ଭଗବତ ଗୀତା ପରିଷଦ ଅନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତ ସୁଣ୍ଡଳ ସିଦ୍ଧ ହନୁମାନ ଜୀଉଙ୍କ ପୀଠରେ ବାରୁଣୀ ସ୍ନାନ ଉତ୍ସବ ବେଦପାଠ, ଗୀତାପାଠ ଓ ହନୁମାନଙ୍କ ସ୍ନାନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ସୁବୋଧ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସିଦ୍ଧ ହନୁମାନଙ୍କ ସ୍ନାନ ଓ ଉପଚାର ପୂଜା କରାଯାଇଥିଲା। ପଣ୍ଡିତ ନିରଞ୍ଜନ କରଙ୍କ ନିର୍ଦ୍ଦେଶାନୁଯାଇ କ୍ଷୀର, ଘୃତ ଓ ଲବଣୀର ମିଶ୍ରଣ କରାଯାଇ ଏକ ସ୍ନାନ ଉପଯୋଗୀ ସୁଗନ୍ଧ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥିଲା। ଏହି ଦ୍ରବ୍ୟକୁ ଶରୀରରେ ଲେପନ କରି ଚିତ୍ରୋତ୍ପଳା ନଦୀରେ ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରସ୍କାର ବିତରଣ ଉତ୍ସବ

**ସାଲେପୁର,୩।୪(ଡି.ଏନ.ଏ.)**

ସାଲେପୁର ବ୍ଲକ ସଉରୀ ପଞ୍ଚାୟତ ଜାହାଙ୍ଗିରାବାଦସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ଓ ଆଦିକନ୍ଦ ସ୍ମାରକୀ ବୃତ୍ତି ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଅବତନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱରସ୍ଥିତ ସର୍ବଭାରତୀୟ କେମିକାଲ୍ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର୍ ଡ. ଭାସ୍କର ଥୋରାଟ ଯୋଗଦେଇ ପିଲାଙ୍କୁ ଶୃଙ୍ଖଳା ଜ୍ଞାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ନନ୍ଦକିଶୋର ମହାପାତ୍ର, ସମ୍ମାନିତ ଅତିଥି ସୋଆ ବିଶ୍ୱବିଦ୍ୟାଳୟ ପ୍ରଫେସର୍ ଡ. ଜୟଦେବ ବାଲା, ଶିକ୍ଷାବିତ୍ ବିଷ୍ଣୁଚରଣ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦୃଷ୍ଟିରେ ଶିକ୍ଷାବିଚାର ଆଜି ମଧ୍ୟ ଗ୍ରାମାଞ୍ଚଳରେ ଖୁବ୍ ଆଦୃତ ହୋଇପାରିଛି ବୋଲି ମତପ୍ରକାଶ କରିଥିଲେ। ଡ. ଦୁର୍ଗାପ୍ରସାଦ କର ପିଲାଙ୍କୁ ବଡ଼ ମଣିଷ ପରିବର୍ତ୍ତେ ସମାଜରେ ଆଦର୍ଶ ମଣିଷଭାବେ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀମୟୀ କର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଗାଚରଣ ନାୟକ, ଅମିତାଭ ଷଡ଼ଙ୍ଗୀ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା, କାମାକ୍ଷା କର, ରାମଚନ୍ଦ୍ର ପାଣି, ମଞ୍ଜୁଶ୍ରୀ ପାଣିଗ୍ରାହୀ, ରଞ୍ଜିତା ପତି, ମୋନାଲିସା ପତି, ଓମ୍ କର, ମଦନ ଭାଇ, ବାବାଜୀ ଭାଇ ଓ ଲିଟୁ ପତିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ଗୁରୁକୁଳ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ଗୁରୁକୁଳ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି,୩।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତସ୍ଥିତ ଗୁରୁକୁଳ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅନୁଷ୍ଠାନ ପ୍ରତିଷ୍ଠାତା ଇଂ ଅଜୟ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଭାରତୀୟ ଶିକ୍ଷାପରିଷଦ ସମ୍ପାଦକ ହହିହର ସାହୁ ଯୋଗଦେଇ ଶିକ୍ଷକ, ଛାତ୍ର ଓ ଅଭିଭାବଙ୍କ ମଧ୍ୟରେ ଉତ୍ତମ ଯୋଗସୂତ୍ର ସ୍ଥାପନ ହେଲେ ଶିଶୁର ବିକାଶ ହୋଇପାରିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭୁବନେଶ୍ୱର ଦେବ ସଂସ୍କୃତି ବିଦ୍ୟାଳୟ ନିର୍ଦ୍ଦେଶକ ଡ. ବିଶ୍ୱରଞ୍ଜନ ରଥ, ସମ୍ମାନିତ ଅତିଥି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧକ୍ଷ ରାଜକିଶୋର ସାହୁ, ଅନିଲ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିକ୍ଷାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ହରପ୍ରିୟା କର ସ୍ୱାଗତ ଭାଷଣ, ମାନସଲକ୍ଷ୍ମୀ ଦାସ ବିବରଣୀ ପାଠ ଓ ଶେଷରେ ଅନିତା ରାଉତ ଧନ୍ୟବାଦ ଦେଇଥିଲେ। ରଶ୍ମିରେଖା ସାହୁ, ପାର୍ବତୀ ମହାପାତ୍ର, ରୀତାଞ୍ଜଳି ନାୟକ, ଜିତେନ୍ଦ୍ର ମଲ୍ଲିକ, ମମତା ରାଉତ, ପ୍ରଜ୍ଞା ସେଠୀ ଓ ମଧୁସ୍ମିତା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଏହିଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

**ଲଳିତଗିରି,୩।୪(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ପୋଡ଼ାମରାଇଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଭାଜପା ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ଉପସ୍ଥିତିରେ ମୂଳବସନ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ତନ୍ମୟ ଦାଶ, ନିହାରକାନ୍ତି ହରିଚନ୍ଦନ, ଜ୍ୟୋତିଭୂଷଣ ଜେନା, ସଞ୍ଜୟ ଜେନା, ଶ୍ରୀଧର ବେହେରା, ସତ୍ୟସୁନ୍ଦର ଜେନା, ପ୍ରଶାନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ବେହେରା, ଅରବିନ୍ଦ କର, ମହେଶ୍ୱର ଓଝା ଓ ବନ ପ୍ରସାଦ ଦାସ ପ୍ରମୁଖ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି।

# କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ

**ସାଲେପୁର,୩।୪(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ନରଦା ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ବୁଧବାର ଦଳ ଛାଡ଼ି ବିଜେଡିରେ ଯୋଗଦାନ କରିଛନ୍ତି। ନରଦାରେ ଆୟୋଜିତ ମିଶ୍ରଣ ପର୍ବରେ ଜିଲା ବିଜୁ କୃଷକ ସଭାପତି ତଥା ବିଜେଡି ନେତା ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେଡିରେ ଯୋଗଦେଇଥିବା କର୍ମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କଂଗ୍ରେସ କର୍ମୀ ପୁରୁଷୋତ୍ତମ ମଲ୍ଲିକ, ଅଶୋକ ବେହେରା, ଚିତ୍ତରଞ୍ଜନ ବେହେରା, ବଳରାମ ସେଠୀ, ଧରଣୀଧର ମହାନ୍ତି ଓ ପ୍ରଫୁଲ୍ଲ ଲେଙ୍କା ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି।



ବିଜେଡିରେ ଯୋଗଦେଇଥିବା କଂଗ୍ରେସ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ଓଡ଼ିଶା ଦିବସରେ ୧୦ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୩।୪(ଡି.ଏନ.ଏ.)**

ସାଲେପୁର ସାମ୍ବାଦିକ ସଂଘ ପକ୍ଷରୁ ତହସିଲ୍ ପଡ଼ିଆଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ୧୦ କୃତୀ ପ୍ରତିଭା ଯଥା ଲେଖକ ଇଂ. ଉଦ୍ଧବ ଚରଣ ନାୟକ, ଶିକ୍ଷାବିତ୍ ରଜନୀକାନ୍ତ ଦାଶ, ବିଷ୍ଣୁଚରଣ ମିଶ୍ର, ସାମାଜିକ କର୍ମୀ ଶିଶିର ପଣ୍ଡା, ମିହିର ଦାସ, ଶିକ୍ଷକ ଗୌରଚରଣ ଭୂୟାଁ, କଳାକ୍ଷେତ୍ରରେ ନୃତ୍ୟଗୁରୁ ଜ୍ଞାନରଞ୍ଜନ ନାୟକ, ଧନେଶ୍ୱର ସାହୁ, ବନ୍ଦନା ନନ୍ଦ ଓ ସାୟଂଜ୍ୟୋତି ରଥ ପ୍ରମୁଖଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସଂଘ କର୍ମକର୍ତ୍ତା ଓ ମଧୁପ୍ରେମୀ ଶୋଭାଯାତ୍ରାରେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରଗ୍ରାମକୁ ଯାଇଥିଲେ। ସେଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ତାଙ୍କ ଏକ୍ଟୁଡ଼ିଶାଳରୁ ମଧୁଜ୍ୟୋତିକୁ ଶୋଭାଯାତ୍ରା ମାଧ୍ୟମରେ ପାଗା, ବହୁଗ୍ରାମ, ନାନ୍ଦୋଳ, ଭାତପଡ଼ା, ଶିଶୁଆ ଓ ସାଲେପୁର ବଜାର ପରିକ୍ରମା କରାଯିବା ପରେ ସଭାସ୍ଥଳ ପର୍ଯ୍ୟନ୍ତ ଅଣାଯାଇଥିଲା। ଏହାପରେ ସାଲେପୁର ବ୍ଲକ, କଲେଜ ଛକ, କୁଆଁପାଳ ଛକ, ମଧୁସ୍ମୃତି ଭବନ ଓ ସାଲେପୁର କଲେଜ ପରିସରରେ ଥିବା ମଧୁବାବୁ ଏବଂ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ତହସିଲ୍ ପଡ଼ିଆଠାରେ ମଧୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଗାଳ୍ପିକ ଡ. ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ମଧୁବାବୁଙ୍କ ଉତ୍କଳପ୍ରଦେଶ ଗଠନ କ୍ଷେତ୍ରରେ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଲେଖକ ଉଦ୍ଧବ ଚରଣ ନାୟକ, ସମ୍ମାନିତ ଅତିଥି ସାଲେପୁର ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ରଜନୀକାନ୍ତ ଦାଶ, ଶିକ୍ଷାବିତ୍ ବିଷ୍ଣୁଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘ ସଭାପତି ଶାରଦା ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ପାଦକ ବିସ୍ମିତ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଘ ଉପସଭାପତି ଅରବିନ୍ଦ ଭୂୟାଁ, ସହସମ୍ପାଦକ ତାରାକାନ୍ତ ନାୟକ, କୋଷାଧକ୍ଷ ମନୋଜ ମହାନ୍ତି, ଅକ୍ଷୟ ଦାଶ, ଧୀରେନ୍ଦ୍ର ଦାସ, ସତ୍ୟସ୍ୱରୂପ ଦାସ ଓ ସୁରେଶ ମଲ୍ଲିକ୍‌ଙ୍କ ସମେତ ମଧୁପ୍ରେମୀ ପରିଚାଳନା କରିଥିଲେ।



ସାଲେପୁର ସାମ୍ବାଦିକ ସଂଘ ପକ୍ଷରୁ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଆଳସ୍ୟ ପରି ଶତ୍ରୁ କେହି ନାହିଁ ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
- ସନ୍ଥ ବିନୋବା ଭାବେ



## ସଂକ୍ଷେପରେ

### ଜଟଣୀରୁ ଭାଜପାର ବିଶ୍ୱରଞ୍ଜନଙ୍କ ପ୍ରାର୍ଥୀପତ୍ର ଦାଖଲ

**ଜଟଣୀ ୩।୪(ଡି.ଏନ.ଏ.):** ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ଭୁବନେଶ୍ୱର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରାରେ ଭୁବନେଶ୍ୱର ଲୋକ ସଭା ପାଇଁ ଭାଜପାର ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ମଧ ସାମିଲ ହୋଇଥିଲେ।

### ଟାଙ୍ଗୀ ଓକିଲ ସଂଘ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ



**ଟାଙ୍ଗୀ(ଖୋର୍ଦ୍ଧା),୩।୪ (ଡି.ଏନ.ଏ.):** ଟାଙ୍ଗୀ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ବୁଧବାର ଅପରାହ୍ନରେ ନିଜର ଦାୟିତ୍ୱ ନିର୍ବାହ ନିମନ୍ତେ ଶପଥ ଗ୍ରହଣ କରିଛନ୍ତି । ପୂର୍ବତନ ସଭାପତି ଭାସ୍କର ପ୍ରସାଦ ମହାନ୍ତି ଓ ନିର୍ବାଚନ ଅଧିକାରୀ ପ୍ରତାପ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ସେମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ସଭାପତି ନକୁଳ ନାୟକ, ଉପସଭାପତି ରମେଶ କୁମାର ଖଟାଇ, ସମ୍ପାଦକ ସ୍ୱସ୍ତିକ ରଥ, ସହସମ୍ପାଦକ ମଙ୍ଗରାଜ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ବେଳେ ଉପସ୍ଥିତ ଥିଲେ।

### ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



**ବୋଲଗଡ଼,୩।୪(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତସ୍ଥ କାଉଁରୀପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ବଜାର ଅଞ୍ଚଳରେ ବିପଜ୍ଜନକ ଅବସ୍ଥାରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି। ଏହା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ଖୁଣ୍ଟଟି ବହୁ ପୁରୁଣା ଓ ସାଧାରଣ ଲୋକଙ୍କ ନିମନ୍ତେ ବିପଦର କାରଣ ହେବା ଦୃଷ୍ଟିରୁ ଖୁଣ୍ଟଟିକୁ ହଟାଇବା ପାଇଁ ବିଭିନ୍ନ ମହଲରେ ବିଭାଗକୁ ବାରମ୍ବାର ଅଭିଯୋଗ ହେଉଛି। ଖୁଣ୍ଟଟି ରାଜସୁନାଖଳା-ଚାନ୍ଦପୁର ପୂର୍ତ୍ତ ରାସ୍ତାପାର୍ଶ୍ୱ ଜନଗହଳି ବଜାର ମଧରେ ରହିଛି। ଏହା ଉପରେ ୧୧ କେ.ଭି. ବିଦ୍ୟୁତ୍ ଶକ୍ତି ପ୍ରବାହିତ ତାର ଯାଇଛି। ଉଲ୍ଲେଖଯୋଗ୍ୟ କି, ଝଡ଼ବର୍ଷା ଆଦି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଖୁଣ୍ଟଟି ଭାଙ୍ଗିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇ ଏକ ନୂତନ ଖୁଣ୍ଟ ପୋତିବାକୁ ସାଧାରଣରେ ଦାବି ହେଉଛି ।



ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଲାଗି ବିଜେଡିର ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ଜଟଣୀ ବିଧାନ ସଭା ଆସନ ପାଇଁ ଭାଜପାର ବିଶ୍ୱରଞ୍ଜନ ବଡ଼ଜେନା ଶୋଭାଯାତ୍ରାରେ ପ୍ରାର୍ଥୀପତ୍ର ଦାଖଲ ପାଇଁ ଯାଉଛନ୍ତି।

# ଜଣେ ଏମ୍‌ପି, ୧୭ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ଖୋର୍ଦ୍ଧା ଅଫିସ,୩।୪

ତୃତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ଗୁରୁବାର ଶେଷ ହେବ। ଏହା ପୂର୍ବରୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ନାମାଙ୍କନପତ୍ର ରିଟର୍ନିଂ ଅଫିସରଙ୍କ ନିକଟରେ ଦାଖଲ କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି। ବୁଧବାର ଖୋର୍ଦ୍ଧା ଜିଲାରେ ଜଣେ ଏମ୍‌ପି ପ୍ରାର୍ଥୀଙ୍କ ସମେତ ୧୭ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅଧିକାଂଶ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଆସିଥିଲେ। ଖୋର୍ଦ୍ଧା ଜିଲାପାଳ ତଥା ରିଟର୍ନିଂ ଅଫିସର ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ନିକଟରେ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ମନୋରଞ୍ଜନ ମଲ୍ଲିକଙ୍କ ନିକଟରେ ଚିଲିକା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପାଇଁ ଭାଜପାର ପୃଥ୍ୱୀରାଜ ହରିଚନ୍ଦନ, ହିନ୍ଦୁସ୍ଥାନ ନିର୍ମାଣ ଦଳର ସୁବ୍ରତ କୁମାର ହାବଡାସିଂହ, ସିପିଆଇ(ଏମ୍‌ଏଲ)ର ମୁରଲୀଧର ବେହେରା ପ୍ରମୁଖ ୩ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଲାଗି ବିଜେଡିର ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସ୍ୱାଧୀନ ପ୍ରାର୍ଥୀ ଜିତେନ୍ଦ୍ର ପ୍ରଧାନ ଓ ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ଅନୁରୂପ ଭାବେ ୩ ଜଣ ପ୍ରାର୍ଥୀ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅପରପକ୍ଷେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ପାଇଁ ସ୍ୱାଧୀନରେ ଶଙ୍କର ବେହେରା ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ତୃଣମୂଳ କଂଗ୍ରେସର ଜଦୁମଣୀ ପ୍ରଧାନ, ଭାଜପାର ବିଶ୍ୱରଞ୍ଜନ ବଡଜେନା, ସ୍ୱାଧୀନ ଭାବେ କ୍ଷୀରୋଦ କୁମାର ମଙ୍ଗରାଜ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ରବୀନ୍ଦ୍ର ନାଥ ଦାସ, ଭୀଷ୍ମ ନାରାୟଣ ନାଏକ ଓ ସରୋଜ କୁମାର ପଣ୍ଡା, ଏଆଇଟିଏମ୍‌ସି ପକ୍ଷରୁ ଭରତ ଚନ୍ଦ୍ର ସେଠୀ, ବିଜେଡି ପକ୍ଷରୁ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଭୁବନେଶ୍ୱର ଉତ୍ତର ପାଇଁ ଭାଜପାର ଅପରାଜିତା ମହାନ୍ତି, ଜୟ ପ୍ରକାଶ ଜନତା ଦଳ ପକ୍ଷରୁ ଡ. ଅକ୍ଷୟ କୁମାର ବାରିକ, ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟ ରଞ୍ଜନ ନାୟକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅଖିଳ ଭାରତୀୟ ହିନ୍ଦୁ ମହାସଭା ପକ୍ଷରୁ ସୁମନ୍ତ କୁମାର ସ୍ୱାଇଁ, କଳିଙ୍ଗ ସେନାର ସୁଭଦ୍ରା ମିଶ୍ର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏଆଇଟିଏମସି ପକ୍ଷରୁ ବିଷ୍ଣୁ ଚରଣ ମଲ୍ଲିକ, ଭାଜପାର ନରେନ୍ଦ୍ରନାଥ ନାୟକ, ବିଜେଡିର ଅରବିନ୍ଦ ଢାଲି ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନବକିଶୋର ମଲ୍ଲିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।



ଉପଜିଲାପାଳଙ୍କ ନିକଟରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ରାଜା ପ୍ରଧାନ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ବ୍ରାଉନ୍‌ସୁଗାର, ଟଙ୍କା, ବନ୍ଧୁକ ଜବତ: ଦୁଇ ଗିରଫ

ଜଟଣୀ ୩।୪(ଡି.ଏନ.ଏ.)

ଜଟଣୀ ଥାନା ଅନ୍ତର୍ଗତ ବାଲିଛକ ମୁଣ୍ଡିଆସାହିରେ ପୋଲିସ ଚଢାଉ କରି ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ମୁଣ୍ଡିଆସାହିର ସେକ୍ ଫରିଦ୍ (୨୬) ଓ ସେକ୍ ଚାନ୍ଦ (୨୨)। ଖବରପାଇ ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ସାହିର ଏକ ଘର ଉପରେ ଚଢାଉ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କଠାରୁ ୨୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର, ଗୁଳିଭରା ଗୋଟିଏ ଦେଶୀ ପିସ୍ତଲ, ୨ଲକ୍ଷ ୩୦ ହଜାର ଟଙ୍କା, ଦୁଇଟି ବାଇକ୍ ଓ ୪ଟି ମୋବାଇଲ ପୋଲିସ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ପୂର୍ବ ଆପରାଧିକ ରେକର୍ଡ ନେଇ ପୋଲିସ ତଦନ୍ତ ଚଳାଇଛି। ଏ ନେଇ ନଂ. ୧୧୫/୧୯ ମାମଲା ରୁଜୁ ହୋଇଛି।




ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ଟଙ୍କା, ବନ୍ଧୁକ, ମୋବାଇଲ।

## କନ୍ତଳବାଇ ଗୁଳିମାଡ଼ ଘଟଣା, ୫ କୋର୍ଟଚାଲାଣ

**ଟାଙ୍ଗୀ(ଖୋର୍ଦ୍ଧା),୩।୪ (ଡି.ଏନ.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ କନ୍ତଳବାଇ ଗ୍ରାମରେ ଗତ ୧ ତାରିଖ ବିଳମ୍ବିତ ରାତିରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଟାଙ୍ଗୀ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଙ୍ଗଳବାର ରାତିରେ ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉକରି ଖଟିନୂଆଗାଁର ମାଧବ ପ୍ରଧାନ (୨୫), ତେନ୍ତୁଳିଆପଡାର କୁନା ପରିଡା(୩୧), କନ୍ତଳବାଇର ନରେନ୍ଦ୍ର ଦଳାଇ ଓରଫ ବାନାମ୍ବର(୪୫), ସୂର୍ଯ୍ୟକାନ୍ତ ଦଳାଇ ଓରଫ ସଞ୍ଜୟ (୪୦) ଓ ଝାନ୍‌ସିପାଟଣାର ନବକିଶୋର ସାହୁ (୪୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଉପାଧ୍ୟାୟ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗୋଷ୍ଠୀ ବିବାଦକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀ ତରଫରୁ ଗୁଳି ହେବା ଫଳରେ ଅନ୍ୟ ଗୋଷ୍ଠୀର ଶିବ ପ୍ରସାଦ ପରିଡା ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଶିବଙ୍କ ମାଆ ଦୁଲ୍ଲାଙ୍କ ଲିଖିତ ଅଭିଯୋଗକ୍ରମେ ୩୭ ଜଣଙ୍କ ନାମରେ ଟାଙ୍ଗୀ ଥାନାରେ ୯୮/୨୦୧୯ ନଂରେ କେସ୍ ରୁଜୁ ହୋଇଥିଲା।

## ବେଆଇନ ମଦ କାରବାର: ୩ ଗିରଫ

**ପାତ୍ରପଡା, ୩।୪ (ଡି.ଏନ.ଏ.):** ଖଣ୍ଡଗିରି ଥାନା ବରମୁଣ୍ଡା ଅଞ୍ଚଳସ୍ଥ ଏକ ହୋଟେଲରେ ବେଆଇନ ବିଦେଶୀ ମଦ ବେପାର କରୁଥିବା ଅଭିଯୋଗରେ ପୋଲିସ ବାପପୁଅଙ୍କୁ ଗିରଫ କରି ବୁଧବାର ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ବରମୁଣ୍ଡା ବେହେରା ସାହି ଅଞ୍ଚଳର ପ୍ରମୋଦ କୁମାର ସାହୁ, ପୁଅ ରାଜ କୁମାର। ପୋଲିସ ସେମାନଙ୍କଠାରୁ ୬୨ ଲିଟର ମଦ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତିଙ୍କର ବରମୁଣ୍ଡା ଅଞ୍ଚଳରେ ଏକ ହୋଟେଲ ରହିଛି। ସେଠାରେ ବେଆଇନ ଭାବେ ମଦ ବେପାର କରୁଥିଲେ। ଏ ନେଇ ଖବର ମିଳିବା ପରେ ସେଠାରେ ଚଢାଉ କରି ପୋଲିସ ମଦ ଜବତ କରିଥିଲା। ଏ ସଂକ୍ରାନ୍ତରେ ନଂ. ୧୮୫/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ଆଇଗିଣିଆ ମାଛ ମାର୍କେଟ ଅଞ୍ଚଳରେ ଦେଶୀ ମଦ ବେପାର କରୁଥିବା ଅଭିଯୋଗ ପରେ ପୋଲିସ ସତ୍ୟନ୍ଦ୍ର କୁମାର ଯାଦବଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ୪୦ ବୋତଲ ଦେଶୀ ମଦ ଜବତ କରିବା ସହ ନଂ. ୧୮୬/୧୯ରେ ମାମଲା ରୁଜୁ କରିଛି।

## ଭାଜପା ପକ୍ଷରୁ ସାଙ୍ଗଠନିକ ସଭା

ଟାଙ୍ଗୀ(ଖୋର୍ଦ୍ଧା),୩।୪(ଡି.ଏନ.ଏ.)

ସ୍ଥାନୀୟ ମା' ରତ୍ନମାଳୀଙ୍କ ପୀଠରେ ଟାଙ୍ଗୀ ପଞ୍ଚାୟତ ଭାଜପା ପକ୍ଷରୁ ସାଂଗଠନିକ ନିର୍ବାଚନ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରାମଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଜେଡି ଓ କଂଗ୍ରେସ ଦଳର ପ୍ରାୟ ୪୨ ଜଣ କର୍ମୀ ଭାଜପାରେ ଯୋଗଦେଇଥିଲେ । ବିଧାୟକ ପ୍ରାର୍ଥୀ କାଳୁ ଚରଣ ଖଣ୍ଡାୟତରାୟ ଯୋଗଦେଇ ଦଳୀୟ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଯୁବନେତା ଗିରିଶ ବେହେରା, ବିକ୍ରମ କେଶରୀ ସୁନ୍ଦରାୟ, ମିଟୁ ଷଣ୍ଢ, ଜଗୁ ପାଇକରା, ଭୋବନୀ ବେହେରା ଓ ଭୁବନେଶ୍ୱର ବେହେରା ପ୍ରମୁଖ ସଭା ପରିଚାଳନା କରିଥିଲେ। ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ଫୁଲତୋଡା ଦେଇ ଖଣ୍ଡାୟତରାୟ ସ୍ୱାଗତ କରିଥିଲେ ।



ସଭାରେ ଯୋଗଦେଇଥିବା ବିଧାୟକ ପ୍ରାର୍ଥୀ ଓ କର୍ମକର୍ତ୍ତା।

# ଡକାୟତି ଯୋଜନା ବିଫଳ




ଡକାୟତି ଅଭିଯୋଗରେ ଗିରଫ ଅଭିଯୁକ୍ତ। ଜବତ ହୋଇଥିବା ମାରଣାସ୍ତ୍ର।

ଟାଙ୍ଗୀ (ଖୋର୍ଦ୍ଧା), ୩।୪ (ଡି.ଏନ.ଏ.)

### ୩ ଗିରଫ, ୨ ଫେରାର୍

ଟାଙ୍ଗୀ ପୋଲିସ ମଙ୍ଗଳବାର ରାତିରେ ଡକାୟତି ଉଦ୍ୟମ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଥିବା ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଉକ୍ତ ଅଭିଯୁକ୍ତମାନେ ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମର ଶେଖ ଅନୱାର, ଶେଖ ଗୁପ୍ରାନ ଓ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିକଟସ୍ଥ ଆଠଗଡ ପାଟଣାର ହୁର୍ସିଦ ଆଲମ ବୋଲି ଜଣାପଡିଛି । ତେବେ ଅନ୍ୟ ୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକଶ। ସେମାନଙ୍କଠାରୁ ଗୋଟିଏ ବିଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି, ଗୋଟିଏ କଟୁରି, ୨ ରାଉଣ୍ଡ ଗୁଳି, ୨ ବାଇକ୍ ଓ ୨ଟି ମୋବାଇଲ ଜବତ କରାଯାଇଥିବା ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ଟାଙ୍ଗୀ ପୋଲିସ କୁହୁଡି ଛକଠାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କୁହୁଡି ଜନତା କଲେଜ ପରିସରସ୍ଥ କାଜୁ ଜଙ୍ଗଲରେ କେତେଜଣ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ଅଭିଯୁକ୍ତଙ୍କୁ ପଚରାଉଚରାବେଳେ କୁହୁଡି ଛକ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପେଟ୍ରୋଲ ପମ୍ପରେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସରେ ବୟାନ ଦେଇଥିଲେ।

# ଅରୂପଙ୍କ ଆଶୀର୍ବାଦ ନେଲେ ରାଜା

ଖୋର୍ଦ୍ଧା ଅଫିସ,୩।୪

ତୃତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ପର୍ବ ଅନ୍ତିମ ପର୍ଯ୍ୟାୟରେ। ଏ ଅବସରରେ ଭୁବନେଶ୍ୱର ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ଭାବେ ଅରୂପ ପଟ୍ଟନାୟକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରି ଫେରୁଥିଲେ। ସେହି ସମୟରେ ଖୋର୍ଦ୍ଧା ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିବା ଜିତେନ୍ଦ୍ର ପ୍ରଧାନ (ରାଜା) ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆଶୀର୍ବାଦ ଭିକ୍ଷା କରିଥିଲେ। ହସ ହସ ମୁହଁରେ ଅରୂପ ରାଜାଙ୍କୁ ଆଲିଙ୍ଗନ କରି କିଛି ସମୟ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆଲୋଚନା କରିଥିଲେ। ରାଜାଙ୍କ ସହ ଅରୂପଙ୍କ ଆଲୋଚନା ଦେଖି ବିଜେଡି କର୍ମୀ ଓ ସମର୍ଥକ ଚୁପ ରହିବା ବ୍ୟତୀତ କିଛି କହି ନ ଥିଲେ। ଏଠାର ବିଧାୟକ ରାଜେନ୍ଦ୍ର ସାହୁ ବେଗୁନିଆ ପ୍ରାର୍ଥୀ ହୋଇଛନ୍ତି। ଭାଜପା ନେତା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଘର ବାହୁଡି ବିଜେଡିରେ ମିଶିବା ପରେ ଦଳୀୟ ଟିକେଟ ପାଇଛନ୍ତି। ଏମ୍‌ପି ପ୍ରାର୍ଥୀ ରାଜାଙ୍କ ପ୍ରତି ଅନୁକମ୍ପା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହା ପଛରେ ରାଜନୀତି ନାହିଁତ।

### ଶୋଭାଯାତ୍ରାରେ ନାହିଁ କଟକଣା

ପ୍ରଚଣ୍ଡ ରୌଦ୍ର ତାପରେ କର୍ମୀ, ସମର୍ଥକଙ୍କୁ ନେଇ ପ୍ରାର୍ଥୀ ଶୋଭାଯାତ୍ରା କରି ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି। ଦୁଇଦିନ ଧରି ପ୍ରାୟ ତାପମାତ୍ରା ୪୦ ଡିଗ୍ରୀ ଓ ଆଦ୍ରତା ପରିମାଣ ୮୦ ଟପୁ ଥିବାରୁ ଗୁଳୁଗୁଳି ବଢିଛି। ଅପରାହ୍ନ ୧୨ଟାରୁ ୨ଟା ରାସ୍ତାରେ ଯିବା କାଠିକର ପାଠ। ଏଥି ମଧ୍ୟରେ ରାଜ୍ୟରେ ପ୍ରଚଣ୍ଡ ଖରାକୁ ଦେଖି ସରକାର ଶ୍ରମିକଙ୍କ କାର୍ଯ୍ୟ କରିବା ଉପରେ କଟକଣା ଜାରି କରିଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ମଧ୍ୟରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ମନା ରହିଛି। ଏପ୍ରିଲ ପହିଲାରୁ ଏହା ଲାଗୁ ହୋଇଛି। ହେଲେ ନିର୍ବାଚନ ସମୟରେ ପ୍ରାର୍ଥୀ, କର୍ମୀ ଓ ସମର୍ଥକଙ୍କ ପାଇଁ ଏହା ଲାଗୁ ନ ହୋଇ ବାଟବଣା ହେଉଛି କିପରି। ଯଦି କିଛି ଅଘଟଣ ଘଟେ ଏଥିପାଇଁ କାହାକୁ ଦାୟୀ କରାଯିବ ବୋଲି ଆଲୋଚନା ହେଉଛି।

**ନିର୍ବାଚନୀ ପରିକ୍ରମା**

### ମିଳିତ ଭାବେ ପ୍ରସ୍ତୁତି

୧୯୮୯ ଓ ୧୯୯୬ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକ ସଭା ଆସନ ସିପିଆଇ(ଏମ୍) ଅକ୍ତିଆରରେ ଥିଲା। ଶିବାଜୀ ପଟ୍ଟନାୟକ ୨ଥର ଏମ୍‌ପି ହେବାର ସୁଯୋଗ ପାଇଛନ୍ତି। ଏବେ କଂଗ୍ରେସ ଓ ସିପିଆଇ(ଏମ)ମହାମେଣ୍ଟ ହେବା ପରେ ପ୍ରାର୍ଥୀ ଭାବେ ବରିଷ୍ଠ ନେତା ଜନାର୍ଦ୍ଦନ ପତି ନାମାଙ୍କନପତ୍ର ଦାଖଲ କରି ସାରିଛନ୍ତି। କଂଗ୍ରେସ ଓ ସିପିଆଇ(ଏମ୍) ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜନାର୍ଦ୍ଦନଙ୍କୁ ବିଜୟୀ କରାଇବାକୁ ଗୋଟି ଚାଳନା ଆରମ୍ଭ ହୋଇଯାଇଛି।

### ୫ ବର୍ଷରେ ସମ୍ପତ୍ତି ଡବଲ

ଖୋର୍ଦ୍ଧା ବିଧାୟକଙ୍କର ସମ୍ପତ୍ତି ୫ ବର୍ଷରେ ଡବଲ ହୋଇଯାଇଛି। ୨୦୧୪ ନିର୍ବାଚନ ଲଢିବା ବେଳେ ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ୪ କୋଟି ୬୦ ଲକ୍ଷ ଟଙ୍କାର ସମ୍ପତ୍ତି ରହିଥିବା ସତ୍ୟପାଠରେ ଦର୍ଶାଇଥିଲେ। ଏବେ ୨୦୧୯ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ ବେଳେ ସମ୍ପତ୍ତିର ମୂଲ୍ୟ ୮କୋଟି ଥିବା ଦର୍ଶାଇଛନ୍ତି।

### ଟେନସନ୍‌ର କାରଣ ଶୋଭାଯାତ୍ରା

ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିବା ଜିତେନ୍ଦ୍ର ପ୍ରଧାନ (ରାଜା) ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଥିବାବେଳେ ଶୋଭାଯାତ୍ରାରେ ଅଧିକାଂଶ ସମର୍ଥକଙ୍କୁ ଦେଖିବାକୁ ମିଳିଥିଲା। ତେବେ ରାଜାଙ୍କ ଶୋଭାଯାତ୍ରା ଦେଖି ଅନେକ ଇର୍ଷାନ୍ୱିତ ହେବା ସ୍ୱାଭାବିକ। କାରଣ ରାଜାଙ୍କ ଭୋଟ ବେଶୀ ବିଜେଡିରୁ ଯିବ। ଯଦି ବିଜେଡି ଭୋଟ ଭାଗ ହୁଏ ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କୁ ଅସୁବିଧାରେ ପକାଇପାରେ। ଜ୍ୟୋତିରୀନ୍ଦ୍ରଙ୍କ ଶୋଭାଯାତ୍ରାରେ ଲୋକ ଅଧିକ ଥିଲେ। ତଥାପି ରାଜାଙ୍କ ଶୋଭାଯାତ୍ରା ଟେନ୍‌ସନର କାରଣ ପାଲଟିଛି। ଦେଖାଯାଉ ଜ୍ୟୋତିରୀନ୍ଦ୍ର କିଭଳି ଗୋଟି ଚାଳନା କରି ବିଜେଡି ଭୋଟକୁ ନିଜ ସପକ୍ଷରେ ନେବାକୁ ଯୋଜନା କରୁଛନ୍ତି।

**ସଂକ୍ଷେପରେ**

## ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ନିଆଁ ୮୦ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ

**ବାରିପଦା ଅଫିସ,୩।୪:** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ବୁଧବାର ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ୧୧ କେଭି ବିଦ୍ୟୁତ୍ ସଂଯୋଗ ଟ୍ରାନ୍ସଫର୍ମରରେ ଶର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ କାର୍ଯ୍ୟାଳୟର ପ୍ରାୟ ୧୦ଟି ଫ୍ୟାନ, ୪ ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ୭ କମ୍ପ୍ୟୁଟର ଏବଂ ବିଭିନ୍ନ ବିଦ୍ୟୁତ୍ ସାମଗ୍ରୀ ପୋଡି ଯାଇଛି। ଶର୍ଟସର୍କିଟ ପ୍ରଭାବରେ କାର୍ଯ୍ୟାଳୟରେ ହଠାତ ନିଆଁ ଲାଗିଯିବାରୁ କର୍ମଚାରୀମାନେ ଭୟଭୀତ ହୋଇପଡିଥିଲେ। ସେମାନେ କାର୍ଯ୍ୟାଳୟ ବାହାରକୁ ପଳାଇ ଆସିଥିଲେ। ସମଗ୍ର ପରିବେଶ ଧୂଆଁରେ ଭରି ଯାଇଥିଲା। ଏହି କାର୍ଯ୍ୟାଳୟ ସଂଲଗ୍ନ ବ୍ଲକର କେତେକ ସରକାରୀ କ୍ୱାର୍ଟର୍ସରେ ବିଭିନ୍ନ ବିଦ୍ୟୁତ୍ ସାମଗ୍ରୀ ପୋଡିଯାଇଥିବା ଜଣାପଡିଛି। ସେହିପରି ବ୍ଲକ କାର୍ଯ୍ୟାଳୟକୁ ଲାଗିଥିବା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ମଧ କେତେକ ବିଦ୍ୟୁତ୍ ଉପକରଣ ପୋଡି ଯାଇଛି। କ୍ଷୟକ୍ଷତିର ପରିମାଣ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିବାରୁ ଏକ ବଡ ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିଛି। ବିଦ୍ୟୁତ୍ ବିଭାଗ ଏସଡିଓ ଗିରିଧାରୀ ଦାସ କହିଛନ୍ତି, ତଦନ୍ତ ପରେ ଅଗ୍ନିକାଣ୍ଡ ଶର୍ଟସର୍କିଟ ଯୋଗୁ ଘଟିଥିବାଜଣାପଡିଛି। ସ୍ଥାନୀୟ ଟ୍ୟାକ୍ସିଷ୍ଟାଣ୍ଡ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ କୌଣସି ଏକ ଗାଡି ଧକ୍କାଦେବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

## ବିମାନବନ୍ଦରରୁ ୯ଲକ୍ଷ ଟଙ୍କାର ସୁନା ଜବତ
### ବୋତାମରେ ଲୁଚାଇ ଆଣିଥିଲେ ଦୁଇଜଣ ଯାତ୍ରୀ



**ଭୁବନେଶ୍ୱର, ୩।୪(ବ୍ୟୁରୋ):** କଡ଼ା ଯାଞ୍ଚ ସତ୍ତ୍ୱେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନବନ୍ଦର ଦେଇ ବିଦେଶରୁ ଭାରତକୁ ସୁନା ଚାଲାଣ ହେଉଛି। କଷ୍ଟମ ବିଭାଗର ଅଧିକାରୀମାନେ ଦୁଇଜଣ ବିମାନ ଯାତ୍ରୀଙ୍କଠାରୁ ୨୭୮.୮୩ ଗ୍ରାମର ସୁନା ଜବତ କରିଛନ୍ତି। ଜବତ ସୁନାର ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରୁ ଏୟାର ଏସିଆ (ଏଫ୍‌ଡି୧୧୨) ବିମାନ ଭୁବନେଶ୍ୱରରେ ପହଞ୍ଚିବା ପରେ କଷ୍ଟମ ବିଭାଗ ପକ୍ଷରୁ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଇଥିଲା। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଦୁଇଜଣ ଯାତ୍ରୀଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ଅଧିକ ଯାଞ୍ଚ କରାଯିବାରୁ ସେମାନେ ପିନ୍ଧିଥିବା ଓ ଆଣିଥିବା ପୋଷାକ ବୋତାମରେ ଗୋଲେଇ ଆକାରର ସୁନା ମିଳିଥିଲା। ଉକ୍ତ ସୁନାରେ ଧଳାରଙ୍ଗ ଲେପ ଦିଆଯାଇଥିଲା। ଉକ୍ତ ଦୁଇଜଣ ଯାତ୍ରୀଙ୍କୁ ଅଟକ ରଖାଯାଇ ଚୋରି ସୁନା ଚାଲାଣରେ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି କଷ୍ଟମ ବିଭାଗ।

### ■ ମୋଦି, ଶାହଙ୍କୁ ନବୀନଙ୍କ କଡ଼ା ସମାଲୋଚନା

# ‘ବାତ୍ୟାରେ ଆସିଲେନି, ଭୋଟ ପାଇଁ ଆସୁଛନ୍ତି’

ବ୍ରହ୍ମପୁର ଅଫିସ୍,୩।୪

ନିର୍ବାଚନ ତାରିଖ ଘୋଷଣା ପରଠୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ବାରମ୍ବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଭିନ୍ନ ପ୍ରସଙ୍ଗରେ ଆକ୍ରମଣ କରୁଛନ୍ତି। ବୁଧବାର ମୋଦି ଏବଂ ଶାହଙ୍କ ଉପରକୁ ଓଲଟା ଆକ୍ରମଣ କରିଛନ୍ତି ନବୀନ ପଟ୍ଟନାୟକ। ବ୍ରହ୍ମପୁର ସହର ଉପକଣ୍ଠ ତଥା ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କନିଷିରେ ଆୟୋଜିତ ଏକ ନିର୍ବାଚନ ସଭାରେ ନବୀନ କହିଛନ୍ତି, ସେମାନେ (ମୋଦି ଏବଂ ଶାହ)ବାତ୍ୟା କିମ୍ବା ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ କେବେ ଓଡ଼ିଶା ଆସିନାହାନ୍ତି। ଏବେ ନିର୍ବାଚନ ଚାଲିଥିବା ଯୋଗୁ ଓଡ଼ିଶାବାସୀଙ୍କ ଭୋଟ୍ ପାଇ ଆସୁଛନ୍ତି। ମୁଁ ତୁମ ସାଥିରେ ରହିଥିଲି, ରହିଥିବି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଗଞ୍ଜାମ ଜିଲାରେ ବୁଧବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ। କନିଷିରେ ଆୟୋଜିତ ନିର୍ବାଚନୀ ସଭାରେ ସେ କହିଥିଲେ, ମୁଁ କିଛି ତଥ୍ୟ ଆପଣଙ୍କ ବିଚାର ପାଇଁ ରଖୁଛି। ଫାଇଲିନ, ହୁଦ୍‌ହୁଦ୍, ତିତ୍‌ଲି ହେଲା, ଆସିଲେ ନାହିଁ, ମରୁଡି ହେଲା, ଆସିଲେ ନାହିଁ। କିନ୍ତୁ, ଭୋଟ ପାଇଁ ଆସିଗଲେ। ଭାଜପାର ବଡ଼ ବଡ଼ ନେତାମାନେ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି ବୋଲି କହି ନବୀନ ପଟ୍ଟନାୟକ ମୋଦି ଏବଂ ଶାହଙ୍କୁ ସମାଲୋଚନା କରିଥିଲେ। ଏଥି ସହ ସେ କହିଥିଲେ, ଆପଣମାନେ ତାଙ୍କୁ ପଚାରନ୍ତୁ। କୁଆଡେ ଗଲା ଶୀତଳାପଲ୍ଲୀ ରେଲୱେ ୱାଗନ ଫ୍ୟାକ୍ଟ୍ରି, କୁଆଡେ ଗଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ପ୍ରତିଶ୍ରୁତି କୁଆଡେ ଗଲା ମହିଳା ସଂରକ୍ଷଣ ପ୍ରତିଶ୍ରୁତି, କାହିଁକି ବୀମା ପାଇଁ ଚାଷୀ ହଇରାଣ ହେଉଛନ୍ତି, ଆଉ ବୀମା କମ୍ପାନୀ ଲାଭବାନ ହେଉଛି। କାହିଁକି ବନ୍ୟା, ବାତ୍ୟାରେ ଓଡିଶାକୁ ସହଯୋଗ ମିଳୁନାହିଁ, କାହିଁକି ଅନୁସୂଚିତ ଜାତି ଏବଂ ଜନଜାତି ପିଲାଙ୍କ ସ୍କଲାରଶିପ୍‌କୁ ବନ୍ଦ କଲେ, କୁଆଡେ ଗଲା ପ୍ରତି ବର୍ଷ ୨ କୋଟି ଚାକିରି। ୫ ବର୍ଷରେ ୧୦ କୋଟି ଚାକିରି, ପ୍ରତି ତିନୋଟି ଘରୁ ଜଣେ ଚାକିରି ପାଇଥିବା କଥା ହେଲାକି, ଆପଣଙ୍କ ନିଜ ଗାଁରେ ଦେଖନ୍ତୁ, ନିର୍ବାଚନ ଆସିଲେ ଆସିବେ। ବଡ ବଡ କଥା କହିବେ। ତା’ ପରେ ଦେଖା ମିଳିବ ନାହିଁ। ସାଢେ ୪ କୋଟି ଓଡିଶାବାସୀ ମୋର ପରିବାର। ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି ଆଉ ରହିବି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଯୋଜନା ସବୁ ବର୍ଗ ପାଇଁ ଅଛି ବୋଲି ନବୀନ କହିଥିଲେ। ଏଥିସହ କାଳିଆ ଯୋଜନା ନେଇ ମଧ ମତ ରଖିଥିଲେ ନବୀନ। ସେ କହିଥିଲେ, କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକାର ପାଇଲେ। ଆଉ ୨୦ ଲକ୍ଷ ଚାଷୀଙ୍କର ତାଲିକା ପ୍ରସ୍ତୁତ ହୋଇଛି। ଦୁଃଖର କଥା, ଚାଷୀଙ୍କ ହକ୍‌କୁ କିଛି ବିରୋଧୀ ଦଳ ବିରୋଧ କରୁଛନ୍ତି। ଚାଷୀ ଭାଇମାନେ ତାଙ୍କୁ ନିର୍ବାଚନରେ ଉଚିତ ଜବାବ ଦେବେ। ସବୁ ଯୋଗ୍ୟ ଚାଷୀ ଏହି ଯୋଜନାର ଲାଭ ପାଇବେ। ଜଣେ ବି ଯୋଗ୍ୟ ଚାଷୀଙ୍କୁ ବଞ୍ଚିତ ହେବାକୁ ଦେବି ନାହିଁ ବୋଲି ନବୀନ କହିଥିଲେ।

ଏହି ଅବସରରେ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ କହିଥିଲେ, ଦେଶର ସର୍ବଶ୍ରେଷ୍ଠ ଗୁଣ୍ଡା ଏବଂ ଗୁଜରାଟରୁ ତଡ଼ିପାର ହୋଇଥିବା ନେତା, ଏଇଠି ଓଡ଼ିଶାକୁ ଆସି କହୁଛନ୍ତି– ନବୀନଙ୍କୁ ବଙ୍ଗୋପସାଗରରେ ଫିଙ୍ଗିଦିଅ। ଚଳିତ ନିର୍ବାଚନରେ ସେମାନଙ୍କ ଅବସ୍ଥା କ’ଣ, ତାହା ଲୋକମାନେ ସ୍ଥିରକରି ସାରିଲେଣି। ଓଡ଼ିଶାରେ କେବଳ ନବୀନ। ବାକି ସବୁ ପବନ ବୋଲି ଚନ୍ଦ୍ରଶେଖର କହିଥିଲେ। ସେହିଭଳି ସଭାରେ ଅଧ୍ୟକ୍ଷତା କରିଥିବା ଗୋପାଳପୁର ବିଧାନସଭା ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ କହିଥିଲେ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ବେଳେ ରାଜ୍ୟ ଋଣଭାରରେ ବୁଡ଼ି ରହିଥିଲା। ଦାରିଦ୍ର୍ୟ ଏବଂ ଅନାହାର ଚରମ ସୀମାରେ ଥିଲା। କିନ୍ତୁ ନବୀନଙ୍କ ନେତୃତ୍ୱରେ ଓଡ଼ିଶା ଆଜି ବିକାଶଶୀଳ ରାଜ୍ୟ ହୋଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଦାରିଦ୍ର୍ୟ ଦୂରୀକରଣରେ ରାଜ୍ୟ ଢ଼େର ଉନ୍ନତି କରିଛି। ଏଣୁ ପୁଣି ଥରେ ବିଜେଡ଼ିକୁ ଭୋଟ୍‌ଦେଇ ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆସିକା ଅଞ୍ଚଳର ବହୁ ଭାଜପା ନେତା ବିଜେଡ଼ିରେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା ଏବଂ ହାସ୍ୟ ଅଭିନେତା ପ୍ରଜ୍ଞା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଏହା ପରେ ବ୍ରହ୍ମପୁର ସହରରେ ଏକ ରୋଡ୍ ଶୋ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ବସ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ୍ ଶୋ ରେ ସହର ଭ୍ରମଣ କରିଥିଲେ। ତାଙ୍କୁ ସହରର ପ୍ରମୁଖ ଛକଗୁଡ଼ିକରେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ ବିକ୍ରମ ପଣ୍ଡା, ଗୋପାଳପୁର ବିଧାନସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀଙ୍କ ସମେତ ବିଜେଡିର ବହୁ ବରିଷ୍ଠ ନେତା ରୋଡ୍ ଶୋ’ରେ ଉପସ୍ଥିତ ଥିଲେ।



ବ୍ରହ୍ମପୁରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ଶୋରେ ଯାଉଛନ୍ତି।

- ■ ସ୍ୱତନ୍ତ୍ର ରାଜ୍ୟପାହ୍ୟା, ବର୍ଷକୁ ୨ କୋଟି ଚାକିରି କୁଆଡ଼େ ଗଲା
- ■ ଶୀତଳାପଲ୍ଲୀ ରେଲୱେ ୱାଗନ୍ କାରଖାନା କଥା ଉଠାଇଲେ
- ■ କୃଷକ ନୁହଁ, ବୀମା କମ୍ପାନୀ କୃଷି ବୀମା ଫାଇଦା ପାଉଛନ୍ତି
- ■ ‘କାଳିଆ’ ବିରୋଧୀଙ୍କୁ ଚାଷୀମାନେ ଉଚିତ ଜବାବ୍ ଦେବେ

## ବାସିଖାଦ୍ୟ ଖାଇ ୬୫ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ

ବାରିପଦା ଅଫିସ,୩।୪

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ କମଳି ଏସଏସଡି ସରକାରୀ ହାଇସ୍କୁଲ ଛାତ୍ରୀନିବାସର ୬୫ରୁ ଊର୍ଦ୍ଧ୍ୱଛାତ୍ରୀ ବାସିଖାଦ୍ୟ ଖାଇ ଝାଡାବାନ୍ତିରେ ପୀଡିତ ହେବା ଘଟଣା ନେଇ ଅଭିଭାବକମାନେ ଉଦ୍‌ବେଗ୍ ପ୍ରକାଶ କରିଛନ୍ତି। ବାସିଖାଦ୍ୟ ଖାଇବା ପରେ ରବିବାର ରାତିରୁ ଏହି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଆଣି ସୋମବାର ଢୁକୁରା ସିଏଚସିରେ ଭର୍ତ୍ତିକରିଥିଲେ। ଚିକିତ୍ସା ପରେ ଅସୁସ୍ଥ ଛାତ୍ରୀଙ୍କ ମଧ୍ୟରୁ ଅନେକେ ସୁସ୍ଥ ହୋଇଛନ୍ତି। ତେବେ ପ୍ରାୟ ୧୦ ଜଣ ଛାତ୍ରୀ ବୁଧବାର ସୁଦ୍ଧା ଚିକିତ୍ସାଳୟରେ ରହିଥିବା ଜଣାପଡିଛି। ମଙ୍ଗଳବାର ଏହି ବିଦ୍ୟାଳୟର ଛାତ୍ରୀନିବାସକୁ ଏକ ଡାକ୍ତରୀ ଦଳ ଯାଇ ଖାଦ୍ୟ ନମୁନା ସଂଗ୍ରହ କରଫେରିଛନ୍ତି। ଜିଲା ପ୍ରଶାସନ ଏହି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ଆମ୍ବୁଲାନ୍ସ ଧକ୍କାରେ ୨ ମୃତ

ବାରିପଦା ଅଫିସ,୩।୪

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ କରଞ୍ଜିଆଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଘରୋଇ ଆମ୍ବୁଲାନ୍ସ ଧକ୍କାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବଡସାହି ବ୍ଲକ ଉଠାଣି ନୂଆଗାଁର ହୃଷୀକେଶ ସରଘରିଆ ଏବଂ ବିଶିକେଶନ ପୃଷ୍ଟି। ଏହି ଦୁଇଜଣ ବାରିପଦାରେ ନିଜ କାର୍ଯ୍ୟ ସାରି ରାତିରେ ଘରକୁ ଫେରୁଥିଲେ। ଏତିକି ବେଳେ ଏକ ଘରୋଇ ଆମ୍ବୁଲାନ୍ସ(ନଂ.ଓଡି–୧୧–ଏସ ୦୩୮୯) ଉଦଳାରୁ ରୋଗୀ ନେଇ ବାରିପଦା ଚିକିତ୍ସାଳୟକୁ ଆସୁଥିଲା। ଯୁବକମାନେ ଯାଉଥିବା ମୋଟରସାଇକେଲକୁ ଆମ୍ବୁଲାନ୍ସ ଧକ୍କା ଦେବା ଫଳରେ ଉଭୟ ଯୁବକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ନବୀନ ନିବାସ ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୩।୪(ବ୍ୟୁରୋ)

ବୁଧବାର ଜଣେ ମହିଳା ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ। ସେତେବେଳେ ସେଠାରେ ନେତା ଓ କର୍ମୀଙ୍କ ଭିଡ଼ ଲାଗି ରହିଥିଲା। ସେ ତାଙ୍କ ଦେହରେ ପେଟ୍ରୋଲ ଢାଳିନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ମୁତୟନ ସୁରକ୍ଷାକର୍ମୀ ଓ ଅନ୍ୟମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ତେବେ ଉକ୍ତ ମହିଳା ଜଣକ ମୟୂରଭଞ୍ଜ ଜିଲା ଉଦଳାର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଉଦଳା ଆର୍‌ଏମ୍‌ସି ଅଫିସରେ ପିଅନ ଚାକିରି କରାଇ ଦେବାକୁ କହି ତାଙ୍କଠାରୁ ଦେଢଲକ୍ଷ ଟଙ୍କା ନିଆଯାଇଥିଲା। ସେ ନିଜ ଜମି ବିକ୍ରି କରି ଉକ୍ତ ଟଙ୍କା ଦେଇଥିଲେ ମଧ ତାଙ୍କୁ ଚାକିରି ମିଳି ନ ଥିଲା। ଏପରିକି ୨୦୧୪ରେ ଘରକୁ ଡାକି ତାଙ୍କୁ ବଳାତ୍କାର କରାଯାଇଥିଲା। ଏନେଇ ସେ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ସ୍ଥାନୀୟ ପୋଲିସ ମାମଲା ରୁଜୁ କରି ପୂର୍ବତନ ବିଧାୟକଙ୍କ ସେକ୍ରେଟେରୀଙ୍କୁ ଗିରଫ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ମହିଳା ଜଣକ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ ତାଙ୍କୁ କୌଣସି ନ୍ୟାୟ ମିଳିନାହିଁ। ଗତ ଶନିବାର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସି ନବୀନ ନିବାସ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା କର୍ମୀମାନେ ଭିତରକୁ ଛାଡ଼ି ନ ଥିଲେ। ଏହି ସମୟରେ ଆତ୍ମହତ୍ୟା କରିବାକୁ ଧମକ ଦେବାରୁ ତାଙ୍କୁ ପୋଲିସ ଏୟାରପୋର୍ଟ ଥାନାକୁ ନେଇ ପରେ ଛାଡ଼ି ଦେଇଥିଲା।

ତେବେ ଅଭିଯୋଗ ସଂକ୍ରାନ୍ତରେ ବିଧାୟକ ପ୍ରାର୍ଥୀ ସୋରେନ କହିଛନ୍ତି, ୨୦୧୪ରେ ଉଦ୍ଦେଶ୍ୟମୂଳକ ଭାବେ ମହିଳା ଜଣକ ତାଙ୍କ ନାମରେ ଏକ ମିଥ୍ୟା ଅଭିଯୋଗ ଆଣିଥିଲେ। ଜଣେ ଆଡିଶନାଲ ଏସ୍‌ପି ର୍ୟାଙ୍କର ପୋଲିସ ଅଧିକାରୀ ଉକ୍ତ ଘଟଣାର ତଦନ୍ତ କରିଥିଲେ। ଏଥିରେ ସମ୍ପୃକ୍ତି ନ ଥିବା ତଦନ୍ତରୁ ଜାଣିବା ପରେ ଚାର୍ଜଶିଟରୁ ତାଙ୍କ ନାମକୁ ବାଦ୍ ଦେଇଥିଲେ। ଏପରିକି ଘଟଣା ଘଟିବା ଦିନ ସେ ବାରିପଦାର ଏକ ଦଳୀୟ କାର୍ଯ୍ୟରେ ଥିଲେ। ଅଭିଯୋଗ ଆଣିଥିବା ମହିଳା ଜଣେ ବିଧାୟକ ପ୍ରାର୍ଥୀଙ୍କ ସମ୍ପର୍କୀୟ ଅଟନ୍ତି। ଜଣେ ଅସନ୍ତୁଷ୍ଟ ଟିକେଟ ଆଶାୟୀଙ୍କ ସମର୍ଥକ ଓ ବିରୋଧୀମାନେ ମିଶି ଉକ୍ତ ମହିଳାଙ୍କ ସହଯୋଗରେ ମୋତେ ବଦନାମ କରାଇବାକୁ ଏହି ଷଡଯନ୍ତ୍ର କରିଛନ୍ତି। ଏହି ଘଟଣାରେ ମୋର କୌଣସି ସଂପୃକ୍ତି ନାହିଁ। ଏହା ଏକ ଭିତ୍ତିହୀନ ଅଭିଯୋଗ ବୋଲି ସୋରେନ କହିଛନ୍ତି। ଅନ୍ୟପକ୍ଷରେ ଡିସିପି ଅନୁପ ସାହୁ କହିଛନ୍ତି, ମହିଳାଙ୍କୁ ଉଦ୍ଧାର ପରେ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ବିପଦମୁକ୍ତ ଅଛନ୍ତି। ତେବେ ସେ ଯେଉଁ ଅଭିଯୋଗ ଆଣିଛନ୍ତି ଓ ସେ କେଉଁ କାରଣରୁ ଏପରି ଉଦ୍ୟମ କଲେ ତାହାର ତଦନ୍ତ କରାଯାଉଛି ବୋଲି ସାହୁ କହିଛନ୍ତି।



ଆତ୍ମାହୁତି ଉଦ୍ୟମବେଳେ ମହିଳାଙ୍କୁ ସୁରକ୍ଷାକର୍ମୀମାନେ ଉଦ୍ଧାର କରୁଛନ୍ତି।

# ପୂଜା ପରେ ଚକରେ ଲାଗିଲା ଅଖ

**ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା**

ପୁରୁଣା ଭୁବନେଶ୍ୱର, ୩। ୪(ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ରୁକୁଣା ରଥ ପାଇଁ ବୁଧବାର ରଥଖଳାରେ ମହାରଣାମାନଙ୍କ ଦ୍ୱାରା ତିଆରି ହୋଇଥିବା ନୂଆ ଚକ, ଅଖକୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ପାଳିଆ ପୂଜାପଣ୍ଡା, ବିଜୟ ପୂଜାପଣ୍ଡାଙ୍କ ସହ ପତ୍ରୀ, ଚର୍ଚ୍ଚେଇତ ସେବକମାନେ ଉପସ୍ଥିତ ରହିଥିଲେ। ଏଥିରେ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ସର୍ଦାରୀ ମହାରଣା ବଟକୃଷ୍ଣ ମହାରଣାଙ୍କ ସମେତ ସୋମନାଥ ମହାରଣା, ବୁବୁ ମହାରଣା ପ୍ରମୁଖ ପାଳିଆ ସେବାୟତ ଉପସ୍ଥିତ ଥିଲେ। ବୁଧବାର ରଥଚକରେ ଏହି ଅଖଗୁଡ଼ିକ ପୂଜାର୍ଚ୍ଚନା ପରେ ଲାଗି କରାଯାଇଥିଲା। ସୂଚନାଥାଉ କି ଚଳିତବର୍ଷ ୪୦ ବର୍ଷ ପରେ ୪ଟି ଯାକ ନାହାକା ପରିବର୍ତ୍ତନ କରାଯାଇ ନୂତନ ଭାବେ ନିର୍ମାଣ କରାଯାଇଛି। ଏଭଳି ୧୫ବର୍ଷ ପରେ ଦୁଇଟି ନୂଆ ପାଞ୍ଚଦଣ୍ଡା ଏବଂ ନୂଆ ଓରା ରଥରେ ଲାଗି ହେବା ପାଇଁ ନିର୍ମାଣ କରାଯାଇଥିବା ବଟକୃଷ୍ଣ କହିଛନ୍ତି।



ଚକରେ ଅଖ ଲାଗିବା ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ନିର୍ଣ୍ଣାୟକ ଭୂମିକା ନେବେ ଚାଷୀ

**ବରଗଡ଼ ଲୋକ ସଭା ଆସନ**

ବରଗଡ଼,୩।୪ (ସୁନୀତ ମିଶ୍ର)



ପ୍ରଦୀପ କୁମାର ଦେବତା



ପ୍ରସନ୍ନ ଆଚାର୍ଯ୍ୟ



ସୁରେଶ ପୂଜାରୀ

ବରଗଡ଼ ଲୋକ ସଭା ଆସନରେ ୨୦୧୪ନିର୍ବାଚନ ଭଳି ଏଥର ମଧ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କଲେ ଏଠାରେ ଶାସକ ବିରୋଧୀ ହାୱା ଯୋଗୁ ଲୋକମାନେ ଭାଜପା ଆଡକୁ ଅଧିକ ଢଳୁଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ସରକାରୀ ଯୋଜନାର ଲାଭ ଠିକ୍ ଭାବରେ ସବୁ ହିତାଧିକାରୀଙ୍କ ନିକଟରେ ନ ପହଞ୍ଚି ପାରିବା ଯୋଗୁ ଶାସକ ଦଳ ବିରୋଧରେ ଲୋକମାନଙ୍କ ଭିତରେ ବ୍ୟାପକ ଅସନ୍ତୋଷ ରହିଛି। ବିଶେଷକରି ଚାଷୀଙ୍କ ପାଇଁ ସରକାର ଆଣିଥିବା କାଳିଆ ଯୋଜନାର ବିଫଳତା ଓ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ପାଇଁ ଘୋଷଣା କରିଥିବା ବିଭିନ୍ନ ଯୋଜନା ଲାଗୁ ନ ହେବା ବିଜେଡିକୁ ଅଡୁଆରେ ପକାଇପାରେ ବୋଲି ଆଲୋଚନା ହେଉଛି। ଜିଲାର ୬୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଏଥର ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ବିଜେଡି ପ୍ରତି ଅସନ୍ତୁଷ୍ଟ ଥିବା ଲୋକେ ଭାଜପା ମୁହାଁ ହେଉଥିବା କୁହାଯାଉଛି। ତେବେ ପ୍ରାର୍ଥୀ ତାଲିକା ଘୋଷଣା ନ ହେବା ପର୍ଯ୍ୟନ୍ତ ଭାଜପାର ଯେଉଁ ସ୍ଥିତି ଥିଲା ସେଥିରେ ପରିବର୍ତ୍ତନ ଦେଖିବାକୁ ମିଳିଛି। କାରଣ ଟିକେଟ ଆଶାୟୀ ଥିବା ସୁବାସ ଚୌହାନଙ୍କୁ ଟିକେଟ ନ ମିଳିବା ପରେ ସେ ଏବେ ବିଜେଡିରେ ମିଶିଥିବାବେଳେ ଭାଜପାର ୯ ଜିଲା ପରିଷଦ ସଭ୍ୟ ମଧ ଦଳ ଛାଡ଼ିଛନ୍ତି। ଅପରପକ୍ଷରେ କଂଗ୍ରେସର ସ୍ଥିତି ଏଠାରେ ଦୁର୍ବଳ ହେବାରେ ଲାଗିଛି। ଗତ ନିର୍ବାଚନରେ କଂଗ୍ରେସ ଯେଉଁ ହାରରେ ଭୋଟ ପାଇଥିଲା ତାହା ଚଳିତ ନିର୍ବାଚନରେ କମ୍ ହୋଇପାରେ ବୋଲି ଆଲୋଚନା ହେଉଛି।

ବରଗଡ଼ ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଧରିତ୍ରୀ ପକ୍ଷରୁ ପରିଦର୍ଶନ କରାଯାଇଥିଲା। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧପାଲି ପଞ୍ଚାୟତ ଝୁଲପାଲି ଗ୍ରାମର ପବନ ପ୍ରଧାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ନବୀନ ପଟ୍ଟନାୟକ ଏଥର ଏଠାରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସମସ୍ତେ ତାଙ୍କୁ ଏଠି ପ୍ରାୟ ଭୋଟ ଦେବେ। କାରଣ ଭାଜପା ଓ କଂଗ୍ରେସ ବିଜେଡି ବିରୋଧରେ ସେମିତି ପୁରୁଖା ନେତାଙ୍କୁ ପ୍ରାର୍ଥୀ କରିପାରିନାହାନ୍ତି। ଏଠାର ଲୋକେ ଜଣେ ସ୍ଥାନୀୟ ବାସିନ୍ଦାଙ୍କୁ ବିଧାୟକ ଭାବେ ଦେଖିବାକୁ ଚାହୁଁଥିଲେ। ଯିଏ ନିର୍ବାଚନ ପରେ ଲୋକମାନଙ୍କ ପାଖରେ ରହିପାରିବ, ଯାହାଙ୍କ ପାଖକୁ ଯାଇ ଲୋକେ ସମସ୍ୟା କଥା କହି ପାରୁଥିବେ। ହେଲେ ମୁଖ୍ୟମନ୍ତ୍ରୀ ଜିତିଲା ପରେ ଭୁବନେଶ୍ୱରରେ ରହିବେ। ଏଥିରେ ଏଠିକା ଲୋକଙ୍କ କ’ଣ ଲାଭ ବୋଲି ସେ କହିଛନ୍ତି। ଏଠାରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଆସ୍ଥାରେ ନୁହେଁ ଟଙ୍କାରେ ଜିତିବେ। ଗତ ଦିନରେ ମୁଖ୍ୟମନ୍ତ୍ରୀ ଯାହା ପ୍ରତିଶ୍ରୁତି ଦେଇଥିଲେ କିଛି ପୂରଣ କରିନାହାନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କୁଆଡ଼େ ଗଲା। ଯାହାଦ୍ୱାରା ୧୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ କରାଯାଇଥାଆନ୍ତା। ଏହି ଜିଲାର ଶତକଡ଼ା ୬୦ ପ୍ରତିଶତ ଲୋକ ହେଉଛନ୍ତି ଚାଷୀ। ସେମାନଙ୍କ ବୀମାରାଶି ସରକାର ଆଜି ପର୍ଯ୍ୟନ୍ତ ଦେଲେ ନାହିଁ। ଏଠାରେ ଲୋକମାନେ ବିଧାନସଭା ପାଇଁ ବିଜେଡିକୁ ଭୋଟ ଦେବେ ମାତ୍ର ଲୋକ ସଭା ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାର ବହୁ ସମ୍ଭାବନା ରହିଛି ବୋଲି ପବନ କହିଛନ୍ତି।

ବରଗଡ ଲୋକ ସଭା ଆସନ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ଏଥର ପ୍ରାର୍ଥୀ କରିଛି। ହେଲେ ପ୍ରସନ୍ନଙ୍କୁ ନେଇ ଲୋକଙ୍କ ମନରେ ବ୍ୟାପକ ଅସନ୍ତୋଷ ଭରି ରହିଛି। ବିଗତ ଦିନରେ ପ୍ରସନ୍ନ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ ସୁଦ୍ଧା ସେ ଜିଲାବାସୀଙ୍କ ପାଇଁ ସେମିତି କିଛି କରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। କେବଳ ପାରିବାରିକ ରାଜନୀତିକୁ ଗୁରୁତ୍ୱ ଦେଇ ସେ ନିଜ ଫାଇଦା ଦେଖିଥିବା ଲୋକେ ଯୁକ୍ତି ରଖିଛନ୍ତି। ସେହିପରି ଭାଜପା ପକ୍ଷରୁ ପଶ୍ଚିମ ଓଡିଶାର ଟାଣୁଆ ନେତା ସୁରେଶ ପୂଜାରୀ ଏଥର ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ସୁରେଶଙ୍କୁ ପଶ୍ଚିମ ଓଡିଶାର ଘରେ ଘରେ ଲୋକେ ଚିହ୍ନନ୍ତି। ତାଙ୍କ ପ୍ରାର୍ଥିତ୍ୱକୁ ମଧ ଲୋକେ ପସନ୍ଦ କରୁଛନ୍ତି। ହେଲେ ପ୍ରାର୍ଥୀ ଚୟନରେ ଭାଜପା ବଡ଼ ଭୁଲ୍ କରିଥିବା ଲୋକେ ଅଭିଯୋଗ କରୁଛନ୍ତି। ଜଣେ ନୁହେଁ ପ୍ରତି ଜାଗାରେ ଲୋକେ ସମାନ ଅଭିଯୋଗ ଉଠାଇଛନ୍ତି। ବରଗଡ଼ ଅଞ୍ଚଳର ବ୍ୟବସାୟୀ ପ୍ରସନ୍ନ ମିଶ୍ର କହିଛନ୍ତି, ସୁବାସ ଚୌହାନଙ୍କୁ ଭାଜପା ଟିକେଟ ନ ଦେବା ସବୁଠାରୁ ବଡ ଭୁଲ୍। ଗତ ସାଧାରଣ ନିର୍ବାଚନରେ ସୁବାସ ମାତ୍ର ୧୦ହଜାର ଭୋଟ୍‌ରେ ପରାଜିତ ହୋଇଥିଲେ। ପଞ୍ଚାୟତ ନିର୍ବାଚନରେ ଭାଜପାକୁ ସଫଳତା ମିଳିବା ପଛରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ପ୍ରତି ଗାଁରେ ଲୋକେ ସୁବାସଙ୍କୁ ପସନ୍ଦ କରୁଥିଲେ। ହେଲେ ଠିକଣା ସମୟରେ ତାଙ୍କ ଟିକେଟ କାଟିଦେବା ଏବଂ ସେ ବିଜେଡିରେ ଯୋଗଦେବା ଭାଜପାକୁ ବହୁ ପଛକୁ ଠେଲି ଦେଇଛି ବୋଲି ପ୍ରସନ୍ନ କହିଛନ୍ତି। ବରଗୁଡା ପଞ୍ଚାୟତ ହଳଦିପାଲି ଗ୍ରାମର ପ୍ରହ୍ଲାଦ ରଣା କହିଛନ୍ତି, ଏମ୍‌ପି ଭାବେ ଆମେ ପଦ୍ମରେ ଭୋଟ ଦେବୁ। ସବୁଠି ମାତ୍ର ୨୦ପ୍ରତିଶତ ଲୋକଙ୍କୁ କାଳିଆ ଟଙ୍କା ମିଳିଛି। ସେମାନଙ୍କୁ ହିଁ ପିଏମ୍ କିଷାନ ଯୋଜନା ଅର୍ଥ ମିଳିଛି। ତେଣୁ ଲୋକେ ଏହାର ଜବାବ୍ ଦେବାକୁ ମନସ୍ଥ କରିଛନ୍ତି। କିନ୍ତୁ ସୁବାସଙ୍କୁ ଟିକେଟ ନ ମିଳିବା ସବୁଠାରୁ ବଡ ଅସୁବିଧା। ସେ ଆର୍‌ଏସ୍‌ଏସ୍‌ର ଜଣେ କୋର୍ ସଦସ୍ୟ। ତାଙ୍କୁ ଟିକେଟ ମିଳିଥିଲେ ଲୋକେ ଏଥର ଚିନ୍ତାକରି ନ ଥାନ୍ତେ। ସହରାଞ୍ଚଳରେ ଲୋକମାନେ ଭାଜପା ପ୍ରତି ଆକୃଷ୍ଟ ହୋଇଛନ୍ତି। ହେଲେ ଗ୍ରାମାଞ୍ଚଳରେ ଭାଜପାକୁ ଆହୁରି ପରିଶ୍ରମ କରିବାକୁ ପଡିବ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ଏହି ଆସନରୁ ପ୍ରଦୀପ କୁମାର ଦେବତାଙ୍କୁ ଲୋକ ସଭା ପ୍ରାର୍ଥୀ କରିଛି। ହେଲେ କଂଗ୍ରେସ ଏ ପର୍ଯ୍ୟନ୍ତ ଲୋକଙ୍କ ଆସ୍ଥାଭାଜନ ହୋଇପାରି ନାହିଁ। ଇତିମଧ୍ୟରେ ପୂର୍ବତନ ବିଧାୟକ ତଥା ବରଗଡର ଟାଣୁଆ ନେତା ସାଧୁ ନେପାକ ମଧ କଂଗ୍ରେସ ଟିକେଟରୁ ବଞ୍ଚିତ ହେବା ପରେ ବିଜେଡିରେ ଯୋଗ ଦେଇଛନ୍ତି। ଯାହା ବିଜେଡିକୁ ବେଶ୍ ସୁହାଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜିଲାର ଜଣାଶୁଣା ଚାଷୀ ନେତା ଲିଙ୍ଗରାଜ କହିଛନ୍ତି ଯେ, ବିଜେଡି ବହୁ ବିରୋଧୀଙ୍କୁ ଦଳରେ ସାମିଲ କରିଛି। ସୁବାଷ ଓ ସାଧୁ ନେପାକ ବିଜେଡିରେ ସାମିଲ ହୋଇଗଲେ। ସୁବାସ ବରଗଡରେ ୧୯ ଜିଲା ପରିଷଦଙ୍କୁ ଜିତାଇଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ବିଜେଡିରେ ଯୋଗ ଦେଇଛନ୍ତି। ହେଲେ ପଡୋଶୀ ରାଜ୍ୟ ଛତିଶଗଡରେ କଂଗ୍ରେସ କ୍ଷମତାକୁ ଆସି କୃଷିଋଣ ଛାଡ, ଧାନର ଏମ୍‌ଏସପି ବୃଦ୍ଧି କରିଛନ୍ତି। ଏହାସହ କଂଗ୍ରେସ ଓଡିଶାରେ ସରକାରକୁ ଆସିଲେ ଏହି ପ୍ରତିଶ୍ରୁତି ପୂରଣ କରିବ ବୋଲି ଦଳର ଅଧକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। କିନ୍ତୁ କଂଗ୍ରେସ ନେତାମାନେ ଏହି କଥାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇପାରୁ ନାହାନ୍ତି। ବିଜୁ ଯୁବ ବାହିନୀକୁ ଲୋକେ ବିଜେଡିର ବୋଲି ଭାବୁଛନ୍ତି। ଏନେଇ ମଧ ଲୋକେ ଅସନ୍ତୁଷ୍ଟ। ଆମେ କୃଷକମାନଙ୍କୁ ଚଳିତ ନିର୍ବାଚନରେ ନୋଟାରେ ବାଡେଇବାକୁ କହୁଛୁ। କାରଣ ଏଥର ନିର୍ବାଚନରେ ଚାଷୀ ଭୋଟ ହିଁ ଏଠାରେ ମୁଖ୍ୟ ଭୂମିକା ତୁଲାଇବ ବୋଲି ଲିଙ୍ଗରାଜ କହିଛନ୍ତି।



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
–ସନ୍ଥ ବିନୋବା ଭାବେ



## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଶ୍ରମିକ ଗୁରୁତର

**ବ୍ରହ୍ମଗିରି, ୩।୪(ଡି.ଏନ୍.ଏ.):** ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ତାର ଲାଗି ବୁଧବାର ବିଭାଗରେ ନିୟୋଜିତ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ ବ୍ରହ୍ମଗିରି ଅଞ୍ଚଳରେ ବିଭାଗ ପକ୍ଷରୁ ଖୁଣ୍ଟି ପୋତା ଚାଲିଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଡ଼ବନ୍ଧକେରା ଗ୍ରାମ ନିକଟରେ ଏହି କାମ ଚାଲୁଥିବା ସମୟରେ ବିଦ୍ୟୁତ୍ ତାର ଛିଡ଼ିପଡ଼ିଥିଲା। ଫଳରେ ସେଠାରେ ନିୟୋଜିତ ଥିବା ରାଜସ୍ଥାନର ଦିନେଶ ଚୌଧୁରୀ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଘୂର୍ଣ୍ଣିଝଡ଼ରେ କ୍ଷତିଗ୍ରସ୍ତ ଧାନ ଚାଷର ତଦନ୍ତ ନିର୍ଦ୍ଦେଶ

**କଣାସ, ୩।୪(ସ୍ୱ.ପ୍ର.):** କଣାସ ବ୍ଲକର ୨୮ଟି ପଞ୍ଚାୟତରେ ଗତ ୩୧ତାରିଖରେ ଦୀର୍ଘ ୭ଘଣ୍ଟା ଧରି ଘୂର୍ଣ୍ଣିଝଡ଼ ହେବାରୁ ବ୍ୟାପକ ଭାବେ ଖରାଟିଆ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀମାନେ କଣାସ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କିତ ରିପୋର୍ଟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କଣାସ ତହସିଲଦାର ଅନିତା ପଣ୍ଡା, କଣାସ କୃଷି ଅଧିକାରୀ, ସମସ୍ତ ଭିଏଲ୍‌ଡବ୍ଲ୍ୟୁ ଏବଂ ଆର୍‌ଆଇମାନଙ୍କୁ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ଯାଇ କେତେ ପରିମାଣର ଧାନଚାଷ କ୍ଷତିଗ୍ରସ୍ତ ହୋଇଛି ତଦନ୍ତକରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ପଣ୍ଡାଙ୍କୁ ପଚାରିବାରୁ ଘୂର୍ଣ୍ଣିଝଡ଼ରେ ବ୍ୟାପକଭାବେ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବା ନେଇ ବହୁଚାଷୀ ଅଭିଯୋଗ କରିବାରୁ କୃଷି ବିଭାଗ ଓ ଆର୍‌ଆଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ୫୯ ୟୁନିଟ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୩।୪:** ସୀତାରାମ ଆଶ୍ରମ ପରିସରରେ ବୁଧବାର ସୁଆର ମହାସୁଆର ନିଯୋଗ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀ ବ୍ଲକ ବ୍ୟାଙ୍କର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡି, ଦାମୋଦର ମହାସୁଆର, ବାପି ପାଢ଼ୀ, ଭୁବନ ମହାସୁଆର, ବଳରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୧୭ରେ ମାଗଣା ବ୍ରତୋପନୟନ

**ପୁରୀ ଅଫିସ,୩।୪:** ଶ୍ରୀଲୋକନାଥ ମନ୍ଦିର ନିକଟ ଭେଙ୍କଟେଶ୍ୱର ମନ୍ଦିର ଦିବ୍ୟଧାମ ପରିସରରେ ଏପ୍ରିଲ ୧୭ରେ ମାଗଣା ବ୍ରତୋପନୟନ ଅନୁଷ୍ଠିତ ହେବ। ଶ୍ରୀରାମଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ତଥା ଜୀୟର ସ୍ୱାମୀ ମଠ ମହନ୍ତ ସ୍ୱାମୀ ଇନ୍ଦିରାରମଣ ରାମାନୁଜ ଦାସଜୀ ମହାରାଜ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଏନେଇ ଇଚ୍ଛୁକ ବ୍ରାହ୍ମଣ ପରିବାର ବାଲିସାହିସ୍ଥିତ ଜୀୟର ସ୍ୱାମୀ ମଠର ସୁଦର୍ଶନ ରାମାନୁଜ ଦାସଙ୍କ ସହିତ ଯୋଗାଯୋଗ କରିବା ଲାଗି ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

### ଏଡିଏମ୍‌ଓ କାର୍ଯ୍ୟାଳୟ ଘେରିଲେ ରୋଗୀଙ୍କ ସମ୍ପର୍କୀୟ

**ପୁରୀ ଅଫିସ,୩।୪:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଏଲିସିସ୍ ବିଭାଗରେ ଗତ କିଛିଦିନ ହେଲା ଅତ୍ୟାବଶ୍ୟକ ଇଞ୍ଜେକଶନ୍ ଉପଲବ୍ଧ ହେଉନାହିଁ। ଫଳରେ ଡାଏଲିସିସ୍ ଲାଗି ଆସୁଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପ୍ରତିବାଦରେ ବୁଧବାର ଏଡିଏମ୍‌ଓ (ମେଡିକାଲ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସୂଚନା ଅନୁଯାୟୀ, ଗତ ୪ସପ୍ତାହ ହେଲା ଏହି ଇଞ୍ଜେକଶନ ଷ୍ଟକ ନ ଥିବା କହି ରୋଗୀଙ୍କୁ ଫେରାଇ ଦିଆଯାଉଛି। ବୁଧବାର ଏନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଏଡିଏମ୍‌ଓ (ମେଡିକାଲ)ଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ। ଏଥିସହ ଘଟଣା ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ। ଏ ସଂକ୍ରାନ୍ତରେ ଏଡିଏମ୍‌ଓ (ମେଡିକାଲ) ବ୍ରଜବନ୍ଧୁ ଦାଶଙ୍କୁ ପଚାରିବାରେ କହିଛନ୍ତି ଯେ, ସରକାରୀ ସପ୍ଲାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏନେଇ ସିଡିଏମ୍‌ଓଙ୍କ ସହ ଆଲୋଚନା କରିଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ।

■ ଭାର୍ଗବୀରେ ମହା ବାରୁଣୀସ୍ନାନ

# ମହୋଦଧିର ପୁଣ୍ୟ ଲାଭକଲେ ଶ୍ରଦ୍ଧାଳୁ

**ସାକ୍ଷୀଗୋପାଳ, ୩।୪(ଡି.ଏନ୍.ଏ./ସ୍ୱ.ପ୍ର.)**



ମହାବାରୁଣୀ ସ୍ନାନ ପାଇଁ ସତ୍ୟବାଦୀର ଭୃଗୁ ଘାଟରେ ଶ୍ରଦ୍ଧାଳୁଙ୍କ ସମାଗମ।

ପୁଣ୍ୟତୋୟା ଭାର୍ଗବୀ ନଦୀରେ ମହା ବାରୁଣୀସ୍ନାନ ପାଇଁ ସତ୍ୟବାଦୀ ବ୍ଲକ ବଳପୁର ଭୃଗୁଘାଟରେ ସାଗର ସ୍ନାନଯାତ୍ରା ପରମ୍ପରା କ୍ରମେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ଶତଭିଷା ନକ୍ଷତ୍ର ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ବୁଡ଼ ପକାଇଲେ ମହୋଦଧି ସ୍ନାନର ପୁଣ୍ୟ ମିଳିଥାଏ। ଏହି ସୁଯୋଗରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ତଥା ନିକଟବର୍ତ୍ତୀ ରାଜ୍ୟରୁ ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। କଥିତ ରହିଛି ବନବାସ ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଭାର୍ଗବୀ ନଦୀ ତଟସ୍ଥ ଭୃଗୁଘାଟରେ ରାତ୍ରିଯାପନ କରିଥିଲେ। ସକାଳେ ଭାର୍ଗବୀ ନଦୀରେ ସ୍ନାନ କରିବା ପରେ ଦେବଦେବ ମହାଦେବଙ୍କୁ ପୂଜା କରିବା ପାଇଁ ଆଞ୍ଜୁଳାଏ ବାଲୁକା ପିଣ୍ଡରେ ଶିବଲିଙ୍ଗ ସ୍ଥାପନା କରିଥିଲେ। ବାଲୁକାପିଣ୍ଡରୁ ଏବେ ବାଲୁଙ୍କେଶ୍ୱର ଠାକୁର ନାମରେ ପୂଜା ପାଉଥିବା ଏହି ଠାକୁରଙ୍କ ଅପାର ମହିମା ନେଇ ଭକ୍ତମାନଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି। ବରାଳ ଗ୍ରାମର ବାଲୁଙ୍କେଶ୍ୱର ବଡ଼ଭାଇ ଏବଂ ବଳପୁର ଗ୍ରାମର ବାଲୁଙ୍କେଶ୍ୱର ସାନଭାଇଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ଭାଇଚାରାର ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ସକାଳେ ସାନଭାଇ ବଳପୁର ବାଲୁଙ୍କେଶ୍ୱର ବଡ଼ଭାଇ ବରାଳ ବାଲୁଙ୍କେଶ୍ୱରଙ୍କୁ ସାଗରସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରରେ ଦୁଇଭାଇଙ୍କୁ ମୁକ୍ତିମଣ୍ଡପ ଭୋଗ କରାଯାଇଥିଲା। ବୀରକାହାଳି, ମହୁରି, ବାଜା, ଘଣ୍ଟ ମର୍ଦ୍ଦଳ, ସଂକୀର୍ତ୍ତନ ଏବଂ ହରିବୋଲ ହୁଳହୁଳି ଧ୍ୱନି ଦେଇ ଦୁଇଟି ସୁସଜ୍ଜିତ ବିମାନରେ ଠାକୁର ଭାର୍ଗବୀ ନଦୀତଟସ୍ଥ ଭୃଗୁଘାଟକୁ ପଟୁଆରରେ ବିଜେ କରିଥିଲେ। ଚାରିଘରିଆ ସେବାୟତମାନେ ପବିତ୍ରତାର ସହ ନଦୀରୁ ଜଳ ସଂଗ୍ରହ କରିଥିଲେ। ଅଭିମନ୍ତ୍ରିତ ଜଳରେ ଠାକୁରମାନଙ୍କ ବାରୁଣୀ ସ୍ନାନନୀତି ସମାପନ ପରେ ସେଠାରେ ପ୍ରତୀକ୍ଷା କରିଥିବା ମାନସିକଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇବା, କେଶ ଦାନ କରିବା ଦେଖାଯାଇଥିଲା। ନିଃସନ୍ତାନ ମହିଳାମାନେ ସନ୍ତାନ ପ୍ରାପ୍ତି ଆଶାରେ ଦୂରଦୂରାନ୍ତରୁ ଆସି ଏଠାରେ ବୁଡ଼ ପକାଇଥିଲେ। ଏହି ସମୟରେ ଭାର୍ଗବୀ ଭୃଗୁଘାଟର ଜଳ ମହୋଦଧିର ପବିତ୍ର ଜଳରାଶି ସହ ସମାନ ହେଉଥିବାରୁ ବ୍ରତୋପନୟନରେ ବ୍ୟବହୃତ ମୁକୁଟ, ଦଣ୍ଡ, ସନ୍ତରା ମସିଣା ଆଦି ଭାର୍ଗବୀରେ ବିସର୍ଜନ କରାଯାଇଥିଲା। ବିଭିନ୍ନ ଗ୍ରାମକୋଠ ଏବଂ ଦଳଦଳ ହୋଇ ଶ୍ରଦ୍ଧାଳୁ ନଦୀକୂଳରେ ଭୋଗ ପ୍ରସ୍ତୁତକରି ଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରିବା ସହ ସମବେତ ପ୍ରସାଦ ସେବନ କରିଥିଲେ। ଆମ୍ବ, ପୋଲାଙ୍ଗ, ପଣସ, ବର ଏବଂ ଓସ୍ତ ଆଦି ବୃକ୍ଷରାଜି ସୁଶୀତଳ ନଈକୂଳରେ ଏକ ଅସ୍ଥାୟୀ ଗ୍ରାମୀଣ ବଜାର ଖୋଲିଥିଲା। ଠାକୁରଙ୍କ ପୂଜାର୍ଚ୍ଚନା ସହିତ ମେଳଣରେ ବୁଲିବା ଏବଂ ବଜାରରୁ ଘରକରଣା ସାମଗ୍ରୀ କିଣିବା ପାଇଁ ଆଖପାଖ ଲୋକଙ୍କର ବେଶ୍ ଭିଡ଼ ଲାଗିଥିଲା।

ସେହିପରି ନଦୀର ଅପରପାର୍ଶ୍ୱ ସୁଆଣ୍ଡୋ ଘାଟରେ ଅନୁରୂପ ଭାବେ ଲୋକନାଥ ଦେବ ଓ ବିଦ୍ୟାଧରପୁରର କୁଣ୍ଡଳେଶ୍ୱର ଠାକୁର ବିଜେ କରିଥିଲେ। ଜନ ସମାଗମ ଓ ସୁରକ୍ଷିତ ସ୍ନାନ ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ ନିମନ୍ତେ ମନ୍ଦିର ପ୍ରଶାସନ ଟ୍ରଷ୍ଟ ବୋର୍ଡ ଓ ଗ୍ରାମପଞ୍ଚାୟତ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ସ୍ୱାଇଁ ପୋଲିସ ଫୋର୍ସ ସହିତ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ମେଳା ପରିଚାଳନା କରିଥିବା ବେଳେ ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ର ଓ ରୋହିତ କୁମାର ନାୟକ କର୍ମଚାରୀମାନଙ୍କ ସହିତ ଉପସ୍ଥିତ ରହି ଭକ୍ତ ମାନଙ୍କ ସୁରକ୍ଷିତ ସ୍ନାନ ପ୍ରତି ନଜର ରଖିଥିଲେ। ବରାଳ ମନ୍ଦିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାର ବସନ୍ତ କୁମାର ପ୍ରଧାନ, କାଦୁଆ ସରପଞ୍ଚ ସୁବାସ ଚନ୍ଦ୍ର ମହାପାତ୍ର, ବଳପୁର ସରପଞ୍ଚ ତ୍ରିନାଥ ମହାପାତ୍ର ଓ ବଳପୁର ଟ୍ରଷ୍ଟି ନିରଞ୍ଜନ ମହାପାତ୍ରଙ୍କ ସହ ସେବାୟତବୃନ୍ଦ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

■ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅପ୍ରୀତିକର ସ୍ଥିତି

# ବିଜେଡି-ଭାଜପା କର୍ମୀଙ୍କ ମଧ୍ୟରେ ଆକ୍ଷେପ

**ପୁରୀ ଅଫିସ,୩।୪**

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅପରାହ୍ନ ପ୍ରାୟ ସାଢେ ୨ଟାରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହି ସମୟରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ନିକଟରେ ପୁରୀ ବିଜେଡି ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର ଏବଂ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ପିପିଲିର ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରଦୀପ ମହାରଥୀ, ସତ୍ୟବାଦୀର ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ପ୍ରାର୍ଥିପତ୍ର ଦାଖଲ କରୁଥିଲେ। ଏହି ପ୍ରାର୍ଥୀମାନଙ୍କ ସମର୍ଥକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ବାହାରେ ରୁଣ୍ଡ ହୋଇଥିଲେ। ଏତିକିବେଳେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ନାମାଙ୍କନ ଦାଖଲ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିଲେ। ତାଙ୍କ ଶୋଭାଯାତ୍ରାରେ ଆସିଥିବା ସମର୍ଥକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାଦେଇ ଅତିକ୍ରମ କରିବାବେଳେ ସେଠାରେ ଥିବା ବିଜେଡି ସମର୍ଥକମାନେ ଦଳୀୟ ପ୍ରାର୍ଥୀ ଓ ଚିହ୍ନକୁ ନେଇ ନାରାବାଜି ଦେଇଥିଲେ। ଏମାନଙ୍କୁ ଦେଖି ଭାଜପା ସମର୍ଥକମାନେ ମଧ୍ୟ ତାଙ୍କ ପ୍ରାର୍ଥୀ ଓ ଚିହ୍ନକୁ ନେଇ ସ୍ଲୋଗାନ ଦେଇଥିଲେ। ପ୍ରତିପକ୍ଷ ପରସ୍ପରକୁ ଆକ୍ଷେପ କରିଥିଲେ। ବିଜେଡି ସମର୍ଥକ ପଙ୍କ ଶୁଖିଗଲାଣି ବୋଲି କହୁଥିବା ବେଳେ ଭାଜପା ସମର୍ଥକ ପଙ୍କ ଭିତରେ ଗେଣ୍ଡା ମରିଗଲାଣି ବୋଲି କହୁଥିବା ଶୁଣିବାକୁ ମିଳିଥିଲା। ପୁଣି ଉଭୟ ପକ୍ଷ ସମର୍ଥକ ପରସ୍ପର ସମ୍ମୁଖରେ ଦଳୀୟ ପତାକା ହଲାଇ ମଧ୍ୟ ଯାଉଥିଲେ। ଏମିତି ଆକ୍ଷେପ ପ୍ରତିଆକ୍ଷେପ ଚାଲିଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ବାହାରକୁ ଆସିଥିଲେ ପିନାକୀ ମିଶ୍ର। ଠିକ୍ ଏହି ସମୟରେ ଭାଜପାର ସମ୍ବିତ୍ ପାତ୍ରଙ୍କ ଗାଡ଼ି ଅତିକ୍ରମ କରିଥିଲା। ଏହା ଦେଖି ପ୍ରତିପକ୍ଷ ସମର୍ଥକ ଖୁବ୍ ଜୋର୍‌ରେ ହୋହଲ୍ଲା କରିଥିଲେ। ତେବେ ଭାଜପା ଶୋଭାଯାତ୍ରା ଅତିକ୍ରମ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ମୁତୟନ ଥିବାରୁ ପରିସ୍ଥିତି ବିସ୍ଫୋରକ ରୂପ ନେଇ ନ ଥିଲା।



ରଥଯାତ୍ରା ପାଇଁ ବୁଧବାର ପୁରୀରେ ପଞ୍ଚମ ପର୍ଯ୍ୟାୟରେ ଆସି ପହଞ୍ଚିଥିବା ରଥକାଠ।

# ବିଜେଡି ରାଲିକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

**ପୁରୀ ଅଫିସ, ୩।୪**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଚାଲିଛି। ଏନେଇ ତିନି ପ୍ରମୁଖ ଦଳ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ବୁଧବାର ସିଂହଦ୍ୱାର-ଦୋଳମଣ୍ଡପ ସାହି ଦେଇ ବିଜେଡିର ଶୋଭାଯାତ୍ରା ଯାଇଥିଲା। ଏହାକୁ ନେଇ ପ୍ରଶ୍ନ ଉଠାଇଛି ଭାଜପା।

ପ୍ରାର୍ଥୀପତ୍ର ଦାଖଲ ବେଳେ ସିଂହଦ୍ୱାରଠାରୁ ଶୋଭାଯାତ୍ରା ଉପରେ ଜିଲା ପ୍ରଶାସନର କଟକଣା ରହିଛି। ବୁଧବାର ପୂର୍ବାହ୍ନରେ ପୁରୀ ବିଜେଡି ବିଧାନସଭା ପ୍ରାର୍ଥୀ ମହେଶ୍ୱର ମହାନ୍ତି ସମର୍ଥକଙ୍କ ସହ ଶୋଭାଯାତ୍ରାରେ ସିଂହଦ୍ୱାରଠାରୁ ଦୋଳମଣ୍ଡପ ସାହି ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏହାକୁ ନେଇ ପ୍ରଶ୍ନ ଉଠାଇଛି ଭାଜପା। ପ୍ରଶାସନିକ କଟକଣା ସତ୍ତ୍ୱେ ମହେଶ୍ୱର କିପରି ସେହି ରାସ୍ତା ଦେଇ ଶୋଭାଯାତ୍ରାରେ ଗଲେ ଓ କିଏ ତାଙ୍କୁ ଅନୁମତି ଦେଲେ ବୋଲି ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ଏକ ପ୍ରେସ ବିବୃତିରେ ପ୍ରଶ୍ନ କରିଛନ୍ତି। ଏହା ବିଜେଡି ପ୍ରାର୍ଥୀଙ୍କ ପ୍ରତି ପ୍ରଶାସନର କୋହଳ ମନୋଭାବ ବୋଲି ସେ କହିଛନ୍ତି।

ପୂର୍ବରୁ ଭାଜପାର ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର ଶୋଭାଯାତ୍ରାରେ ହାତରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଧରିବା ନେଇ ଜିଲା ପ୍ରଶାସନ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବୁଧବାର ବିଜେଡି ପ୍ରାର୍ଥୀ ମହେଶ୍ୱର ମହାନ୍ତି ମହାପ୍ରଭୁଙ୍କ ଶ୍ରୀକପଡା କାନ୍ଧରେ ପକାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହା କଣ ଧାର୍ମିକ ଭାବନାକୁ କୁଠାରଘାତ କରୁନି କି ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଭାଜପା ଉପରେ କଡା ଆଭିମୁଖ୍ୟ ଗ୍ରହଣ କରୁଥିବାବେଳେ ବିଜେଡି ପ୍ରତି ନରମ ଆଚରଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ଏନେଇ ସେ ପ୍ରଶାସନକୁ ତୀବ୍ର ସମାଲୋଚନା କରିଛନ୍ତି। ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଲାଗି ଆଦର୍ଶ ଆଚରଣ ବିଧି ପାଳନ ନେଇ ଡିଣ୍ଡିମ ପିଟୁଛି ପ୍ରଶାସନ। କ'ଣ ବିଜେଡି ପାଇଁ ଆଦର୍ଶ ଆଚରଣ ବିଧି ଅଲଗା କି ବୋଲି ସେ ପଚାରିଛନ୍ତି। ଜିଲା ପ୍ରଶାସନ ନିରପେକ୍ଷତା ଅବଲମ୍ବନ କରିବାକୁ ସେ ଦାବି କରିଛନ୍ତି।

# କୁକୁର କାମୁଡ଼ାରେ ହରିଣ କ୍ଷତାକ୍ତ

**ପୁରୀ ଅଫିସ,୩।୪**

ବାଲୁଖଣ୍ଡ ଅଭୟାରଣ୍ୟରୁ ଜନବସତିକୁ ପଳାଇ ଆସିଥିବା ଏକ ହରିଣ କୁକୁର କାମୁଡାରେ କ୍ଷତାକ୍ତ ହୋଇଛି । ପରେ ଚିକିତ୍ସା କରାଯାଇ ହରିଣଟିକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି । ବୁଧବାର ସକାଳେ ହରିଣଟି ସରକାରୀ ଆଇଟିଆଇ ନିକଟ ଏକ ମୁକୁଳା ଡ୍ରେନ୍‌ରେ ପଡିଥିବା ଲୋକେ ଦେଖିଥିଲେ। ତୁରନ୍ତ ଅଗ୍ନିଶମ ଏବଂ ବନ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ହରିଣଟିକୁ ଉଦ୍ଧାର କରିଥିଲେ। ଏହାପରେ ହରିଣଟି ଜଙ୍ଗଲ ଆଡକୁ ପଳାଇ ଯାଉଥିବା ବେଳେ କୁକୁରଙ୍କ ହାବୁଡ଼ରେ ପଡିଥିଲା। ଅଗ୍ନିଶମ କର୍ମଚାରୀ ଏବଂ ଲୋକେ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଗୋଟିଏ କୁକୁର ତାକୁ କାମୁଡ଼ି ଦେଇଥିଲା। ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ପୁଣି ତାକୁ ଉଦ୍ଧାର କରିଥିଲେ।ଚିକିତ୍ସା ପରେ ହରିଣଟି ସୁସ୍ଥ ହେବାରୁ ତାକୁ ବନ ବିଭାଗ କର୍ମଚାରୀ ନେଇ ଜଙ୍ଗଲରେ ଛାଡିଥିଲେ ।

■ ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘର ଅଧିବେଶନ

# ସରକାରୀ ସୁବିଧା ଯୋଗାଇବାକୁ ଦାବି

**ପୁରୀ ଅଫିସ,୩।୪**

ପୁରୀ ଜିଲା ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘର ଦ୍ୱାଦଶ ବାର୍ଷିକ ଅଧିବେଶନ ବୁଧବାର ପୋଲିସ ଅବକାଶ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ସଂଘ ସଭାପତି ପି. ଚିଟି ରାଓ ସଭାପତିତ୍ୱ କରିଥିଲେ। ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତି, ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ଉପଦେଷ୍ଟା ରାଧାନାଥ ପଣ୍ଡା,ଏନ. ତ୍ରିପାଠୀ, ଚକ୍ରଧର ମହାପାତ୍ର, ଆର.ଜେନା, ବିଶ୍ୱନାଥ ପଣ୍ଡା, କୈଳାସ ଚନ୍ଦ୍ର ମିଶ୍ର, ବୁଦ୍ଧିଜୀବୀ ଉମାବଲ୍ଲଭ ମହାପାତ୍ର, ସୂର୍ଯ୍ୟମଣି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଦିବଙ୍ଗତ ପୋଲିସ ଅଧିକାରୀ ଓ ଜାମ୍ମୁ କଶ୍ମୀରର ପୁଲୱାମା ଶହୀଦଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ଲାଗି ସଂଘ ଦାବି କରିଛି। ମେଡିକାଲ, ଟ୍ରେନରେ ଯାତାୟତବେଳେ ୫୦ପ୍ରତିଶତ ରିହାତି, ଟୋଲଗେଟ ରିହାତି, ପୋଲିସ ବିଭାଗରେ ୧୦ପ୍ରତିଶତ ସଂରକ୍ଷଣ, ବାସହୀନ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ସୁଲଭ ମୂଲ୍ୟରେ ଜମି ପ୍ରଦାନ ପାଇଁ ଦାବି ହୋଇଛି। ବରିଷ୍ଠ ସଭ୍ୟ ଦେବେନ୍ଦ୍ର ନାଥ ଦାସ, ସୁବାସ ଚନ୍ଦ୍ର ମିଶ୍ର, କୃପାସିନ୍ଧୁ ରାଉତରାୟଙ୍କୁ ସମ୍ମାନିତ କରାଯିବା ସହ କୃତୀ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ହରିହର ଜେନା ବିବରଣୀ ପାଠ କରିଥିବାବେଳେ ଉପସଭାପତି ଦେବେନ୍ଦ୍ର ସିଂ ଓ ଯୁଗ୍ମ ସମ୍ପାଦକ ଧନେଶ୍ୱର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାବକୁଣ୍ଡଳେଶ୍ୱର ପୀଠରେ ମାଣିକ ମହୋତ୍ସବ

**ବ୍ରହ୍ମଗିରି, ୩।୪(ଡି.ଏନ୍.ଏ.)**

ବାରୁଣୀ ବୁଡ଼ ଅବସରରେ ବୁଧବାର ବ୍ରହ୍ମଗିରିସ୍ଥିତ ଭାବକୁଣ୍ଡଳେଶ୍ୱର ଦେବଙ୍କ ପୀଠରେ ମାଣିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଣିକପାଟଣା ସାଂସ୍କୃତିକ ପରିଷଦର ସଭାପତି ବନମାଳୀ ଜେନାଙ୍କ ସଭାପତିତ୍ୱରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟ ଉଦ୍‌ଘାଟକ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ପ୍ରଦ୍ୟୁମ୍ନ ଶତପଥୀ, କାଶୀନାଥ ନାୟକ, ଭିକାରୀ ଚରଣ ଜେନା ପ୍ରମୁଖ ଯୋଗଦେଇ ଭାବକୁଣ୍ଡେଳେଶ୍ୱର ଓ ମାଣିକପାଟଣାର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶୋଭାଯାତ୍ରା ପାଇଁ ଟ୍ରାଫିକ ଜାମ୍

**ପୁରୀ ଅଫିସ,୩।୪**

ବୁଧବାର ନାମାଙ୍କନପତ୍ର ଶୋଭାଯାତ୍ରା ପାଇଁ ପୁରୀ ସହର ଏବଂ ସହରର ୩ଟି ପ୍ରବେଶ ପଥ (ଭୁବନେଶ୍ୱର-ପୁରୀର ଚାରିନଳା, କୋଣାର୍କ-ପୁରୀ ରାସ୍ତାର ସିଦ୍ଧମହାବୀର ଲେଭଲ କ୍ରସିଂ ଏବଂ ପୁରୀ-ବ୍ରହ୍ମଗିରିର ଜଟିଆ ବାଜି ଛକ)ରେ ଟ୍ରାଫିକ ଜାମ୍ ଅଣାୟତ୍ତ ହୋଇପଡ଼ିଥିଲା। ପ୍ରାର୍ଥୀମାନେ ବହୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ପୁରୀ ସହରକୁ ପ୍ରବେଶ କରିବାବେଳେ ଉପରୋକ୍ତ ପ୍ରବେଶ ପଥରେ ଟ୍ରାଫିକ ଜାମ୍ ହୋଇଥିଲା। ଶୋଭାଯାତ୍ରାରେ ସାମିଲ ଥିବା ସମର୍ଥକଙ୍କ ବେପରୁଆ ବାଇକ୍ ଚାଳନା ଯୋଗୁ ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ତଥାପି କେହି କିଛି କହିପାରୁ ନ ଥିଲେ।

### ଭକ୍ତ, ପର୍ଯ୍ୟଟକ ହଇରାଣ

ନାମାଙ୍କନପତ୍ର ଦାଖଲ ପାଇଁ ପୁରୀ ବିଧାନସଭା ପ୍ରାର୍ଥୀ ମହେଶ୍ୱର ମହାନ୍ତି ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରିଥିଲେ। ଅଧାବାଟରେ ତାଙ୍କ ଗାଡିରେ ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର ବସିଥିଲେ। ତେବେ ଅନ୍ୟ ପ୍ରାର୍ଥୀଙ୍କ ଶୋଭାଯାତ୍ରା ମେଡିକାଲ ଛକ, ଭିଆଇପି ରୋଡ ଦେଇ ଆସୁଥିବାବେଳେ ପୁରୀ ବିଜେଡି ଶୋଭାଯାତ୍ରା ବଡ଼ଦାଣ୍ଡ ଦେଇ ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଦୋଳମଣ୍ଡପ ସାହି ଦେଇ ମୋଚି ସାହି ଛକକୁ ବାହାରିଥିଲା। ଶୋଭାଯାତ୍ରା ଦୋଳମଣ୍ଡପ ସାହି ଭିତରେ ପଶିବାରୁ ଏହି ରାସ୍ତାରେ ଟ୍ରାଫିକ ଜାମ୍ ହୋଇଥିଲା। ଉକ୍ତ ରାସ୍ତା ଦେଇ ଭକ୍ତ ଓ ଯାତ୍ରୀମାନେ ଶ୍ରୀମନ୍ଦିର ଏବଂ ବେଳାଭୂମିକୁ ଯିବା ଆସିବା କରିଥାନ୍ତି । ମାତ୍ର ବିଜେଡି ଶୋଭାଯାତ୍ରା ଯିବାରୁ ଅଧିକ ଜାମ୍ ହୋଇଯାଇଥିଲା। ଫଳରେ ଭକ୍ତ ଓ ପର୍ଯ୍ୟଟକ ହଇରାଣ ହୋଇଥିଲେ। ଏ ସମ୍ପର୍କରେ ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ରଙ୍କୁ ପଚାରିବାରେ କହିଥିଲେ ଯେ, ଆମ ଶୋଭାଯାତ୍ରାରେ କୌଣସି ବାଇକ୍ ନ ଥିଲା। କର୍ମୀ ଓ ସମର୍ଥକମାନେ ଚାଲି ଚାଲି ଯାଉଥିଲେ। ତେଣୁ କାହାର କିଛି ଅସୁବିଧା ହୋଇନଥିଲା କିମ୍ବା ଭକ୍ତ, ପର୍ଯ୍ୟଟକ ହଇରାଣ ହୋଇ ନ ଥିଲେ।

### ପ୍ରାର୍ଥୀଙ୍କ ସହ ଯିବାକୁ ଜିଦ୍

ନିମାପଡ଼ା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ସମୀର ରଞ୍ଜନ ଦାଶ କର୍ମୀଙ୍କ ସହ ପୁରୀ କୋର୍ଟ ସମ୍ମୁଖରେ ପହଞ୍ଚିବା ପରେ ଶୋଭାଯାତ୍ରାକୁ ସେଠାରେ ଅଟକାଇ ଦେଇଥିଲା ପୋଲିସ। ଏହାପରେ ସମୀର ଆଡିସନାଲ ସବ୍‌କଲେକ୍ଟରଙ୍କ ପ୍ରକୋଷ୍ଠକୁ ନାମାଙ୍କନପତ୍ର ଦାଖଲ ପାଇଁ ଯାଇଥିଲେ । ନିୟମାନୁଯାୟୀ, ପୋଲିସ ତାଙ୍କ ସହ ୪ଜଣଙ୍କୁ ଭିତରକୁ ଛାଡିଥିଲା। ମାତ୍ର ସମୀରଙ୍କ ସମର୍ଥକମାନେ ଭିତରକୁ ଯିବାକୁ ଜିଦ୍ ଧରିଥିଲେ। ସେମାନେ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ସମୀର ଯାଇ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଗାଡ଼ିରୁ ଓହ୍ଲାଇ ବାଇକ୍‌ରେ ଗଲେ

ବ୍ରହ୍ମଗିରିର ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ ସହ ଏକ ଖୋଲା ଗାଡ଼ିରେ ଆସିଥିଲେ। ତେବେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପାଖାପାଖି ହୋଇଥିବା ବେଳେ ଲଳିତେନ୍ଦୁ ସମୟ ହେବନି ଭାବି ଗାଡ଼ିରୁ ଓହ୍ଲାଇ ବାଇକ୍‌ରେ ରିଟର୍ନିଂ ଅଫିସର ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।

# ନାମାଙ୍କନପତ୍ର ଦାଖଲ କଲେ ୭ ପ୍ରାର୍ଥୀ





ସତ୍ୟବାଦୀ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ଏବଂ ବ୍ରହ୍ମଗିରି ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ନାମାଙ୍କନ ଦାଖଲ କରୁଛନ୍ତି।

**ପୁରୀ ଅଫିସ,୩।୪**

ଆସନ୍ତା ୨୩ତାରିଖରେ ପୁରୀ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନ ବିଧାନସଭା ଆସନ ଲାଗି ଭୋଟଗ୍ରହଣ ହେବ। ଏଥିନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ନାମାଙ୍କନର ଶେଷ ଦିବସ ରହିଥିବାବେଳେ ବୁଧବାର ୭ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ଆସନରୁ ୨ଜଣ ଏବଂ ୫ଟି ବିଧାନସଭା ଆସନରୁ ୫ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ପ୍ରାର୍ଥୀ ଭାବେ ବିଜେଡିର ପିନାକୀ ମିଶ୍ର, କଂଗ୍ରେସର ସତ୍ୟ ପ୍ରକାଶ ନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ବିଜେଡିର ପୁରୀ ବିଧାନସଭା ପ୍ରାର୍ଥୀ ମହେଶ୍ୱର ମହାନ୍ତି, ପିପିଲିରୁ ପ୍ରଦୀପ ମହାରଥୀ, ସତ୍ୟବାଦୀରୁ ଉମାକାନ୍ତ ସାମନ୍ତରାୟ, ନିମାପଡ଼ାରୁ ସମୀର ରଞ୍ଜନ ଦାଶ ଏବଂ ବ୍ରହ୍ମଗିରିରୁ ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଶୋଭାଯାତ୍ରା ବେଳେ ବାଜା, ମେଢ ନୃତ୍ୟ ଓ ହୁଳହୁଳି ଶବ୍ଦରେ କମ୍ପିଉଠିଥିଲା ଶ୍ରୀକ୍ଷେତ୍ର।

ପ୍ରଥମେ ନିମାପଡ଼ାର ବିଜେଡି ପ୍ରାର୍ଥୀ ସମୀର ରଞ୍ଜନ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ଆଡିଶନାଲ ସବ୍‌କଲେକ୍ଟର ତଥା ରିଟର୍ନିଂ ଅଫିସର ନୀହାରିକା ନାୟକଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରେ ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ, ସତ୍ୟପ୍ରକାଶ ରିଟର୍ନିଂ ଅଫିସର ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ପ୍ରକୋଷ୍ଠକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ଉମାକାନ୍ତ ଓ ମହାରଥୀ, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଭବତାରଣ ସାହୁଙ୍କ ପାଖରେ ମହେଶ୍ୱର ଓ ଲଳିତେନ୍ଦୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

ବ୍ରହ୍ମଗିରିର ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ଏବଂ ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଗୋଟିଏ ଗାଡିରେ ଶୋଭାଯାତ୍ରାରେ ଆସିଥିବାବେଳେ ବିଜେଡିର ପିନାକୀ ଓ ମହେଶ୍ୱର ଗୋଟିଏ ଗାଡିରେ ଆସିଥିଲେ। ନିମାପଡ଼ାର ସମୀରଙ୍କ ସହ ଆସିଥିଲେ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ। ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ପୁରୀ ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ନିମାପଡା ଓ କାକଟପୁର ରହିଥିବାରୁ ସମୀରଙ୍କ ସହ ରାଜଶ୍ରୀଙ୍କୁ ଦେଖିବାକୁ ମିଳିଥିଲା। ତେବେ ଅନ୍ୟ ପ୍ରାର୍ଥୀମାନେ ଏକା ଆସିଥିଲେ ।

ମହେଶ୍ୱର କହିଥିଲେ ଯେ, ଶାନ୍ତିଶୃଙ୍ଖଳାର ସହ ପ୍ରାର୍ଥିପତ୍ର ଦାଖଲ ସରିଛି। ଆଗକୁ ଆହୁରି ଭଲ ହେବ ବୋଲି ଆଶା ରଖିଛି। ସେହିପରି ଲଳିତେନ୍ଦୁ କହିଥିଲେ, ବ୍ରହ୍ମଗିରି ପାଇଁ ଏଥର ଏକ ନିଆରା ନିର୍ବାଚନ ହେବ। ୨୦୧୪ ନିର୍ବାଚନରେ ସରକାରୀ କଳ ବ୍ୟାପକ ଅନିୟମିତତା କରିଥିଲା। ମୋ ଭାଇ(ଲୁଲୁ ମହାପାତ୍ର)ଙ୍କୁ ହରାଇବା ପାଇଁ ସମସ୍ତେ ଲାଗିପଡ଼ିଥିଲେ। ଏଥର ନିର୍ବାଚନରେ ବ୍ରହ୍ମଗିରିବାସୀ ଏହାର ପ୍ରତିଶୋଧ ନେବେ। ଆଜି ଲୋକଙ୍କ ମଧ୍ୟରେ ଯେଉଁ ଉତ୍ସାହ ଥିଲା ତାହା ମୋ ପାଇଁ ନୁହେଁ ବରଂ ଲୁଲୁଙ୍କ ପ୍ରତି ଥିଲା। ପିନାକୀ କହିଥିଲେ, ଗତ ନିର୍ବାଚନରେ ପୁରୀ ସଂସଦୀୟ କ୍ଷେତ୍ର ଅଧୀନ ୭ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ୬ଟିରେ ବିଜେଡି ଜିତିଥିଲା। ଏଥର ସମସ୍ତ ୭ଟିରେ ବିଜେଡି ଜିତିବ। ସମୀର ରଞ୍ଜନ କହିଥିଲେ, ୨୦୦୯ରୁ ନିମାପଡ଼ାରେ ପର୍ଯ୍ୟାୟ କ୍ରମେ ବିକାଶ ଧାରା ଜାରି ରହିଛି। ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ବର୍ଗର ମଣିଷଙ୍କ ପାଇଁ ବିଜେଡି ଯୋଜନା କରିଛି। ତେଣୁ ଏହାକୁ ଆଧାର କରି ଏଥର ନିମାପଡ଼ା-ଗୋପବାସୀ ବିଜେଡିକୁ ହିଁ କ୍ଷମତାକୁ ଆଣିବେ। ମହାରଥୀ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗରେ ନିର୍ବାଚନ ମଣ୍ଡଳୀରେ ଉନ୍ନତି ଓ ପ୍ରଗତି ହୋଇଛି। ଆଉ ଯାହାକିଛି ରହିଛି ସେ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ନିର୍ବାଚନମଣ୍ଡଳୀର ପ୍ରଗତି ରଥକୁ ଆଗେଇ ନେବାକୁ ଲକ୍ଷ୍ୟ ରଖିଛି। ଉମାକାନ୍ତ ଏଥର ସତ୍ୟବାଦୀରେ ନିଶ୍ଚିତ ବିଜେଡିର ବିଜୟ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।